ଫକୀର ମୋହନ ସେନାପତି

୧. ମୁଁ ହାଟବାହୁଡ଼ା

ଦେଖିଲି ସଂସାରେ ବସିଛି ହାଟ,
ଦୋକାନ ପସରା ଧାଡିକି ଧାଡ଼ି,
ଭୁଲାଇବା ପାଇଁ ଗହକି ମନ,
ହାଟୁଆ ବାଟୁଆ ଅଛନ୍ତି ଧାଇଁ,
ହାଟ କରିବାକୁ ବଢିଲା ମନ,
ବାହାରିଲି ହାଟ ଦେଖିବା ପାଇଁ,
ପାଟି କରୁଛନ୍ତି ଦୋକାନୀମାନେ,
ଅଳପ ଲାଭରେ ଛାଡୁଛି ମାଲ,
ବୁଲିବୁଲି ହାଟେ ମୁଁ କ୍ରମେ କ୍ରମେ,
ଏହି ଦୋକାନଟା ଭାରି ଗହଳ,
ହାତେ ବିଶାକାଠି ଦୋକାନୀ ଧରି,
ଦୋକାନରେ ମାଲ ନ୍ୟାୟ ବିଚାର,
ଦୋକନୀ ବହୁତ ନ କହେ କଥା,
ଯୋଡ଼ାଏ ଗହକି ଅଛନ୍ତି ଧାଇଁ
ଦୁଇ ଦଣ୍ଡିଦାର ଛିଡ଼ା ଆଗରେ,
ସଉଦା ଯେ ନେବ ରହିଣ ତୁନି,
ଦୋକାନୀ ପ୍ରଭୁ ତ ନିଜ ବୁଦ୍ଧିରେ
ଚଉକିରେ ବସି ଜଲେ ପ୍ରଚାର,
ଜଣେ ଦେଇ ଶଏଟଙ୍କା କୋଟ୍‌ପିସ
ଜଣେ କରି ଘରଦ୍ୱାର ବିକିରି
ଦଣ୍ଡିଦାର ଥାଏ ପଛରେ ଧାଇଁ
ଦେଖିଲି ଗୋଟାଏ ଚାଳି ଦୋକାନ
ଦେଶୀ ସଡ଼ା ମାଲ ବିକଇ ସେହି,

ଲୋକ ଗହଳିରେ ନ ମିଳେ ବାଟ।
ବାଟ ଦୁଇ ପାଶ ବସିଛି ମାଡ଼ି।
ହାଟୁଆଙ୍କ ଦେଖ କେଡ଼େ ଯତନ।
ହାଟେ କିଣା ବିକା କରିବା ପାଇଁ।
ମାତ୍ରକ ନାହିଁ ତ ହାତରେ ଧନ।
ଦୋକାନମାନଙ୍କୁ ଦେଖିଲି ଚାହିଁ।
ଆସ ଗହକିଏ ମୋହ ଦୋକାନେ।
ଭଣ୍ଡାଭଣ୍ଡି ନାହିଁ ତିଳ ଅପଣ।
ଗୋଟାଏ ଦୋକାନେ ଗଲି ପ୍ରଥମେ।
ଧାଇଁଛନ୍ତି ଲୋକ ଡକକୁ ଡକ।
ବସିଛନ୍ତି ଯମରାଜାଙ୍କ ପରି।
କିଣେ ସେ କପାଳ ଫାଟେ ଯାହାର
ବସିଛନ୍ତି ପୋତି ଡଳକୁ ମଥା।
ଦୋକନୀଙ୍କଠାକୁ ସଉଦା ପାଇଁ।
ଡକା ପାଡୁଛନ୍ତି ଭାରି ଉଚ୍ଚରେ।
ଦଣ୍ଡିଦାର କଥା ଯାଉଛି ଶୁଣି।
ତଉଲିଲେ ମାଳ ଲଅ ନଜାରେ
ଏହି ନିଅ ମାଲ ନ୍ୟାୟ ବିଚାର।
କିଣିଲା ବିଚାର ତହୁଁ ଡିସ୍‌ମିସ୍।
ମାଲ କିଣି ଘରେ ଦେଲା ଡିକିରି।
ବକସିସ ଫିସ୍ ନେବାର ପାଇଁ।
ଦୋକାନୀର ନାମ ଯେ ଅବଧାନ।
ପିଲାଏ କିଣନ୍ତି ପଇସା ଦେଇ।

ଫକୀର ମୋହନ ସେନାପତି

ଦେଶୀ ମାଇ ନାହିଁ ତା ଗୁଣ କିଛି,
ସଉଦା ସହିତ ଲାଭ ଦୋକାନୀ
ପାଶେ ଅଛି ଆଉ ଗୋଟେ ଦୋକାନ,
ମାଷ୍ଟର ପରା ସେ ଦୋକାନୀ ନାମ,
ବିଲାତୀମାଇ ଯେ ବିକର ସେହି,
ଏହି ମାଇ ଦାମ ବହୁତ ଚଢ଼ା,
ନଗଦା ନଗଦି ଦେଇ କଉଡ଼ି,
ଦେଖିଲି ବୁଝିଲି, ଏହି ଦୋକାନ,
ସୁନ୍ଦର ପାଚିଲା ଫଳ ବହୁତ,
ବାଇରଣ ପୋପ ସେକ୍ସପିୟର,
ହିଷ୍ଟରୀ ଫିଲସଫି ବୋଟାନି,
ପିଲାଏ ଖାଆନ୍ତି ଏ ସବୁ ଫଳ,
ଏ ସବୁ ଫଳର ଗୁଣ ଓଇଟା,
ମାତ୍ରକ ହଜମ ଯେ କରି ଜାଣେ,
ଅଳପ ଖାଇଲେ ଘଟେ ଇଞ୍ଜାଇ,
ତାହାପାଶେ ବସି ଗୋଟେ ଦୋକାନୀ,
ଆଣ୍ଠୁ ଲୁଚା ସାନ ଲୁଗା ସେ ପିନ୍ଧେ,
ଦେଖିଲି ଦୋକାନେ ମାଇ ସକଳ,
ଶୁଖିଲା ନଡ଼ିଆ କଲି ବିଶ୍ୱାସ,
ମାତ୍ରକ ଦୋକାନୀ କରିଛି ଫନ୍ଦି,
କାଳିଦାସ ଭବଭୂତି ଶ୍ରୀହର୍ଷ,
ଘଟସ୍ପ ପଟସ୍ପ ବେଦାନ୍ତ ବହି,
ଡୋର ଦେଇ ରଖିଅଛି ଗମ୍ଭୀରେ,
ଦେବା ପାଇଁ ସେଇ ଗୋଦାମ ଝାଡ଼ି,
ପୁରୁଣା ମାଇରେ ଶରଧା ନାହିଁ,
ମାତ୍ରକ ଦେଖିଣ ଫଳ ପାଚିଲା,
ପଇସା ପାଇବେ କରି ଭରସା,
କରି ବସିଛନ୍ତି କେତେ ଦୋକାନୀ,
ଯାତି ଯାତି ମାଇ ଦିଅନ୍ତି କାଳି,

ଦୋକାନୀ ବାପୁଡ଼ା ଯାଚି ଦେଉଛି ।
ଦୁଇ ଚାରି ବେତ ଦିଅଇ ଟାଣି ।
ପିନ୍ଧିଛି ଦୋକାନୀ କୋଟ୍ ପେଣ୍ଟଲୁନ୍ ।
ପାଠ ବିକା ଅଟେ ତାହାରି କାମ ।
କିଣୁଛନ୍ତି ପିଲା ପଇସା ଦେଇ ।
ତଟକା ସେ ନୁହେଁ ପଚରା ସଡ଼ା ।
କିଣୁଛନ୍ତି ପିଲା ଉଭୁଡ଼ା ପଡ଼ି ।
କେବଳ ନୋହେଟି ପିଲାଭଣ୍ଡାଣ ।
ଦୋକାନ ଭିତରେ ଅଛି ମଜୁତ ।
ବାଡ଼ସାର୍ଥ ମିଲିଟନ ହୋମର ।
ବିଲାତୁ ହୋଇଛି ଏ ଆମଦାନି ।
ବାଟ ଟଙ୍କା ଗଣି ଦିଏ କେବଳ ।
ହୁଏ ଦେହ ସରୁ ବୁଦ୍ଧିଟା ମୋଟା ।
ଜଗତ କିଣେ ସେ ଆପଣା ଜ୍ଞାନେ ।
ବହୁତ ଖାଇଲେ ପିଟେ କପାଳ ।
ହାତରେ ଧରିଛି ସେ ନାସଦାନି ।
ପୁରୁଣା ଗାମୁଛା ପଡ଼ିଛି କାନ୍ଧେ ।
ନିହାତି ପୁରୁଣା ଶୁଖିଲା ଫଳ ।
ଉପରଟା ଜଡା, ଭିତରେ ରସ ।
ସଜାଡି ରଖିଛି ଶବଦ ସନ୍ଧି ।
ତାହା ଗୋଦାମର ମାଇ ସର୍ବସ୍ୱ ।
ଦେଖି ନ ପଚାରେ ଗରାଖ କେହି ।
ପୋତି ପଡ଼ିଲାଣି ମୃଷାମାଟିରେ ।
ତୁନ୍ଧାଟାରେ ମାଇ ଦେଉଛି ଛାଡ଼ି ।
କିଏ ଘେନି ଯିବ ତାହା କିପାଇଁ ?
ଘେନିଗଲେ ଥୋକେ ବ୍ରାହ୍ମଣ ପିଲା ।
ଖବର କାଗଜ ଲେଖା ବେବସା ।
ଦେଖିଲି ସେଗୁଡ଼ା ଭାରି ଅଜ୍ଞାନୀ ।
ଟଙ୍କା ମାଗି ଯାଉ ଖାଆନ୍ତି ଗାଳି ।

ଏପରି ଗହକି ଥୋକେ ଅଛନ୍ତି,
ଆହୁରି ଦେଖିଲି ସବୁ କଥାରେ,
ମାତ୍ରକ ଯେ ବିଜେ ବିଲାତୀ ମାଇ
ତାକୁ ଡରିଥାନ୍ତି ବହୁତ ଲୋକେ,
ଦେଖି ଲାଗିଲାଣି ତାଟଙ୍କା ମୋତେ,
ଦୋକାନ ଦୁଆରେ କେହି ରୂପସୀ,
ହସି ହସି ପ୍ରେମସଙ୍ଗୀତ ଗାଇ,
କୁତ୍‌ସିତ ବ୍ୟାଧି, ନିନ୍ଦା, ଅଧର୍ମ,
ବାପ ଅରଜିଲା ବିଭକୁ ଦେଇ,
ଦେଖିଲି ହାଟରେ କେତେ ମୋଟିଆ,
କେହି ଲୋଜ ଯେବେ ଡାକିବ ଜଣେ,
ମୋଟିଆଙ୍କ ନାମ ଅଟେ ଅମଲା,
ଆଉ ଏକଭଳି ଛନ୍ତି ଦୋକାନୀ,
ମୁଣ୍ଡ ଗୁଞ୍ଜି ଲେଖୁଥାଆନ୍ତି ବସି,
ଯାହା ସେ ପାଆନ୍ତି ଅଳପ ମୂଲ,
ପନ୍ଦର ଦିନରେ ସରଇ ସେତ,
ପାଆନ୍ତି ସେ କିଛି ଉପରି ବଟା-
କେତେ ଜଣ କରିଛନ୍ତି ଜୀବିକା,
ପଇସା ପାଇଲେ ବିକନ୍ତି କଥା,
କାଖେ ଯାକିଛନ୍ତି ଇଅନଜୀର,
ବଡ଼ ହୁସିଆର ସେହି ଦୋକାନୀ,
ଦୋକାନ ମେଲିଛି ଗୋଟାଏ ଲୋକ,
ଦହିଚୁଡ଼ା ଭୋଜି କିଛି ଦକ୍ଷିଣା
ତା ଦୋକାନ ମାଇ ନ କିଣ ଯଦି,
ଆହୁରି ତା ମାଲ ଯେ ପିଣ୍ଡ ବଡ଼ା,
ଦେଖିଲି ତା ପାଶେ ହୋଇଣ ଠିଆ,
ଦେଖିଲି ବସିଛି ଗୋଟେ ଦୋକାନୀ,
ବୁଢ଼ାଟା ହେଉଛି ସେ ଥୁରୁ ଥରୁ,
ଶାସ୍ତ୍ର କଥା ବିକା ତାହାର କାମ,
ମାଇ ଛାଡ଼ିଦିଏ ଅନ୍ନ ମୂଲରେ,

ଆଗ ମୂଲ ଦେଇ ମାଇ ନିଅନ୍ତି ।
ଡରିମରି ଥାନ୍ତି ଲୋକଙ୍କ ଠାରେ ।
ଖାଇ ପିଇ ତାର ପୁଲିଛି ଗାଇ ।
କାକେ ବୋଲିଦେବ କଥାପଦକେ ।
ଦେଶୀ ବିଲାତୀରେ ପ୍ରଭେଦ ଏତେ ।
ଆପଣା ସଉଦା ବିକୁଛି ବସି ।
ଗହକିମାନଙ୍କୁ ନିଏ ଭୁଲାଇ ।
ମାଲ ବିକିବାର ତାହାର କର୍ମ ।
କିଣୁଛି ସେ ମାଲ ଭେଣ୍ଡିଆ କେହି ।
କେହି ବସିଅଛି, କେହି ବା ଠିଆ ।
ଦରଖସ୍ତ ଧରି ଧାଇଁବେ ପଣେ ।
ସତେ ସତେ ତାଙ୍କ ବଂଶ ଅମଲା ।
ସେମାନଙ୍କ ନାମ ଅଟେ କିରାଣୀ ।
କେଜ କାହିଁ କଥା କହିବେ ହସି ?
ଘର ଖରଚକୁ ନୁହର ତୁଲ ।
କରଜ ସକାଶେ ବଢ଼ାନ୍ତି ହାତ ।
ହେଟ କିରାଣୀଙ୍କ ତାନ୍ତନିକିଟା ।
ତାହାଙ୍କ ବେବସା ଯେ କଥା ବିକା ।
ବନ୍ଧା ବନ୍ଧି ନାହିଁ ସତ ବା ମିଥ୍ୟା ।
ତାକିବା ମାତ୍ରକେ ହେବେ ହାଜର ।
ଆଣ୍ଠା ଦିପରସା ନିଅଇ ଟାଣି ।
ପୁରୋହିତ ସେହି ଧର୍ମ ଯାଜକ ।
ମୂଲ ଦେଲେ ହୁଏ ତା ମାଇ କିଣା ।
ସବୁ ଅଟକିବ ବାହା ପୂଜାଦି ।
ପିତୃଲୋକ ପାଇଁ ବହୁତ ଲୋଡ଼ା ।
ଦିନୁ ଦିନୁ ହୁଏ ମାଇ ପଡ଼ିଆ ।
ଅନୁମାନ କଲି ହେବ ସେ ଜ୍ଞାନୀ ।
ପଚାରି ଜାଣିଲି ତା ନାମ ଗୁରୁ ।
ପୁଣି ସେ ବିକଇ ଶ୍ରୀହରି ନାମ ।
ଗହକି ଅଳପ ତାହା ପାଶରେ ।

ଫକୀର ମୋହନ ସେନାପତି

ହାଟେ ବୁଲି ବୁଲି ଜନ୍ମିଲା ଜ୍ଞାନ,
ଅରହୁ ଅଛନ୍ତି ଲୋକେ ପଇସା,
ଝାଡ଼ିଝୁଡ଼ି ଦେଇ ଦୋକାନ ଚାଳ
ବିଲାତୀ ମାଇକୁ ନାହିଁ ତ ପୁଞ୍ଜି,
ଛାପାଖାନାଠାରୁ ଆଣିଲି କାଢି,
କାଢ଼ିଆ ମାଇରେ ବହୁତ ଦୋଷ,
ଭୁଲାଇବା ପାଇଁ ଗହକି ମନ,
ପାଟି କରି ଦ୍ୱାରେ ଡାକିଲି ବସି,
ଅରଜେ ଗହକି ଶୁଣି ମୋ ଡ଼ାକ,
ବୋଇଲି ମୁଁ ଅନୁବାଦ ପୁରାଣ,
ବୋଇଲା ମୋ କଥା ଶୁଣି ଗରାଖ,
"ଏଗୁଡ଼ା ସବୁ ତ ପଚା ପୁରୁଣା,
ଯେବେ ଦେବ ତୁମ୍ଭେ ବିନା ମୂଲରେ;
ଦେଖାଇଲି ତାକୁ ନେଇ ନଭେଇ,
ପୁଣି ଦେଖାଇଲି ତାକୁ କବିତା,
ଗରାଖ ପାଖରୁ ଏ କଥା ଶୁଣି,
ଭାଙ୍ଗିଲି ମୋହର ସରିଲା ପାଠ,
ବେଭାର ଦେଖୁଛି ଯେ ଲୋକଙ୍କର,
କେତେ ଲୋକ ଟଙ୍କା ପଇସା ଦେଇ,
ଆହୁରି ଶୁଣନ୍ତୁ ଗୋଟାଏ ମଜା,
ଯେଉଁମାନେ ନେଲେ ମାଇ କାଢ଼ିଆ,
ତୁନିତାନି ହୋଇ ରହିଲେ ଘରେ,
ଏଡ଼େ ହାଟଟାରେ ଦେଖିଲି ଜଣେ,
ଜାଣିଲି ପରା ମୁଁ ସେହି ଚିହ୍ନରା,
ବାନ୍ଧି ବାନ୍ଧି ନେଲେ ଗୋଟାଏ ଫଳ,
ଲୋକେ ତ ଶୁଣନ୍ତୁ ଏହି ବାରତା,
ଛାପାଖାନା ଡରେ ଲାଭ ନ ଲୋଡ଼ି,
ହେଲେ ହେଉ ପଛେ ବହୁତ ତୁଟି,
ତୁଟି ସହି ମାଇ ବିକିଲେ ବଳେ,
ଦେଶୀ ସାହିତ୍ୟ ଯେ ବଣିଜ କଲା,

ମୁଁ ମଧ୍ୟ ମେଲିଲି ଗୋଟେ ଦୋକାନ ।
ମୁଁ ମଧ୍ୟ ପାଇବି କଲି ଭରସା ।
ଗୋଦାମେ ଭରିଲି ସାହିତ୍ୟ ମାଇ ।
ଦେଶୀ ମାଇ ଦେଲି ଗୋଦାମେ ଗୁଞ୍ଜି ।
ଲାଭହେଲେ ଶୁଝିଦେବି ମୁଁ ଭାଳି ।
ଜଳନ୍ତରେ ବଢ଼ି ବୁଡ଼େ ସର୍ବସ୍ୱ ।
ଟାଙ୍ଗିଦେଲି କାନ୍ଥେ ମୁଁ ବିଜ୍ଞାପନ ।
ଭଲ ମାଇ ଭାଇ ନିଅ ହେ ଆସି ।
ପଚାରିଲେ ତୁମେ କି ଫଳ ବିକ ।
ଆଣ୍ଠା ମିଠାଫଳ ଏହାକୁ ଜାଣ ।
ବିରଭିରେ କରି ଅଳପ ରାଗ ।
ଏ ସବୁର ମୂଳ ନିହାତି ଉଣା ।
କୃପା କରି ନେଇ ଚାଖିବୁଁ ଥରେ ।"
ବୋଇଲା ସେ କଞ୍ଚା ପଚରା ବେଳ ।
ବୋଇଲା ଏଗୁଡ଼ା ନିହାତି ପିତା ।
ନିଶ୍ୱାସ ପକାର ହେଲି ମୁଁ ତୁନି ।
ଆଉ କରିବି ମୁଁ କଅଣ ହାଟ ।
ଦେଶୀ ଜିନିଷରେ ନାହିଁ ଆଦର ।
ଯାଆନ୍ତି ବିଲାତି ଜିନିଷ ନେଇ ।
ମାଇ କାଳି ନେଲେ ଯୋଡ଼ାଏ ରାଜା ।
ଜାତିରେ ସେମାନେ ନିଣ୍ଟେ ଓଡ଼ିଆ ।
ଚିଠିର ଉତ୍ତର ନ ଦେଲେ ଥରେ ।
ଗରାଖ ବୋଲି ମୁଁ ତାହାକୁ ଗଣେ ।
ଚିହ୍ନନ୍ତି କେ କାଚ, କେଉଁଟା ହୀରା ।
ବହନି କଲି ମୁଁ ଏହା କେବଳ ।
ଲାଭ ଲୋକସାନ କପାଳ କଥା ।
ମୂଳେ ମୂଳେ ଦେଲି ମାଇ ମୁଁ ଛାଡ଼ି ।
ଛାପାଖାନା ଏଣେ ଧରିଛି ଚୋଟି ।
ଏଥିରେ କି ଭାଇ ବଣିଜ ଚଳେ ?
ଜାଣିଥିବ ସେହି ଲୋକଟା ମଲା ।

ଲାଭଜଥା ଭାଇ ଛାଡ଼ ପଛକୁ,
ଭାଳିଲି ହାଟରେ ଥିବି କିପାରିଁ ?
ଗୋଟାଇ ପସରା, ବୋଝ ମୁଣ୍ଡାଇ,
ଝାଡ଼ିଝୁଡ଼ି ମାଲ ରଖିଲି ଘରେ,
ଏଣେ ତ ବୁଡ଼ିଲା ସବୁ ଭରସା,
କାଲି ଦୁଆରକୁ ଆସି ପ୍ରିଣ୍ଟର,
ତାହାଠାରୁ ମାଲ ଆଣିଛି କାଜି,
ଛାପାଖାନା ଲୋକ ନିହାତି ମନ୍ଦ,
ଲେଖିବି କବିତା ଦେବୁ ଛପାର,
ନିହାତି ତୁ ଯଦି ଛାଡ଼ିବୁ ନାହିଁ,
ଲାଗିଛି ସଂସାର ମଧ୍ୟରେ ହାଟ,
ନାହିଁ ଦେହେ ବଳ, ହେଲିଣି ବୁଢ଼ା,

ବୁଡ଼ାଇ ବସିବ ନିଜ ମୂଳକୁ ।
ଦେଲି ବେଳେ ଚାରିଆଡ଼କୁ ଚାହିଁ ।
ଘରମୁହାଁ ହୋଇ ଗଲି ପଳାଇ ।
ପଚାରିବ ଦିନେ କେହି ବା ଥରେ ।
ଆହୁରି କପାଳେ ଅଛି ଦୁର୍ଦ୍ଦଶା ।
କରିବ ବହୁତ ସେ ହରବର ।
ନପାଇଲେ ଟଙ୍କା ଦେବ ସେ ଗାଳି ।
ପଇସା ସକାଶେ ଇଗାନ୍ତି ଦ୍ୱନ୍ଦ ।
ପଇସା କିପାଇଁ ନେବୁରେ ଭାଇ ।
ରହି ବସି ଦେବି କଳି କିପାରିଁ ?
ମାତ୍ରକେ ମୋହର ପଡ଼ିଲା ବାଟ ।
ମୋହ ନାମ ଭାଇ ହାଟବାହୁଡ଼ା ।

●●

୨. ଅନନ୍ତ ବିଶ୍ରାମ

ସଂସାର ଅନ୍ଧକାରେ ଭ୍ରମି ମୁଁ ବାରେ ବାରେ
ନିତାନ୍ତ ହୋଇଛି ତ କ୍ଲାନ୍ତ,
ସମ୍ମୁଖ ପଶ୍ଚାତରେ ଦକ୍ଷିଣେ ବା ଉତ୍ତରେ
ଲକ୍ଷ୍ୟ ନ ପାଇ ହୁଏ ଭ୍ରାନ୍ତ,
ମୋ ସଙ୍ଗୀ ଜନେ
କାହାକୁ ନ ଦେଖେଁ ତ ପାଶେ, ଥିଲି ମୁଁ ସେମାନଙ୍କ ଆଶେ,
ନେବି ବୋଲି ସଙ୍ଗରେ ବହୁତ ସମାଦରେ,
ଧାବିତ ସର୍ବେ ନିଜ ବାସେ ।
ଏବେ ଲଭିଛି ଶାନ୍ତି ମେଣ୍ଟିଛି ଭ୍ରଇ ଭ୍ରାନ୍ତି
ବିଳାପ ବିଷାଦ ସନ୍ତାପ,
ଯାଇଛି ଭଲ ମନ୍ଦ ପ୍ରେମ ମିଳନ ଦ୍ୱନ୍ଦ
ଉଲ୍ଲାସ କ୍ଲାନ୍ତି ପୁଣ୍ୟ ପାପ,
ମୁଁ ବର୍ତ୍ତମାନ

ଫକୀର ମୋହନ ସେନାପତି

୩. ## ମୋ ଗ୍ରାମ ମଲ୍ଲିକାଶପୁର

ଅଟାଳିକାମାଳାପୂର୍ଣ୍ଣ ସୁନ୍ଦର ନଗର
ଉଚ୍ଛଳ ତରଙ୍ଗମାଳା ନୀଳିମା ସାଗର,
କେତେ ନଦ କେତେ ନଦୀ ଗିରି ଅରଣ୍ୟାନୀ
ହାଟ ଗ୍ରାମ ଲୋକ ପରିପୂର୍ଣ୍ଣ ରାଜଧାନୀ,
ସ୍ଥାନେ ସ୍ଥାନେ ଭ୍ରମି ଭ୍ରମି ଦେଖିଛି ଜୀବନେ
ସେ ଗ୍ରାମ ଚିତ୍ରଟି ମାତ୍ର ଭାସୁଛି ନୟନେ ।
ଯାଏ ଯହିଁ ଥାଏ ଯହିଁ ପଡ଼େ ସେ ମନରେ,
ବଢେ ମନ ଧାଇଁ ଯାଇ ଦେଖି ଆସେ ଥରେ ।
ସତ କଥା ନାହିଁ ତହିଁ ବିଶେଷ ସଂପତ୍ତି,
ମାତ୍ର ଅଛି ତହିଁ ଚିର ବିମୋହନୀ ଶକ୍ତି ।
ଧନହୀନ ଶୋଭାହୀନ ସୌନ୍ଦର୍ଯ୍ୟବିହୀନ,
ତଥାପି ସେ ଗ୍ରାମ ମନେ ପଡ଼େ ପ୍ରତିଦିନ ।
ସଂଧ୍ୟାରେ ବଜାନ୍ତି ଶଙ୍ଖ ଗ୍ରାମ ନାରୀମାନେ,
ଦେବାଳୟେ ଘଣ୍ଟ ବାଜୁଥାଏ ତାନେ ତାନେ ।
କାହିଁ ତ ଦେଖିଲି ନାହିଁ ସେ ମାଧୁରୀ ସଂଧ୍ୟା,
ନ ଫୁଟେ ସେପରି ଚମ୍ପା, ମଲ୍ଲି, ରାତ୍ରିଗଂଧା ।
ଗ୍ରାମ ପୋଖରୀରେ ଫୁଟେ ଯେଉଁ କଇଁଫୁଲ,
ନ ଦେଖିଲି କାହିଁ ସେହି ଫୁଲ ସମତୁଲ ।
ନିଶିମୁଖେ ପଲ ପଲ ଉଡ଼ନ୍ତି ବାହୁଡ଼ି,
ମାଳମାଳ ଗେଣ୍ଡାଳିଆ ଯାଉଥାନ୍ତି ଉଡ଼ି ।
ଧୀରେ ଧୀରେ ବହୁଥାଏ ଶୀତଳ ପବନ,
ବାହାର ମେଲାରେ କରିଥାଏ ମୁଁ ଶୟନ ।
ସେ ଚାନ୍ଦିନୀ ନିଶି ପୁଣି ସେ ଶୀତଳ ବାୟୁ
ଦେଶେ ଦେଶେ ବୁଲି କାହିଁ ନ ଦେଖିଲି ଆଉ ।
ସେ ଗ୍ରାମର ଦାଣ୍ଡେ ଅଛି ଯେଉଁ ବାଲି ଧୂଳି,
ପିଲାଖେଳ ବେଳେ ହେଉଥିଲି ଦେହେ ବୋଳି ।
ସେହି ଧୂଳି ସେହି ବାଲି ପଡୁ ମୋ ଦେହରେ,
ଏହିପରି କେତେଥର ଭାବେ ମୁଁ ମନରେ ।
ସେହି ଯେ ବାସଙ୍ଗ ଗେଣ୍ଡୁ ଫୁଟେ ଶୀତକାଳେ

ପେଛା ପେଛା କଷିଆନ୍ଧ ଝୁଲୁଥାଏ ଡାଳେ,
ସେ ଫୁଇ ସୌରଭ କଷିଆନ୍ଧର ମାଧୁରୀ,
ନ ପାଇଲି କାହିଁ ସାରା ରାରତଟା ଘୂରି ।
ସେ ଗ୍ରାମର ପଶୁପକ୍ଷୀ ରହିଛନ୍ତି ଯେତେ,
ବିଚାରେ ମନରେ ଅବା ଖୋଜୁଛନ୍ତି ମତେ ।
ସେ ଗ୍ରାମ ବରଷା ଗ୍ରୀଷ୍ମ, ସେ ଗ୍ରାମର ଶୀତ,
ନ ପାଇଲି କାହିଁ ତାହା ମାଧୁରୀ କିଞ୍ଚିତ ।
କରନ୍ତୁ ପଛକେ ସେହି ଗ୍ରାମ ଲୋକେ କଳି,
ନ ପାଇଲି ସଙ୍ଗସୁଖ ତାହାଠାରୁ ବଳି ।
ଯାଇଛି ସେ ଗ୍ରାମେ ଭାସି ମୋ ହୃଦୟଧନ,
ତଥାପି ସେ ସ୍ଥାନେ ଯିବା ପାଇଁ ଧାଏଁ ମନ ।
ମୋ କାନକୁ ଶୁଭେ ତାହା ନାମ ସୁମଧୁର,
ସେ କ୍ଷୁଦ୍ର ଗ୍ରାମର ନାମ ମଲ୍ଲିକାଶପୁର ।
ବିଶ୍ୱବଶେ ମୁଁ ବିଦେଶେ କରୁଛି ଭ୍ରମଣ,
ନିଭିବ କି ସେ ଗ୍ରାମରେ ଅନ୍ତିମ ଜୀବନ ?
ଅଭିଳାଷ ଯହିଁ ତହିଁ ଯାଏଁ ନିତ୍ୟଧାମେ,
ଶେଷ ଅସ୍ଥି ଖଣ୍ଡ ହେବ ସମାଧି ସେ ଗ୍ରାମେ ।

●●

ରାଧାନାଥ ରାୟ

୪. ଚିଲିକା

ଉତ୍କଳ-କମଳା ବିଳାସ-ଦୀର୍ଘିକା,
ମରାଳ ମାଳିନୀ ନୀଳାମ୍ବୁ ଚିଲିକା
ଉତ୍କଳର ତୁହି ଚାରୁ ଅଳଙ୍କାର
ଉତ୍କଳ-ଭୁବନେ ଶୋଭାର ଭଣ୍ଡାର;
ସ୍ୱଭାବେ ଭାବୁକ-ମାନସ-ଉଲ୍ଲାସୀ
ଦିଗନ୍ତ-ବିସ୍ତାରୀ ତୋର ବାରିରାଶି,
ପ୍ରସନ୍ନ ବଦନା ଉତ୍କଳ ବରଣା

ପେଛା ପେଛା କଷିଆନ୍ଧ ଝୁଲୁଥାଏ ତାଙ୍କେ,
ସେ ଫୁଲ ସୌରଭ କଷିଆନ୍ଧର ମାଧୁରୀ,
ନ ପାଇଲି କାହିଁ ସାରା ଭାରତଟା ଘୂରି ।
ସେ ଗ୍ରାମର ପଶୁପକ୍ଷୀ ରହିଛନ୍ତି ଯେତେ,
ବିଚାରେ ମନରେ ଅବା ଖୋଜୁଛନ୍ତି ମତେ ।
ସେ ଗ୍ରାମ ବରଷା ଗ୍ରୀଷ୍ମ, ସେ ଗ୍ରାମର ଶୀତ,
ନ ପାଇଲି କାହିଁ ତାହା ମାଧୁରୀ କିଞ୍ଚିତ ।
କରନ୍ତୁ ପଛକେ ସେହି ଗ୍ରାମ ଲୋକେ କଳି,
ନ ପାଇଲି ସଙ୍ଗସୁଖ ତାହାଠାରୁ ବଳି ।
ଯାଇଛି ସେ ଗ୍ରାମେ ଭାସି ମୋ ହୃଦୟଧନ,
ତଥାପି ସେ ସ୍ଥାନେ ଯିବା ପାଇଁ ଧାଏଁ ମନ ।
ମୋ କାନକୁ ଶୁଭେ ତାହା ନାମ ସୁମଧୁର,
ସେ କ୍ଷୁଦ୍ର ଗ୍ରାମର ନାମ ମଲ୍ଲିକାଶପୁର ।
ବିଧିବଶେ ମୁଁ ବିଦେଶେ କରୁଛି ଭ୍ରମଣ,
ନିଭିବ କି ସେ ଗ୍ରାମରେ ଅନ୍ତିମ ଜୀବନ ?
ଅଭିଳାଷ ଯହିଁ ତହିଁ ଯାଏଁ ନିତ୍ୟଧାମେ,
ଶେଷ ଅସ୍ଥି ଖଣ୍ଡ ହେବ ସମାଧି ସେ ଗ୍ରାମେ ।

●●

ରାଧାନାଥ ରାୟ

୪. ଚିଲିକା

ଉତ୍ତୁଙ୍ଗ-କମଳା ବିଳାସ-ଦୀର୍ଘିକା,
ମରାଳ ମାଳିନୀ ନୀଳାମ୍ବୁ ଚିଲିକା
ଉତ୍ତୁଙ୍ଗର ତୁହି ଚାରୁ ଅଳଙ୍କାର
ଉତ୍ତୁଙ୍ଗ-ଭୁବନେ ଶୋଭାର ଭଣ୍ଡାର;
ସ୍ୱଭାବେ ଭାବୁକ-ମାନସ-ଉଲ୍ଲାସୀ
ଦିଗନ୍ତ-ବିସ୍ତାରୀ ତୋର ବାରିରାଶି,
ପ୍ରସନ୍ନ ବଦନା ଉତ୍ତୁଙ୍ଗ ବରଣା

ମୁଖଶ୍ରୀ ଦେଖନ୍ତି ଯହିଁ ଦିଗଙ୍ଗନା ।
ନୀଳ ଅଙ୍ଗ ତୋର ଚିତ୍ର ଅନ୍ତରାଳେ
ନାସି, ନଳବନ, ଶୈଳ, ଦ୍ୱୀପମାଳେ
ଦକ୍ଷିଣେ ମିଶିଛି ତୋର ଗର୍ଭେ ଆସି
ସୌର କରୋଦ୍ଭାସି ନୀଳ ରତ୍ନାକାଶୀ
ବିମାନ ଆକାରେ ଭାସେ ଶତ ଶତ
ନୀଳୋରସେ ତୋର ଶୈଳ ମାରକତ ।
ପକ୍ଷଚ୍ଛେଦି-ଶକ୍ର-ଭୟେ କି ଶଇଳେ
ଲୁଚି ରହିଥିଲେ ତୋହୋରି ସଲିଳେ ?
ସନ୍ନିଧି ଲଭିଣ ଭଗବତୀଙ୍କର
ତୋଳିଛନ୍ତି ଗୁମ୍ଫ-ଛଟିଳ ଶିଖର ?
ଦେଉଳ କିରୀଟୀ କାଳୀଜାଇ ଗିରି
ମରକତ-ସେତୁ ପ୍ରାୟେ ଯାର ଶିରୀ
ଶ୍ୱେତାଙ୍ଗ ଚଢ଼ାଇ ଗୁହା ସମୁଦ୍‌ଗତ
ନୀର ଭେଦି କିବା ଉଠେ ଐରାବତ !
ତରଙ୍ଗ ବେଷ୍ଟିତ କାଙ୍କଣ ଶିଖରୀ
ଆଦ୍ୟାପଳେ ଯାର ତରୀ ପୂର୍ଣ୍ଣ କରି
ବର୍ଷେ ବର୍ଷେ ହ୍ରଦବିହାରୀ ଧୀବରେ
ଆଦରେ ପ୍ରେରନ୍ତି ଲକ୍ଷ୍ମୀ-ରୋଷଘରେ ।
ସ୍ଥାନେ ସ୍ଥାନେ ନୀର ଭେଦିଛି ସୈକତ
ଶାରଦ ଆକାଶେ ଯେହ୍ନେ ଛାୟାପଥ ।
ତାରାପୁଞ୍ଜେ ଯଥା ଶୋଭେ ହରିତାଳୀ,
ପୂଜିନ ତେସନ ଶୁଭ୍ର ଶୁଭ୍ରି-ଶାଳୀ ।

X X X

ଏହି ଯେ ତୋ ନୀଳ ବକ୍ଷ ତାରକିତ
କରି ବିହରନ୍ତି ହଂସ ଅଗଣିତ,
କେବଣ ଦେଶୁଁ ଏ ବର୍ଷେ ବର୍ଷେ ଆସି,
କ୍ରୀଡ଼ନ୍ତି ତୋ ଅଙ୍ଗେ ନାନାରଙ୍ଗେ ଭାସି
କଳୁଷିତ-ବାରି-କଳୁଷ ହାରକ,

କାସାରେ କୁମୁଦ-ହାସ-ପ୍ରକାଶକ,
ଦକ୍ଷିଣାଶା ବଧୂ-ଅବତଂଶ-ମୋତି,
ମହୋଜ୍ଜ୍ୱଳ କୁମ୍ଭ-ସମ୍ଭବ ଜ୍ୟୋତି
ଉଇଁଲେ ଆକାଶେ, ଆସି ଦଳେ-ଦଳେ
ପୂରନ୍ତି ଜଳ ଏ କଳ କୋଳାହଳେ ।
ଏମାନେ କି ସହଚର ଶରତର,
ଶରତ ସଙ୍ଗତେ ହୁଅନ୍ତି ଅନ୍ତର ?
ଉଜ୍ଜ୍ୱଳ-ଶରତ-ଲକ୍ଷ୍ମୀ-ପରିଜନ-
ପ୍ରାୟ ଦେଶେ ଦେଶେ କରନ୍ତି ଭ୍ରମଣ;
ଶଶାଙ୍କ ଧବଳା-ନିଶା ଜ୍ୟୋତିସ୍ୱତୀ,
କାଶ ହାସ୍ୟମୟୀ ସ୍ୱଚ୍ଛ ସ୍ରୋତସ୍ୱତୀ,
ମାଳତୀ-ବିଶଦ ନିବିଡ଼-ନିକୁଞ୍ଜ,
କୁମୁଦ ଧବଳ ସରୋବର ପୁଞ୍ଜ
ଲଭି ସ୍ଥିରତର ଶରତ ପ୍ରସାଦ,
ଏ ସମ୍ପଦର ଏ ଅଟନ୍ତି ଦାୟାଦ ।
ନିଜେ ଶୁଭ୍ର, ଶୁଭ୍ରେ କରନ୍ତି ବିହାର,
ଶୁଭ୍ରମୟ ସଦା ଏହାଙ୍କ ସଂସାର,
ଶୁଭ୍ର ଶରତର ଜୟ-ବୈଜୟନ୍ତୀ-
ପ୍ରାୟେ ପନ୍ତି ବାନ୍ଧି ନଭେ ବିହରନ୍ତି ।

X X X

ତୋ ପଶ୍ଚିମ ତୀର ଶୋଭାର ନିଳୟ,
ଦେଖି ନ ରହିବ ଲାଖି କା ହୃଦୟ !
ଶ୍ୟାମଳରୁ କ୍ରମେ ନୀଳ-ନୀଳତର
ସୋପାନ ସ୍ୱରୂପେ ଦିଶେ ଶୈଳ ସ୍ତର ।
ଅଭ୍ରଂକଷ ତୁଙ୍ଗ ପ୍ରତୀଚୀ-ପାଚେରୀ
ଶୋଭେ ଶୋଭାମୟ ଭୂଧର ଭାଲେରୀ ।
କ୍ରମନିମ୍ନ ହୋଇ ନୀଳ ଜଳରାଶି
ଭେଦିଅଛି ଯାର ସୁଶ୍ୟାମଳ ନାସି ।
ଡୋରା ଡୋରା ହୋଇ ପରଶିଛି ଶିଖ,

ଠାବେ ଠାବେ ଯାଗ ମାର୍ଗ ଗଇରିକ ।
ସୁଶ୍ୟାମଳ ଗୁଳ୍ମ-ଜଟିଳ ଜଟିଆ,
ତୀରୁ ନୀରେ ଯାର ହୋଇଅଛି ଠିଆ,
ତିନିଆଡୁ ଯାକୁ ତଙ୍ଗି ବୀଚିଦଳ,
ପ୍ରଚାରନ୍ତି ନିଜ କ୍ଲାବତ୍ୱ କେବଳ ।
ତଟବନେ ଯାର ରାଜେ ଅନ୍ଧାରୁଆ,
ଜଳଦେବୀଙ୍କର କେଳି ଯୋଗ୍ୟ ଗୁହା ।
ପାଷାଣଭେଦୀରେ ମଣ୍ଡିତ ତୋରଣ,
ଶଇବାଳସ୍ତରେ ଭିତି ସୂଚିକ୍‌କଣ ।
ବସି ଯହିଁ ହ୍ରଦବାସିନୀ ଅମରୀ
ସ୍ୱଚ୍ଛ ମୁକ୍ତାଫଳେ ବାନ୍ଧନ୍ତି କବରୀ ।

X X X

ପାରିଲେଣି ଏବେ ଦେବ ବିଜର୍ଭନ
ଭାଇରୀ-ଶିଖରେ ସ୍ୱର୍ଣ୍ଣ-ସିଂହାସନ ।
ଠାବେ ଠାବେ ଛାୟା ପଡ଼ିଣ ଶଇଳେ,
ହରିତ ହେଲାଣି ପରିଣତ ନୀଳେ ।
ଗଳ-ଘଣ୍ଟେ ନାଦି ଗିରି ତଟଦେଶ,
ବାହୁଡ଼ନ୍ତି ପଲେ ପଲେ ଛାଗ ମେଷ ।
ମହିଷ ଟିପାର ଗୁରୁ ଗୁରୁ ଧ୍ୱନି-
ଘୋଷେ ମୁଖରିତ ଅରଣ୍ୟ-ସରଣୀ ।
ଗୋଷ୍ଠୁ ଧୂମରେଖା ଉଠି ଗିରି-ପାଦେ,
କୁଜ୍ଝଟ ଗତିରେ କାନନ ଆଚ୍ଛାଦେ,
କଳରବେ ଏରା ଉଡ଼ିଣ ହ୍ରଦରୁ
ଅରଣ୍ୟେ ଲୋଡ଼ନ୍ତି ଯେଝା ନୀଡ଼ତରୁ ।
ପୀତ ଅସ୍ତ-କର ହେବାରୁ ପତିତ
ଡେଣା ଦିଶେ ଯେହ୍ନେ ସୁବର୍ଣ୍ଣ ମଣ୍ଡିତ ।
ରତ୍ନରାଜି ବୁଣି ବର୍ମ୍ମ ଅନ୍ତରାଳେ,
ବୁଡ଼ିଲେ ମିହୀର ଭାଇରୀ ଉଡ଼ାଳେ ।
ବେତେ ଯତ୍ନେ ଆହା, କାଦମ୍ବିନୀ ଧନୀ,
ବସ୍ତ୍ରାଞ୍ଚଳେ ବାନ୍ଧି ନେଉଛି ସେ ମଣି !

ରାଧାନାଥ ରାୟ

ଧରିତ୍ରୀ ବଦନେ ପୀତ ଅସ୍ତରାଗ,
ବୋଳି ଦେଇଛି କି ସୁବର୍ଣ୍ଣ ପରାଗ !
ଶାରଦ-ଦିନାନ୍ତ-ଲକ୍ଷ୍ମୀ ଲୀଳାମୟୀ,
ପ୍ରକାଶନ୍ତି କେତେ ନବ ନବ ଛଇ ।
ବିଶାଳ ଭାଲେରୀ ଛାୟା ଜଳସ୍ଥଳ
ଆବରଇ କ୍ରମେ ବ୍ୟାପୀ ପୂର୍ବାଞ୍ଚଳ ।
ପୀତ ଅସ୍ତାତପ ଦ୍ୱୀପ ଶୈଳ ମାଥେ
ଲିଭିଗଲା ସେହି ମହାଛାୟା ପାତେ ।

X X X

ନିଶାଗମେ କ୍ରମେ ଲୋଳ-କୋଳାହଳ,
ନିବର୍ତ୍ତି ଅବନୀ ହେଉଛି ନିଶ୍ଚଳ ।
ଜଳ ସ୍ଥଳ ନଭଃ ଜ୍ୟୋସ୍ନା-ପରିପ୍ଲୁତ,
ସୃଷ୍ଟି ଦିଶେ ଯେହ୍ନେ ପାରଦ-ଧଉତ,
ପ୍ରତିବିମ୍ବରାଜି ଦ୍ୱୀପ-ଶୈଳ-ତଳେ
ସ୍ପଷ୍ଟାକାରେ ଶୋଭେ ହ୍ରଦ ଅନ୍ତରାଳେ ।
କ୍ଷୀରୋଦ-ସୋଦର ଜ୍ୟୋସ୍ନାର୍ଣ୍ଣବେ ଭାସି
ଦିଶନ୍ତି ବିଶଦ ଗିରି, ବନ, ନାସି
ସ୍ନିଗ୍ଧ ତରୁପତ୍ର, ମସୃଣ ଉପଳେ,
ଜକଜକ ହୋଇ ଜ୍ୟୋସ୍ନା ପ୍ରତିଫଳେ ।
ସର୍ପେ ଚିତ୍ର ଚନ୍ଦ୍ରଚୂଡ଼-ତନୁ ଭଳି,
ଛାୟା-ମିଶ୍ର-କରେ ଶୋଭେ ବନସ୍ଥଳୀ,
ପ୍ରଶାନ୍ତ ନୀରବ ଗିରି ବନ ଦେଶ,
ନାହିଁ ଏଥି ନର-ଚହଳର ଲେଶ ।
ଦୂର ଝରନାଦ, ଝିଙ୍କାରି ଝଙ୍କାର,
ଜରେ ନିଶୀଥିନୀ-ପ୍ରଭାବ ପ୍ରଚାର ।
କଳି ଉପଦ୍ରବେ ତେଜି ଲୋକାଳୟ,
ଶାନ୍ତି କି ଏ ସ୍ଥଳେ ଭଜିଲେ ଆଶ୍ରୟ ।

(ଆଂଶିକ)

●●

ରାଧାନାଥ ରାୟ

ଦରବାର

ଉତ୍କଳର ପୂର୍ବକୀର୍ତ୍ତି-ସ୍ମୃତି-ପୂତ
ବାରବାଟୀ ଆଜ ସାଜେ ସଜୀବୃତ ।
ଐତିହାସିକ ଏ ଦୁର୍ଗ ବାରବାଟୀ,
ବୀର ରକ୍ତ ପିଣ୍ଡେ ଗଢ଼ା ଯାର ମାଟି ।
ବାରବାଟୀ ଯହିଁ ମନ ସ୍ମୃତି-ପୋତେ,
ବାହିଯାଏ ପ୍ରତିଲୋମେ କାଳସ୍ରୋତେ ।
କାଳେ କାଳେ କେତେ ଦେଖି ସେ ଆସିଲା
ନଶ୍ୱର ନରର ଗରିମାର ଲୀଳା !
ପୁଣି ନୂଆ ଲୀଳା ଲାଗିଛି ଏଠାରେ,
ପୁଣି ମର୍ତ୍ତପୁରେ ନଶ୍ୱର ବ୍ୟାପାରେ,
ପୁଣି ଦେଖ ଆଜି ଗରିମାର ଘଟା,
ଲୁଚିବସି କାଳ କରେ ତାକୁ ଥଟ୍ଟା ।
ଦେଖିବାକୁ ଏହି ରାଜସ ଉତ୍ସବ
ରୁଦ୍ଧ ଦୁର୍ଗାଙ୍ଗନେ ଅସଂଖ୍ୟ ମାନବ,
କାଞ୍ଚୀ-ଅଭିଯାନେ ଯେ ଦୁର୍ଗ-ପ୍ରାଚୀର
ବାଦ୍ୟନାଦେ ଦେଇଥିଲା ପ୍ରତିଗିର,
ଜରାଜୀର୍ଣ୍ଣବେଶେ ଦେଖର ସେ ଆଜ
ନବ୍ୟ-ଉତ୍କଳର ଏ ସଭ୍ୟସମାଜ ।
ପୂର୍ବ ନରପତି-ପ୍ରେତ-ଆତ୍ମାମାନ
ବ୍ୟୋମେ ବ୍ୟୋମଯାନେ ହୋର ଅଧିଷ୍ଠାନ
ଦେଖନ୍ତି ସଖେଦେ ତାଙ୍କର ଦୁର୍ଜୟ
ଉତ୍କଳର ଏହି ଦଶାବିପର୍ଯ୍ୟୟ ।
ଏହି ଶିଳାବଦ୍ଧ ଯାଙ୍କର କୀରତି,
ପୁଣ୍ୟଶ୍ଲୋକ ମରକତ ମହୀପତି,
ଦେଖୁ ନାହାନ୍ତି କି ମନେ ବହି ଲାଜ
କି ଥିଲା ଏ ରାଜ୍ୟ, କି ହୋଉଛି ଆଜ !
ଇନ୍ଦ୍ରନୀଳ-ଶିର ତୋଳି ନଭସ୍ଥଳେ,
ଏ ଦୃଶ୍ୟ ଦେଖନ୍ତି ଶ୍ୱାଶ୍ୱତ ଅଚଳେ ।

ମଞ୍ଚରମା-କାଞ୍ଚୀଢେମା-ସ୍ନାନେ ପୂତା,
କାଞ୍ଚୀ-ଢେମା-ବେଣୀ-ପ୍ରଭ-ବେଣୀଯୁତା,
ଦୃଷଦ୍‌ବତୀରୂପେ ଜର୍ଜ୍ଜରା ମୁଖରା,
ସୈକତିନୀରୂପେ ନୀଳନୀଳାମ୍ବରା,
ଠାବେ ଠାବେ ଦ୍ୱୀପ-ଶୈଳ-ଦୀପଦଣ୍ଡୀ
ପୁଞ୍ଜେ ବକ୍ଷ ଯାର ହୋଇଅଛି ମଣ୍ଡି,
ପ୍ରବାହ-ବିହାରି-ଅରଣ୍ୟ-ଦନ୍ତୀର
ମଦେ ଚନ୍ଦ୍ରାକିତ ଯାର ନୀଳ ନୀର,
ଅଗ୍ରେ ସେହି ନଦୀ ବହୁଅଛି ରଙ୍ଗେ
ଏ ରଙ୍ଗ ନିରେଖି ତରଙ୍ଗ ଭୁଉଙ୍ଗେ ।

X X X

ମଞ୍ଚ ପାଶେ କିମ୍ପା ଏତେ ଲୋକ ଠିଆ ?
ଲାଗିଅଛି ପରା ଆସନ କଚ୍ଚିଆ !
ନିଜ ଅହମିକା-ସଦୃଶ୍ୟ ଆସନ
ନ ଦେଖି ଥୋକାଏ ମହା କ୍ଷୁର୍ଣ୍ଣ ମନ ।
ଔପାଧିକ ରାଜା ଉଚ୍ଚାସନେ ରୁଷି
କ୍ଷୁର୍ଣ୍ଣ ହୋଇଛନ୍ତି ରାଜା ମଉରୁଷି ।
ଆସନ ସକାଶେ ବୁଦ୍ଧେ ଏଡ଼େ ବାଇ
ବାଳକ ଯେସନେ କ୍ରୀଡ଼ନକ ପାଇଁ ।
ଇତୁଲାଗି ଯଥା ଯୁଝୁଥାନ୍ତି ପିଲା,
କେତେ ବୁଦ୍ଧେ କରୁଛନ୍ତି ବାଳଲୀଳା-
କେହୁ ବୋଲେ, 'ମୁହିଁ ଉଚ୍ଚପଦଧାରୀ,
ଉଚ୍ଚ ଆସନର ମୁହିଁ ଅଧିକାରୀ !''
ଆନ ବୋଲେ, ''ମୁହିଁ ଉଚ୍ଚ ବଂଶଧର,
ତୁ ସିନା ଅଢ଼େଇ ଦିନର ଚାକର !
ବଡ଼ ସିନା ତୁହି ରାଜ-ଦତ୍ତ ମାନେ,
ମାତ୍ର ତୋର କାହିଁ ନାହିଁ ଭୂମି ମାଣେ !
ମୋତେ କେ ନ ଜାଣେ ଏ ମହୀ ମଣ୍ଡଳେ ?
ମୋର ଏ ଆସନ କିମ୍ପା ହେଲା ତଳେ ?''

ଆନ ବୋଲେ, ''ମୁହିଁ ପାଇକର ନାହା,
ବିପଦେ ରାଜାର ଆଶ୍ରା ମୋର ବାହା,
ଏହି ହସ୍ତେ କେତେ ମସ୍ତକ ଗଡ଼ାଇ,
କେତେ କେତେ ଗ୍ରାମ ଦେଇଛି ପୋଡ଼ାଇ,
ସଂଗ୍ରାମେ ପଦକ ଦେଲେ ମୋତେ ରାଣୀ,
ମୋହଠାରୁ ପୁଣି କିଏ ବଡ଼ ମାନୀ ?''
ଆନ ବୋଲେ, ''ମୁହିଁ ଅଟଇ ପୁଲିସ,
ବିନା ମେଘେ ସୃଜି ପାରଇ କୁଳିଶ,
କି ଦୋଷୀ, କି ଅବା ଦୋଷହୀନ ନର
ମୋ ପ୍ରତାପେ ରାଜ୍ୟେ ସର୍ବେ ଥରହର,
କିବା ଦୁଃଖୀରଙ୍କୀ କି କୋଟିପତିଏ
ଲାଇ-ପଗଡ଼ିକି ନ ଡ଼ରନ୍ତି କିଏ ?
ମୋତେ ଦେଖି କିଏ ନ ଭଜେ କମ୍ପକୁ ?
କିଏ ନ ଡ଼ରଇ ଉତ୍‌ପଣ ତମ୍ପକୁ ?
ରାଜାଙ୍କ ଅଟଳ ବିଶ୍ୱାସ ମୋ ଠାରେ,
ମୋହଠାରୁ କିଏ ବଡ଼ ଦରବାରେ ?''

X X X

ଲାଗିଛି ଏରୂପେ ଅହମିକା-ଖେଇ,
ଅହମିକା-ସିନ୍ଧୁ ହୋଇ ଉତ୍‌ବେଳ ।
ଅହମିକା-ବାୟୁ-ଗ୍ରସ୍ତ ହୋଇ ବ୍ୟସ୍ତେ
'ମୁଁ' 'ମୁଁ' କରି, ଆହା, ମରନ୍ତି ସମସ୍ତେ,
ଘୋଟିବାରୁ ଘୋର ରଜୋରୂପୀ ବ୍ୟାଧି
ଉପାଧିରେ ବୁଡ଼ି ଲୋଡ଼ନ୍ତି ଉପାଧି !

X X X

ଅକିଞ୍ଚନ କେହୁ କହେ ହାତ ଯୋଡ଼ି,
ବୃଥା ଲାଗି କିମ୍ପା କାମୋଡ଼ା କାମୋଡ଼ି ?
ଅଳ୍ପ ଦିନ ସ୍ଥିତି ପାଇଁ ଭବ-ଚଟି
ଏଥିଲାଗି କିମ୍ପା ଏତେ କଟାକଟି ?
ମଣ ସିନା ଆପଣାକୁ ବଡ଼ କରି,
ମାତ୍ର କଥା-ବୃଷ ଦେହେ ମଣା ପରି

ମହୀରେ କାହାରି ପ୍ରବେଶ ପ୍ରୟାଣେ
ରଜନୀ ଉଶ୍ୱାସ ମହୀ ତ ନ ଜାଣେ !
ଦେଖ ସାବଧାନେ ଜ୍ଞାନ-ନେତ୍ର ଫେର,
ତୁମ୍ଭ ମଧ୍ୟେ ସାନ ବଡ଼ ନାହିଁ କେହି;
ସାନ ବଡ଼ ଜ୍ଞାନ ଭେକର ଭିଆଣ,
ଭେକ ତଳେ କେହି ନାହିଁ ବଡ଼ସାନ ।
ଜଣେ ଜଣେ ଗୋଟି ଗୋଟିଏ ସୁଆଙ୍ଗ,
ଚାଲିଯିବ ଭବ-ଲୀଳା ହେଲେ ସାଙ୍ଗ ।
ସର୍ବେ ଯିବ ଭାଇ, ଉଭେଇ ଅଟିରେ
ବୁଦ୍‌ବୁଦ ପରାୟେ ଏହି ନଦୀ-ନୀରେ ।

ବିନୟେ କହୁଛି, ଯେନ ମୋର ବୋଲ,
ନିଦା ମଣି ଭ୍ରମେ କିମ୍ବା ନିଅ ପୋଲ ?
ଶିଶୁ-ମନୋହର ବାହାରର ଝଳି
ଦେଖି କର କିମ୍ବା ଶିଶୁ ପ୍ରାୟେ ଅଳି ?
କେଡ଼େ ବଡ଼ ତୁମ୍ଭେ, କେଡ଼େ କ୍ଷୁଦ୍ର ପୁଣି,
ଜାଣି ହୁଅ ଏହି କଳିଆରେ ତୁନି ।
ଅସାର ବ୍ୟାପାରେ ନିରତେ ନିର୍ଲେପ
ରହି ସାରତତ୍ତ୍ୱେ କର କାଳକ୍ଷେପ ।
ନ ପଡ଼ି ବଡ଼ିମା-ତାମସ ଗହ୍ୱରେ
କ୍ରମେ ଉଠ ଧର୍ମଶଇଳ-ଶିଖରେ,
ଚାହିଁଲେ ଯେସନ ଶଇଳ-ଶିଖରୁ
ସମ ଦିଶେ ମହୀସ୍ଥିତ ତୃଣ ତରୁ,
ଧର୍ମନେତ୍ରେ ସାନ ବଡ଼ ଦୁନିଆର,
ଦୂରୁଁ ସବୁ ସିନା ଦିଶେ ଏକାକାର ।
ଧର୍ମ-ଶୈଳେ ବସି ନିରତେ ନିଃସଙ୍ଗ
ହୋଇ ଦେଖ ଦୁନିଆର ନାଟରଙ୍ଗ,
ଦୁନିଆର କଳିଗୋଳର ତୋପାନ-
ଉର୍ଦ୍ଧେ ରହି କର ଶାନ୍ତି-ସୁଧା ପାନ ।
ମଣ ନାହିଁ ମୁହିଁ ନେଇଛି ଏସନ

ଜ୍ଞାନଦର୍ପେ ଜ୍ଞାନଦାତାର ଆସନ,
ଥୋଇ ଏ ମୁକୁର ତୁମ୍ଭ ଆଗେ ଭାଇ,
ନିଜ ମୁଖ ମୁଁଜି ନିଜେ ଦେଖୁନାହିଁ ?
ପାସୋରି ନାହିଁ ମୁଁ, ହେଉଅଛୁଁ ବ୍ୟସ୍ତେ
ଏକା ଅନ୍ଧକୂପେ ଦରାଣ୍ଡି ସମସ୍ତେ ।
ପାସୋରି ନାହିଁ ମୁଁ, ସ୍ୱପ୍ନେ ଜଦାଚିତେ
ସର୍ବେ ଅଛୁ ଏକ ଦଦରା ବୋଇତେ ।

X X X

ବେଳ ଥାଉଁ ଥାଉ ଅରଜି ଧରମ
ଜନ୍ମ ଅନୁରୂପେ ଦେଖାଅ କରମ ।
ଜନ୍ମ ଫଳେ ଭବେ ବଡ଼ପଣ ପାଇ,
ଧର୍ମଫଳେ ତାକୁ କର ଚିରସ୍ଥାୟୀ ।
ଧର୍ମ ଏକ ପୋତ ଗଢ଼ିଛନ୍ତି ବିଧି
ତରିବାକୁ ଏହି ସଂସାର ବାରିଧି,
ଧର୍ମ ଏକା ବିନା ମହତପଣିଆ,
ଆଉ ବଡ଼ପଣ ଅଢ଼େଇ ଦିନିଆ ।
ବଡ଼ପଣ ଭାଇ ଏକା ବିନା ସେହି
ଛଡ଼ାଇ କେହି ଯା ନ ପାରଇ ନେଇ,
ବଡ଼ପଣ ସେହି ଅନ୍ତେ ସୁଦ୍ଧା ଯାର
ସୌରଭେ ଚହଟୁଥାଏ ଏ ସଂସାର ।
ବଡ଼ପଣେ ବିନା ସେହି ତାକୁ ଗଣି,
ଯେଉଁ ବଡ଼ପଣ ତ୍ରିଲୋକ ସାଧନୀ,
ସେହି ବିନା ବଡ଼ପଣ ଯହିଁ ଲାଗି
ଅନ୍ତକର ବକ୍ର-ଦନ୍ତ ଯାଏ ଭାଙ୍ଗି ।
ସେହି ବଡ଼ପଣେ ବଳାଅ ମତିକି
କାଳ ନ ପାରିବ ପଣି ଯା କତିକି,
ହେଳା କରନାହିଁ ପାଇ ଏ ସୁବିଧା
ଇଭିବାକୁ ସେହି ବଡ଼ପଣ ନିଦା ।
ସଂସାରର ତୁଚ୍ଛସାର ବଡ଼ପଣ-

ରାଧାନାଥ ରାୟ

ଲାଳସାରୁ ନିଅ ବାହୁଡ଼ାଇ ମନ ।
ଉଦାସୀନ-ନେତ୍ରେ ଦୁନିଆର ମାନ
ଦେଖି କର ମନ ଧର୍ମେ ଏକତାନ,
ରାଜଧର୍ମେ ଆତ୍ମ-ତତ୍ତ୍ୱେ ଦେଇ ମତି
ଉଚ୍ଚ ହୋଇ ଲଭ ଉଚ୍ଚତର ଗତି ।

(ଆଂଶିକ)

●●

ମହାଯାତ୍ରା

ହେମଗୌରବପୁ ଯୁବା ବିପ୍ରବେଶଧାରୀ
ଅଗ୍ନି ସଙ୍ଗେ ପଞ୍ଚଭାଇ ବାୟୁକୋଣେ ଯାଇ
ମହେନ୍ଦ୍ର କାନ୍ତାର ପଥେ, ମିଳିଲେ ବହନ
କଲ୍ଲୋଳିନୀ କୁଳେଶ୍ୱରୀ ମହାନଦୀ କୂଳେ;
ଗଗନପରଶୀ ବେନି ଦିଗେ ତୁଙ୍ଗଭୁ ପୁ-
ସଙ୍କଟେ ସଙ୍କୋଚି ବପୁ, ବାହାରି ଯହିଁ
ପୁଣି ପୂର୍ବାକାରେ ସ୍ରୋତ ପୂର୍ବସିନ୍ଧୁଗାମୀ
ବିଜନ ଭୀଷଣ ସ୍ଥଳୀ, ବନଗଜବ୍ରଜ-
କଣ୍ଡୁଳ କପୋଳ ପିଣ୍ଡ ଘର୍ଷଣେ କମିତ
ଦୁମାବଳୀ ଦେହୁ ଯହିଁ ଝରଇ ପ୍ରବାହେ
ସୁରଭି ଅରଣ୍ୟପୁଷ୍ପ ପୁଞ୍ଜ ପୁଞ୍ଜ ହୋଇ,
ବନ ଦେବୀଙ୍କର କି ସେ ଅର୍ଘ୍ୟ-ଚଢାଞ୍ଜଳି ?
ଦିନ ଥାଉଁ ଥାଉଁ ତହିଁ ମହାଶୈଳଛାୟା
ବ୍ୟାପି ଚଳେ, ଛଳେ, ନଦୀ, ପୁଲିନେ, କାନନେ,
ଉପୁଜାଏ ମନେ ସନ୍ଧ୍ୟା-ଆଗମର ଭ୍ରମ,
ତୁଟଇ ଯେ ଭ୍ରମ ଦେଖି ଦୂରେ ପୃଷ୍ଠଭାଗେ
(ଅସୂଖୀର, ଆହା, ପୂର୍ବସୁଖସ୍ମୃତି ପରି !)
ଅଷ୍ଟାଚଳେ ଉଦ୍ଭାସିତ ତୁଙ୍ଗ ଶୃଙ୍ଗାବଳୀ;
ପର୍ଣ୍ଣ-ଶେଯେ ତହିଁ ନିଶି ଯାପି ବଟମୂଳେ

(ଯେ ନାମରେ ଅଦ୍ୟାପି ଏ ଘଟୀ ବୋଲାଏ ଜଗତେ)
ପଶିଲେ ଯାତ୍ରିଏ ସେହି ବିକଟ ସଂକଟେ
ଛାୟାମୟ, ଅନୁକ୍ଷଣ ପୂର୍ଣ୍ଣ ଝିଲ୍ଲିରବେ,
କୁହେଳୀରେ ନୀଳବର୍ଣ୍ଣ ଉତ୍ତୁମାନ ଗିରି
ଧାଡ଼ି ହୋଇ ବେନି ତୀରେ, ଏକ ପରେ ଏକ
ଶିଖା ତୋଳି ଜଳନ୍ତି କି ଗଗନର ସୀମା ?
ଦିଗ୍‌ବାରଣ ଶୁଣ୍ଡାକାରେ କାହିଁ ଅବା ନୀରେ
ମିଶିଛି ତିର୍ଯ୍ୟକେ ଆସି ଶ୍ୟାମ ଶୈଳମାସି,
ଛାୟାଲୋକେ ଶବଳିତ ହୋଇ ଠାବେ ଠାବେ;
କାହିଁ ଜଳକଳ ରବେ ଗିରି-ନିର୍ଝରିଣୀ
(ସୃଷ୍ଟିକାଳୁ ପଡ଼ି ନାହିଁ ସୌରକର ଯହିଁ)
ସୂଚିଭେଦ୍ୟ କୃଷ୍ଣଶିଳା ସୋପାନ ଶ୍ରେଣୀରେ
ତମୋମୟ କନ୍ଦରାରୁ ଆସଇ ଓହ୍ଲାଇ
ଅପ୍ରଗଲ୍ଭେ, ଅପ୍ରଗଲ୍ଭେ ଦୀନ ସାଧୁ ଯଥା
ସାଧେ ପରହିତ ହୋଇ ବୀତସ୍ପୃହ ଯଶେ ।
ନିବିଡ଼-ବୀଚକକୁଞ୍ଜେ ଭିନାଞ୍ଜନପ୍ରଭ-
ତିମିରେ ଆଚ୍ଛନ୍ନ ମହାଘୋର ଶୈଳ ଖୋଲେ
ଲୁଚି ଏକାକିନୀ କାହିଁ ଦୂରଇ କରୁଣେ
କୁରରୀ, କି ଦୁଃଖେ ତାହା ଜାଣେ ସେ ଦୁଃଖିନୀ;
ଶୃଙ୍ଗଯାଏ ଶୈଳ ତଟେ ପରେ ପରେ ଉଭା
ବନଦେବୀ ସୌଧାକୃତି ବନସ୍ପତିଶାଖେ
ପୂରି ସେ ବିଜନ ବୀଣାଜିଣା କଣ୍ଠରବେ
ରାବୁଛନ୍ତି, ଅଷ୍ଟଜାଳେ କଷ୍ଟଫେଡ଼ ଶୂଆ
ନଦୀକୂଳବନ୍ଧୁ, ଶ୍ୟାମା, ସାଇ, ଚଷାପୁଏ ।
ଯାଉଁ ଯାଉଁ ସେହି ରମ୍ୟ ଭୀଷଣ ସଙ୍କଟେ
ବିସ୍ମୟେ ଉତ୍‌ପ୍ରୁଲ୍ଲ ନେତ୍ର ପାଣ୍ଡୁ ପୁତ୍ରେ ଦେଖି,
ଦେବ ବୈଶ୍ୱାନର ତହୁଁ କହିଲେ ସସ୍ମିତେ,
"ହେ ରାଜନ, ଦେଖ ଏଥି ବହନ୍ତି କେସନେ
ମହାନଦୀ ନାମେ ପୂର୍ବ ସାଗରଗାମିନୀ

ହରମୌଳିମାଳା ଦେବୀ ତ୍ରିସ୍ରୋତା ଜାହ୍ନବୀ,
ସୁଜାନ୍ତି-ମହର୍ଷି-ତପେ ପତିତପାବନୀ
ତୁଷ୍ଟ ହୋଇ ଏହି ମୁଖେ ଆସିଲେ ଯେ ଜାଣେ
ଅର୍ଦ୍ଧପଥେ ତାଙ୍କ ଗତି ରୋଧିଲେ ଏଠାବେ
ନୀରନ୍ଧ୍ର-ପ୍ରାଚୀରାକୃତି ଏହି ମହାଗିରି,
ତହୁଁ ଜୁଲିଶୀଙ୍କି ଋଷି ତୋଷି ତପୋବଳେ
ଏ ବର୍ମ୍ମ ଛେଦିବା ଲାଗି କଲେ ଅନୁରୋଧ,
ବଜ୍ରକରେ ଅବତରି ଏହି ଶୈଳଚୂଳେ
ଛେଦି ଏ ଶଇଳ ବଜ୍ରୀ ରଚିଲେ କୌଶଳେ
ଉଜୁଳର ମୁକ୍ତିଦ୍ୱାରରୂପୀ ଏ ତୋରଣ
ସପ୍ତକ୍ରୋଶବ୍ୟାପୀ, ଶୈଳକୁଞ୍ଜେ ଅଳଙ୍କାରିତ,
ଭିନ୍ନ-ଶିଳାପୁଞ୍ଜ ଯାର-ବିଷମି ଏକାଳେ
ନଦୀ-ଶଯ୍ୟା ଉପୁଜାନ୍ତି ଅସଂଖ୍ୟ ପ୍ରପାତ
ଠାବେ ଠାବେ, ଜଳରବେ ପୂରାଇ ଅଟବୀ;
ମହେନ୍ଦ୍ରର ଅଧିଷ୍ଠାନ ଦିନୁ ଏ ଶିଖରୀ
ବୋଇଆଏ ମହେନ୍ଦ୍ର ନାମେ ଜୁଆଡୁ ଜୁଲେ,
ପରମ ପବିତ୍ର ଗିରି, ସେବନ୍ତି ଆଦରେ
ଦେବ ଋଷି ସିଦ୍ଧେ, ଯାର ଶୃଙ୍ଗ ଅଗଣିତ,
ମେଘାସନେ ମେଘାସନ ମଘବାବାଞ୍ଛିତ
ସୁଚାରୁଚପଳା ଲାସ୍ୟେ ନିରତେ ଭାସ୍ୱର,
ନିରତେ ମୁଖର କେକିକୁଳକେକାରବେ;
ପୂତ-ବୈତରଣୀସ୍ରୋତ ପ୍ରଭବ ଗୋନାସା,
ଋଷିସଭା ମଧ୍ୟେ ଯହିଁ ଭାର୍ଗବ ମୁଖରୁ
ଝରେ ପୂତତର ପୁଣ୍ୟଶ୍ଲୋକ କଥାମୃତ;
ଗିରି ମାଲ୍ୟବନ୍ତ ଗିରିମାଳେ ମଧ୍ୟମଣି,
ସ୍କନ୍ଧେ ଶୁଭ୍ର-ଝରନୀର-ଉତ୍ତରୀୟଧାରୀ;
ମୈନାକ ପିନାକପାଣିପ୍ରିୟା ପ୍ରିୟସ୍ଥଳୀ;
ଝର-ଉପବୀତଧର, କପର୍ଦ୍ଦିସେବିତ
କପିଳାସ ଅଭ୍ରଗର୍ଭ ଅଭ୍ରଂକଷ ଗିରି;

ପଞ୍ଚଧାର ଜଳଦର କେଳିମଞ୍ଚରୂପୀ
କେତକନିକୁଞ୍ଜେ ଯାର ଝରଇ ଅଦୂରେ
ତପ୍ତ ପୂତ ପ୍ରସ୍ରବଣ ରୁଦ୍ର-ଅଧିଷ୍ଠାନେ;
ଏ ଆଦି ବିଶାଳ ଶୃଙ୍ଗକୂଳେ ବିଭ୍ରାଜିତ
ଉତ୍ତୁଙ୍ଗ-କଟିଙ୍ଗବପୁ ମଣ୍ଡିଛି ଶିଖରୀ,
ମଧ୍ୟେ ଦ୍ୱିଖଣ୍ଡିତ ହୋଇ ଏହି ଦେବଖାତେ।''
ଅଗ୍ନିଙ୍କ ବଚନେ ସର୍ବେ ସେହି ପୂତ ନୀରେ
ଅବଗାହି ଉତ୍ତିଭାବେ ଦେଲେ ଜଳାଞ୍ଜଳି
ପିତୃଲୋକେ, ସେ ବିକଟ ସଙ୍କଟୁ ବାହାରି
ଚାଲିଲେ ଗନ୍ତବ୍ୟପଥେ ପଶ୍ଚିମାଶାମୁଖେ,

X X X

ସହ୍ୟାଦ୍ରିଶିଖରେ ବସି, ଦିବ୍ୟାଲୋକଯୋଗେ
ଦେଖିଲେ ପାଣ୍ଡବରାଣ ଅନଳ ପ୍ରସାଦେ
ବିସ୍ମୟେ ଅଦ୍ଭୁତ ଦୃଶ୍ୟ, ଦିଶିଲା ଆକାଶେ
ତାରକାଭୂଷିତ-ତାରୁ-ଚନ୍ଦ୍ରାତପ ତଳେ
ସ୍ୱର୍ଣ୍ଣମେଘେ ଦେବସଭା, ବିରାଜନ୍ତି ତହିଁ
ଦେବଗଣ, ଚିତ୍ତାମଗ୍ନ ସର୍ବେ ଏକମନେ।
ଚକ୍ରାକାରେ ବେଢ଼ିଅଛି ସର୍ବଦେବ ଦେହେ
ସୁନ୍ଦର ପ୍ରଭାମଣ୍ଡଳ, ବିଧୁଙ୍କୁ ଯେସନେ
ବେଢ଼ଇ ବିବିଧବର୍ଣ୍ଣେ ଉଦ୍ଭଟପରିଧି
ନିଶାକାଳେ, ବରଷାର ଆଗମସୂଚକ।
ଏକ ଏକ କରି ଦେବ ସୁବର୍ଣ୍ଣ ଦୀଧିତି
ପୌରବେ ଚିହ୍ନାଇ ଦେଇ କହିଲେ ଏସନ,
''ତୁଷାରଧବଳକାନ୍ତି, ଦେଖ, ସିଂହାସନେ
ବିରାଜନ୍ତି 'ଧର୍ମ' ଦେବ ଅମଳବସନେ;
ସ୍ୱାତବକ୍ଷ ଅନୁଚର ଧର୍ମଙ୍କ ଛାମୁରେ
ଉତା ଯେହୁ, ଦିବେ ସେହି 'ସାହସ' ଆଖ୍ୟାତ;
ଧର୍ମ ପାଶେ 'ସତ୍ୟ' ମହାତେଜସ୍ୱୀ ନିର୍ଭୀକ,
ସ୍ୱଚ୍ଛବକ୍ତ ଦିଶେ ଯାଙ୍କ ସମସ୍ତ ବିଗ୍ରହ,

ହେଲେହେଁ ଭୂଷଣହୀନ ନୈସର୍ଗିକ ରୂପେ
ଦିଶଇ ସୁନ୍ଦର ଅତି ସେ ଦିବ୍ୟ ମୂରତି;
ସତ୍ୟଙ୍କ ଅଦୂରେ ଦେଖ ତୁଳାଦଣ୍ଡଧାରୀ,
ନିସ୍ତରଙ୍ଗ ହ୍ରଦ ପରି ଗମ୍ଭୀର ମୂରତି
'ନ୍ୟାୟ'ଦେବ, ନେତ୍ର ବଦ୍ଧ ଘନକୃଷ୍ଣବାସେ,
ସାନ ବଡ଼, ନିଜ ପର ଜ୍ଞାନର ରୋଧକ;
ତାଙ୍କ ପାଶେ 'ତପଃ' କ୍ଷୀଣ ବପୁ ଜଟାଧାରୀ,
ମୁଜ ମେଖଳାରେ ବଦ୍ଧ ଶୋଭେ କଟିଦେଶେ
ବଲ୍‌କଳ, ଲମ୍ବିତ ଲମ୍ବ ଶୁଶ୍ରୁ ବକ୍ଷସ୍ଥଳେ;
ତପଃ ପାଶେ 'କ୍ଷମା' ହସ୍ତେ ଆବରଣ ପଟ,
ବ୍ୟକ୍ତ ସଦା ପର ଦୋଷ ଆବରିବା ପାଇଁ;
ତାଙ୍କ ପାଶେ 'ଦୟା' ଦେବୀ ସ୍ନିଗ୍ଧ ଜ୍ୟୋତିର୍ମୟୀ,
ମୂର୍ତ୍ତାପଇର୍ଗଞ୍ଜି-ଅଶ୍ରୁ ଝରେ ନେତ୍ରଯୁଗେ
ମଉଦ୍‌ଃଖେ, ବାହୁ ଡୋଳି ଡାକୁଛନ୍ତି କି ସେ
ଦୁଃଖିଜନେ ଆଶ୍ରା ଦେବାପାଇଁ ନିଜ କ୍ରୋଡ଼େ !
ପୂର୍ଣ୍ଣକୁମ୍ଭ ଭଳ ଉଡ଼ି ପ୍ରକାଶନ୍ତି ଦେହ
'ଶୌଚ' ଦେବ, ସଙ୍କୁଚିତ ସଦା ଅନାଚାରେ ।
ବରାଙ୍ଗୁ ଛାଡ଼ନ୍ତି ଯେହୁ ବସ୍ତ୍ର, ଆଭରଣ,
ନିଯୋଜିତ-ଦେହମନ ପରସେବାଲାଗି,
'ତିତିକ୍ଷା' ସେ ରତ ସଦା ମହାତ୍ୟାଗବ୍ରତେ;
ସାଧୁଜନସେବ୍ୟ ଏହି ପବିତ୍ର 'ଆର୍ଜବ'
ଶାଳପମ ଋଜୁ ଦେହ, ଋଜୁଦୃଷ୍ଟିରେଖା;
ବିଶ୍ୱଶୋଭାରାଣୀ, ଦେଖ, ଦେବୀ 'ପଦ୍ମାଳୟା'
ଆବରଣ ପ୍ରଭାକାନ୍ତେ ନଉଃ ଉଭାସିନୀ,
ପୁଲୁରଙ୍ଗ ଶତଦଳ ଶୋଭେ ଦକ୍ଷ କରେ,
ଦକ୍ଷେତରେ ଧାନମେଣ୍ଢି, ଦେବୀଙ୍କ ପ୍ରସାଦେ
ମେଘେ ରାଜେ ଇନ୍ଦ୍ରଧନୁ, ପୁଷ୍ପରାଜି ବନେ,
ଜଗତଜୀବନଯଷ୍ଟି ଶସ୍ୟ ଶସ୍ୟକ୍ଷେତ୍ରେ,
ନିରତେ ଅସ୍ଥିରା ଦେବୀ, ଆସନୁ ଆସନେ

ନିରତେ କରନ୍ତି ସ୍ଥିତି, ସ୍ୱଭାବେ ଚପଳା;
ଶ୍ୱେତପଦ୍ମାସୀନା ଏହି ଦେବୀ 'ସରସ୍ୱତୀ'
କୁନ୍ଦେନ୍ଦୁ-ତୁଷାର-ପ୍ରଭା, ଶୁଭ୍ରବସ୍ତ୍ରାବୃତା,
ଏକ ହସ୍ତେ ଗ୍ରନ୍ଥ, ଆନେ ବୀଣା ସପ୍ତସ୍ୱରା,
ଅସାଧ ସାଧନା ଫଳେ ତୁଷ୍ଟ ହୋଇ ଥରେ
ଦେଇଥିଲେ ଏହି ମୃତସଞ୍ଜୀବନୀବୀଣା
ନବତାନେ ବାଇବାକୁ ବଲ୍ମୀକପ୍ରଭବ-
ମୁନିବରେ, ପୁଣି ଥରେ କୃଷ୍ଣ ଦ୍ୱୈପାୟନେ,
ସେଇଟି ସେବକ ଆଉ ନ ଦେଖି ଭାରତେ
ଭାରତୀ ସେ ବୀଣା ଏବେ ଧରନ୍ତି ଶ୍ରୀକରେ।
ଏ ଆଦି ଯାବନ୍ତ ଦେବ ଦେବୀ ଭାରତର
କଳି-ଆଗମନ ଭୟେ କରନ୍ତି ମନ୍ତ୍ରଣା
କେ କାହିଁ ଲୁଚିବେ, କେଉଁ ବିଜନ ପ୍ରଦେଶେ;
ବିଳମ୍ବ ତ ନାହିଁ ଆଉ ଭାରତବଦନେ
ବିରାଜଇ ଯେଉଁ ଶିରୀ ଯିବ ସିନା ଲିଭି
ଅଳ୍ପ କ୍ଷଣେ, ରହେ ମାତ୍ର ରହିବ ତା ସ୍ମୃତି !
ଧର୍ମର ଏ ଉପବନ ହେବ ପରିଣତ
ପାପ-ମରୁଭୂମେ ଏବେ, ଲକ୍ଷ୍ମୀଲୀଳାସରଃ
ଶୁଖିଯିବ, ଆହା, ଏହି କ୍ରୁର-ଅବଗ୍ରହେ !''
ଏହା କହୁଁ କହୁଁ ନଭଃ ଭୀଷଣ ତମସେ
ଗଲା ପୂରି, ବିକଟାଳ-କରାଳ-ଆକୃତି
ଉର୍ଦ୍ଧ୍ୱ ଓହ୍ଲାଇଲେ କଳି ନିଜ ଦଳବଳେ,
ଲୋହିତ ମଙ୍ଗଳ ଗ୍ରହ ପ୍ରାୟେ ଭୟାବହ
ଅମଙ୍ଗଳ ବେନି ଚକ୍ଷୁ, ନିଃସରଇ ଯହୁଁ
ଭୀମଧୂମକେତୁ ପୁଚ୍ଛ ସମ ଜ୍ୟୋତି ରେଖା,
କୃତାନ୍ତର କରପତ୍ର ପ୍ରାୟେ ତ୍ରାସପ୍ରଦ
ଆବର୍ତ୍ତସନ୍ନିଭତୁଣ୍ଡେ ତୀକ୍ଷ୍ଣଦନ୍ତାବଳୀ;
ଆସୁଛନ୍ତି ଯେଝା ବେଶେ କଳି ପଛେ ପଛେ
କଳି-ଅନୁଚରବୃନ୍ଦ, ସଦା ଧର୍ମଦ୍ରୋହୀ,

ଇନ୍ଦିତଇଚ୍ଛନାଭୂରୁ-ଚାରୁଚାପଧାରୀ
ଅଗ୍ରେ ବିଶ୍ୱଜୟୀ 'କାମ', ପୁଷ୍ପର ମୁକୁଟ
ଶୋହେ ଶିରେ, ପୁଷ୍ପମାଳା ଲମ୍ବିତ ଉରସେ;
ଆସୁଛନ୍ତି ଚଉପାଶେ ବେଢ଼ି ନରାପ୍ସରା
କୁରଙ୍ଗତରଙ୍ଗେକ୍ଷଣୀ, ଚମ୍ପକବରଣୀ,
ବିମ୍ବାଧରୀ, ଘନଲମ୍ବକେଶୀ, ସ୍ୱେରାନନା
ବାରାଙ୍ଗନାତନ୍ତ ରତି ଜିଣି ରୂପବତୀ;
ଚାରୁବକ୍ଷ କୋରକିତ ଉରଜ-କୋରକେ,
ଲାଳସାର ସ୍ୱର୍ଣ୍ଣ ନୀଡ଼ କିଅବା ସେ ବେନି ?
ସୁବଳିତରମ୍ଭାଉରୁ ଆବୃତ ଦୁକୂଳେ,
ଯେଉଁ ଆବରଣ ଭେଦି, ନିଭୃତ ପ୍ରଦେଶେ
ସଂଚରଣେ ଲୋଳ ସଦା କାମୁକକଳ୍ପନା !
ବୀଣାଧ୍ୱନି ସଙ୍ଗେ ଉଠେ ସଙ୍ଗୀତର ଧ୍ୱନି
ସେ ବଜୁଁ, "ହେ ଯୁବାକୁଳ, କ୍ଷଣମାତ୍ର ସ୍ଥାୟୀ
ଯୁବାକାଳ, ମଧୁକାଳ ଏହିଟି ଜୀବନେ !
ଏହା ଜାଣି, ଆନେ ତେଜି, ମଜି ପ୍ରେମରସେ
ପୂରାଅ ଭୋଗର ସ୍ପୃହା, ପୁରୁଷ ଜୀବନେ
ପୁରୁଷାର୍ଥ ଏକା ସିନା ବାମା-ଉପାସନା !
କାମାତୁରା ନବୀନାଙ୍କ କାମନା ପୂରାଉ
ସାର୍ଥକ ପୁରୁଷପଣ କର ଏ ବୟସେ ।"

ଆକ୍ରୋଶେ ଗରଜି 'କ୍ରୋଧ' ଆସେ କାମ ପଛେ
ରକ୍ତଚକ୍ଷୁଃ, ସତେ କି ସେ ଦହିବ ଜଗତ !
ବକ୍ତ୍ରର ଔରସେ, ବାତ୍ୟାଗର୍ଭେ ଜାତ ହୋଇ
ବଢ଼ିବାର ସ୍ତନ୍ୟେ ବଢ଼ିଥିଲା ଯେ ସାଗରେ,
ଭୂକମ୍ପ ଦୋହିରେ ସୁଖେ ଦୋହଲି ଶୈଶବେ,
ମହାଭୟଙ୍କର ରିପୁ ! ରକ୍ତିମା ଜନ୍ମାଇ
ଉପୁଜାଏ ବିରକ୍ତିକି, ବହ୍ନିଶିଖା ଜାଳି
ଉପୁଜାଏ ତମଃ, ଜ୍ଞାନ ବିବେକ ବିଲୋପୀ ।
ସହଚର ରୂପେ ତାର ଆସଇ ସଙ୍ଗତେ

'ହତ୍ୟା', କରବାଳ ହାତେ, ରକ୍ତଲିପ୍ତବାସେ;
ତମ୍ବ ପ୍ରାୟେ ଫଁ ଫଁ ସ୍ୱନେ ନିଶ୍ୱାସି ସଘନେ
ଆସୁଛନ୍ତି ପରିଜନେ, ବହଇ ଅଧରୁ
ଲହୁଧାରା, ନିଜ ଦନ୍ତେ ନିଜକୁ କାମୋଡ଼ି,
କାଳଭୁଜଙ୍ଗିନୀ ପ୍ରାୟେ ଭ୍ରୂକୁଟି ଲଲାଟେ,
ଶୃଙ୍ଗହୀନ ହୋଇ ସୁଦ୍ଧା ଏକକୁ ଆରେକ
ବିନ୍ଧନେ ଉଦ୍ୟତ, ଯେହ୍ନେ ସବତ୍ସା-ଧେନୁକା;
କଥାକେ କଥାକେ ଥୋକେ ଯାଉଛନ୍ତି ରୁଷି,
ରସ ବହ୍ନିଯୋଗେ ଯଥା, କଥାକେ କଥାକେ
ବାଡ଼ିଆବାଡ଼େଇ ହୋଇ ମରନ୍ତି ପାମରେ।
କ୍ରୋଧ ପଛେ 'ଲୋଭ' ସଦା ପ୍ରସାରିତ ପାଣି
ଭିକ୍ଷା ଲାଗି, କାକୁବାଣୀ ନିରତେ ବଦନେ,
ସକଳ ଇନ୍ଦ୍ରିୟେ ସେହି କଲେହେଁ ବସତି,
ଶ୍ରଦ୍ଧା ସମଧିକ ତାର ରସନାନିବାସେ।
ଗୋଡ଼ାଇ ସଙ୍ଗତେ ଯାଜ୍ଞାପଟୁ ଚଟୁଦଳ,
ଅତ୍ୟାହାରେ ରୋଗୀ ପୁଣି ରୋଗେ ଅତ୍ୟାହାରୀ!
ରସନାରୁ ଅହର୍ନିଶ ସ୍ରବୁଅଛି ଲାଳ,
ଗୋଡାନ୍ତି ଏ ଦଳ ସଙ୍ଗେ ଧନଲୋଭୀ ମୂଢ଼େ,
ଧନ ଯାଙ୍କ ପିତା ମାତା ଅଭୀଷ୍ଟ ଦେବତା,
ଅଜ୍ଞାତରେ କନ୍ୟା, କିବା ବନିତା, ଭଗିନୀ,
ଦେବାକୁ ଧନିକେ ତୁଚ୍ଛ ଧନ ବିନିମୟେ।

ଆସେ 'ମଦ', ତୁଙ୍ଗଶିର ଲାଗିଛି ଆକାଶେ
ମହା ଅହମିକାମଉ ହସ୍ତ ବକ୍ଷସ୍ଥଳେ;
ସଙ୍ଗେ ଉପାସକଦଳ ଗମ୍ଭୀର ମୂରତି,
ଉର୍ଦ୍ଧଦୃଷ୍ଟି, ପଦଭରେ ଟଳେ ବସୁନ୍ଧରା,
ଆପଣାକୁ ବଡ଼ ମଣି ସମସ୍ତେ କୁଣ୍ଠିତ
ମହାର୍ଘବଚନବ୍ୟୟେ ମାନହାନିଭୟେ,
ଅହମିକା-କୂପେ କୂପମଣ୍ଡୂକ ସରବେ,
ଧନମଦେ ମଉ କେହୁ, କେହୁ ଜନମଦେ,

ଭଜନର ମଦେ କେହୁ, ପଦେ କେହୁ ଅବା,
କେହୁ ରୂପମଦେ, କେହୁ ଆଭିଜାତ୍ୟମଦେ,
ବିଦ୍ୟାମଦେ, ବୁଦ୍ଧିମଦେ ସ୍ଫୀତ ହୋଇ କେହୁ
ନିଜକୁ ଅତୁଳ ମଣି ଧରା ମଣେ ସାରା !
ଅନ୍ୟଠାରେ ଅବନତ ହୋଇ ଅତିରେକେ
ଅତି ବିନୟର ଭାନ କରଇ ଜେ ପୁଣି,
ଅହଙ୍କାରଶୂନ୍ୟ ବୋଲି ମନେ ଅହଙ୍କାରୀ !

X X X

ଏ ଆଦି ଅଛନ୍ତି ଯେତେ ମହାସେନାପତି
କଳିର କିଲ୍‌ବିଷଦଳେ, ସମସ୍ତଙ୍କୁ ଘେନି
ପ୍ରଚଣ୍ଡ ବିକ୍ରମେ କଳି ଆକ୍ରମିଲା ଆସି
ଭାରତର ଧର୍ମପୁଞ୍ଜେ, ଦୁର୍ଜୟପ୍ରତାପୀ;
ଚିଲିକାର ନୀଳ ବକ୍ଷେ ଶ୍ୱେତହଂସରାଳୀ
ଶରତେ ଯେ କାଳେ ଥାନ୍ତି ରତ ସନ୍ତରଣେ,
କୁଞ୍ଚିତ ଚିଲିକା ବୀଚିପ୍ରହାରେ ଅଟଳ—
ଜଟିଆଜଟାରୁ ଯେବେ ସହସା ସଞ୍ଚାଣ
ମହାଖରବେଗେ ଖସି ଆସେ ଅଧୋମୁଖେ
ବଜ୍ରନଖ, ଅସ୍ତେ ବ୍ୟସ୍ତେ ପକ୍ଷିପନ୍ତି ଯଥା
ପଳାନ୍ତି ଚୌଦିଗ ଉଡ଼ି ଜୀବନବିକଳେ,
କିମ୍ବା ଯଥା କୋଣାର୍କର ଅନନ୍ତସୈକତେ
କେତକୀ-କୁନ୍ତଳକୁଦ୍ଦୁଁ କୁଦି ମହାବଳ
ଆସିଲେ ତଳକୁ ଖସି, ପଳାନ୍ତି ତରାସେ
ଦ୍ରୁତପଦେ କୃଷ୍ଣସାର ସଙ୍ଗେ ମୃଗବଧୂ,
ସଦଳେ କଳିକି ଦେଖି, ବିକଳେ ତେସନ
ଅସ୍ତେ ବ୍ୟସ୍ତେ ଭାରତର ପୁଣ୍ୟପୁଞ୍ଜ ଯେତେ,
ସଭା ଛାଡ଼ି ପଳାଉଣ ଲୁଚିଲେ କେ କାହିଁ;
ପୃଷ୍ଠରକ୍ଷୀ ଏକମାତ୍ର ଧର୍ମସହଚର
'ସାହସ' ପଛକୁ ରହି, କଳିସୈନ୍ୟହାତେ
ହେଲା ବନ୍ଦୀ, ତହୁଁ କାମ କଳି-ଆଜ୍ଞାମତେ
କିଙ୍କରସ୍ୱରୂପେ ତାକୁ ନେଲା ନିଜ ଦଳେ ।

ବିସ୍ମିତ ପୌରବେ ଚାହିଁ ଅନଳ ବିଷାଦେ
କହିଲେ, "ହେ ବୀର, ଏବେ ଦେଖ, କି ଦୁର୍ଗତି
'ସାହସ'ର ହେଲା ଜଳିଶ୍ୱାସନେ ଭାରତେ !
ଭାରତର ରକ୍ଷାପାଇଁ କ୍ଷତ୍ରିୟର ନେତା
ଥିଲା ଆଜିଯାଏଁ ଯେହୁ, ଏବେ ସେହି ସିନା
ଲମ୍ପଟର ସଖା ହେବ ଅଗମ୍ୟାଗମନେ,
ପ୍ରାଚୀର, ପରିଖା, ପୁର ଲଂଘି ଯିବାବେଳେ ।"
ପଳାଇବାବେଳେ ଧର୍ମ ଯାରଥିଲେ ଛାଡ଼ି
ଦିବ୍ୟପରିଚ୍ଛଦ 'ମୌନ' ନାମେ ଅଭିହିତ,
ସାଉଁଟି ସେ ପରିଚ୍ଛଦ 'ଶାଠ୍ୟ' ମହୋଲ୍ଲାସେ
ଅଗ୍ନିଦ, ଗରଦ, କୂଟଲେଖ୍ୟର ଲେଖକ,
ହତ୍ୟାକାରୀ, ସିନ୍ଦିଆଇ, ଚୌରାଦିଙ୍କି ଡାକି
ନିଜ ଦଳୁଁ, ତାଙ୍କ ମୁଣ୍ଡେ ଦେଲା ଶାଢ଼ୀ ବାନ୍ଧି;
ଶାନ୍ତିରକ୍ଷକଙ୍କୁ ମାରି, ତାଙ୍କ ପରିଚ୍ଛଦେ
ନିଜ ବଦ୍ଧେ ସଜ୍ଜୀଭୂତ ଜରର ଯେସନେ
ଲୋକପ୍ରବଞ୍ଚନାପଟୁ ଦୁଷ୍ଟ ଦସ୍ୟୁପତି ।
ବିଷର୍ଣ୍ଣ-ଅନ୍ତରେ ତହୁଁ କୌନ୍ତେୟ ସୁମତି
କହିଲେ, "ହେ ଦେବ, ବଡ଼ ବିଷମ ଏ କଥା !
ଅସହ୍ୟ ଏ ଦୃଶ୍ୟ ମୋର ! ପବିତ୍ର ଭାରତେ,
ବ୍ରାହ୍ମଣର ମନ୍ତ୍ରବଳେ, କ୍ଷତ୍ରବୀର୍ଯ୍ୟବଳେ
ସୁରକ୍ଷିତ ଆର୍ଯ୍ୟଦେଶେ ଘଟିବ ଅନୀତି
ଏତେ ସରି ? ଲାଗେ ବଡ଼ ଅସମ୍ଭବ ମୋତେ !"
ଶୁଣି ହବ୍ୟବାହଦେବ ନିଜ ଦିବ୍ୟ ତେଜ
ସମ୍ବରିଣ, ଉରହାସ୍ୟେ କହିଲେ ପୌରବେ,
"ବ୍ରାହ୍ମଣ କ୍ଷତ୍ରିୟ ଘରେ ସର୍ବ ଅଗ୍ରେ ସିନା
ପଶିବ ଲୌଶଳୀ ଜଳି, ବଲ୍ମୀକସ୍ୱରୂପେ
ପଶିଣ ରୂପତେ ସେହି ଧର୍ମ-ତରୁମୂଳେ,
ଅଲକ୍ଷିତେ କୋରି ମୂଳ, ଅନ୍ତଃସାର ହରି
କଳ୍ପଜୀବୀ ସେ ଦୁମର, ଦୂରୁ ଡାଳିଆଣି
ଯବନଙ୍କୁ, ତାଙ୍କ ହସ୍ତେ ଗଡ଼ାଇବ ଭୂମେ,

ଅସାଧ ସେ ବ୍ୟାଧି, ଯାହା ଭାରତର ଦେହେ
ଘୋଟିବ, ଜାଣି ନ ଥିବେ ଧାନେ ଧନ୍ୱନ୍ତରି !
ସୁଶ୍ରୁତର ଶଲ୍ୟ-ତନ୍ତ୍ର ହାରିବ ସେ ରଣେ !
ନୁହଇ ଉଚିତ ଆଉ ରହିବାର ଏବେ
ବହୁଦିନ ଏ ଭାରତେ, ତୀର୍ଥାଟନ-ବ୍ରତ
ସାରି ହେ ଭାରତ, ବେଗେ ଯାଅ ହିମାଚଳେ;
ଧର୍ମେ ଏକତାନମତି, ଧର୍ମ ପକ୍ଷପାତୀ
ତୁମ୍ଭେ, ବୀର, ଅନାଚାର ଦମନେ ଅକ୍ଷମ
ହୋଇ, ଦହି ହେବ ସିନା ଆପେ ଅନୁତାପେ,
ବନ୍ଦୀ ପତି ଯେହ୍ନେ ପତ୍ନୀଲାଞ୍ଛନା ଦର୍ଶନେ ।
ଆସୁଛି ପାପର ବନ୍ୟା, ଭାରତଭରସା
ପାପ-ଜଳେ ଦ୍ୱୀପରୂପୀ ମହତ ଯେ ଜନ
ବୁଡ଼ିଯିବ ସିନା, ଆହା, ଏ ଘୋର ପ୍ଲାବନେ ।
ତୁମ୍ଭ ପରି ସୁଚନ୍ଦନଦ୍ରୁମ ପାରଁ ଆଉ
ନ ଥିବଟି ଠାବ ଏହି ବିଷବଲ୍ଲୀବନେ ।
ଧର୍ମ-ଅନୁଷ୍ଠାନବ୍ରତେ ସହାୟ ବିହୁନେ
ସାଧୁର ଜୀବନ ହେବ ମହାବିଡ଼ମ୍ବନା
ମହାଅନର୍ଥର ହେତୁ ହେବ କାଳବଶେ
ଧୈର୍ଯ୍ୟ, ବୀର୍ଯ୍ୟ, ପ୍ରତିଭାଦି ମହତ୍ତ୍ୱ ଯା କିଛି
ପୁରୁଷର, କାପୁରୁଷ-ପ୍ଲାବିତ ଭାରତେ;
କଳିଶିଷ୍ୟ-କୁକ୍ଷିମ୍ଭରୀ-ଦ୍ୱିଜାତି-ଦୁଷ୍ଟି-
ଯୋଗେ ନାରଖାର ହେବ ଅଚିରେ ଏ ମହୀ ।
ସେହି ଦେଶ, ସେହି ଗିରି, ସେହି ନଦନଦୀ,
ନଗର, ନଗରୀ, ତୀର୍ଥ, ଆଶ୍ରମାଦି କରି,
ସର୍ବେ ଥିବେ ପୂର୍ବପରି, ମାନବେ କେବଳ
ନାମକୁ ମାନବ ରହି ପଶୁଠାରୁ ହୀନ
ହୋଇଯିବେ ଯୁଗଧର୍ମେ ଭାରତମଣ୍ଡଳେ ।''

(ଆଂଶିକ)

●●

ରାଧାନାଥ ରାୟ

ଶିବାଜୀଙ୍କର ଉତ୍ସାହ ବାକ୍ୟ

ଉଠ ଉଠ ଆହେ ସମଯୋଧଗଣ
କରେ କରବାଳ ପଶ ସମରେ
ଦେଖ ଦେଖ ଦୂରେ ଆସିଛି ଯବନ
ଉଡୁଛି ଖେତନ ବାୟୁ ଲହରେ ।
ଆସୁଅଛି ଅଶ୍ୱ ଆସୁଛି ଦ୍ୱିରଦ
ଆସୁଛନ୍ତି ସେନା ଜିଣିବା ଆଶେ,
ବାଜେ ରଣଶିଙ୍ଗା ଶୁଭୁଛି ଶବଦ
ମେଦିନୀ ସ୍ତବଧ ହେଉଛି ତ୍ରାସେ ।
ବଜା ରଣଶିଙ୍ଗା ଆରେ ଶୃଙ୍ଗଧର
ଶତ୍ରୁଶିଙ୍ଗା ଶୁଣି କେବେ ନାରବ
ମହାରାଷ୍ଟ୍ର ଶିଙ୍ଗା ? କେବେ ନିରୁତ୍ତର
ମହାରାଷ୍ଟ୍ର ଶୁଣି ଶତ୍ରୁ ମରତ ?
ଏ ଭାରତଭୂମି ଆମ୍ଭର ଜନନୀ
ପୁଣ୍ୟଭୂମି ନାହିଁ ସରି ଏହାର,
ଅମୂଲ୍ୟ ଦୁର୍ଲ୍ଲଭ ଯତନର ଖଣି
ସବୁ ଦେଶ ମଧେ ଏ ଦେଶ ସାର ।
ଏ ଦେଶ କୀରତି ଏ ଦେଶ ଗୌରବ
ଏ ଦେଶ ବିଭବ ଏ ରବି ତଳେ
ଆଉ କାହିଁ ନାହିଁ ସମସ୍ତ ନିଷ୍ପ୍ରଭ
ହେଲା-ଟି ମନୁଷ୍ୟ ଜରମ ଫଳେ ।
ଏମାନ ଆମ୍ଭଙ୍କୁ ପ୍ରଭୁ ଦେଇଥିଲେ
ଦେଇଥିଲେ ବାହୁ ଦେଶ ରକ୍ଷଣେ
ଯେଦିନୁ ହିନ୍ଦୁଏ ଏକତା ଛାଡ଼ିଲେ
ପ୍ରମାଦ ପାଟିଲେ ଦୁଷ୍ଟ ଯବନେ ।
ସେହିଦିନୁ ଆର୍ଯ୍ୟ- ଗୌରବ-ତପନ
ଦାସ୍ୟ-ତମଃ ବିଭୁନୀରେ ବୁଡ଼ିଲେ,
ସେହିଦିନୁ ଆର୍ଯ୍ୟେ ଛାଡ଼ିଲେ ବନ୍ଧନ
ଅଳ୍ପ ହୋଇ ଆର୍ଯ୍ୟ ଧର୍ମ ହୁଡ଼ିଲେ ।

ଦୂରନ୍ତ ଯବନ ହେଲା ଏକେଶ୍ୱର
କ୍ଷତ୍ରିୟ ପ୍ରଭାବ ହେଲା ଅଳୀକ
ଆମ୍ଭର ସ୍ୱଦେଶ ନୁହେଁ ଏ ଆମ୍ଭର
ଧିକ ଧିକ ଆମ୍ଭ ବାହୁକୁ ଧିକ ।
ନାହିଁ ଆମ୍ଭ ଲୋଭ ଅନ୍ୟ ଦେଶ ପରେ
ସ୍ୱଦେଶରେ ସୁଖ ଅଛି ପ୍ରଚୁର
ନିଜଘର ସୁଖ ଭୁଞ୍ଜିବାକୁ ଘରେ
ଇଚ୍ଛା ଯେବେ, କର ଯବନ ଦୂର ।
ସମସ୍ତ ଭାରତ କଲା କରଗତ
ଦୂରନ୍ତ ଯବନ ସବୁ ଗ୍ରାସିଲା,
ତେବେହେଁ ଅତୃପ୍ତ ଜନ୍ମ ପରବତ
ଆମ୍ଭର ନେବାକୁ ସେନା ପେଷିଲା ।
ବାନ୍ଧ ହେ ସାହସ ଉଠ ଅସି ଘେନି
ବୀରର ସମ୍ବଳ ସେତିକି ସିନା
ମହାରାଷ୍ଟ୍ର ପାଶେ ଯାବତ ଏ ବେନି
ତାବତ ଏ ଭୂମି ନୋହେ ଅଧୀନ ।
ଶୁଣିଅଛ ଯୋଧେ ! ଦୁର୍ଗାବତୀ କଥା
ଶୁଣି ତ ଅଛ ତା ଧୀର ସାହସ,
ନାରୀ ହୋଇ ଯୁଦ୍ଧେ ଦେଲା ନିଜ ମଥା,
ଜୀବନ୍ତେ ନ ହେଲା ଯବନ ବଶ ।
ପରିଜି ନୋହିବ ସେହି ଅବଳାର ?
କ୍ଷତ୍ରିୟ ବୋଲାଅ ଅଟ ପୁରୁଷ !
ଦାସତ୍ୱ-ଶୃଙ୍ଖଳ ପିନ୍ଧିବ ଗଳାର
ଶିରେ କି ସହିବ ରିପୁ ଅଙ୍କୁଶ ?
ଶୂର କୁଳେ ଜାତ ଅଟ ତୁମ୍ଭେ ଶୂର,
ଶୂର କୁଳବିଧି ଅରାତି-ବଧ,
ନୋହିଲେ ମରଣ ଅଟଇ ମଧୁର
ବହାର ଅରାତି-ଶୋଣିତ-ନଦ ।

ସୋମନାଥ ତାଥି ଦୁର୍ଦଶା ସୁମର
କି ନ କଲେ ତହିଁ ଜୁର ଯବନେ ?
ହରିଲେ ରତନ କାଞ୍ଚନ ବିସ୍ତାର
ଦେଖି ନ ଥିଲେ ଯା ହେବେ ସ୍ୱପନେ ।
ସ୍ତ୍ରୀ ବାଳକ ଦଶା କି ହେବ ସୁମର
ଶୂର ତୁମେ, ନିଜ ନାରୀ ଲାଞ୍ଛନା
କେମନ୍ତେ ସହିବ ? ଏ ଜୀବ ଦେହରେ
ଆଉଁ କି ଭୋଗିବ ଏଡ଼େ ଯନ୍ତ୍ରଣା ?
କୋମଳା କାମିନୀ— କୁତ୍ତଚ କରଖି
ନିଜ ଅନ୍ତଃପୁରେ ଜେବ ଯବନ,
ଏ ଘୋର ଲାଞ୍ଛନା ଦେଖିବ କି ବସି
ସମ ଅଶ୍ରୁସିକ୍ତ କରି ନୟନ ?
ଅରାତିର ତେଜ ଜର ହେ ନିର୍ବାଣ,
ଅରାତି ଶୋଣିତ ଜର ତିଳକ,
ଅରାତି ରତନ ଜର ହେ ଶ୍ମଶାନ
ଅରାତିରୁ ଆଣୁ ଟ୍ରେରି ନରକ ।
ଆସୁଛି ଦୂରତ ମହାଦମ୍ଭ ଭରେ,
ବୀରସିଂହେ, ଜର ଚୂର୍ଣ୍ଣ ସେ ଦମ୍ଭ ।
ଉଚ ରଣରଙ୍ଗେ ରଣଭୂମି ପରେ
ଅରାତି ମସ୍ତକେ ବିଜୟ-ସ୍ତମ୍ଭ ।
ଉଠ ଉଠ ମହା— ରାଷ୍ଟ୍ର ଶୂରଜୁଟ
ଆର୍ତ୍ତ ଜନ ମହା ରିପୁ ଭଜତେ,
ନନ୍ଦୀ ମହାବୀର ତ୍ରିଶୂଟି-ତ୍ରିଶୂଟ
ଜରେ ଘେନି ଯିବେ ଆସ ସଜତେ ।
ପୁରି ଦେବଦେବ ପଶ ରଣସଙ୍ଗେ
ତ୍ରିଶୂଳର ଛାୟା ଦେଖି ଆକାଶେ,
ଧୂମକେତୁ ପ୍ରାୟେ ଭୟଙ୍କର ଢଙ୍ଗେ
ଧୂମକେତୁ ଏହୁ ରିପୁ ବିନାଶେ ।

ରାଧାନାଥ ରାୟ

ଯାବତ ଦେହରେ ବହେ ପ୍ରାଣବାୟୁ
ଶୁରେ ? ନ ବିମୁଖ ହୁଅ ସମରେ,
ମାର ଅବା ମର ଏଥୁଁ ଅନ୍ୟ ଆଉ
ନ ଘଟୁ ଯେମନ୍ତେ ତୁମ୍ଭ ଭାଗ୍ୟରେ
ଏ ରେବା ତଟିନୀ ଯାବତ ବହିବ,
ଯାବତ ଏ ଗିରି ଟେକିବ ଶିର,
ତୁମ୍ଭ ଶୁକ୍ଲଯଶଃ ତାବତ ରହିବ,
ମରି ଅମରତା ଲଭ ମହୀର ।

●●

ଉତ୍ତର ମେଘ

ଅଳକା ହର୍ମ୍ମ୍ୟେ ରାଜେ ନବ ଯୋଷିତ
ତୋ ଅଙ୍ଗେ ନୀରଧରସ୍ପର୍ଶ ତଡ଼ିତ;
ଅଳକା ସୌଧେ ଚିତ୍ର ମୋହେ ନୟନ
ଇନ୍ଦ୍ର କୋଦଣ୍ଡ ତୋର ଅଙ୍ଗେ ଯେସନ ।
ତୋ ସ୍ନିଗ୍ଧ ମନ୍ଦ୍ର ନାଦ ପରାଏ ତହିଁ
ମୁରଜ ମନ୍ଦ୍ରନାଦ ନିତ୍ୟ ଝୁରଇ;
ଉହ୍ଲ ମଣି-ରଶ୍ମି ପ୍ରାଙ୍ଗଣେ ତାର
ଯେସନେ ଗର୍ଭେ ତୋର ଶୁକ୍ଲ ଆସାର ।
ପୁଷ୍ପଭୂଷଣପ୍ରିୟ ନାଗରୀ ବଳ-
କରେ ଶୋଭଇ ଯହିଁ ଲୀଳାକମଳ,
ଅଳକେ କୁନ୍ଦକଳି ରାଜେ ମୋହନ
ଲୋଧ୍ର ପରାଗେ ପାଣ୍ଡୁ ଚାରୁ ଆନନ ।
ରମ୍ୟ ଶିରୀଷେ ଶୋହେ ଶ୍ରବଣ-ମୂଳ
ସୀମନ୍ତେ ଶୋହେ ନବ କଦମ୍ବ ଫୁଲ,
ବକୁଳମାଳ-ଶୋଭି ଘନ ଜଘନ
ମନ୍ଦାର-ଶୋଭି କେଶ ଚୁମ୍ବେ ଚରଣ ।
ନିତ୍ୟ କୁସୁମ ଯହିଁ ତରୁନିକରେ
ନିତ୍ୟ ମୁଖର ମଧୁକର ଗୁଞ୍ଜରେ,

ରାଜହଂସ-ରସନା ସରସୀରୁହ
ପୂଣ୍ଣପଙ୍କଜ-ବ୍ରତେ ନିତ୍ୟ ମଜ୍ଜୁଳ ।
ଉଦ୍‌ଗ୍ରୀବ ହୋଇ ନିତ୍ୟ ଗୃହମାୟୂର
ଗମ୍ଭୀର କେକାରବେ ପୂରନ୍ତି ପୁର,
ପୂଧାକର କିରଣେ ନିତ୍ୟ ଚିମ୍ବିର
ଦୂର ହୋଇ ପ୍ରଦୋଷ ଦିଶେ ରୁଚିର ।
ଅନ୍ଧକାରେ ଲୋତକ ପୁଞ୍ଜରୁ ବହେ
ଆନ ପୀଡ଼ା ଅଭାବେ ଅନଙ୍ଗ ବହେ,
ଅନଙ୍ଗ ପୀଡ଼ା ପ୍ରତିକାର ପ୍ରଚୁର
ଅଛି ତହିଁ, ତେଣୁ ସେ ପୀଡ଼ା ମଧୁର ।
ମାନ ବିହୂନେ ନାହିଁ ଆନ ଜଳହ,
ମାନଜ ବିନୁ ନାହିଁ ଆନ ବିରହ,
ଆନ ବୟସ ନାହିଁ ବିନା ଯୌବନ
ଏଜଗତ୍ରେ ସର୍ବ ଋତୁ-ପୁଞ୍ଜ ନିଜନ ।
କୁସୁମତାଉଜିତ ମଣି-ପ୍ରାସାଦେ
ମଧୁ ପିଅନ୍ତି ଯଖେ ମନ ପ୍ରସାଦେ,
ଅବସର ଛଡିଣ ମାନଜେତନ
ପୁଷ୍ପ-ବିଶିଖେ ଅଙ୍ଗ ଦିଏ ବହନ ।
ବର ଯୁବତୀବ୍ରଜ ବସନ୍ତି ପାଶେ
ବାସଇ ସମୀରଣ ସୁରଭି ଶ୍ୱାସେ,
ମୁରଜ ମନ୍ଦ୍ରନାଦ ପୂରଇ ପୁର
ଜାମିନୀ ଜଳକଣ୍ଠ ଶୁଣେ ମଧୁର ।
ମନ୍ଦାକିନୀ ପୂଲିନେ ମନ୍ଦାର ତଳେ
ଖେଳନ୍ତି ବାଳାବ୍ରଜ ବସି କୂଳରେ,
ନିର୍ମଳ ବାରିବିନ୍ଦୁ ବହି ପବନ
ସେବନ ଛଳେ ବସ୍ତ୍ର ପରଶେ ଘନ ।
କନକ ସିକତାରେ ଲୁଚାଇ ମଣି
ଲୋଡ଼ନ୍ତି କଉତୁକେ ବରବରଣୀ,
ରଙ୍ଗ ଅମ୍ବରେ ତପୁ ଶୋହେ ସୁନ୍ଦର
ରଙ୍ଗ ଅମ୍ବୁଜେ ଯେହ୍ନେ ପାତ କେଶର ।

ମଧୁସୂଦନ ରାଓ

କାମେ ଉନ୍ମୁଖ କାନ୍ତ ଦୁକୂଳ ହରେ
ସୁନ୍ଦରୀ ଦିଗମ୍ବରୀ ଥରେ ଲାଜରେ,
ସମ୍ମୁଖେ ରତ୍ନଦୀପ ଉହ୍ଲଇ ଜଳେ
ନିର୍ବାଣ ଆଣେ ହିମଉଜ ବିପଳେ ।
ଫିଙ୍ଗଇ ବରାଙ୍ଗନା ପ୍ରଦୀପ ପ୍ରତି
ବ୍ୟର୍ଥ ଯତନ ଦେଖି କୌତୁକୀ ପତି,
ଭାସନ୍ତି ପ୍ରେମନୀରେ ତହୁଁ ଉଭୟେ
ଭିଡ଼ନ୍ତି ପରସ୍ପର ଅଙ୍ଗ ନିର୍ଦ୍ଦୟେ ।
ସରମେ ରସବତୀ ରମଣ ଚିତ୍ତ
ରସାଇ ଅନୁରାଗ କରେ ଦୀପିତ,
ସରମେ ଶଶି-ମୁଖୀ ମୁଖମାଧୁରୀ
ଧୈର୍ଯ୍ୟ ଅଙ୍କୁରକୁ ସେ କାମ କଡୁରୀ ।
ପଦ୍ମୋଦରସୋଦର ବର ବଦନେ
ଲାଜରାଗ ଉଜଳେ ରାଗ ରମଣେ,
ସୁନ୍ଦର ଦରସ୍ମିତ ତା ସଙ୍ଗେ ମିଶେ
କମଳେ ରବିବିମ୍ବା ତା ସରି କି ସେ ?

(ଆଂଶିକ)

●●

ମଧୁସୂଦନ ରାଓ

ସୁନ୍ଦର ସଂସାର

ଆକାଶ ବିଶେ କି ସୁନ୍ଦର
ତାହାକୁ ରଚିଛେ ଈଶ୍ୱର ।
ଉହ୍ଲଇ ସୂର୍ଯ୍ୟ ଚନ୍ଦ୍ର ତାରା
ନୀଳ ସମୁଦ୍ର ଶ୍ୟାମ ଧରା
ପର୍ବତ ନଦୀ ତରୁମାନ
ସୃଜିଛେ ପ୍ରଭୁ ଭଗବାନ ।

ମଧୁସୂଦନ ରାଓ

ନାନା ବର୍ଣ୍ଣର ଫୁଲପତ୍ର
ବୃକ୍ଷର ପଲ୍ଲବ କୋମଳ
ମନୁଷ୍ୟ ପଶୁ ପକ୍ଷୀ ଆଦି
ସଜଳ ସୃଜିଲେ ଅନାଦି ।
ତାଙ୍କରି ଆଜ୍ଞାରେ ପବନ
ସର୍ବତ୍ର କରେ ବିଚରଣ ।
ଅଗ୍ନି ତାଙ୍କର ଆଦେଶରେ
ଉତ୍ତାପ ତେଜ ଦାନ କରେ ।
ଈଶ୍ୱର ଦୟାର ସାଗର
ତାଙ୍କର ମହିମା ସୁମର ।

●●

ନଦୀ ପ୍ରତି

ଗିରିବରନନ୍ଦିନୀ ଅଟୁ ତୁହି ତଟିନୀ
ଗଭୀର ଗହ୍ୱର ଗର୍ଭରେ
ଥିଲୁ ତୁ ଗର୍ଭବାସେ ନିରୋଳେ ଅପ୍ରକାଶେ
ଲୋକଲୋଚନ ଅଗୋଚରେ,
କନ୍ଦରେ ଜନନୀ କୋଳରେ
ଜନମି ଶୋଇଲ ଭୋଳରେ
କି ସ୍ୱପନେ ମଗନ ଥିଲା ତୋହର ମନ
ଅଜ୍ଞାନ ଶୈଶବ କାଳରେ ।

କ୍ରମେ ଜନୁ-ଜନ୍ଦରେ ଅଦଭୁତ ହୃଦରେ
ପଶିଲା ତାକ ଜଗତର ।
ଭାଜିଲା ତୋ ସ୍ୱପନ ମେଲିଲୁ ତୁ ନୟନ
ଦେଖିଲୁ ଦିବ୍ୟ ରବିକର ।
ନିଜସେ ସ୍ୱର୍ଣ୍ଣରେଖା ପରି
ପତିତ ବକ୍ଷରେ ତୋହରି
ସେ କର ଦରଶନେ ଥର ଥର କମ୍ପନେ
ଥରିଲୁ ବେଗେ ଝରି ଝରି ।

ପୁଣି ବ୍ୟୋମବିହାରୀ ବିହଙ୍ଗମେ ବାହାରି
ଗଗନେ ଗାଇଲେ କି ଗୀତ
ତୋର ହୃଦ-କନ୍ଦର ଭେଦିଲା ସେହି ସ୍ୱର
ହେଲା ତୋ ପ୍ରାଣ ଆକୁଳିତ,
ବୋଇଲୁ ହୋଇ ଛନ ଛନ
କେ ଢାଳିଲା ଶ୍ରବଣେ ଅମୃତ ନିମନ୍ତ୍ରଣେ
ଜରି ମୋ ମନ ଉଚ୍ଚାଟନ ।

ମେଘ ମନ୍ଦ୍ର ଆବର ଧ୍ୱନିଲା ଆକାଶର
ତୋ ପ୍ରାଣ ଆବେଗ ବଢ଼ାଇ,
ତା ସଙ୍ଗେ ବର୍ଷା ବାରି ସୁମଧୁରେ ଝଙ୍କାରି
ପଡ଼ିଲା ତୋ ଚକ୍ଷରେ ଯାଇ ।
ତୋ ହୃଦ ନୋହିଲା ସମ୍ଭାଳି
ବୋଇଲୁ ହୃଦ ଦେବି ଢାଳି,
ବାରିବ କିଏ ମୋତେ ? ଯିବି ମୁଁ ବହି ସ୍ରୋତେ
ମୋ ଦିନ ଗଲା ରାଢି ରାଢି ।

ସଂଜଝ ଅନୁସରି ତେଜିଲୁ ଗିରିଦରୀ
ଉହୁଡି ପଡ଼ିଲୁ ବାହାରେ
ବିଶାଳ ଶିଳା ରାଶି ଭେଟିଲୁ ବାଟେ ଆସି,
ରୁଦ୍ଧ ତୋ ପଥ ସେ ବାଧାରେ ।
ତହୁଁ ତୁ ଉଗଡେ ଅନାଇ
ହୃଦୟେ କି ଅଭୟ ପାଇ
ଗର୍ଜି ଅତି ପ୍ରଚଣ୍ଡେ ଚାଡ଼ିଣ ଶିଳାଖଣ୍ଡେ
ତା ପଛେ ଗଲୁ ତୁ ଗୋଡ଼ାଇ ।

ହୃଦୟ ଅନୁରାଗେ ଧାଇଁଲୁ ଯେତେ ଆଗେ
ଆପଣା ପଥ ଆପେ ଗଢ଼ି
ବିଘ୍ନ-ବ୍ୟାଘାତ ରାଶି ଚାଣ୍ଡେ ଯାଆନ୍ତେ ଭାସି
ଆନନ୍ଦ ତୋର ଗଲା ବଢ଼ି ।

ଆନନ୍ଦେ ବିମଳ ତରଙ୍ଗ
ତୋ ମୂର୍ଚ୍ଛି ହିଣ୍ଡିଲା ଉତ୍ତୁଙ୍ଗ
ଜଳଜଳ ନାଦରେ ତୋ ଜଶ ହର୍ଷରବେ
ଘୂରିଲା ଘାତ ଅନର୍ଗଳ ।

ଗିରିଭୂମି ବରଷି ମହାନନ୍ଦେ ଘରଜି
ତୁ ଅବତରିଲୁ ଭୂତଳେ
ତୋତେ ଦେଖିବା ପାଇଁ ଜଶ ଦିଗରୁ ଧାଇଁ
ଆନନ୍ଦେ ଆସିଲେ ସ୍ୱଜନେ ।
ଫେନିଳ କଲ୍ଲୋଳ ତୋହର
ଚଞ୍ଚଳ ଜଳ ଜଳ ସ୍ୱର
ବିମଳ ଜଳରାଶି ଆନନ୍ଦେ ପରକାଶି
ମୋହିଲୁ ସକଳ ଅନ୍ତର ।

ତହୁଁ ମଙ୍ଗଳଧ୍ୱନି ଅନ୍ତରୀକ୍ଷ ଅବନୀ
ବ୍ୟାପିଲା ତୋଟି ଜଶୁ ସ୍ଫୁରି
ଶୁଣି ସେ ଶୁଭ ଗାତି ଶୁଭ୍ର ଅମୃତ ପ୍ରୀତି
ରସେ ତୋ ହୃଦ ଭରା ପୂରି ।
ପ୍ରବାହ ହେଲା ବିସ୍ତାରିତ
ସ୍ରୋତ ସୁଘେ ବିମଣ୍ଡିତ,
କେତେ ଗିରିକୁମାରୀ ତଟିନୀ-ସୁକୁମାରୀ
ମିଳିଲେ ଆସି ତୋ ସହିତ ।

ଆଲିଙ୍ଗିଲୁ ଆଦରେ ଧରି ସଖୀଙ୍କୁ ଜରେ
ହୋଇଲୁ ମିଶି ଏକାକାର
ଭଉଁରୀ ଖେଳେ ମାତି ଚଳିଲୁ ଦିବା ରାତି
ବିସ୍ତାରି ପ୍ରବାହ ଉଦାର,
ଦେଖିଲୁ ତୁଇ ପାରୁଶରେ
ଲାଗିଛି ଲୀଳା ନିରନ୍ତରେ
ବହୁ ଗ୍ରାମ ନଗର ବଡ଼ କ୍ଷେତ୍ର ପ୍ରାନ୍ତର
ଦେଖିଲୁ ତୋ ଚାରୁ କୋଳରେ ।

ଯାଉଁ ଯାଉଁ ପଥରେ ମୀନ-ନକ୍ର-ମକରେ
ମାଗିଲେ ଶରଣ ତୋହର,
ବିସ୍ତାରିଣ କଲ୍ଲୋଳ ଆଦରେ ଦେଲୁ ଢୋଳ
ସକଳ ଜୀବ ସୁଖକର,
ବକ୍ଷରେ ବହିଲୁ ତରଣୀ
ମଣ୍ଡିଲୁ ଯତନେ ଧରଣୀ
ଶ୍ୟାମଳ ଦୁର୍ବାଦଳେ ପତ୍ର କୁସୁମ ପଳେ
ଯେଣୁ ତୋ ଜଳ ସର୍ଶମଣି ।

କାହିଁ ଦେବମନ୍ଦିରେ ଭକ୍ତଗଣ ଗମ୍ଭୀରେ
ପଢ଼ନ୍ତି ସ୍ତବ ଶୁଦ୍ଧମନେ
କାହିଁ ଲୋକଗହଳ ବିକା କିଣା ଚହଳ
କାହିଁ ଚଷନ୍ତି ଚାଷୀ ଜନେ,
କାହିଁ ବା ଚାଟେ ଚାହାଳିରେ
ପଡ଼ନ୍ତି ପୋଥି ଧୀରେ ଧୀରେ
କାହିଁ ବସିଛି ହାଟ କାହିଁ ରାଉଳ ଘାଟ
ରଚିତ ସୋପାନ ଶ୍ରେଣୀରେ ।

କାହିଁ ଦଉଡ଼ି ଧଇ ଚରାଏ ଗୋ-ବାହୁରା
[redacted]
କାହିଁ ଧାନ ଅମଳ ଦଉଡ଼ ବୃଷାଦଳ
ଖଳାରେ ବେଢଇଁ ପଦାଉ,
କାହିଁ ବା ତଟ ଜାନନରେ
ଗ୍ରାମ ଶାର୍ଦ୍ଦୂଳ ବିଚରେ
କାହିଁ ଗ୍ରାମ ଶ୍ମଶାନେ ଗୃଧ୍ର ଶୃଗାଳ ଶ୍ୱାନେ
ବୁଲନ୍ତି ବିକଟ ନାଦରେ ।

ଏମନ୍ତେ ବହୁ ଦେଶେ ବୁଲି ତୁ ଅବଶେଷେ
ମାର୍ଗରେ ରେଟିଲୁ ଚୁଆର,

ଦେଖିଲି ଆହା କି ଉଦାର,

ଜୁଆର କ୍ରମେ ବାହୁଡ଼ିଲା
ତୋ ତନୁ କୃଶତା ଭଜିଲା
ପୁଣି ଜୁଆର ଉଚ୍ଚା ଭାଗ୍ୟର ହଟହଟା
ଜୀବନେ ତୋହର ଘଟିଲା ।

କିନ୍ତୁ ତୁ ଗଲୁ ଚଢି ଦୁର୍ଦ୍ଦଶା ଦାଉ ବଢି
ଜି ମହାଧୃତି ହୃଦେ ଧରି,
ବିଧାତାର କୃପାରେ ସୁଚିପୁଚ ବିସ୍ତାରେ
ପୂରିଲା ପରାଣ ତୋହରି,
ପଶିଲା ଏବେ ତୋ ଶ୍ରବଣେ
ସାଗର ଘୋଷ ଶୁଭକ୍ଷଣେ
ଉଲ୍ଲାସେ ଉନ୍ମାଦିନୀ ହେଲୁ ତୁହି ତଟିନୀ
ଧାଇଁଲୁ ସାଗର ସଦନେ ।

ଚାହୁଁ ଚାହୁଁ ସୁନୀଳ ସମୁଦ୍ରେ ତୋ ସଲିଳ
ଦେଲୁ ତୁ ଢାଳି ମହାପୁରେ,
ଅନନ୍ତ ସିନ୍ଧୁ ପଙ୍କେ ମିଶିଗଲୁ ଜି ରଙ୍ଗେ
ସକଳ ଭେଦ ଫିଟି ଦୂରେ,
ଲହରୀ ହାରଜ ହାର
ତୋ କଣ୍ଠେ ତହୁଁ ପାରାବାର
ଉମାଇ ମହାନନ୍ଦେ ଗାଏ ଗାୟତ୍ରୀ ଛନ୍ଦେ
ତୋ ସଙ୍ଗେ ସଙ୍ଗୀତ ଉଦାର ।

●●

୧୧. ଶରତ ପ୍ରଭାତ

ଛାଡ଼ି ବନ୍ଧୁ ନଗର ଚହଳ,
ଯିବା ଚାଲ ଯେଉଁ ସ୍ଥାନେ ଗୋପାଳ ବୃଷକମାନେ
ଆନନ୍ଦେ କାଟନ୍ତି ଦିନ ସୁଖେହୁ ବିମଳ,
ଯାହାଙ୍କର ଚିରାକାଶ ସର୍ବଦା ଉଜ୍ଜ୍ୱଳ ।

ମଧୁସୂଦନ ରାଓ

ବହୁ ଏହି ଶରତ ସମୟ,
ଗ୍ରାମରେ ବୁଲିବା ଆଜି ଦେଖିବା କେମନ୍ତେ ସାଜି
ପ୍ରକୃତି ସୁନ୍ଦରୀ ହରେ ରାବୁଜ ହୃଦୟ,
କରିବା ବିବିଧ ରଙ୍ଗେ ଚିତ୍ତ ବିନିମୟ ।

ପଲ୍ଲୀଶୋଭା ବଢ଼ଇ ବଚନ.
ଦିନମଣି ପ୍ରତ୍ୟାଗମେ ଶତ ଶତ ବିହଗମେ
କରନ୍ତି ସଙ୍ଗୀତ ଯେହ୍ନେ ବୈତାଳିକଗଣ
ଦେଖି ଅରାତିବିଜୟୀ ଭୂପ ଆଗମନ ।

ଏବେ ମନ୍ଦ ସମୀର ସଞ୍ଚରେ,
ଚୁମି ପୁଲ ନଦୀ ପୂର୍ଣ୍ଣେ ସଦା ପ୍ରେମଜାଣ ବର୍ଣ୍ଣେ
ଇଚ୍ଛେ ଉଯେ ଆହା ତହୁଁ ପୁଲ ଥରଥରେ,
ନଦୀ ଜଳଜଳେ, ପୁଣି ପର୍ଣ୍ଣ ମରମରେ ।

ବନେ ଭ୍ରମେ ବିଭ୍ରମୀ ଭ୍ରମର,
ଯେ ପୁଷ୍ପର ଗନ୍ଧଧନ ହରିଥାଏ ସମୀରଣ
ଘ୍ରାଣରେ ତେଜେ ତାକୁ ଯେସନ ନାଗର,
ଦେଖି ତାର ବନିତାର କୁଳଟା ବେଭାର ।

ନିରେଖିବା କୁସୁମ ନିକର,
ଭାରତେ କବିସମ୍ଭ ରମ୍ୟ କୁମୁଦ କମଳ
ଅସିତା ଅପରାଜିତା ମାଳତୀ ସୁନ୍ଦର,
ସୁକୁମାର ଶେଫାଳିକା ଧବଳ ଟଗର ।

କି ସୁନ୍ଦର ଜେଦାର ଶ୍ୟାମଳ,
ତହିଁ ଶସ୍ୟାବଳୀ ରଙ୍ଗେ ଖେଳୁଣଥାନ୍ତି ତରଙ୍ଗେ
ତା ଦେଖି ଆନନ୍ଦେ ଗାଏ କୃଷକ ସରଳ,
କିଏ ସୁଖୀ ନୋହେ ଆଶା ହୋଇରେ ସଫଳ ।

ହାସ୍ୟମୟୀ ଉଷା ଆଗମନେ,
ତେଜିଣ ବେଗେ ପହୁଡ଼ ଗୋଧନ ଘେନି ଉଉଡ଼
ବଜାଇ ବଜାଇ ବଂଶୀ ପୁଲଜିତ ସ୍ୱନେ,
ଗୋଷ୍ଠକୁ ଗମଇ ଧୀରେ ଆହ୍ଲାଦିତ ମନେ ।

କାଞ୍ଚେ ଘେନି ସଲିଳ କଳସ,
ପଲ୍ଲୀସୀମନ୍ତିନୀଗଣ ରଙ୍ଗେ କରନ୍ତି ଗମନ
ଅନାଇ ଜଳ-ଦର୍ପଣେ ମୁଖ-ତାମରସ,
ମୁଗ୍ଧ ହୋଇ ନିଜ ରୂପେ ଲଭନ୍ତି ହରଷ ।

ନଦୀ କୂଳେ ସରୋବର ତୀରେ,
ସରଳା କୁମାରୀଚୟ ତୋଳି ନୀଳ କୁବଳୟ
ପୂଜନ୍ତି ଦେବ ଶଙ୍କରେ ବାଲୁକାମନ୍ଦିରେ,
ଜଳାର୍ଦ୍ର କୁନ୍ତଳ ଧୀରେ କମ୍ପଇ ସମୀରେ ।

●●

୧୨. ଯୌବନର ସ୍ୱପ୍ନ

(୧)

ଜୀବନର ମଧୁମାସ ନବୀନ ଯୌବନେ
ନବୀନ ହୃଦୟେ ଯେବେ ଲୋଡ଼ର ବ୍ୟାକୁଳେ
ହୃଦୟର ଲକ୍ଷ୍ମୀମୂର୍ତ୍ତି ଆଶା-ପ୍ରରୋଚନେ,
ଭ୍ରମି ଭ୍ରମି ପ୍ରେମୋନ୍ମାଦେ ଭବ-ଉପକୂଳେ
ମଧୁର ଆକାଙ୍କ୍ଷା ଭରେ ଆକୁଳ ନୟନେ,
ପ୍ରଣୟ-ପ୍ରତୀକ୍ଷାପୂର୍ଣ୍ଣ ପରାଣ ମୋହର
କି ଏକ ଅପୂର୍ବ ମୋହ— ମନ୍ତର ଶାସନେ
ଧାଇଁଲା ଚୌଦିଗେ ଲୋଡ଼ି ସଖୀ ପରାଣଟ !
ହୃଦୟ ସଙ୍ଗତେ ହୃଦ ମିଳାଇବା ଆଶେ
ଲୋଡ଼ିଲା ଏ ଦେହ ଯେହ୍ନେ ଦେହର ମିଳନ,
ବାଞ୍ଛିଲା ଏ କଣ୍ଠ କା'ର ବାହୁଲତା ପାଶେ,
ନୟନ ବାଞ୍ଛିଲା ପୁଣି ନୟନେ ମଜ୍ଜନ ।
ଏମନ୍ତ ସମୟେ ଦିନେ ଦେଖିଲି ସ୍ୱପନ,
ଅପରୂପ ଅପୂରୁବ ଦୃଶ୍ୟ ବିମୋହନ ।

(୨)

ଦେଖିଲି ମୁଁ ଆକାଶରେ ରାକା-ଶଶଧର
ବିମଳ କୌମୁଦୀ ସୁଧା ଢାଳୁନ୍ଥି ନୀରବେ

ନିମ୍ନେ ବିସ୍ତାରିତ ମହା—
ସ୍ନାତ ପୁଣ୍ୟଜ୍ୟୋସ୍ନାମୟ
ଭ୍ରମୁ ଭ୍ରମୁ ସେ ପ୍ରାନ୍ତରେ
ଲୀଳାମୟୀ ବହେ ଶୁଭ୍ର
ତାରକା-ହୀରକ-ଚୂର୍ଣ୍ଣ-
ବିଛସଇ ଆହା ଯଥା
ସେ ତଟିନୀତଟେ ବସି
କୌମୁଦୀ କମଳବନେ
ପାରିଜାତ-ବରମାଲ୍ୟ
ଅର୍ପୁଛନ୍ତି ବିଶ୍ୱକଣ୍ଠେ
ବିଶ୍ୱ-ବିମୋହିନୀଙ୍କର
ଅମୃତ ଲାବଣ୍ୟ ନୀରେ

ସୈକତ ପ୍ରାନ୍ତର,
ନିଶୀଥ-ଅର୍ଣ୍ଣବେ ।
ଦେଖିଲି ତଟିନୀ
ସୈକତ ଶୟନେ,
ଶେଯେ ମନ୍ଦାକିନୀ
ଶାରଦ-ଗଗନେ ।
ଦେଖିଲି ନୟନେ
ଉଭା ଶୋଭାରାଣୀ,
ଅମୃତ ଯୌବନେ
ମହାପ୍ରେମେ ଆଣି ।
ସେ ବିଶ୍ୱ-ମୋହନ
ହେଲି ନିମଗନ ।

(୩)

ସହସା ଦେଖିଲି ପୁଣି
ଷୋଡ଼ଶୀ ସୁନ୍ଦରୀ-ମୂର୍ତ୍ତି
ଶୋଭିତ ଆନନ-ପଦ୍ମ
ସର୍ବାଙ୍ଗେ ପଡ଼ିଛି ଶୁଭ୍ର
ଅମଣ୍ଡନା, ଦୀନବସ୍ତ୍ରେ
ଅର୍ଦ୍ଧ ମୁକୁଳିତ ନେତ୍ରୀ
ନିଜ ପ୍ରାଣେ ଅନୁଭବି
ସ୍ୱରଗରୁ ଆସିଛନ୍ତି
ହୃଦୟର ଲକ୍ଷ୍ମୀ ମୋର
ଚିହ୍ନିଲି ନିମେଷେ ସେହି
ପ୍ରେମାବେଗେ ଧରି ମୁହିଁ
କହିଲି, 'ପରାଣ-ସଖି,
ନୀରବେ ଅପିଲେ ବାଳା
ହୃଦୟ-କଟୀର-ରାଣୀ

ଚମକି ପଲଙ୍କେ
ସମ୍ମୁଖେ ମୋହର,
ଇଚ୍ଛିତ ଅଙ୍ଗଜେ,
ରଶ୍ମି ଶଶାଙ୍କର ।
ମନୋଜ୍ଞ-ମଣ୍ଡନା,
ଇଚ୍ଛା ମୂର୍ତ୍ତିମତୀ,
ମୋ ପ୍ରାଣ କାମନା
ଯେହ୍ନେ ମୋର ଜତି ।
ପ୍ରାଣ-ସୀମନ୍ତିନୀ
ନୀରବଭାଷିଣୀ ।
ବାହୁର ବେଷ୍ଟନେ
ଏ ପ୍ରାଣ ତୁମର ।'
ଜୀବନ ଯୌବନେ
ମୋ ପ୍ରାଣ ଦୋସର ।

●●

୧୩. ଶଙ୍ଖଧ୍ୱନି

(୧)

ପଶ୍ଚିମର ଚକ୍ରବାଳେ
ପ୍ରଶାନ୍ତ ଦିନାନ୍ତ-ଛାୟା
ନିଃଶବ୍ଦେ ଗମ୍ଭୀରେ ଧୀରେ
ଶ୍ରାନ୍ତ ମହୀ-ଶୀରେ
ଦିବା ଅବସାନେ
ଗୃହ ଧ୍ୟାନେ ଚାଲୁଅଛି
ପହସା ସୁଦୂର ଗ୍ରାମେ
ସ୍ତମ୍ଭିତ ସେ ନାଦେ
କ୍ଷଣେ କର୍ଣ୍ଣ ଡେରି
ଶୁଣିଲି ମୁଁ ଆତମ୍ବିତେ
ତହୁଁ ମହାଜ୍ଞାସରଣେ
ଶୁଣିଲି ସେ ଧ୍ୱନି ମଧେ
ଅନନ୍ତ ଅର୍ଣ୍ଣବ-ଧ୍ୱନି
ଅର୍ଣ୍ଣବ ସମ୍ଭବ ଶଙ୍ଖେ

ବୁଡ଼ର ଭାସ୍ୱର
ଆବରେ ଅମ୍ବର ।
ସନ୍ଧ୍ୟା ଶାନ୍ତିମୟୀ
ଶାନ୍ତି ବାରି ବରଷଇ ।
ଶ୍ରାନ୍ତ ମୁହିଁ ପାନ୍ଥ ଜନ
ଚଞ୍ଚଳ ଚରଣ,
ବାଜେ ଶଙ୍ଖଧ୍ୱନି
ଯେତ୍ନେ ନିଖିଳ ଅବନ ।
ଆହା ସେ ସ୍ୱରଇହର
ସ୍ୱପ୍ନାବିଷ୍ଟ ପରି ।
ଜାଗିଲା ମୋ ପ୍ରାଣ
ମହାସିନ୍ଧୁ-ତାନ
ମହାମହୋଦର
କରୁଛି ବିହାର ।

(୨)

[redacted]
ମନ୍ଦ୍ର ନାଦେ ଶଙ୍ଖ ଆହା
"ଅନନ୍ତ କୃପାର ସିନ୍ଧୁ
ମୋ ଅନ୍ତର ଅନନ୍ତର
ସେ ଅମୃତ ଆକରରୁ
ଭୁଲିବି କି ମୋହେ ତାର
କ୍ଷୁଦ୍ରାଦପି କ୍ଷୁଦ୍ରତର
ଅବିଦ୍ୟା-ପ୍ରମାଦେ, ପାନ୍ଥ
କେମନ୍ତେ ହେ ପାସୋରିଇ

[redacted]

[redacted]
ପ୍ରଣବ ଝଙ୍କାର
ଘୋଷେ ଅନିବାର ।
ମୋର ମହାଳୟ
ନାଦେ ନାଦମୟ,
ହୋଇ ଅନ୍ତରିତ
ଅମୃତ ସଙ୍ଗୀତ ?
ମର୍ତ୍ୟ-ଗୃହପାଇଁ
ହେଇ କି ହେ ବାଇ
ଜନ୍ମଭୂମି-କଥା,

[redacted]

ଆସ ଆସ ସୁଗମ୍ଭୀର ମହାବେଦ-ତାନେ
ଜଗତେ ଜଗାଅ ପର୍ବ ଅନନ୍ତ ସନ୍ତାନେ ।
ଅନନ୍ତେ ଜୀବନ-ସ୍ଫୁର୍ତ୍ତି ଅନନ୍ତେ ଅଭୟ
ମର୍ତ୍ତ୍ୟ-ପ୍ରବାସରେ ଗାଅ ଅମୃତର ଜୟ ।"

●●

୧୪. ଧ୍ୱନି

(ବଙ୍ଗଳାଶ୍ରୀ ବୃତ୍ତ)

ଶୁଣୁଅଛ ସର୍ବେ ଦିବସ ରଜନୀ
ଜଗତର କୋଳାହଳ,
କୋଟି କୋଟି ରବ, କୋଟି କୋଟି କଥା
ଶୁଣୁଅଛ ଅବିରଳ ।
ଜଳଦର ମନ୍ଦ୍ର ଜଳଧିର ଘୋଷ
ନିର୍ଝରିଣୀ କଳସ୍ୱନ,
ସମୀର ପରଶେ କାନନ ମର୍ମର
ପ୍ରଭଞ୍ଜନ-ଗରଜନ ।
ମଧୁପ ଗୁଞ୍ଜନ ଝିଙ୍କାରି-ଝଙ୍କାର
ବିହଙ୍ଗର କଣ୍ଠସ୍ୱର,
ଉଷାର ବିମଳ ମାଧୁରୀ-ପୂରିତ
ପ୍ରଣ୍ୟତାନ ଉରଡର ।
କପୋତ ଦୁନ୍ଦୁର ବିଜଳ କରୁଣ
ବିଳାପ-ପୂରିତ ଗାନ,
ବସନ୍ତ ବିଳାସୀ ପିକ ଗାୟକର
ଲଳିତ ପଞ୍ଚମ ତାନ ।
ଘନ ପଲ୍ଲବିତ ବନଗିରି କୁଞ୍ଜେ
ନଦୀ ସିନ୍ଧୁ ହ୍ରଦ ବକ୍ଷେ,
କୋଟରେ ବିବରେ ପର୍ବତ କନ୍ଦରେ
କିବା ମୁକ୍ତ ଅନ୍ତରାକ୍ଷେ ।

ଶୁଣୁଛ ସର୍ବତ୍ର କୋମଳ କର୍କଶ
ମଧୁର ଗୈରବ ରବ,
ପଶୁ ପକ୍ଷୀ କୀଟ ପତଙ୍ଗ ଶବଦେ
ପୂରିତ ବିପୁଳ ଭବ ।
ପୁଣି ଶୁଣିଥଲ ଲୋକାଳୟେ ବସି
ତରଳ ମଧୁର ରୋଳ,
କ୍ରୀଡା କୌତୁକର କଲ୍ଲୋଳ ଉଚ୍ଛ୍ୱାସ
ବାଳକ ବାଳିକା ରୋଳ ।
ବାଜୁଛି କାହିଁ ବା ଉତ୍ସବ ବାଜଣା
ଶୁଭୁଛି ଉତ୍ସବ ନାଦ,
କାହିଁ ବା ଉଠୁଛି କ୍ରନ୍ଦନର ରୋଳ
କରୁଣ କରହ ବାଦ ।
ଶିଶୁର ଦରୋଟି ଅମୃତ ବଚନ
ଗଭିରର କ୍ଷୀଣଭାଷ,
ତରୁଣ ଜନର ଉତ୍ସାହ ପ୍ରଫୁଲ୍ଲ
ବଦନେ ଉଦ୍ଦାମ ହାସ ।
ଗୁରୁଜନଙ୍କର ସ୍ନେହାଦରମୟୀ
ପୁଣ୍ୟ ଉପଦେଶବାଣୀ,
ଶିଷ୍ୟଜନଙ୍କର ଭକ୍ତିପୂର୍ଣ୍ଣ କଥା
ଗୁରୁଙ୍କ ଗୌରବ ଜାଣି ।
ହଳାହଳ ମୟ ଛଳନାପୂରିତ
ନୀଚ ହୀନମତି ଉକ୍ତି,
କ୍ରୋଧ ବିଦ୍ୱେଷର ବିକଟ ଗର୍ଜ୍ଜନ
ଶୁଣି ତ ଅଛ ସର୍ବଥା ।
ଉଭ ରସନାର ସୁଧାମୟ ମନ୍ତ
ବାଜଇ ଯା ପ୍ରାଣଯନ୍ତେ,
କବିର ଅମୃତ ସଙ୍ଗୀତ ଝଙ୍କାର
ଭାରତୀର ବୀଣାତନ୍ତେ ।

ସ୍ୱଦେଶବତ୍ସଳ ବୀର ପୁରୁଷର
ମନ୍ତ୍ର ବାଣୀ ପରମ୍ପରା,
ଶ୍ରବଣେ ଯାହାର ଅମୃତ ଉତ୍ସାହେ
ଜାଗି ଉଠେ ମୃତ ଧରା ।
ଏହି ମତେ କୋଟି କୋଟି ଶବ୍ଦେ ପୂର୍ଣ୍ଣ
ଅନୁକ୍ଷଣ ଏ ଅବନୀ,
କିନ୍ତୁ ଶୁଣିଛ କି ସେହି ଆଦିମୂଳ
ଅନାଦି ପରମ ଧ୍ୱନି ?
ରୋମାଞ୍ଚପୂରିତ ପୁଲକିତ ଦେହେ
ଶୁଣ ଶୁଣ ବିଶ୍ୱଜନେ,
ବିଶ୍ୱ ରନ୍ଧ୍ରେ ରନ୍ଧ୍ରେ ଯେ ପରମ ଧ୍ୱନି
ଉଚ୍ଛ୍ୱସିତ ସଂଗୋପନେ ।
ବିଶ୍ୱ ଭୁବନର ସୃଷ୍ଟି ସ୍ଥିତି ଲୟେ
ନିତ୍ୟ ଉଚ୍ଚାରିତ ବାଣୀ,
ଅନାଦି ଅନନ୍ତ ଗମ୍ଭୀର ଅମୃତ
ଦ୍ୟୁଲୋକ ଭୂଲୋକ ରାଣୀ ।
ସେ ଅମୃତମୟ ବାଣୀର ଶ୍ରବଣେ
ନାଚଇ ଗଗନେ ତାରା,
ଭୁବନେ ଭୁବନେ ବହଇ ଆନନ୍ଦେ
ଜୀବନ-ଜାହ୍ନବୀ-ଧାରା ।
ଶୁଣ ଶୁଣ ଏବେ ସେ ବାଣୀ ତୋହରି
ଅନ୍ତରେ ଅଛନ୍ତି ଜାଗି,
ସନ୍ତତେ ତୋ ପ୍ରାଣ— ମନ୍ଦିର ବାସିନୀ
ତୋହରି ଉଦ୍ଧାର ଲାଗି ।
କହନ୍ତି ସେ ବାଣୀ, "ଉଠ ଉଠ ବତ୍ସ,
ଅନାଅ ରେ ବାରେ ମୋତେ,
ଅନନ୍ତ ପ୍ରେମରେ ନିତ୍ୟ ଆଲିଙ୍ଗନେ
ଧରିଅଛି ସଦା ତୋତେ ।

କାହିଁ ଯାଉଛୁ ତୁ କି ଶବ୍ଦ ପଛାତେ
ଚୁଲୁଛୁ ରେ ଛୋଇ ଦାଇ,
ଅଶବ୍ଦ-ଶବବ୍ଦ ମୁଁ ତୋ ପ୍ରାଣେ ଅଛି
ଶୁଣ ଶୁଣ ସଦା ଧାଯି ।
ପ୍ରାଣର ନିର୍ମଳ ପ୍ରେମ ଦିଅ ମୋତେ
ମୁହିଁ ତ ତୋ ପ୍ରାଣସଖା,
ମୋ ବାଣୀ ଶ୍ରବଣେ ଭାଙ୍ଗିବ ତୋହର
ବିଷାଦ ଜଞ୍ଜାଳ ଦଳା ।''

●●

୧୫. ଏ ସୃଷ୍ଟି ଅମୃତମୟ ହେ

ମଧୁମୟ ସୃଷ୍ଟି ସୁଧାମୟ ସୃଷ୍ଟି
ଏ ସୃଷ୍ଟି ଅମୃତମୟ ହେ,
ଜାର ନରନାରୀ ଅମୃତ-ସନ୍ତତି
ପିଅ ସେ ଅମୃତ ପୟ ହେ,
ପିଇ ସେ ଅମୃତ ଦିବସ ଶର୍ବରୀ
ଗାଅ ଅମୃତର ଜୟ ହେ ।

ମହାନ ଅନ୍ତର ଉଦାର ଆକାଶ
ତେଜେ ତେଜେ ତେଜୋମୟ ହେ,
ସେ ବରଣ୍ୟ ଭର୍ଗ ମନ୍ଦାକିନୀ ଧାରା
ନାଶର ମରଣଭୟ ହେ,
ସେ ତିମିର-ହର ଗଗନର ଜ୍ୟୋତି
ପାନେ ହୁଅ ପୁଣ୍ୟାଶୟ ହେ ।

ଅକୂଳେ ଅତଳ ମହା ପାରାବାର
ନାଦେ ନାଦେ ନାଦମୟ ହେ,
ଅବନୀ-ଲକ୍ଷ୍ମୀର ପ୍ରସବିତା ସିନ୍ଧୁ
ନିବିଡ଼ ନାଡିମାଳୟ ହେ,

ତରଙ୍ଗ ତରଙ୍ଗେ ଢାଳେ ନାଦ-ସୁଧା
ପିଅ ସେହି ଢାଳ ଲୟ ହେ।

ଅମ୍ବର-ଚୁମ୍ବିତ ମହା ମହୀଧର
ହିମେ ହିମେ ହିମାଳୟ ହେ,
ଧରା-ରାଣୀ-ବେଣୀ କେତେ ଗିରିଶ୍ରେଣୀ
ନିର୍ଝର-ମୁକୁତାମୟ ହେ,
ସେ ଶୈଳ-ଲୀଳାରେ ଘନୀଭୂତ ସୁଧା
ପାନେ ପାପ ଜର କ୍ଷୟ ହେ।

ଦିଗନ୍ତ ବିହାରୀ ବାୟୁ ସଦାଗତି
ଶ୍ୱାସେ ଶ୍ୱାସେ ଶ୍ୱାସମୟ ହେ,
ମଳୟ-ଲାସ୍ୟେ ବା ପ୍ରଳୟ-ତାଣ୍ଡବେ
ସଦା ଚଞ୍ଚଳ ଅଥୟ ହେ,
ସେ ମୃଦୁଳ ଲାସ୍ୟେ, ସେ ଚଣ୍ଡ ତାଣ୍ଡବେ
ଅମୃତର ଅଭିନୟ ହେ।

ମରୀଚିକା-ମୟ ତରୁ-ଶୂନ୍ୟ ମରୁ
ଘୋର ତୃଷା-ରଙ୍ଗାଳୟ ହେ,
ଦିଗନ୍ତ ବିସ୍ତୃତ ଜ୍ୱଳନ୍ତ ପ୍ରାନ୍ତର
ପଥଶୂନ୍ୟ ନିରାଶ୍ରୟ ହେ,
ସେ ମରୁ ଅନ୍ତରୁ ବହେ ସୁଧା-ସ୍ରୋତ
ପିଅ ସେହି ସୁଧାପୟ ହେ।

ଜୋମଳ ଶ୍ୟାମଳ ତୃଣ-ଶସ୍ୟ-କ୍ଷେତ୍ର
ବନ ତରୁ-ଇଡାମୟ ହେ,
ବର୍ଣ୍ଣେ ବିଚିତ୍ରିତ ଶବ୍ଦେ ମୁଖରିତ
ଗନ୍ଧେ ପୂରିତ-ହୃଦୟ ହେ,
ଢାଳେ ଢାଳେ ଢାଳେ ମଧୁରସ-ଧାରା
ଫଳ ପୁଷ୍ପ ନିଶ୍ଚୟ ହେ।

ନିତ୍ୟ ବହମାନ ନଦନଦୀମାନ
ସ୍ୱଚ୍ଛ ସରୋବର-ଚୟ ହେ,

ସମାର ପରଶେ ଜଡଜଡ-ନାଦୀ
ରମ୍ୟ ଜୀତିମାଳାମୟ ହେ,
ବକ୍ଷରେ ବିମ୍ବିତ ଚନ୍ଦ୍ର ସୂର୍ଯ୍ୟ ତାରା
ଜନମାଏ ବି ବିସ୍ମୟ ହେ !

ଭୂଲୋକ ଦ୍ୟୁଲୋକ ପୂଣି ଅନ୍ତରୀକ୍ଷ
ପ୍ରକୃତିର ନାଟ୍ୟୋଦ୍ଦ ହେ,
ସ୍ଥାବର ଜଙ୍ଗମ ପଶୁ ବିହଙ୍ଗମ
କୀଟପତଙ୍ଗମ ଚୟ ହେ,
ରହସ୍ୟ-ପୂରିତ ଏ ଅସୀମ ବିଶ୍ୱ
ଅମୃତେ ଅମୃତମୟ ହେ !

ପୂର୍ବାଶାର ଦ୍ୱାରେ ଉଷା-ରାଣୀ
ସୃଷ୍ଟି ଭାନୁ-ଅଭ୍ୟୁଦୟ ହେ,
ସ୍ନିଗ୍ଧ ଛାୟାମୟୀ ସନ୍ଧ୍ୟା ମହାଦେବୀ
ଆଦେଶିଣ ଯାନ ଲୟ ହେ,
ଆଲୋକ-ବିଭାସୀ ଉଜ୍ଜ୍ୱଳ ଦିବସ
କର୍ମ-ଜାଗରଣମୟ ହେ,
ତପସ୍ୱିନୀ ଅବା ଜ୍ୟୋତ୍ସ୍ନାମୟୀ ରାତ୍ରି
ବିଶ୍ରାମର ସୁସମୟ ହେ,
ବସନ୍ତ ନିଦାଘ ବରଷା ଶରତ
ହିମ ଶୀତ ଋତୁଚୟ ହେ,
ପ୍ରଶାନ୍ତ ଗମ୍ଭୀର ମଧୁର ରୁଚିର
ଦିବ୍ୟ ସୁଧା-ସ୍ୱାଦମୟ ହେ !

ଗୃହ ପରିବାର ମାନବ ସମାଜ
ନର ନାରୀ ଲୋକାଳୟ ହେ,
ପିତା ମାତା ଭାଇ ଗୃହିଣୀ ଦମ୍ପତି
ଜନୟା ଜିନ୍ଧା ତନୟ ହେ,
ଗୁରୁଜନ ବନ୍ଧୁ ଜିନ୍ଧା ଅନ୍ତେବାସୀ
ଆତ୍ମୀୟାଦି ପରିଚୟ ହେ !

ମଧୁସୂଦନ ରାଓ

ଦୟା ନିକେତନ ଧର୍ମାଧିକରଣ
ବିଦ୍ୟାଳୟ ଦେବାଳୟ ହେ,
ଶ୍ରଦ୍ଧା ଭକ୍ତି ପ୍ରୀତି ଦୟା ଶୁଭାକାଙ୍କ୍ଷା
ପୁଣ୍ୟ ବିଶ୍ୱାସ ବିନୟ ହେ,
ଏ ପଳଳ ମଧ୍ୟେ ନିବସନ୍ତି ବିଭୁ
ଶାଶ୍ୱତ ଅମୃତ ମୟ ହେ।
ଗରଳୁ ଅମୃତ କରନ୍ତି ବାହାର
ଅନନ୍ତ ଅମୃତାଳୟ ହେ,
ପରମ ଜନକ ପରମ ଜନନୀ
ତାଙ୍କ ପଦେ ବରାଭୟ ହେ,
ସେହି ଚରାଭୟ ଆନନ୍ଦାମୃତର
ହୁଅ ଛିନ୍ନ ଭିନ୍ନଭୟ ହେ।

●●

୧୬. ଉଷ୍ଣପ୍ରାଣେ ଦେବାବତରଣ

(ପରବର୍ତ୍ତୀ ନଦୀତଟ-ଉଷାକାଳ)

ପ୍ରଶାନ୍ତ ନିଶାନ୍ତକାଳ ବିରାଜେ ଉହ୍ଲଳେ
ଉଷାର ତୁଷାର-ଶୁଭ୍ର ଲଲାଟ ମଣ୍ଡଳେ,
ସ୍ୱର୍ଗର ଜ୍ୟୋତିର୍ଭୂଷଣି ଶୁଭ୍ର ସୁଶୋଭନ
ପରାଚୀ-ଦିଗନ୍ତପଟେ ଛବି ଅତୁଳନ,
ଉଦୀଚୀ-ଆକାଶେ ଦୂରେ ମହାଜ୍ୟୋତିର୍ମୟ
ତୁଷାର-କିରୀଟେ ରାଜେ ଗିରୀନ୍ଦ୍ର-ଆଳୟ,
ଅନନ୍ତ ହିମାନୀ-କ୍ଷେତ୍ର ଶୁଭ୍ର ହିମାଚଳ
ତ୍ରିଦିବର ପୁଣ୍ୟପୁଷ୍ପ ପ୍ରାୟେ ମହୋଜ୍ଜ୍ୱଳ,
ବିଶ୍ୱପ୍ରାଣ-ଷର୍ଣ୍ଣୀ ଆହା ଉଷାର ଉତ୍ସବେ
ମାତିଲେ ସୁହାସମୟୀ ଦିଗ୍‌ବଧୂ ସରବେ।
ଶିଶିର ଜଳରେ ଧୋଇ ଉଷା ଶ୍ରୀଚରଣ
ଲଭିଲେ ଆଶିଷ-ରୂପେ ଦିବ୍ୟ ଆଭରଣ,

ଜ୍ୟୋତିର ସିନ୍ଦୁର ବିନ୍ଦୁ ଜ୍ୟୋତିର ବଳୟ
ଜ୍ୟୋତିର୍ମୟ ଅବତଂସ ମାଳ ଜ୍ୟୋତିର୍ମୟ,
ଜ୍ୟୋତିର୍ମୟ ପାରିଜାତ ଦିଗ୍‌ବଧୂ-କୁନ୍ତଳେ
ଫୁଟାଇଲେ ଆଚମ୍ବିତେ ଉଷା କୁଜ୍ଝଟେ।
ଏକେ ପୌର୍ଣ୍ଣମାସୀ ଜ୍ୟୋସ୍ନା- ଧବଳ ଭୁବନ
ତରଳ ରଜତପୂରେ ପ୍ଲାବିତ ଶୋଭନ,
ଦ୍ୟୁଲୋକ-ଦୁହିତା ଉଷା ତହିଁରେ ଆବର
ଦୋହନ କରନ୍ତି କାମ- ଧେନୁ ତ୍ରିଦିବର।
ଶ୍ରୀକରପରଶେ ଯେହ୍ନେ କ୍ଷୀର-ପାରାବର
ଉଜ୍ଜ୍ୱଳ ଆଲୋକରୂପେ ପ୍ଲାବର ସଂସାର,
ଦିଶି ଦିଶି ଉଛୁଳର ଆଲୋକ-ପ୍ରବାହ
ଦ୍ୟାବା-ପୃଥିବୀର ଜିବା ଏ ଦୈବ ବିବାହ।
ତରଳ ସ୍ୱର୍ଗୀୟ ଗୀତି ଉଷା-ଉଦ୍‌ବୋଧନୀ
ଢାଳର ଭରତ ପୂରି ଆକାଶ ଅବନୀ।
ଉଷାର ପରଶେ ଜାଗେ ପ୍ରଣିପାତ କରି
ଅବନୀ ଶିଶିର ମୁଭା- ମାଳିନୀ ସୁନ୍ଦରୀ।

x x x

ସହସା ସହସ୍ର ବିଦ୍ୟୁନ୍ନହଃ ପରାଭବି
ଋଷିର ଅନ୍ତରେ ସ୍ଫୁରେ ମହାମୃତ ଛବି।
ଅମୂର୍ତ୍ତ ମୂରତି ଆହା ରୂପ ନିରୂପମ
ଅନନ୍ତ ଅନଳ ବ୍ୟାପି ସ୍ଥାବର ଜଙ୍ଗମ
ଦେଶ-କାଳାତୀତ ଦୃଶ୍ୟ କଳ୍ପନା-ଅତୀତ,
ଅଥଚ ଜ୍ୟୋତିର ଜ୍ୟୋତି ଚକ୍ଷୁ ଅଗ୍ରେ ସ୍ଥିତ।
ଦୂରରୁ ସୁଦୂର, ଚିନ୍ତା- ବାକ୍ୟ-ଅଗୋଚର
ନିକଟୁ ନିକଟ ପ୍ରାଣ ସମଗ୍ର ପ୍ରାଣର,
ଅଶବ୍ଦ ଅସ୍ପର୍ଶ ସେହି ଅରୂପ ଅରସ
କିନ୍ତୁ ରେ ପରମ ସତ୍ୟ ମହାନନ୍ଦ-ରସ।
ନିଜ ମହିମାରେ ସ୍ଥିତ ନିଜେ ନିରାଧାର
ଅନନ୍ତ ଅଗମ୍ୟ ମହା- ବ୍ରହ୍ମାଣ୍ଡ ଆଧାର,

ସମ୍ମୁଖେ ପଶ୍ଚାତେ ସେହି ନିମ୍ନେ ଊର୍ଦ୍ଧ୍ୱେ ସେହି
ଦକ୍ଷିଣେ ବାମରେ ସେହି ଅଥଚ ଅଦେହୀ ।
କେ ସେ ରେ ବରେଣ୍ୟ-ଭର୍ଗ ପରମ ସୁନ୍ଦର
ପୂର୍ଣ୍ଣ ଅପ୍ରତିମ ପୂରି ବାହ୍ୟ ଅଭ୍ୟନ୍ତର,
ଆବର ଜନ୍ମୋଦ୍ଭମୟୀ ମହା ସରସ୍ୱତୀ
ସ୍ୱତ୍ତୀ-ପୂର୍ଣ୍ଣା ସୁଗମ୍ଭୀରା ବାଣୀ ଭଗବତୀ
ଉସ ପ୍ରାୟେ ଉସାରିତ ଭେଦି ହୃଦନ୍ତର,
ଅମୃତି ସୂନୃତ ନାଦେ ପୂରେ ଚିଦମ୍ବର ।
ଉବଶିରେ ଯଥା ଅବ- ତୀର୍ଣ୍ଣା ଭାଗୀରଥୀ
ମହାନାଦମୟୀ ବିଶ୍ୱ ପ୍ରହ୍ଲାଦିନୀ ସତୀ,
ତେସନ ଆଜି ଏ ଋଷି- ପ୍ରାଣେ ଅବତରି,
କି ଏକ ଅମୃତ ବାଣୀ ଯାଏ ରେ ପ୍ରସରି !
ଅଶବ୍ଦ ଶବ୍ଦଦ ଭୂମା ବାକ୍ୟ ଅଗୋଚର
ଶୁଣଇ ଓବଧ ପ୍ରାଣ ସେ ନୀରବ ସ୍ୱର ।

(ଆଂଶିକ)

●●

୧୭. ହିମାଚଳେ ଉଦୟ-ଉସବ

ସଫଳ ହୋଇଲା ଆଜି ବ୍ୟାକୁଳ ବାସନା,
ଯାମିନୀର ଶେଷ ଯାମେ ଜାଗିଲା ଚେତନା ।
ପ୍ରାଚୀ ଚକ୍ରବାଳେ ସୂକ୍ଷ୍ମ ପ୍ରଭାର ପ୍ରକାଶ
ସେ ବ୍ରାହ୍ମ ମୁହୂର୍ତ୍ତେ ବକ୍ଷେ ଧରିଲା ଆକାଶ ।
ସେ ଉଦାର ସୂକ୍ଷ୍ମଜ୍ୟୋତି ପଞ୍ଚରିଲା ଚାଣ୍ଡେ
ଉର୍ଦ୍ଧ୍ୱଲୋକେ ନୀଳକାନ୍ତ ଗଗନର ଦାଣ୍ଡେ ।
ମୁଭାର ପାଣ୍ଡୁର ଛଟା କି ଦିବ୍ୟ ଛଟଜେ
ଭେଦି ଦିଗ୍‌ବଳୟ-ରେଖା ଦ୍ୟୁଲୋକେ ଝଟଜେ ।
ଉଠି ଯେନ୍ତେ ହୀରକର ସୋପାନେ ସୋପାନେ
ହସ ହସ ମୁଖେ ଉଷା ଉଉଁଲେ ବିମାନେ ।

ଏ ଅମୃତ ଉତ୍ସେ ଉଭା ହୋଇ ଗିରି-କକ୍ଷେ
ଉଦୟ-ଉତ୍ସବ ଲୀଳା ଦେଖିଲି ପ୍ରତ୍ୟକ୍ଷେ ।
ଏବେ ଦ୍ୟାବା-ପୃଥବୀର ପରିଣୟୋତ୍ସବ
ଚିର ପୁରାତନ ପୁଣି ନିତ୍ୟ ନବ ନବ ।
ଜ୍ୟୋତିର ପରମାଶ୍ଚର୍ଯ୍ୟ ଲୀଳାର ବିଳାସେ
ଲାବଣ୍ୟର ଇନ୍ଦ୍ରଜାଲ ପ୍ରକଟେ ଆକାଶେ ।
ଚାରିଆଡ଼େ କେତେ ପାଦ ଶୈଳ ଟେକି ଶିର
କି ପୁଣ୍ୟ ପ୍ରତୀକ୍ଷା-ଭରେ ନିସ୍ତବ୍ଧ ସ୍ଥିର !
ମହା ମହିମାରେ ସେଥି ମଧ୍ୟେ ସର୍ବୋପରି
ଉତ୍ତାରେ କାଞ୍ଚନଙ୍ଗା ଶୁଭ୍ର ମୂର୍ତ୍ତି ଧରି,
ହିମଗୌର ପଞ୍ଚଶୃଙ୍ଗେ ଭେଦି ମହାକାଶ
ପାବନ ପଞ୍ଚାଗ୍ନି ବ୍ରତ ଅଙ୍ଗିରା-ସଙ୍କାଶ
ମହା ପ୍ରକୃତିର ମହା ପୁରୋହିତ ବେଶେ,
ରାଜଇ ଶାଶ୍ୱତ ଶ୍ୱେତ ହିମାନୀ-ପ୍ରଦେଶେ ।
ସହସା ରହସ୍ୟମୟ ମହାମହୋତ୍ସବେ
ସେ ଜ୍ୟୋତି ଉଠିଲା ଜଳି ପରାଚୀ ଆକାଶେ,
ପଶ୍ଚିମର ଦୂରତମ ଅତଳ ପାତାଳେ
ଘଉଡ଼ାଇ ଶର୍ବରୀର ଘନ ତମୋଜାଳେ ।
ଗିରିର ଷଟିକ-ଗୌର ଯଜ୍ଞ-ବେଦି ପରେ
ଜଳି ଉଠିଲା କି ଅଗ୍ନି ନଭୋମଣ୍ଡଳରେ !
ସେ ଜ୍ୟୋତି ପରଶେ ଆହା ସେ ପରମ କ୍ଷଣେ
ଧବଳ ତୁଷାରମୟ ସେ ଊର୍ଦ୍ଧ୍ୱ ଭୁବନେ,
ଅରୁଣ କିରଣ ସର୍ଶେ ଶୁକ୍ଳ ଶତଦଳ
ଅବା ଉତ୍ତିଯୋଗେ ଉତ୍ତ-ପ୍ରାଣ ସୁବିମଳ,
ଯେସନ ଉଠଇ ଫୁଟି ମହାପୁଲକରେ
ତେସନ ସେ ନୀଳକାନ୍ତ ଗଗନ-ସାଗରେ,
କି ଦିବ୍ୟ ବିବର୍ତ୍ତେ ଆହା କି ପରମୋଲ୍ଲାସେ
ଚିନ୍ମୟ ଶୋଭାର ଯେହ୍ନେ ଉସବ-ଉଚ୍ଛ୍ୱାସେ,
ପାଷାଣ ହିମାଦ୍ରି ଗୌର କାନ୍ତିରେ ଭାସ୍ୱର
ବିକଶି ଉଠିଲା ପୁଣ୍ୟତେଜେ ଗୌରତର ।

ଚାହୁଁ ଚାହୁଁ ଅରୁଣିତ ଉଦୟାଦ୍ରି-ତଟେ
ବିରାଜି ରାଜୀବ-ରୁଚି ମୟୂଖ ପ୍ରକଟେ,
ନିଃଶେଷରେ ନୈଶତମଃ ବିନାଶି ସତ୍ୱରେ
ରବି ଅବତୀର୍ଣ୍ଣ ପ୍ରାଚୀ-ଆଶା-ଆକାଶରେ ।
ଅରୁଣ କିରଣରୂପ ଅତୁଲ୍ୟ ତୂଳିରେ
ଉନ୍ମୀଳିଲା ମହତିହ୍ନ ନଗେନ୍ଦ୍ର ମୌଳିରେ ।

(ଆଂଶିକ)

●●

ଗଙ୍ଗାଧର ମେହେର

୧୮ ମଙ୍ଗଳେ ଅଇଲା ଉଷା

(ରାଗ—ଚୋଖୀ)

ମଙ୍ଗଳେ ଅଇଲା ଉଷା ବିକଚ-ରାଜୀବ ଦୃଶା
ଜାନକୀ-ଦର୍ଶନ ତୃଷା ହୃଦୟେ ବହି,
କରପଲ୍ଲବେ ନିହାର- ମୁକ୍ତାଧରି ଉପହାର
ସତୀଙ୍କ ବାସ-ବାହାର ପ୍ରାଙ୍ଗଣେ ରହି,
ଜଳଜନ୍ତ କଣ୍ଠେ କହିଲା
ଦରଶନ ଦିଅ ସତୀ, ରାତି ପାହିଲା ।
ଅରୁଣ କଷାୟ ବାସ କୁସୁମକାନ୍ତି ବିକାଶ
ପ୍ରଶାନ୍ତ ରୂପ ବିଶ୍ୱାସ ଦିଅନ୍ତି ମନେ,
କେଉଁ ଯୋଗେଶ୍ୱରୀ ଆସି ମଧୁର ଭାଷେ ଆଶ୍ୱାସି
ଡାକୁଛନ୍ତି ଦୁଃଖରାଶି-ଉପଶମନେ,
ଦେବାପାଇଁ ନବ ଜୀବନ
ସ୍ୱର୍ଗୁ କି ଓହ୍ଲାଇଛନ୍ତି ମର୍ତ୍ତ୍ୟ ଭୁବନ ?
ସମୀର ସଙ୍ଗୀତ ଗାଏ ଭ୍ରମର ବୀଣା ବଜାଏ
ସୁରଭି ନର୍ତ୍ତନେ ଥାଏ ଉଷା ନିର୍ଦ୍ଦେଶେ,

ଚାହୁଁ ଚାହୁଁ ଅରୁଣିତ ଉଦୟାଦ୍ରି-ତଟେ
ବିରାଜି ରାଜୀବ-ରୁଚି ମୟୂଖ ପ୍ରକଟେ,
ନିଃଶେଷରେ ନୈଶତମଃ ବିନାଶି ସତ୍ୱରେ
ରବି ଅବତୀର୍ଣ୍ଣ ପ୍ରାଚୀ-ଆଶା-ଆକାଶରେ ।
ଅରୁଣ କିରଣରୂପ ଅତୁଲ୍ୟ ତୂଳିରେ
ଉନ୍ମୀଳିଲା ମହତିହ୍ନ ନଗେନ୍ଦ୍ର ମୌଳିରେ ।

(ଆଂଶିକ)

●●

ଗଙ୍ଗାଧର ମେହେର

୧୮ ମଙ୍ଗଳେ ଅଇଲା ଉଷା

(ରାଗ—ଚୋଖୀ)

ମଙ୍ଗଳେ ଅଇଲା ଉଷା ବିକଚ-ରାଜୀବ ଦୃଶା
ଜାନକୀ-ଦର୍ଶନ ତୃଷା ହୃଦୟେ ବହି,
କରପଲ୍ଲବେ ନିହାର- ମୁକ୍ତାଧରି ଉପହାର
ସତୀଙ୍କ ବାସ-ବାହାର ପ୍ରାଙ୍ଗଣେ ରହି,
ଜଳଜନ୍ତ କଣ୍ଠେ କହିଲା
ଦରଶନ ଦିଅ ସତୀ, ରାତି ପାହିଲା ।
ଅରୁଣ କଷାୟ ବାସ କୁସୁମକାନ୍ତି ବିକାଶ
ପ୍ରଶାନ୍ତ ରୂପ ବିଶ୍ୱାସ ଦିଅନ୍ତି ମନେ,
କେଉଁ ଯୋଗେଶ୍ୱରୀ ଆସି ମଧୁର ଭାଷେ ଆଶ୍ୱାସି
ଡାକୁଛନ୍ତି ଦୁଃଖରାଶି-ଉପଶମନେ,
ଦେବାପାଇଁ ନବ ଜୀବନ
ସ୍ୱର୍ଗୁ କି ଓହ୍ଲାଇଛନ୍ତି ମର୍ତ୍ତ୍ୟ ଭୁବନ ?
ସମୀର ସଙ୍ଗୀତ ଗାଏ ଭ୍ରମର ବୀଣା ବଜାଏ
ସୁରଭି ନର୍ତ୍ତନେ ଥାଏ ଉଷା ନିର୍ଦ୍ଦେଶେ,

କୁମାଟୁଆ ହୋଇ ଲାଟ ଆରମ୍ଭିଲା ସ୍ତବ ପାଠ
ଜଳିଙ୍ଗ ଅଉଲା ପାଟ ମାଉଧ ବେଶେ,
ଇଙ୍ଗିତ ମଧୁରେ କହିଲା
"ଉଠ ସତୀ ରାଜ୍ୟ-ରାଣୀ, ରାତି ପାହିଲା !"
ମୁନି-ମୁଖ ବେଦ-ସ୍ୱନ ପୂର୍ଣ୍ଣ କଲା ଶ୍ୟାମବନ
ଉଠିଲା ଭେଦି ଗଗନ ଉଚ୍ଚ ଓଁକାର
ବୈକୁଣ୍ଠେ ଦେଇ ତୃପତି ଅନନ୍ତ ଶ୍ରୁତିକି ଘତି,
ବିହିଲା କି ସରସ୍ୱତୀ ବୀଣାଝଙ୍କାର;
ବେଳୁଁ ବେଳ ବନ ଉଜ୍ଜଳ,
ମନ୍ତ୍ର ବଳେ ଯେହ୍ନେ ଚଢ଼ି ଆସିଲା ବଳ ।
ଏ କାଳେ ବ୍ରହ୍ମଚାରିଣୀ ଅନୁକମ୍ପା ତପସ୍ୱିନୀ
ଆସି ଜନକନନ୍ଦିନୀ ପାଶ୍ୱେ ଗମ୍ଭୀରେ
ବୋଉଲେ, ଉଠ ବୈଦେହୀ ଉଷା ସୁକୁମାର ଦେହୀ
ଆସିଛି, ଦର୍ଶନ ଦେଇ ତୋଷ ବିଧିରେ,
ତମସା ରହିଛି ଅଳାଉ
...ଏ କରି ଥରେ ସୁଖ ଲଭିବା ପାଇଁ ।
ପଦ୍ମିନୀ-ହୃଦ-ଶିଶିର- ବିନ୍ଦୁରେ ଖର-ରଶ୍ମିର
ପ୍ରତିବିମ୍ବ ପରି, ବୀର ରାମ ମୂରତି
ଶୋକ ଜର୍ଜରିତ ଚିତ୍ତ- ପଲକେ କରି ଚିତ୍ରିତ
ହେଲେ ଆପଣୁ ଉତ୍ଥିତ ଜାନକୀ ସତୀ,
ନମି ଅନୁକମ୍ପା ପଦରେ
ବସିଲେ ଉଷାର ପଦ ପବିନଯରେ ।
.....ଏ ତାକୁ ପ୍ରଶଂସି, "ତୁମେ ତିମିର ବିଧ୍ୱଂସି
ରବି-ଆଗମନ-ଶଂସୀ ହୁଅ ସଂସାରେ
ତୁମ୍ଭ କୋମଳ ଚରଣ କରେ ଜ୍ୟୋତି ଆହରଣ
ତହିଁ ଯାଉଛି ଶରଣ ଦୃଢ଼ ଆଶାରେ,
ଶୁଭ୍ର ସଉରଭ ରସିକେ,
ଶୁଭ୍ର-ପଦ୍ମାଦିନୀ ହୁଅ ରଘୁବଂଶିକେ ।"
ଉସୁଜ ହୃଦୟେ ରାତ୍ରି- ଶେଷରେ ଆଶ୍ରମଧାତ୍ରୀ
ତମସା ନିର୍ମଳ-ଗାତ୍ରୀ ପବିତ୍ର-ଧାରା

ପ୍ରାଙ୍ଗଣେ କୁସୁମ ବିହ୍ନି ସୁବାସିତ ନୀର ସିହ୍ନି
ମଙ୍ଗଳ ପ୍ରଦୀପ ରଚି ପ୍ରଭାତୀ ତାରା,
ମୁହୁର୍ମୁହୁ ମୀନ-ନୟନେ
ଚାହୁଁଥିଲା ସୀତା-ସତୀ ଶୁଭାଗମନେ ।
ଉଟଜୁ ତାପସକନ୍ୟା ଗଣଙ୍କ ଆଦର ବନ୍ୟା
ପ୍ଲାବନେ ଜଗତ-ଧନ୍ୟା-ସତୀ ରତନ
ବାହାରି ଅବଗାହନେ ଅନୁକମ୍ପାଙ୍କ ଗହଣେ
ତମସା ଧାର ବହନେ କଲେ ଗମନ;
ସତୀଙ୍କି ତମସା ଅଙ୍କରେ
ଘେନି ସ୍ନେହେ ଆଲିଙ୍ଗିଲା ତରଙ୍ଗ କରେ ।
ଅମୃତ ମଧୁର ସ୍ୱରେ ଭାଷିଲା ପରିତୋଷରେ
"ମାଆଗୋ, ମୋ ମାନସରେ ନ ଥିଲା ଆଶା,
କରିବ ଅଙ୍କେ ବିହାର ରାଜଲକ୍ଷ୍ମୀ ହୃଦହାର
ହୀତା କରି ପରିହାର ଭୋଗ-ପୀପାସା,
ଭାଗ୍ୟବତୀ ମୋତେ ସଂସାରରେ
ବୋଲିବେ ତୋ ଯୋଗୁଁ ଏକା ପରଶଂସାରେ ।
ବନେ ବନେ ଭ୍ରମି ଭ୍ରମି ଗଣ୍ଡ-କୁହୁକେ ନ ଭ୍ରମି
ବହୁ ବାଧା ଅତିକ୍ରମି ସ୍ୱଚ୍ଛ ଜୀବନେ
ଅନ୍ଧାର ଦୁଃଖ ନ ଗଣି ଆଲୋକ ସୁଖ ନ ମଣି
ଚାଲିଛି ଦୂର ସରଣୀ ନତ ବଦନେ,
ଜନମ କରୁଛି ସଫଳ
ତୋୟଦାନେ ତୋଷି ତୀରବାସୀ ସକଳ ।
ମନ୍ଦାକିନୀ, ଗୋଦାବରୀ, ସେ ସବୁ ଗୁଣେ ମୋ' ପରି
ତଥାପି ବର୍ଦ୍ଧନ କରିଛନ୍ତି ଗୌରବ,
ଲଭି ତୋ ପବିତ୍ର ପଦ— ଚିହ୍ନ ଅକ୍ଷୟ ସମ୍ପଦ
ଦିବିଷଦ-ପଦ-ପ୍ରଦ ଅଙ୍ଗ ସୌରଭ,
ତାହା ଥିଲା ମୋର ବାଞ୍ଛିତ,
ତଦଭାବେ ହେଉଥିଲି ମନେ ଲାଞ୍ଛିତ ।
କରିଥିଲି ଶୁଭକର୍ମ ବୋଲି ଆଣିଦେଲା ଧର୍ମ

ସମୟେ ତୋତେ ମୋ ମନ ବାସନା ଜାଣି,
ପାଇଛି ଦୁର୍ଲ୍ଲଭ ଧନ କରିବି ତୃପ୍ତି ସାଧନ
ନିତି ଭରି ସମ୍ଯୋଧନ ବୋଇକୁ ଆଣି,
ଅଙ୍ଗ ପରିମଳ ତୋହର
ହେବ ମୋର ଛାତ୍ରନର କଳୁଷ ହର।
ମୋ କୋଳ କେଳି ତପର ସାରସ ମରାଳ ଦଳ
କୋଉ ଯୁଗଳ ଯୁଗଳ ତଳ ପଇଁତି,
ତୋ ପୁଣ୍ୟମୟ ଶରୀର- ଝଳନେ ଯୂତ ମୋ ନୀର
ପାନେ ବହୁଥିବେ ଚିରଦିନ ମୋ ଜତି,
କଇନାଦ-ଛଳେ ତୋ ଯଶ
ଗାଇ ମୋ ଶ୍ରୁତିକି ତୋଷୁଥିବେ ଅଜସ୍ର।
ପତିବ୍ରତା ଅଙ୍ଗେ ଲାଗି ପବିତ୍ର ହେବାର ଲାଗି
ବ୍ରତତି-ବାସ-ବିରାଗୀ ପ୍ରସୂନମାନ,
ଦୂରୁ ଦୂରୁ ଝାସି ଝାସି ଧାଇଁଥିବେ ଲାସି ଲାସି
ଭ୍ରମୁଥିବେ ଆସି ଆସି ତୋ ସନ୍ନିଧାନ,
ସ୍ନାନ ସମୟେ ମୋ ପୟରେ
ଦୟାମୟି ! ନ ପେରିବୁ ଭାଟୁ ପୟରେ।
ମୋ କୂଳେ ଟାଳି ଚରଣ ବର୍ତ୍ତିବୁ ମା ବିଚରଣ
ବ୍ୟପଦେଶେ ବିତରଣ ଅନର ଜାନ୍ତି,
ତା ଇଭି ବନ ପାଦପ- ରାଜି ହୋଇ ଦପ ଦପ
ବହିବେ ଅମର-ଦର୍ପ ବିହିବେ ଶାନ୍ତି,
ପଲ୍ଲବେ ପାଚଇ ଶ୍ୟାମଳ
ରୁଚିର ରୁଚି ରହିବ ଚିର ନିର୍ମଳ।''
ସୀତା ବୋଇଲେ, ''ପନୀର- ମଧୁର ଏ ସ୍ୱଚ୍ଛ ନୀର,
ନୀର ନୁହେଁ ଜନନୀର କ୍ଷୀର ପ୍ରତ୍ୟକ୍ଷେ;
ଗିରି-ତନୁ ବିନିସୃତ ହୋଇ ଆସୁଛି ଅମୃତ
ଧାରା ପରି ସୀତାମୃତ କଳପା ଲକ୍ଷେ,
ଓହୋ ତୁତ ମୋ' ମା ଏ ଦେଶେ
ମୋ' ଦୁଃଖ ବିଦୀର୍ଣ୍ଣ-ବକ୍ଷା ହସୁଛ। ବେଶେ।

('ତପସ୍ୱିନୀ', ଆଂଶିକ)

●●

ଗଙ୍ଗାଧର ମେହେର

୧୯. ବୋଇଲେ ସତୀ

(ରାଗ-କଳହଂସ କେଦାର)

ବୋଇଲେ ସତୀ, "ମୋର ଦୁଃଖ କାହାଣୀ
ଶୁଣି ସଜନି, ସବୁ ପାରିବୁ ଜାଣି ।
ଯେମନ୍ତେ ଆମନ୍ତିଲି ଘୋର କଷଣ,
ଯେମନ୍ତେ ଆଶାର ମୋ ହେଲା ମରଣ ଗୋ ।
ପଞ୍ଚବଟୀରେ ଦିନେ କୁଟୀର ପାଶେ
ଖେଳିଲା ସ୍ୱର୍ଣ୍ଣମୃଗ ଏକ ଉଲ୍ଲାସେ,
ଚିକ୍‌କଣ ଚାରୁ ତାର ଚିତ୍ରିତ ଅଙ୍ଗ
ଝଟିଲା ଲଭି ରବି-କିରଣ-ସଙ୍ଗ ଗୋ ।
ହେମାଙ୍ଗେ ଚିତ୍ରବିନ୍ଦୁ ଚୟର କାନ୍ତି
ନେତ୍ରେ ଆଣିଲା ମୋର ରତନଭ୍ରାନ୍ତି,
ସେ ଜାତି ମୃଗ ଦେଖି ନଥିଲି ଦିନେ
ନଗରେ ରାଜପୁରେ ଅବା ବିପିନେ ଗୋ ।
ଭାବିଲି ବାହୁଡ଼ିବି ଯେବେ ନଗରେ
ସୁଚାରୁ ମୃଗଟିକି ନେବି ସଙ୍ଗରେ,
ଚକିତ କରାଇବି ପୁରବାସୀଙ୍କି ;
ତା ସଙ୍ଗେ ବର୍ଣ୍ଣି ବନ ଶୋଭାରାଶିକି ଗୋ ।
ଆହାର ଦେଖାଇଲି ଧରିବା ଆଶେ
ଚମକି ମୃଗବର ପାଶେ ନ ଆସେ,
ମନ ଲୋଭାଇ ମୋର ନେତ୍ର ରଞ୍ଜାର
ପଶିଲା ବାରମ୍ବାର ବିପିନେ ଯାର ଗୋ ।
ତା' ପାଇଁ ବ୍ୟସ୍ତ ହେବା ଦେଖି ମୋ ମନ
କାନ୍ତ ବୋଇଲେ ସ୍ନେହ ବହି ବହନ,
ସୁନ୍ଦର ମୃଗଟିକୁ ଆଣି ମୁଁ ତୂର୍ଣ୍ଣ
ସଖି, ତୋ କୁତୂହଳ କରିବି ପୂର୍ଣ୍ଣ ଗୋ ।
ଧନୁ ଆଣ୍ଠୁଗ ଧରି ଆଶୁ ଗମନେ
ଚଢ଼ିଲେ କାନ୍ତ ତାର ଅନୁଧାବନେ,
ମୃଗାନୁସାରୀ କାନ୍ତ ଅତି ସତ୍ୱର
ଦୃଷ୍ଟି-ସୀମାରୁ ମୋର ହେଲେ ଅନ୍ତର ଗୋ ।

ଶୁଭିଲା ବନ ମଧ୍ୟେ "ରଖ ଲକ୍ଷ୍ମଣ"
ସେ ଡ଼ାକେ ବିଚଳିତ ହେଲା ମୋ ମନ,
ମନ ସହିତ ତହିଁ ଦେଲି ଶ୍ରବଣ
ପୁଣି ଉଠିଲା ରବ "ରଖ ଲକ୍ଷ୍ମଣ" ଗୋ ।
ଲକ୍ଷ୍ମଣ ବୀର ଥିଲେ ମୋର ନିକଟ
ବୋଇଲି 'ଦେଖ ବହ' ! ହେଲା ସଂକଟ,
ବୋରଲେ କରିବାକୁ ମୋ ମନ ଥୟ
'ରାଘବୀ ଭାଷା ନୁହେଁ ନ କର ଭୟ ଗୋ ।'
ବୀର ସ୍ୱଭାବ ସଖି ବୁଝନ୍ତି ବୀର
ଦେଖିଲି ଲକ୍ଷ୍ମଣଙ୍କୁ ଧୀର ଗମ୍ଭୀର
ନାରୀ-ହୃଦୟ ସତେ ଅତି ଦୁର୍ବଳ
ଅଧିକ ହେଲି ତାଙ୍କ ବାକ୍ୟେ ବିକଳ ଗୋ ।
ବିନୟ ପରେ କରି କଟୁ ଭାଷଣ
ସ୍ୱାମୀ ସମିପେ ତାଙ୍କୁ କଲି ପ୍ରେଷଣ
ମୋ ସୁଖ ସଉଭାଗ୍ୟ ସମ୍ପଦ ରାଶି
ଗଲେ ଲକ୍ଷ୍ମଣ-ଗତି-ସ୍ରୋତରେ ଭାସି ଗୋ ।
ବିପଦ ହୋର ଏଣେ ବିଗ୍ରହଧାରୀ
ଯୋଗୀନ୍ଦ୍ର ବେଶେ ଦ୍ୱାରେ ହେଲା ଭିକାରୀ,
ସ୍ୱାମୀ ଆସିବାଯାଏ ନ ଟାକି ମନ୍ଦ
ଭିକ୍ଷା ନିମନ୍ତେ କଲା ଘୋର ନିର୍ବନ୍ଧ ଗୋ ।
ଭିକ୍ଷା ଦିଅନ୍ତେ ତଳେ ଧରି ମୋ କର
ବିମାନେ ବସାଇଲା ନେଇ ସତ୍ୱର,
କଲି ବିନୟ କେତେ କେତେ ତର୍ଜ୍ଜନ
ନ କଲା କର୍ଣ୍ଣପାତ ତହିଁ ଦୁର୍ଜ୍ଜନ ଗୋ ।
ଜାଣିଲି ବେଶ ନୁହେଁ ଗୁଣର ଚିହ୍ନ
ବାହାରେ ସାଧୁବେଶ ଭିତରେ ଭିନ୍ନ,
ମଣନ୍ତି ଲୋକେ ସର୍ବଶୁଭଦ ଧର୍ମ
କେ ଜାଣେ ଧର୍ମ ନାମ ବହର ଯମ ଗୋ ।
ଦକ୍ଷିଣ ମୁଖେ ଖଳ ବାହିଲା ରଥ
କମାର ଘନଘୋଷେ ଗଗନ ପଥ,

କାନ୍ଦିଲି ଯେତେ ଯେତେ ଉଚ୍ଚ ଆରବେ
ବିଲୀନ ହେଲା ରଥ-ଘୋଷ-ଗରବେ ଗୋ ।
ଦେଖିଲି ତଳେ ବନ ମୟୂରଗଣ
ଅନାଇ ମୋତେ କରୁଥିଲେ ରୋଦନ,
ହରିଣ ଯୂଥ ଯୂଥ ଉର୍ଦ୍ଧ୍ୱ ନୟନେ
ଚକିତ ଦୃଷ୍ଟି ଦେଇଥାନ୍ତି ସ୍ୟନ୍ଦନେ ଗୋ ।
ପକ୍ଷୀଏ ପଥ ରୋଧି କଲା ସମର
ତା' ପକ୍ଷ ପକାଇଲା ଛେଦି ପାମର,
ପବନ ପ୍ରତିକୂଳ ହୋଇ ଗତିକି
ଜିଣିବାରି ନ ପାରିଲା ମନ୍ଦମତିକି ଗୋ ।
ପଥ ପର୍ବତଶ୍ରେଣୀ ମସ୍ତକ ଟେକି
ପାରିଲେ ନାହିଁ ବ୍ୟୋମ ବିମାନ ଛେକି,
ମହିବାସୀଙ୍କି ବାର୍ତ୍ତା ଦେବାର ପାଇଁ
ଦୀନ ନୟନେ ଥାଏଁ ତଳକୁ ଚାହିଁ ଗୋ ।
ରଥ-ଶବଦେ ଭାଷା ହେବ ବିପର
ଜାଣି ପକାଇ ଦେଲି ଭୂଷା ସତ୍ତର,
ଦେଖିଲି ନଦୀମାନେ ହୋଇ ତିଳତ
ଶୀର୍ଣ୍ଣ ଶରୀରେ ଯେହ୍ନେ ହେଲେ ନିଶ୍ଚଳ ଗୋ ।
ତନୁ ସଂକୋଚି ତୁଙ୍ଗ ପାଦପଚୟ
ଭିଡ଼ିଲେ ପରସ୍ପରେ ଲଭି ତା'ଭୟ,
ଅବନୀ କ୍ରମେ ହୋଇଗଲା ନୀରବ
କ୍ରମେ ଦିଶିଲା ଗାଢ଼ ନୀଳିମାମୟ ।
ନାହିଁ ଲକ୍ଷଣ କିଛି ନ ହେଲା ଦୃଷ୍ଟ
ତହିଁ ମଧ୍ୟକୁ ରଥ ବାହିଲା ଦୁଷ୍ଟ ଗୋ,
ଅଗ୍ରେ ଦିଶିଲା ଦିଗମୂଳ ଉଦ୍ଭତ
କ୍ରମେ ମଣିଲି ତାକୁ ବନ-ଅନନ୍ତ ।
ଯେତିକି ହେଲା ରଥ ତା ପାଶ ପାଶ
ଅସଂଖ୍ୟ ଜ୍ୟୋତିପୁଞ୍ଜ ହେଲା ପ୍ରକାଶ ଗୋ,
ଭାବିଲି ନଭ ତେଜି ତାରା ସକଳ
ଦିବସେ ଛନ୍ତି ତହିଁ ଦଳକୁ ଦଳ,

ବିଧୁ ବିରହେ ତେଜି ନଭୋମଣ୍ଡଳ
ହୃଦୟେ ଜାଳୁଛନ୍ତି ବିରହାନଳ ଗୋ ।
ଜିବା ମୋ ମର୍ତ୍ତ୍ୟ ଲୀଳା ହୋଇଛି ଶେଷ,
ଶମନପୁରେ ହେଉଅଛି ପ୍ରବେଶ ।
ଦେଖିଲି ମନୋହର ଅଟ୍ଟାଳୀ ଶ୍ରେଣୀ
ଦିଶନ୍ତି ରମ୍ୟ ହେମ କଳସ ଘେନି ଗୋ,
ଦିଶିଲା କ୍ରମେ ପୁର ଅଟ୍ଟାଳୀ ବୀଥି
ନଗର ରଞ୍ଜିଛନ୍ତି ଖର-ଦୀଧିତି ।
ସ୍ୱଙ୍କରେ ହର୍ମ୍ୟଶିର ଜଳସମାନ
ରଖାଣି କରୁଛନ୍ତି ଜାହ୍ନବ୍ୟମାନ ଗୋ ।
ସେକାଳେ ମନେ ମୋର ହେଲା ବିଚାର
ଅଟର ଯୋଗୀ ନିଶ୍ଚେ ଶମନଚାର,
କୃତାନ୍ତ ପାଶେ ଯିବି ସଦର୍ପେ ପଶି
ଇଚ୍ଛାର ଦୀପ୍ତ ପତି-ଭକତି-ଅସି ଗୋ ।
ନଗର ପ୍ରାନ୍ତେ ଯୋଗୀ ଓହ୍ଲାଇ ରଥ
ଚାଲିଲା ଚାହିଁ ଏକ ଉଦ୍ୟାନ ପଥ,
ମଣ୍ଡିତ ପଥ ଚାରୁ ମର୍ମରୋପଳେ
ଉଦ୍ୟାନ ଶୋଭେ ନାନା କୁସୁମ ଫଳେ ଗୋ ।
ଅଶୋକ ତରୁ ତହିଁ ଅଧିକତର
କୁସୁମ ପୁଞ୍ଜେ ପୁଞ୍ଜେ ଦିଶେ ସୁନ୍ଦର,
ଉଦ୍ୟାନ ମଧ୍ୟେ ଏକ ଉଚ୍ଚ ହର୍ମ୍ୟ
ବିବିଧ ରତନରେ ଦିଶଇ ରମ୍ୟ ଗୋ ।
ବୋଉଲା ଯୋଗୀ ମୋତେ 'ସେଠାରେ ରହ',
ଗଣିବୁ ନାହିଁ ଚିତ୍ତେ କାନ୍ତ-ବିରହ,
କାନନବାସ-କ୍ଳେଶ ହେଲା ତୋ ଶେଷ
ସ୍ୱରଗ ସୁଖ ଭୁଞ୍ଜ ମଣ୍ଡି ଏ ଦେଶ ଗୋ ।
ତିନି ଭୁବନେ ଯେଉଁ ଦ୍ରବ୍ୟ ଦୁର୍ଲଭ
ବାଞ୍ଛିଲା ମାତ୍ରେ ଏବେ ହେବ ତୋ ଇଭ୍ୟ,
ସହସ୍ର ସୁକୁମାରୀ ସ୍ନେହ ପ୍ରକାଶି
ହେବେ ତୋ ଅରବିନ୍ଦ-ଚରଣେ ଦାସୀ ଗୋ ।

ରତନ-ବିଭୂଷିତ ସହସ୍ର ନାରୀ
ଡାକି ବୋରଲା ଅତି ଦୃଢ଼େ ତିଆରି,
ଏହାକୁ ଜାଣି ମୋର ହୃଦୟେଶ୍ୱରୀ
ସେବି ରହିବ ହୃଦେ ଭକତି ଭରି ଗୋ ।
ଖଟିବ ନିତି ଏହା ମାନସ ଜାଣି
ଶୁଣାଉଥିବ ମୋର ମହିମା-ବାଣୀ,
ମୋର ସମ୍ପଦେ ଯେହ୍ନେ ମଜ୍ଜେ ତା ମନ
ତହିଁକି କରୁଥିବ ଅତି ଯତନ ଗୋ ।
ଏମନ୍ତ କହି ଯୋଗୀ ହେଲା ଅନ୍ତର
ବିସ୍ମୟେ ପୂରିଗଲା ମୋର ଅନ୍ତର,
କିଏ ସେ ଯୋଗୀ ମୋତେ ଆଣିଲା କାହିଁ
କେଉଁ ପୁର ତା କିଛି ଜାଣିଛି ନାହିଁ ଗୋ ।
କେମନ୍ତେ ହେଲି ଯୋଗୀ-ହୃଦୟେଶ୍ୱରୀ
ରହିଛି ରଘୁବଧୂ-ଶରୀର ଧରି,
ମରି ତ ନାହିଁ ମୁହିଁ ଅଛି ସ୍ମରଣ
କୌଶଲ୍ୟା ସୁତ ସିନା ମୋର ଶରଣ ଗୋ ।
ହୃଦୟେ କଲି ପୁଣି ଦୃଢ଼ ନିଶ୍ଚୟ
ଯେ କେହି ହେଉ ଯୋଗୀ ବି ଅଟି ଉୟ,
ଯାବତ ଜୀବନେ ମୋ ଥିବ ସ୍ମରଣ,
କୌଶଲ୍ୟା-ସୁତ ସିନା ମୋର ଶରଣ ଗୋ ।
ହେଉ ଏ ଯମାଳୟ ଅଥବା ସ୍ୱର୍ଗ
ବିହରୁଥାନ୍ତୁ ଏଥି ଦେବତାବର୍ଗ,
ଜେ ହରିପାରିବ ମୋ ଚିତ୍ତ ହରଣ,
କୌଶଲ୍ୟା-ସୁତ ଏକା ମୋର ଶରଣ ଗୋ ।
ସହସ୍ର ଦାସୀରେ ମୋର କି ପ୍ରୟୋଜନ
ଆଉ କି ଅଛି ମୋର ସ୍ନାନ ଭୋଜନ,
କାନନେ ଭ୍ରମୁଥିବେ ମୋ ପ୍ରାଣପତି
ତାଙ୍କ ଚରଣେ ଏକା ରହିବ ମତି ଗୋ ।
ମଞ୍ଜୁଳ ବୀଣା ଧରି ସତେ ଭାରତୀ
ସଙ୍ଗୀତ ଯଦି ମୋର ପାଶ୍ୱେ କରନ୍ତି,

ମୋ କଣ୍ଠେ ହେବ ଜାହିଁ ତାହାର ମୂଲ୍ୟ
କାନ୍ତ-ଶ୍ରୀମୁଖ-ଭାଷା ପଦକ ତୁଲ୍ୟ ଗୋ ।
ଏମନ୍ତେ ଭାବି ଭାବି ଶ୍ରୀପଦେ ଧ୍ୟାନ
ଦେଇ ହରାଇ ଦେଲି ଜୀବନ ଜ୍ଞାନ,
କେମନ୍ତେ କେତେ କାଳ ହେଲା ଅତୀତ,
କିଛି ନ ଜାଣେ ପତି-ଚିନ୍ତା ବ୍ୟତୀତ ଗୋ ।

('ତପସ୍ୱିନୀ', ଆଂଶିକ)

●●

୨୦. ଉତ୍କଳ ଭାରତୀଙ୍କ ଉକ୍ତି

ଛନ୍ଦ ବାବୁ ମୋର କୋମଳ ବସନ
ଅଙ୍ଗକୁ ଯହିଁରେ ନ ହେବ ପୀଡ଼ା
ଦେବ ଦେଲେ ଦିଅ ଏ ମନ୍ତ୍ର ଭୂଷଣ
ଯାହା ଘେନି ମୋର ନ ହେବ ବ୍ରୀଡ଼ା ।
ଅଳ୍ପ ଚାହିଁ ଦିଅ ଯୋଗ୍ୟ ପରିଚ୍ଛଦ
ପରିଚ୍ଛଦ ଯୋଗୁଁ ନ କାଟ ଦେହ
କଟା ହେଲେ ହେବ ଜୀବନେ ବିପଦ
ନ କର ମାତାକୁ ସେପରି ସ୍ନେହ ।
ନଖ ବଢ଼ିଥିଲେ କର କରତନ
ରଞ୍ଜି ଦିଅ ତହିଁ ଅଳତା ରଙ୍ଗ,
ନାକ ବଢ଼ ଥିଲେ ତା ଜଲେ ଛେଦନ
ହେବ ନାହିଁ କି ମୋ ସୌଷ୍ଠବ ଭଙ୍ଗ ?
ରୋଗ ଦେହେ ଥିଲେ ପ୍ରତିକାର କର
ପ୍ରକୃତିସ୍ଥ ହେଉ ଜୀବନ ମୋର
ଭିନ୍ନ ବର୍ଣ୍ଣେ ଯଦି ରଞ୍ଜା କଳେବର
ହେବ ମାତ୍ର ତହିଁ ବିଭତ୍ସ ଘୋର ।
ତୁମେ ମୋତେ ଯେଉଁ ବେଶରେ ସାଜିବ
ସେ ବେଶ ଦେଖିବେ ଜଗତଜନେ,
ତୁମ୍ଭେ ମୋତେ ଯଦି ଯତନେ ମାଜିବ
ମାର୍ଜ୍ଜିତ ଉଜ୍ଜ୍ୱଳ ହେବି ଭୁବନେ ।

ଗଙ୍ଗାଧର ମେହେର

ଦେଉଁ ଦେଉଁ ମୋର ନୟନେ ଅଞ୍ଜନ
ମୁଖ ଯଦି ହେବ ଜାଜିମାମୟ,
ପୋଛ ଗଣ୍ଡ ଜାଜି ନ ଦେଇ ଗଞ୍ଜନ
ହେବ ମନୋହର କାନ୍ତି ଉଦୟ ।
ପାରଥିଲେ ଦିଅ ବିଲାତି ପ୍ରସୂନ
ଥାଏ ଯଦି ତହିଁ କିଛି ସୌରଭ,
ସୌରଭ ନ ଥିଲେ କାନ୍ତିରେ ନିଉନ
ନ ଥିଲେ ଚଢ଼ିବ ସିନା ଗୌରବ ।
ମସ୍ତକେ ମୋ ଟୋପି ନ ଦେବ ବାବା ରେ
ନ ଜାଡ଼ିବ ମୋର କରୁ କଙ୍କଣ,
ସିନ୍ଦୂର ବିନ୍ଦୁ ମୋ ଭାଲେ ରଖିବାରେ
ନିରନ୍ତର ମନେ ଥିବ ସ୍ମରଣ ।
ଭାଇ ଭାଇ ମଧ୍ୟେ କଳହ ନ କର
ତୁମ୍ଭ କଳହେ ମୁଁ ହେବି ଦୂଷିତ,
ରତନ ସୁଂଗହେ ହୁଅ ଯତ୍ନପର
ରତ୍ନ ଗୁଡ଼ି ମୋତେ କର ଭୂଷିତ ।
ଅଭିମାନ ରୋଗେ ନ କର ପ୍ରଳାପ
ପ୍ରଳାପ ଶୁଣିଲେ କାନ୍ଦେ ମୋ ହୃଦ,
ଜ୍ଞାନେ ଧ୍ୟାନେ ରଖ କର ସଦାଳାପ
ସଦାଳାପେ ସଦା ବଢୁ ମୋ ମୁଦ ।
ମନ୍ଦିରକୁ ମୋର କର ସୁସଜ୍ଜିତ
ରମ୍ୟ ରମ୍ୟ ଉପକରଣ ଆଣି,
କାଠ ଖମ୍ଭମାନ କର ସୁସଜ୍ଜିତ
ଢାଳି ଦିଅ ତହିଁ ସୁବର୍ଣ୍ଣ ପାଣି ।
ନାନା ଦେଶୁ ଆଣି ତରୁବଲ୍ଲୀମାନ
ରୋପଣ କର ମୋ ଉଦ୍ୟାନ ଗର୍ଭେ,
ଉଦ୍ୟାନ କରିବ ସୁଫଳ ପ୍ରଦାନ
ଭୁଞ୍ଜିବ ସୁଖ ମୋ ନନ୍ଦନ ସର୍ବେ ।

ଆବର୍ଜ୍ଜନାହୀନା ଜର ମୋ ସଜନ
ଜର ଆବଶ୍ୟକ ଜୀର୍ଣ୍ଣ ସଂସ୍କାର,
ମାନୀ ଧର୍ମ ଋଷି ଜର ବିଚରଣ
ନ ଜର ମୋ ପୁରେ ଯଥେଚ୍ଛାଚାର ।
ନିଜ ଉନ୍ନତିକି ଉନ୍ନତି ନ ମଣ
ମୋତେ ନ କରିବାଯାଏ ଉନ୍ନତ
ଏକ ତରୁତଳେ ଥିବେ କେତେ ଜଣ
ବହୁ ଜଳ ପଳ ଦିଏ ପର୍ବତ ।
ତୁମ୍ଭ ରାଜ୍ୟ ଭୂମି ପାବି ନ ପାରନ୍ତି
ଆଣ୍ଡିସ ଗିରିର ଅସଂଖ୍ୟ ଝର,
କେ ହରିବ ତୁମ୍ଭ ହୃଦୟ ତପତି
ନ ବହିଲେ ପୂତ ସ୍ରୋତ ମୋହର ।
ହୋଇ ଏକପ୍ରାଣ ହୋଇ ଏକ ମନ
ଉଚ୍ଚତାନେ ଗାଅ "ଭାରତୀ ଜୟ"
ଉଡେ ଟେକ କୀର୍ତ୍ତି- ପତାକା ଗଗନ
ହୋଇ ଯାଉ ଶୁଭ୍ର ପତାକାମୟ ।

●●

୨୧. ପ୍ରଧାନପାଟ

ଆହା ସେ ପ୍ରଧାନପାଟ ନେତ୍ର-ପ୍ରୀତିକର
ଭାବୁକର ଭାବମୟ ହୃଦୟରଞ୍ଜନ
ଗିରି ଶିର ବିଭୂଷିତ ଶୁଭ୍ର-ସ୍ୱଚ୍ଛ-ଝର
ଆତପ-ତାପିତ-ତନୁ-ତାପ ବିଭଞ୍ଜନ ।
ସମୁଚ୍ଚ ଶିଖରୁ ଲମ୍ଫ ଦେଇ ବାରମ୍ବାର
ସୁରମ୍ୟ ବିପିନ କୋଳେ ହୁଏ ପ୍ରପତିତ
ସଦାଶିବ ଶିରୁ ଯେହ୍ନେ ଜାହ୍ନବୀର ଧାର
ତେଉଁଅଛି ତାରିବାକୁ ଭୁବନେ ପତିତ ।

ଗଙ୍ଗାଧର ମେହେର

ବିକୀର୍ଣ୍ଣ ହେଉଛି ଦେହୁ ଶୀକର ନିକର
ବୃଷ୍ଟି ହେଉଅଛି ଯେହ୍ନେ ମୌକ୍ତିକ ପଟଳ
ମଧୁର ନିନାଦକର ମ୍ଲାନି ଘ୍ଲାନିହର,
ଦେଖିଦେଲେ ମନପ୍ରାଣ ହୁଏ ସୁଶୀତଳ।
ଶୁଭ୍ର କରି କୂଣ୍ଡ ଫେନ ବୁଦବୁଦନିବହେ
ସୁବିମଳ ସ୍ରୋତ ହୋଇ ବନଗର୍ଭେ ବହେ।

●●

୨୨. ଫକୀରମୋହନଙ୍କ ମୃତ୍ୟୁଶଯ୍ୟା। ନିକଟରେ ଉତ୍କଳ ମାତାର ରୋଦନ

ଆହା ଫକୀର ମେର ରଘୁଣୀଧନ,
କିମ୍ପା ରହିଲୁ ପଡ଼ି ମୁଦି ନୟନ,
ଆକୁଳେ ଡାକୁଅଛି ମୁଁ ତୋ ଜନନୀ
କିମ୍ପା ନ ଉଠୁ ଏତ ନୁହେଁ ରଜନୀ ରେ।
ଉଠ ମୋ ବାପ ପଦ୍ମନେତ୍ର ପ୍ରକାଶି
ମଧୁର କଥା ପଦେ କହ ଆଶ୍ୱାସି,
ତୋ ବିନା ଆଉ କେବା ଅଛି ଜଗତେ
ପ୍ରାଣତୋଷିଣୀ କଥା କହିବ ମତେ ରେ।
ମୋ ଲାଗି ନ ଗଣୁ ତୁ ଖରା ବରଷା
ସେ ଘେନି ତୋ ଠାରେ ମୋ ସବୁ ଭରସା,
ନିଶୀଥେ ଉଠିପଡୁ ଶୁଣି ମୋ ଡାକ
ଆଜି ତୋ ମୁଖୁଁ କିମ୍ପା ନ ଫୁରେ ବାକ୍ୟ ରେ।
ନ ଗଣୁ ଜ୍ୱର ତାପ ମୋହରି ପାଇଁ
ନ ଗଣି ଦୂର ଯାଉ ସତ୍ୱର ଧାଇଁ
ଆଜି ଯେ କାନ୍ଦୁଅଛି ବସି ତୋ ପାଶେ
କିମ୍ପା ନ ଚାହୁଁ ବାପା ଉଠି ସନ୍ତାସେ ରେ।
ନିତି ରାତିରେ ତୁ ଯେ ନୟନ ମୁନ୍ଦୁ
ଉଠାଇଥାଏଁ ତୋତେ ରବି ନ ଉଦୁଁ

ଗଙ୍ଗାଧର ମେହେର

ଶୁଣାଇବାକୁ ମୋତେ ସରସ ଗାନ
ଶିଖାଇବାକୁ ତୋର ଭାଇଙ୍କି ଜ୍ଞାନ ରେ ।
ଦିବସେ ଥରେ ଥରେ ନୟନ ମୁଦି
ମୋ ଦୁଃଖ ହରିବାକୁ ଲୋତୁ ଯେ ବୁଦ୍ଧି
ପୁଣି ନୟନ ପେଡ଼ି କଲମ ଧରୁ
ଆଜି କିପାଇଁ ବାପ, ତାହା ନ କରୁ ରେ ।
ଦୀର୍ଘ ସମୟ ଅବା ମୁଦି ନୟନ
ଲୋତୁନୁ ମୋହ ପାଇଁ ସୁଖ-ଅୟନ,
ତେବେ କାହିଁକି ଛାତୁ ନାହୁଁ ନିଶ୍ୱାସ
ଚାହିଁବୁ ବୋଲି ହେଉନାହିଁ ବିଶ୍ୱାସ ରେ ।
ଶିଖି ଯେ ଥିଲୁ ବାପ ଯୋଗସାଧନ
ରୁଦ୍ଧ କି କରିଅଛୁ ପ୍ରାଣ ପବନ
ଏଡ଼େ ଶୀତଳ କିପାଁ ତୋ ଅପଘନ
ସତେ କି ଛାଡ଼ିଗଲୁ ଜୀବନ ଧନ ରେ ।
ଏରୂପେ ରାଧୁ ମଧୁ ଗଲେ ତ କାହିଁ
ଯେତେ ଡାକିଲେ ପଡେ ଶୁଣିଲେ ନାହିଁ,
ତୁ ଏବେ ମୋ ଡାକକୁ ହେଲୁ ବଧିର
କିଏ ପୋଛିବ ମୋର ନୟନ ନୀର ରେ ।
କୋଳେ ବସାଇ ତିନି କୁମର ମଣି
ନିଜକୁ ଥିଲି ଭାଗ୍ୟଶାଳିନୀ ମଣି
ମନରେ କରିଥିଲି କେଡ଼େ ଗରବ
ଦରବ ହରିନେଲା ଆଜି ସରବ ରେ ।
ଶେଷେ ତୁ ଶୂନ୍ୟ କରି ଜନନୀ କୋଳ
ହୃଦେ ଉଠାଇ ଦେଲୁ ଶୋକ କଲ୍ଲୋଳ
କୋଟିଏ ସୂତ ମଧ୍ୟେ ଗୋଟିଏ କାହିଁ
ଦେଖୁ ତ ନାହିଁ ଶାନ୍ତି ଭଜିବା ପାଇଁ ରେ ।
ମୋ ରାଧୁ ମଧୁ ଗଲେ ଯେଉଁ ବିଦେଶ
ଦେଲେ ତ ନାହିଁ ଆଜିଯାଏ ସନ୍ଦେଶ

ଗଙ୍ଗାଧର ମେହେର

ତୁହି କି ସେହି ଦେଶେ ଗଲୁ ରେ ଚାଲି
ପାରିଲି ନାହିଁ ତୋର ପଥ ଓଗାଳି ରେ ।
ତାଙ୍କ ବିରହେ ଦଗ୍ଧ ହେଲେ ମୋ ପ୍ରାଣ
କରୁ ଯେ ଶୋକହର ସଙ୍ଗୀତ ଗାନ
ସେ ପୋଥି ଦେଇଗଲୁ କାହାର ହସ୍ତେ
କିଏ ଗାଇବ ତୁହି ଗାଉ ଯେମନ୍ତେ ରେ ।
ଯେତିକି ହେଉଥିଲା ତୋର ବୟସ
ତେତିକି ହେଉଥିଲା ଗାନ ସରସ
ତୋ ପରି ଜ୍ଞାନସିନ୍ଧ କୁମର ଆଉ
ଦେଖିବି କାହିଁ ବାପ, ଲଭିବା ଥାଉ ରେ ।
ଆଣ ରେ ରାମାୟଣ ମହାଭାରତ
ଆଉ ତା ପୋଥି ଅଛି ଭାର ଭାର ତ
ଗାଅ ରେ ପୁଏ କରି ସମୁଚ ରବ
କିଅଁତେ ହେବ ଅବା ଶୋକ ଖରବ ରେ ।
ତା ନାମ ଲେଖ ମୋର ସର୍ବ ଅଙ୍ଗରେ
ଅକ୍ଷର ଖୋଳି ଭର ଦିବ୍ୟ ରଙ୍ଗରେ
ତେବେ ବା ଘୁଞ୍ଚିବ ମୋ ଜୀବନଦାହ
ତା ପରେ କର ଆଉ ଏକ ଉପାୟ ରେ ।
ତା ନାମାବଳୀ ଦିବ୍ୟରଙ୍ଗେ ବସନେ
ଲେଖି ଘୋଡ଼ାଇ ଦିଅ ମୋ ଅପଘନେ
ସେ ବାସେ ପୋଛ ମୋର ନୟନବାରି
ତହିଁ ବା ହେବ ଶୋକଭାର ନିବାରି ରେ ।
ତା ତନୁ ଭସ୍ମ ଆଣି ଢୋଳ ମୋ ଅଙ୍ଗେ
ତା ପ୍ରତିରୂପ ଦିଅ ମୋର ଉତ୍ସଙ୍ଗେ
ଲୋତକ ପୋଛି ପୋଛି ତା ଚାହିଁ ଚାହିଁ
ଜୀବନ କଟାଇବି ତା ଗୁଣ ଗାରରେ ।

●●

୨୩. ## ଭକ୍ତି

ବିଶ୍ୱଜୀବନ ହେ ତୁମ୍ଭକୁ କରୁଣାସିନ୍ଧୁ
ବୋଲିବାକୁ ମନ ବହୁ ନାହିଁ ଯେଣୁ
ସିନ୍ଧୁ ତୁମ୍ଭ କୃପାବିନ୍ଦୁ ।
ତୁମ୍ଭ ଭଜନରେ ହେବି ନାହିଁ ନାଥ
ମାଳା ଜପିବାକୁ ବାଧ୍ୟ ।
କୋଟି କୋଟି ଗ୍ରହ ଜଣ୍ଡି ସେ ମାଳାର
କେ ଜପି ପାରିବ ସାଧ୍ୟ ।
ଦେଇନାହଁ ବଜ୍ର ପାଦଧୂଳି ଘେନି
ପାରିବ ନାହିଁ ମୋ ମୁଣ୍ଡ
କୋଟି କୋଟି ରବି ଧୂଳିରୂପେ ତୁମ୍ଭ
ପାଦେ ହୋଇଛନ୍ତି ରୁଣ୍ଡ ।
ହୃଦୟର କଥା ଜାଣିବାକୁ ଅଛି
ତୁମର ଅସୀମ ଶକ୍ତି
ସେତିକି ଘେନିବ ଯେତିକି ଅଛି ମୋ
ହୃଦେ ତୁମ ପ୍ରତି ଭକ୍ତି ।
ଥାପିବାକୁ ତୁମ୍ଭ ମୂରତି ମୋ କ୍ଷୁଦ୍ର,
ହୃଦୟରେ ନାହିଁ ସ୍ଥାନ
ସର୍ଷପ ଘରରେ ରହି କି ପାରଇ
ହିମାଳୟ ସାନୁମାନ ?
କି ଦେଇ ପୂଜିବି ଯାହା ମୁଁ ଦେଖୁଛି
ସବୁ ତୁମ୍ଭର ପ୍ରସାଦ
ଯାହା ପରସାଦ ତାକୁ ଅରପିଲେ
ହେବ ସିନା ଅପରାଧ !
ମୁଁ କାର ମାତର ମୋର ନୁହେଁ ବୋଲି
କହିବାକୁ ନାହିଁ ବାଟ
ଦୂରୁ ଶ୍ରୀ ଚରଣେ ଅର୍ପଣ କରୁଚି
ଘେନ ତା' ବିଶ୍ୱ-ସମ୍ରାଟ ।

●●

୨୪. ## ଅମୃତମୟ

ନବ ବିକଶିତ ଫୁଲ ଗଂଧ
ନବ ସରସ କବିତା ଛନ୍ଦ
ବନ ବିହଗ ମଧୁର ତାନ
ଶିଶୁ ସରଳ ତରଳ ଗାନ
ନବ ପ୍ରଫୁଲ୍ଲ କମଳ କାନନ
ନବ ସୁକୁମାର ଶିଶୁ ଆନନ
ଅମୃତମୟ ଅମୃତ ରୟ
ଭସାଇ ନେଉଛି ଜୀବନ ।

ଧୀର ଚକିତ ଶୀତଳ ବାତ
ଚିର ଲଳିତ କୁମୁଦ ନାଥ
କ୍ଷୀର ଧବଳ ଚନ୍ଦ୍ରିକା ଜାଲ
ନୀର ଦାନ ଦକ୍ଷ ଘନମାଳ
ମୃଦୁ ମଧୁର ଆଲୋକ ଉଷାର
ନବ ପଲ୍ଲବ ପତିତ ତୁଷାର
ଅମୃତମୟ ଅମୃତ ରୟ
ମଜ୍ଜାଇ ଦେଉଛି ସଂସାର ।

ମିଟି ମିଟି ଜକ ଜକ ତାରା
ଟପ ଟପ ଜଳଧର ଧାରା
ତମନାଶନେ ଧାବିତ ଧଷ୍ଟି
ତମ ମୁକତ ଅବନୀ ଦୃଷ୍ଟି
ଗିରିଗରଭପ୍ରସୃତ ନିର୍ଝର
ଦୂର ଲମ୍ବିତ ପ୍ରପାତ ଝର୍ଝର
ଅମୃତମୟ ଅମୃତରୟ
ଜୀବନ କରୁଛି ଜର୍ଜର ।

ମୁଁ ତ ଅମୃତ ସାଗର ବିନ୍ଦୁ
ନଭେ ଉଠିଥିଲି ତେଜି ସିନ୍ଧୁ

ଖସି ମିଶିଛି ଅମୃତ ଧାରେ
ଗତି କରୁଛି ସେ ଅକୂପାରେ
ପଥେ ଶୁଖିରଲେ ପାପ ତାପରେ
ହୋଇ ଶିଶିର ଖସିବି ତା ପରେ
ଅମୃତମୟ ଅମୃତରୟ
ସହିତ ମିଶିବି ସାଗରେ ।

●●

ଚିନ୍ତାମଣି ମହାନ୍ତ

୨୫ ଶାରଦୀ ଲକ୍ଷ୍ମୀ

ଆଦ୍ରବାସେ ଭାଦ୍ରମାସେ କେ ତୁମ୍ଭେ ସୁନ୍ଦରୀ
ଅବସ୍ଥିତ ଦଶଦିଗ ରୂପେ ଆଲୋ କରି ।
ବିମ୍ବାଧରେ ପୁଷ୍ପହାସେ ବରଷ ଅମୃତ
ଶ୍ୟାମ ସୁକୁମାର ତନୁ ପୁଲେ ଅଦ୍ଭୁତ ।
ଅଗସ୍ତ୍ୟ-ଶୈଭିବ ମଣି ଦୋଳେ ନାସାତଳେ
ମୌକ୍ତିକ ନିହାର ହାର ଶୋଭେ ବକ୍ଷସ୍ଥଳେ ।
ପ୍ରସନ୍ନ ପାବନ ଦୃଷ୍ଟି-କୌମୁଦି ଶୀତଳ
କଳୁଷ ପଙ୍କିଳ ଜଳେ କରେ ସୁନିର୍ମଳ ।
ବନସ୍ପତି ରାଜଜେମା ଅଲେକ ବାହିକା
ତାଙ୍କେ ପୁଷ୍ପାଞ୍ଜଳି ତବ ପଦେ ଶେଫାଳିକା ।
ବିତରିଛ ବରାଭୟ ଦ୍ୱିକରେ ହରଷେ
କରୁଛ ସମୃଦ୍ଧ ବିଶ୍ୱେ କଟାକ୍ଷ ପରଶେ ।
ହସାଉଛ ଧରଣୀକି ପ୍ରିୟଭାଷା ଭାଷି,
ଝରୁଛି ସେ ହାସୁ ତାର ମଣି ମୁକ୍ତା ରାଶି ।
ସରଳ ତୁମ୍ଭର ମୂର୍ତ୍ତି ମଧୁର ଉଦାର
ସରଳ ହୃଦୟ ପୁଣି ସରଳ ବେଭାର ।
ସରଳ ଶୀତଳ ଶୋଭା ଖେଳେ ଅପଘନେ
ଆଣେ ନାହିଁ ଅବସାଦ ସେ ଶୋଭା ନୟନେ ।

ଖସି ମିଶିଛି ଅମୃତ ଧାରେ
ଗତି କରୁଛି ସେ ଅକୂପାରେ
ପଥେ ଶୁଖିରଲେ ପାପ ତାପରେ
ହୋଇ ଶିଶିର ଖସିବି ତା ପରେ
ଅମୃତମୟ ଅମୃତରୟ
ସହିତ ମିଶିବି ସାଗରେ ।

●●

ଚିନ୍ତାମଣି ମହାନ୍ତ

୨୫ ଶାରଦୀ ଲକ୍ଷ୍ମୀ

ଆଦ୍ରବାସେ ଭାଦ୍ରମାସେ କେ ତୁମ୍ଭେ ସୁନ୍ଦରୀ
ଅବସ୍ଥିତ ଦଶଦିଗ ରୂପେ ଆଲୋ କରି ।
ବିମ୍ବାଧରେ ପୁଷ୍ପହାସେ ବରଷ ଅମୃତ
ଶ୍ୟାମ ସୁକୁମାର ତନୁ ପୁଲେ ଅଦ୍ଭୁତ ।
ଅଗସ୍ତ୍ୟ-ଶୈଭିବ ମଣି ଦୋଳେ ନାସାତଳେ
ମୌକ୍ତିକ ନିହାର ହାର ଶୋଭେ ବକ୍ଷସ୍ଥଳେ ।
ପ୍ରସନ୍ନ ପାବନ ଦୃଷ୍ଟି-କୌମୁଦି ଶୀତଳ
କଳୁଷ ପଙ୍କିଳ ଜଳେ କରେ ସୁନିର୍ମଳ ।
ବନସ୍ପତି ରାଜଜେମା ଅଲେକ ବାହିକା
ତାଙ୍କେ ପୁଷ୍ପାଞ୍ଜଳି ତବ ପଦେ ଶେଫାଳିକା ।
ବିତରିଛ ବରାଭୟ ଦ୍ୱିକରେ ହରଷେ
କରୁଛ ସମୃଦ୍ଧ ବିଶ୍ୱେ କଟାକ୍ଷ ପରଶେ ।
ହସାଉଛ ଧରଣୀକି ପ୍ରିୟଭାଷା ଭାଷି,
ଝରୁଛି ସେ ହାସୁ ତାର ମଣି ମୁକ୍ତା ରାଶି ।
ସରଳ ତୁମ୍ଭର ମୂର୍ତ୍ତି ମଧୁର ଉଦାର
ସରଳ ହୃଦୟ ପୁଣି ସରଳ ବେଭାର ।
ସରଳ ଶୀତଳ ଶୋଭା ଖେଳେ ଅପଘନେ
ଆଣେ ନାହିଁ ଅବସାଦ ସେ ଶୋଭା ନୟନେ ।

ମହିମା-ମୟୂଖ ଧାରା ନିଃସରେ ବଦନୁ
ତା ଦେଖି ମିଳାଏ ନଭେ ଭୟେ ଇନ୍ଦ୍ରଧନୁ ।
ଅନନ୍ତ କରୁଣା କରି ଜଗତକୁ ଦାନ,
ଭଟିବ ଦ୍ୱିମାସ ପରେ ତୁମ୍ଭେ ଅନ୍ତର୍ଦ୍ଧାନ ।
ଦେବା ପାଇଁ ଆସ ତୁମ୍ଭେ ତାହା ତୁମ୍ଭ କାମ,
ଦେଇସାରି ଚାଲିଯାଅ ସାଧ୍ ସ୍ୱୀୟ ଧର୍ମ ।

●●

୨୬. ସାଳନ୍ଦୀ

ଚାରୁ ଚକ୍ରବାକୀ ମହା ମକରନ୍ଦୀ,
ମହ୍ୟମୟୀ ସ୍ୱଚ୍ଛ- ସଲୀଳା ସାଳନ୍ଦୀ !
ମେଘାସନର ତୁ ଅଟୁ ଜ୍ୟେଷ୍ଠା କନ୍ୟା
ତରଙ୍ଗିଣୀ ଚାଣୀ ରୂପେ ଗୁଣେ ଧନ୍ୟା ।
ସଲୀଳ ତୋହର ଯଥା କାଚ-ଧାର
ସାଧୂମନ ପ୍ରାୟେ ନିର୍ମଳ ଉଦାର ।
ପିଇଲେ ସେ ସୁଧା- ସମ ମଧୂପୟ
ଦୂର ହୁଏ ଦେହୁଁ ସକଳ ଆମୟ ।
ସ୍ନାନେ ତହିଁ କ୍ଷୟ ହୁଏ ପାପରାଶି
ଅଖଣ୍ଡ ସ୍ୱୀକୃତି ଉଦେ ହୁଏ ଆସି ।
ତୋହ ପୂତଜଳେ ଜଳେ ତରପଣ
ଲଭନ୍ତି ସନ୍ତୋଷ ଦେବ ପିତୃଗଣ ।
କାଳିନ୍ଦୀ ସମାନ ତୁହି ଲୋ ସାଳନ୍ଦୀ
ସ୍ୱଚ୍ଛ ଅନ୍ତଃସ୍ରୋତା ଯଥା ଫଲ୍‌ଗୁ ନଦୀ ।

X X X

ଶୁଭ ଆଗମନ ନିରେଖି ତୋହର
ଉଲ୍ଲାସେ ବନ୍ଦିଲେ ତୋତେ ଚରାଚର ।
ପକ୍ଷୀଗଣ ମିଳି ଦେଲେ ହୁଳହୁଳି
ସେ ରବେ ଚୌଦିଗ ପଡ଼ିଲା ଉଛୁଳି ।

ପର୍ବତ କନ୍ଦରା ମଧରୁ ପବନ
କଲା ଘନ ଘନ ଶୁଭ ଶଙ୍ଖ ସ୍ୱନ !
ଦିଗ୍‌ଦେବୀମଣ୍ଡଳୀ ଲଭିଣ ଆହ୍ଲାଦ
ପ୍ରତିଧ୍ୱନି ବ୍ୟାଜେ କଲେ ଆଶୀର୍ବାଦ ।
ପୁଷ୍ପାଞ୍ଜଳି ଦେଇ ଅର୍ଚ୍ଚିଲେ ସେ କାଳେ
ବେନି କୂଳବର୍ତ୍ତୀ ବନସ୍ଥଳି ଜାଳେ ।
ତୀରଚାରୀ ମୃଗ ମୃଗୀ କୋଟି କୋଟି
ତୀର ବେଗେ ଧାଇଁ ଆସିଲେ ପାଛୋଟି ।
ତୀରମଣ୍ଡି ତଣ୍ଡି ଶାଖା ସଞ୍ଚାଳନ-
ଛଳେ କଲେ ଶୀତ ଚ୍ୟାମର ବ୍ୟଜନ ।
ଓଗାଳିଣ କେତେ ବାଧା ଗତିପଥେ
ବାଦ ସାଧିଲେ ସେ ତୋର ମନୋରଥେ ।

X X X

ଶିଳା ଶେୟେ କଲୁ ଡେରଁ ଡେଇଁ ଗତି
କାହିଁ ଉଗ୍ର କାହିଁ ଶୀତଳ ମୂରତି ।
କାହିଁ ଘୁଘୁ କାହିଁ ଧୂ ଧୂ ସ୍ୱନେ ସ୍ୱନି
କାହିଁ ଚଳୁ ଜରି କଳ କଳ ଧ୍ୱନି ।
କାହିଁ ଜଳସ୍ତମ୍ଭ ପୃଜି କୁତୂହଳେ
ଉର୍ଦ୍ଧ୍ୱ ଦେଶୁଁ ଢେଇଁ ପଡ଼ ଖରତରେ ।
ଗର୍ଜି ଉଛେ ତୁଦ୍ଧା ନାଗୁଣୀ ସମାନ
ଉଦ୍‌ଗାରୁ ସବେଗେ ଫେନପୁଞ୍ଜମାନ ।
ବହୁର ପାଷାଣ ଶେଯେ ହୋଇ ପାର
ଭେଟିଲୁ ଆସୁ ତୁ ବିସ୍ତୀର୍ଣ୍ଣ କାନ୍ତାର ।
ଅସଂଖ୍ୟ ଶ୍ୱାପଦ- ଜନ୍ତୁ ଅଧ୍ୟୁଷିତ
ଗାଏ ବିଭୀଷିକା ନୀରବ ସଙ୍ଗୀତ ।
ନିଃଶଙ୍କେ ଭେଦି ତୁ ସେ ଘୋର କାନନେ
ହେଲୁ ଅଗ୍ରସର କୁଟିଳ ଶମନେ ।
ହେରି ତୋ ଉଲ୍ଲୋଳ କଲ୍ଲୋଳର ଲୀଳା
କଳନିନାଦିନୀ ନିର୍ମଳ ସଲୀଳା,

ଗଡ଼ଜୋଳ ନଦୀ ପୁଣି କଣ୍ଟିଆଳୀ
ଆଲିଙ୍ଗିଲେ ତୋତେ ଯଥା ପ୍ରିୟ ଆଳୀ ।
ନୀର କ୍ଷୀର ପ୍ରାୟେ ହୃଦୟେ ହୃଦୟେ
ମିଶାଇ ଚଳିଲୁ ଘେନି ସଖୀ ଦ୍ୱୟେ ।

X X X

ରୁଦ୍ର ମନୋହର ଆଶ୍ଚର୍ଯ୍ୟ ଦୃଶ୍ୟରେ
ପୂର୍ଣ୍ଣ ବକ୍ଷ ତୀର ତୋର ନିରନ୍ତରେ ।
ଏକାଧାରେ ଠିଢ ହସ, କାନ୍ଦ, ରୋଷ
ଯେ ଆଧାରେ ଗୁଣ ସେ ଆଧାରେ ଦୋଷ
ତହିଁ କିଛି ଦୂର ବହି ବନପଥେ
ଚମ୍ପାପାଳ ଗ୍ରାମ ଭେଟିଲୁ ପୁରତେ ।
ଭଞ୍ଜଭୂମି ସୀମା ସେହିଠାରୁ ଛାଡ଼ି
ନିମ୍ନ ଗତି କଲୁ ପଥାପଥ ମାଡ଼ି ।
ହଦଗଡୁ ଛାଡ଼ି ଜାଙ୍ଗଲ ପ୍ରଦେଶ
ମାଗଧ ସୀମାରେ କଲୁ ତୁ ପ୍ରବେଶ ।
କେତେ ସ୍ଥାନେ ବହୁ କେତେ ଭଙ୍ଗି କରି
କାହିଁ ବକ୍ରଗତି ଭୁଜଙ୍ଗିନୀ ପରି ।
କାହିଁ ବା ସଳଖେ ଯାଉ ଖଣ୍ଡେ ଚାଲି
ଗିରି ଗର୍ଭେ କାହିଁ ଖେଳୁ ଲୁଚକାଳି ।
କାହିଁ ବହୁ ଧରି ବିସ୍ତୀର୍ଣ୍ଣ ଆକାର
କାହିଁ ଅବା କ୍ଷୀଣ ଯଥା ସରୁ ଗାର ।
ଲଙ୍ଘି କେତେ ବନ ବିଶାଳ ପ୍ରାନ୍ତର
ଗ୍ରାମ ରାଜଧାନୀ ଅସଂଖ୍ୟ ନଗର ।
ମିଶାଇଲୁ ଅଙ୍ଗ ମହାସିନ୍ଧୁ ଅଙ୍ଗେ,
ପାଡକ ହାରିଣୀ ବୈତରଣୀ ସଂଗେ ।
ସୁଖଦ ଶରତେ ଧରୁ ଲୋ ସାଇନ୍ଦି,
ରମଣୀୟ ଶୋଭା ଯଥା ଦେବନଦୀ ।
ଧରଣୀର ଚାରୁ ସୀମନ୍ତ ପରାୟେ
ସେକାଳେ ତୋ ଦିବ୍ୟ ରୂପ ଶୋଭା ପାଏ ।

ବର୍ଷା କଳୁଷିତ ଭାବ ପରିହରି
ସତ୍ତ୍ୱ ଗୁଣ ଧରି ଭ୍ରମୁ ପୂର୍ବ ପରି ।
ବଢ଼ାଏ ସାବର ଚଞ୍ଚମ ଶରୀର
ଶୁଭ୍ର ନୀର ତୋର ଯଥା ମାତୃକ୍ଷୀର ।
ଶୁକ୍ତି-ତାରକିତ ବାଲୁକା ପୁଲିନ
ମନ କ୍ଷୁଦ୍ର ଭାବ କରିଦିଏ ଲୀନ ।
ଚାନ୍ଦିନୀ ରାତିରେ ସେ ମୁକ୍ତି-ସୈକତ
ଶୋଭେ ହୀରାଖଣ୍ଡ ମୁକ୍ତା ରାଶିବତ ।
ଚଳଦେବୀ କୁଳ କେଳି ନିକାଞ୍ଚନ
ତେଣୁ ଅବା ଠୁଳ ହୋର ଦେବୀଗଣ ।
ତାଣ୍ଡବ ନର୍ତ୍ତନ କରନ୍ତି ଏ ଠାବେ
ଗଭୀର ନିଶୀଥେ ଭୋଳା ହୋଇ ଭାବେ ।
ସେ ନର୍ତ୍ତନେ ଛିଡ଼ି ମୋତି ହୀରା ହାରେ
ବୁଣି ହୋଇ ଅବା ପଡ଼ିଛି ଏଠାରେ ।
ସାତ ପାଞ୍ଚ ମାଝି ମିଳି ଏକସଙ୍ଗେ
ବସି ନିଜ ନିଜ ନାବ ପଛ ମଙ୍ଗେ,
କ୍ଷେପଣି ନିକ୍ଷେପି ଗୀତ ଗାଇ ଗାର
ଧୀର ସ୍ରୋତେ ନାବ ନେଉଥାନ୍ତି ବାହି ।
ଶ୍ରମ-ଅପହାରୀ ସେ ଢ଼ମାଳି ସ୍ୱର
ନଦୀବକ୍ଷ କରେ ନିଶୀଥେ ମୁଖର ।
ହେମନ୍ତେ ତୋ ତୀରେ ରାଜେ ଶସ୍ୟକ୍ଷେତ୍ର
ଆକର୍ଷେ ଦୃଢ଼େ ସେ ଦର୍ଶକର ନେତ୍ର ।
ସର୍ଷପ କେଦାର ଘନେ ପୁଟି ଫୁଲ
ଦିଶେ ଶୁଖେ ଯଥା ତୋ ପୀତ ଦୁକୂଳ ।
ତିଳ କ୍ଷେତ୍ରେ ବସେ ସୁନାସିକା ହାଟ
ଶଣ ପରାଗରେ ପୂରେ ବାଟଘାଟ ।
ଏ କାଛେ ତୋ ତୀର ଶୋଭାର ଆକର
ଶସ୍ୟ ପୂର୍ଣ୍ଣ ଯଥା ଲକ୍ଷ୍ମୀ ଗନ୍ତାଘର ।
ବସନ୍ତେ ତୋହର ତୀର ବୃକ୍ଷ ରାଜି
ମଳୟ ମାରୁତେ ହୋଇ ଦେହ ମାଜି,

ପ୍ରକାଶନ୍ତି ସର୍ବେ ଅପୂର୍ବ ମାଧୁରୀ
ଫଳେ କିଶଳୟେ, କୁସୁମେ ପ୍ରପୂରି ।
କାହିଁ ହିଙ୍ଗୁଳିତ କିଂଶୁକ ସୁମନେ,
ପଗୁ ଖେଳନ୍ତି କି ଦିରଙ୍ଗନାଗଣେ ।
ସ୍ତରେ ସ୍ତରେ କାହିଁ ଫୁଟିଣ ଅଶୋକ
ବିରହୀ ହୃଦୟେ ଆଣେ ଘୋର ଶୋକ ।
ମାର ଛୁରୀଧାରୀ କାହିଁ ଛୁରୀଅନା
ନାଗରୀ ନାଗରେ କରଇ ତର୍ଜନା ।
କାହିଁ ବା ବସନ୍ତ- ବାହ୍ୟବୀ ମାଧବୀ
ଗନ୍ଧେ ମହକାଏ ତୋ ତୀର ଅଟବୀ ।
କାହିଁ ଅବା ଫୁଟି ସୁରଙ୍ଗ ଶାଳୁକୀ ।
ରୂପ ଉଜଳାଏ ତୀର ବନସ୍ଥଳୀ ।
ବହୁ ପକ୍ଷୀ ତହିଁ କରି ମଧୁପାନ
ଆନନ୍ଦ ସଙ୍ଗୀତ କରୁଥାନ୍ତି ଗାନ ।

(ଆଂଶିକ)

●●

ନନ୍ଦକିଶୋର ବଳ

୨୭. **ଅଦିନ ମେଘ**

ମଧୁମାସ ଶେଷେ ବଇଶାଖ ମାସେ
ବରଷେ ଅଦିନ ମେଘ,
ତା ଦେଖି ଶିଶୁଏ ଗୀତ ଗାଉଥାନ୍ତି
ଚିତ୍ତେ ଅତି ଉଦ୍‌ବେଗ ।
ପାଣି ସଙ୍ଗେ ପଡ଼େ ସ୍ୱରଗ ପଥର
ତା ଦେଖି ବାଳକମାନେ,
ସାଉଣି ଖାଇଣ, ଗୀତ ଗାଉଥିଲେ
ଘୋର ଉଚ୍ଚ ତାନମାନେ—

ପ୍ରକାଶନ୍ତି ସର୍ବେ ଅପୂର୍ବ ମାଧୁରୀ
ଫଳେ କିଶଳୟେ, କୁସୁମେ ପ୍ରପୂରି ।
କାହିଁ ହିଙ୍ଗୁଳିତ କିଂଶୁକ ସୁମନେ,
ପଗୁ ଖେଳନ୍ତି କି ଦିରଙ୍ଗନାଗଣେ ।
ସ୍ତରେ ସ୍ତରେ କାହିଁ ଫୁଟିଣ ଅଶୋକ
ବିରହୀ ହୃଦୟେ ଆଣେ ଘୋର ଶୋକ ।
ମାର ଛୁରୀଧାରୀ କାହିଁ ଛୁରୀଅନା
ନାଗରୀ ନାଗରେ କରଇ ତର୍ଜନା ।
କାହିଁ ବା ବସନ୍ତ- ବାହ୍ୟବୀ ମାଧବୀ
ଗନ୍ଧେ ମହକାଏ ତୋ ତୀର ଅଟବୀ ।
କାହିଁ ଅବା ଫୁଟି ସୁରଙ୍ଗ ଶାଳୁକୀ ।
ରୂପ ଉଜଳାଏ ତୀର ବନସ୍ଥଳୀ ।
ବହୁ ପକ୍ଷୀ ତହିଁ କରି ମଧୁପାନ
ଆନନ୍ଦ ସଙ୍ଗୀତ କରୁଥାନ୍ତି ଗାନ ।

(ଆଂଶିକ)

●●

ନନ୍ଦକିଶୋର ବଳ

୨୭. **ଅଦିନ ମେଘ**

ମଧୁମାସ ଶେଷେ ବଇଶାଖ ମାସେ
ବରଷେ ଅଦିନ ମେଘ,
ତା ଦେଖି ଶିଶୁଏ ଗୀତ ଗାଉଥାନ୍ତି
ଚିତ୍ତେ ଅତି ଉଦ୍‌ବେଗ ।
ପାଣି ସଙ୍ଗେ ପଡ଼େ ସ୍ୱରଗ ପଥର
ତା ଦେଖି ବାଳକମାନେ,
ସାଉଣି ଖାଇଣ, ଗୀତ ଗାଉଥିଲେ
ଘୋର ଉଚ୍ଚ ତାନମାନେ—

"ଖରା କରୁଅଛି ମେଘ ବରଷୁଛି
ବିଲୁଆ ହେଉଛି ବାହା !"
ଅଦିନ ବରଷା କେଡ଼େ ଶୋଭାବନ
କି ବିଚିତ୍ର ଲୀଳା ଆହା !
ବାହୁଁ ଆସିଲୁ ରେ ଅକାଳ ବରଷା
ବିପାଇଁ ଦେଲୁ ତୁ ଦେଖା ?
ତୋ ଆସିବା ବାର୍ତ୍ତା ଦେଇ ତ ନ ଥିଲା
ଋତୁ-ଚକ୍ର-ବିଧି ଲେଖା ।

ତୋ ଦର୍ଶନେ ଶୁଭେ ମେଘ ରେ ମୋ କର୍ଣ୍ଣେ
କାହାର ଦୂର ଆହ୍ୱାନ ?
ଅତୀତ ରାଜ୍ୟର ଅସ୍ପଷ୍ଟ ମୂରତି
ପରଶେ ମୋର ପରାଣ !
ବିଷାଦର ଛାୟା ପତିତ ହୁଅଇ
ହୃଦକ୍ଷେତ୍ରେ ଘନ ଘନ,
ବିଗତ ଜନ୍ମର ସୁଖସ୍ମୃତି ଅବା
ଅଲକ୍ଷ୍ୟେ ଦହେ ମୋ ମନ ।
କି ଅବା ଦୂରସ୍ଥ ପ୍ରାଣବନ୍ଧୁ କେହି
ମନେ କରେ କଥା ମୋର,
ଗୁପତେ ମୋ ଆତ୍ମା ବିଦଗ୍ଧ କରୁଛି
ସେ ସ୍ମୃତି ଗୁପତ ଜୋର !
ଚିନ୍ତାର୍ଣ୍ଣବେ ବୁଡ଼େ ମନ-ମୀନ ମୋର
ତୋତେ ଦେଖି ନବଘନ,
କାହିଁ ବସି କିଏ ଗାଇଲା ସଙ୍ଗୀତ
ଭାବରେ ବିଭୋର ମନ,—

"ତିବି ତିବି ବାଜେ ଯୋଡ଼ି ନାଗରା ହୋ
କାଉ ଡ଼ାକେ କାଆ କାଆ,
ଖରା କରୁଅଛି ମେଘ ବରଷୁଛି
ବିଲୁଆ ପୁଅର ବାହା ।"

୨୮. ଅତୃପ୍ତ ପ୍ରେମ

କିପାଁ ବିଶ୍ୱସଂସାର ଏତେ ସୁନ୍ଦର—
ନିର୍ଜ୍ଜିବ ଅଚେତନ ଚେତନ ନର ?
କିପାଁ ବାରମାସରେ ପ୍ରକୃତି ରାଣୀ
ପ୍ରକାଶନ୍ତି ଅଶେଷ ଲାବଣ୍ୟଠାଣି ?
କିପାରଁ ଉଷା ସନ୍ଧ୍ୟା ମୋହନ ବେଶେ
ହସନ୍ତି ଆସି ନିତି ଏ ବିଶ୍ୱ ଦେଶେ ?
ନୀଳ ଘନ-ଅଙ୍କରେ ଚପଳା ସରି
ମଣ୍ଡର ଧରା କିପାଁ ନାରୀ ସୁନ୍ଦରୀ ?
କିପାଇଁ ରାବେ 'କୁହୁ କୁହୁ' କୋକିଳ,
କାହିଁକି ବହେ ମୃଦୁ ମଳୟାନିଳ ?
କିପାରଁ କଅଁଳର ଦ୍ରୁମ ଲତିକା,
କିଂପାରଁ ଚହଟର ପୁଷ୍ପ କଳିକା ?
ରାବେ କାଂପାଇଁ ବସି ବିହଙ୍ଗ ଡାଳେ,
କିପାଁ ଗଗନୁ ରନ୍ଦୁ ଅମୃତ ଢ଼ାଳେ ?
କାହିଁକି ବିଶ୍ୱପ୍ରାଣ ବିମୁଗ୍ଧ କରି
ରମଣୀ-କଣ୍ଠୁ ଉଠେ ତାନ ଲହରୀ ?
ଏ ସୁଖେ ମୋ ପ୍ରାଣର ତୃପତି ନାହିଁ,
ଅନ୍ତର ଲୋଡ଼େ ଯାହା ସେ ମୋର କାହିଁ ?
ଥିଲେହେଁ ବହୁ ତୋୟ ନଦୀ, ସାଗରେ,
ଚାତକ-ଆଶା ସିନା ଘନ-ନୀରରେ ।
ମେଣ୍ଟିବାର ନୁହଁଇ ମୋ ପ୍ରାଣ-ଆଶ,
ନୈରାଶ୍ୟ-ସିନ୍ଧୁଜଳେ ଦେରଛି ଝାସ ।
ନିୟତି-ନୀରେ ଭାସିଗଲା ମୋ ଆଶା,
ପ୍ରକାଶି ନ ପାରଇ ମୋ ଦୁଃଖ ଭାଷା ।
ଛିନ୍ନ ହୋଇଛି ମୁଳୁଁ ମୋ ସୁଖ-ଦ୍ରୁମ
ପଡ଼ିଛି ବୃନ୍ତୁଁ ଝଡ଼ି ପ୍ରୀତି-କୁସୁମ ।
ଗଲା କଥା ଭାବିଲେ କି ହେବ ଆଉ ?
ବିସ୍ମୃତି ଗରଭେ ସେ ଉଭେଇ ଯାଉ ।

ଉଚ୍ଚାଣ ସନ୍ତରିଣ କାଳସ୍ରୋତର,
ବାଞ୍ଛିତ ଧନ ପାର ପାରେ କି ନର ?
ଦେଲ କାମନା ଯେବେ ହେ ଭଗବାନ,
ନୈରାଶ୍ୟେ ଭାଙ୍ଗିଦେଲ କିପାଁ ଏ ପ୍ରାଣ ?
ଯେ ଯାହା ଲୋଡ଼େ ଭବେ ନ ମିଳେ ତାହା,
ପ୍ରବଞ୍ଚେ ପ୍ରାଣ ତାର ଆଶାର ମାୟା ।
ତୃଷାରେ ଜର୍ଜ୍ଜରିତ ହୁଏ ଅନ୍ତର,
ଆଶା-ମରୀଚିକାରେ ବିଭ୍ରମେ ନର ।
ଯାହାକୁ ଇରିଥାଉଁ ପ୍ରାଣର ଧନ,
ଏଡ଼ି ସେ ନିଜ ପଥେ କରେ ଗମନ ।
ଜୀବନ ବସନ୍ତରେ ପ୍ରେମର କଢ଼ି,
ପୂଟି ଅକାଳେ ତଳେ ପଡ଼ର ଝଡ଼ି ।
ନୈରାଶ୍ୟେ ଭଗ୍ନ ହୁଏ ଆଶାୟୀ-ପ୍ରାଣ,
ନୁହେ ସଂସାର ସୁଖଶାନ୍ତିର ସ୍ଥାନ ।
ତଥାପି ଭାଙ୍ଗି ନ ଯା ଆରେ ଅନ୍ତର,
ମହା ଶୁଭ ଉଦ୍ଦେଶ୍ୟ ଏ ବ୍ରହ୍ମାଣ୍ଡର ।

●●

୨୯. ପଲ୍ଲୀପଥ

ଶୀତ ଶେଷେ ଗ୍ରାମବଧୂ ଗଣ
କରି ପ୍ରାତଃସ୍ନାନ ସମାପନ
ଥର ଥର ଦଶନରେ ତୁନି ତୁନି ନିସ୍ୱନରେ
ଦୁଃଖ-ସୁଖ କହି ଆସୁଥିଲେ ବାଳାଗଣ,
ବହୁଥିଲା ମୋ କର୍ଣ୍ଣେ ସେ ସ୍ୱନ ସମୀରଣ ।
ଏ ସମୟେ ତେଜି ନିଦ୍ରାଶୟ
ଶୂନ୍ୟପ୍ରାଣେ ଛାଡ଼ିଲି ନିଳୟ
ବିଚାରି ଅବା ଭ୍ରମଣେ ଶାନ୍ତି ବିରାଜିବ ମନେ,
ଦେଖିଲି ଗଗନପଥେ ସୁରବଧୂ ଉଷା
ପିନ୍ଧି ହୋଇଅଛି ଉତ୍ତା ଚାରୁ ଶୁକ୍ଳଭୂଷା ।

ନନ୍ଦକିଶୋର ବଳ

ଉଷାସମ ଗ୍ରାମପଥେ କିଏ ?
ଏକୁଟିଆ ନବବଧୂଟିଏ
ଥରୁଥରୁ ହୁଏ ଚାଡ଼େ ପଥୁ ଘଣ୍ଟି ହୁଏ ଆଡ଼େ,
ମୁଁ ଆଡ଼ ହୁଅନ୍ତେ ପାଦେ ବାଜି ଲାଜକୁନୀ
ବ୍ରୀଡ଼ାବତୀ ସେ ବ୍ରତତା ପଡ଼ିଲା ଝାଉଁଚି ।

ଅଳପ ଅଳପ ପଡ଼ି ଖରା
ଅପରୂପ ଶୋଭାବତୀ ଧରା,
ବସିଣ ବାଡ଼ି ଭିତରେ ନାରୀଏ ହୃଷ୍ଟ ଚିତ୍ତରେ
ସେବୁଥିଲେ ପ୍ରାଚୀପୃଷ୍ଠା ହୋର ରବିକର,
ଅଳପ-ଉତ୍ତାପ ଯୋଗୁଁ ତନୁ ଥର ଥର ।

ଆହା କିଏ ଏସନକ ଜାଳେ
ଘନସାନ୍ଦ୍ର ତମାଳର ଡାଳେ
ଚିରପରିଚିତ ସ୍ୱନେ ସୁଦୂର୍ଲ୍ଲଭ ଯୁଗ୍ମବର୍ଣ୍ଣେ
ସୁଧାସ୍ୱନେ ଡାକେ ଆସି ନବୀନ ଅତିଥି ?
କାଳ-ବାରିଧିରେ ବର୍ଷେ ଯାଇଅଛି ବିତି !

କାହିଁ ଥିଲୁ ବର୍ଷେ ପରଭୃତ,
କିପାଁ ରାବୁ ରେ ବସନ୍ତ ଦୂତ !
କେତେ ସୁଖ ଦୁଃଖ ବିତି ଯାଇଅଛି ନିତି ନିତି,
ସ୍ମୃତି ତାର ଦିଗନ୍ତରେ ଲୁଚି ରହିଥିଲା,
ତୋ ସ୍ୱନ ଶୁଣନ୍ତେ ଆହା ବିଭାସି ଉଠିଲା !

ହେମ-ଅଙ୍ଗୀ ନୀଳକେଶୀ ଗଣ
ଚମକିଣ ଡେରିଲେ ଶ୍ରବଣ,
ଶୁଣି ଅପରୂପ ଗାନ ଆବେଶେ ବିହ୍ୱଳ ପ୍ରାଣ
ତଞ୍ଚଳିତ ହେମ-ଅଙ୍ଗେ ଉଛୁଳି ପଡ଼ିଲା,
ସୃଷ୍ଟି-ପଟେ ଚାରୁ ଚିତ୍ର କିଏ ସେ ଆଙ୍କିଲା ?

●●

୩୦. ## ଏକାଟିଆ ଚଷା ଗୀତ

ଦେଖୁଁ ଦେଖୁଁ ମାଡ଼ି ଆସେ ଘନ ବରଷା
ବିଲକାମ ସାରି ଚାଲି ଗଲେଣି ଚଷା,
ଗଗନେ ଘରଜେ ଘନ
ବହଇ ଖର ପବନ,
ଘୋର ରଡ଼ି ଘଡ଼ଘଡ଼ି ଛଡ଼େ ଉରସା,
ଦେଖୁଁ ଦେଖୁ ମାଡ଼ି ଆସେ ଘନ ବରଷା ।
ନିଆଁଟିଆ ପାଟ ବିଲ ମାଡ଼ଇ ଡର
ଠକ ଠକ ପଡ଼େ ମୁଣ୍ଡେ ସ୍ୱର୍ଗ ପଥର,
ଚଉଦିଗେ ଚକ ଚକ
ଦିଶେ ବିଜୁଳି ଚମକ,
ଗିରିବନେ ଗରଜନ୍ତି ଲତାପତର,
ଘର ଘର ପାଟବିଲ, ମାଡ଼ଇ ଡର ।
ଏକାଟିଆ ଚଷା ମୁହିଁ ସାହା ମୋ ନାହିଁ
ସାଥୀ ଚଷାମାନେ ମୋତେ କରନ୍ତି ଚାହିଁ,
ନବୀନ-ବରଷା କାଳେ
ଡାକଇ ଡାହୁକ ଡାଳେ
ନ ଛାଡ଼ିଲେ ପ୍ରେୟସୀକୁ ତା ବାପ ଭାଇ,
ଏକାଟିଆ ଚଷା ମୁହିଁ ସାହା ମୋ ନାହିଁ ।
ନୀଳ ଆକାଶରେ ଦିଶେ କଳା ବଉଦ
ଗହୀର ବିଲ-ମଝିରେ ବେଣାର କୁଦ,
ଆକାଶ ଢାଙ୍କଇ ଘନ
ବହଇ ଖର ପବନ
ଇନ୍ଦ୍ର ନୀଳମଣି ବର୍ଣ୍ଣ ଦେବ-ସଉଧ,
ନୀଳ-ଆକାଶରେ ଦିଶେ କଳା ବଉଦ ।
ପର୍ବତ ଶିଖରେ ମେଘ ରଚଇ ଲଟା
ନଉକୂଳେ ହୁଏ ଧାନ କିଆରୀ କଟା,
ଦୁଇ କୂଳ ଖାଇ ନଈ
ଯାଏ କେଉଁ ଦେଶେ ବହି

ଘୋର ବରଷାର ଆଜି କି ଘନଘଟା,
ପର୍ବତ ଶିଖରେ ମେଘ ଚରୁଛି ଛଟା ।
ଯାଏ ସିନ୍ଧୁ ପାଶେ ମତ୍ତ ଯୌବନ ଭରା
ଦୁଇ କୂଳ ଖାଇ ନଈ, ଖସେ ଅତରା,
ଏ ବୟସେ ସେ ଯୁବତୀ
ନାହିଁ ଯାହା ମୋର କତି
ଉଦ୍ଦାମ ଯୌବନେ ଧନୀ ସେ ଦେଶୁଁ ପରା,
ଆସେ ମୋର ପାଶେ ମତ୍ତ ଯୌବନ ଭରା ।
ଆକାଶେ ଦିଶଇ ମେଘ କଜାହାଣ୍ଡିଆ
ସେପାରିରେ ଡାକେ କିଏ ହୋଇଣ ଠିଆ ?
ଦୂର ଦେଶର ବାଟୋଇ
ନାହିଁ ମୋର ସାଥୀ କେହି
ନାବ ବହି ଆଣ ବେଗେ ଏ ନାଉରିଆ,
ଆକାଶେ ଦିଶଇ ମେଘ କଜାହାଣ୍ଡିଆ ।
କେତେ ଗୀତ ଗାଉ ଆରେ ନାଉରୀ ଭାଇ
ତୁରିତେ ଏ ପାରି ନାବ ଆଣ ତୁ ବାଇ,
ଝର ଝର ଝରେ ନୀର
କଳ କଳ ନଦୀତୀର,
ମାଡ଼ି ଆସୁଛି ଅନ୍ଧାର ବେଳ ତ ନାହିଁ,
ବାଇ ଆଣ ବେଗେ ନାବ ନାଉରୀ ଭାଇ ।

●●

୩୧. ବାଟୋଇ ଓ ନାଉରିଆ

ମେଘ ବରଷଇ ବିଜୁଳି ମାରଇ
ପବନ ବହଇ ଖର,
ବାଟ ଚାଲି ଚାଲି ପଡ଼ିଛି ମୁଁ ଥକି
ଦୂର ଦେଶ ମୋର ଘର ।
ଘୋର ଗରଜନେ ଦିଗ ଚମକଇ
ମେଘ ତ କଜାହାଣ୍ଡିଆ,

ଅନେକ ଦୂରର ବିଦେଶୀ ବାଟୋଇ
ନାବ ଆଣ ନାଉରିଆ ।
ଦୁଇ କୂଳ ଖାଇ ଉହୁଳର ନଈ
ଖରେ ବହୁଅଛି ବାଆ,
ମେଘ ଘରଜର ବିଜୁଳି ମାଉର
କେମନ୍ତେ ମୁଁ ନେବି ନାଆ ?
ଉଉଁରି ଖେଳାଇ ଫେଣ ଚବକାର
ଘୋର ଘରଜଇ ନଈ,
ଅଜାତ ପାଣିରେ ଆହୁରା ନ ମାନେ
କେମନ୍ତେ ନାବ ନେବଇ ।
ଗହ ଗହ ପାଟ ଏପାରି ପାଇରେ
ସିରି ସିରି ବହେ ବାଆ,
ନାହିଁ ଜନ ପ୍ରାଣୀ କାଉ କୋରଲି ରେ
ନାହିଁ କିରେ ତୋର ମାୟା ?
ଠକ ଠକ ପଡ଼େ ସରଗ ପଥର
ସାଙ୍ଗ ସାଥୀ କେହି ନାହିଁ,
ବହି ବୟାଭାବ ବାହିଆଣ ନାବ
ଆରେ ନାଉରିଆ ଭାଇ ।
ବନସ୍ତେ ଘରଜେ ଭତା ପଡର ହୋ
ଆକାଶେ ଘରଜେ ଘନ,
କେମନ୍ତେ ବାହିବି ସେପାରିକି ନାଆ
ବହେ ପୂବେଇ ପବନ ।
ତରୁଅଛୁ ଆରେ ବାଟୋଇ ଭାଇ ତୁ
ଦେଖି ବିଇ ନିଛାଟିଆ,
କେଉଁ ଛାତିରେ ମୁଁ ବାହିନେବି ନାବ
ନଈ ବଡ଼ ଗହୀରିଆ ।
ବହୁତ ଦିନରୁ ଦୂର ପରବାସୀ
ମନ ମୋର ଛନ ଛନ,
ଘରେ ଛତି ମୋର ନୟନପିତୁଳି
ଦେଖିବାକୁ ବଡ଼ ମନ ।

ମୁଣ୍ଡ ଗୁଞ୍ଜିବାକୁ ନଈ ଏପାରିରେ
ନାହିଁ ନାହିଁ ତିଳେ ଠାଇଁ,
ଥରି ଉଠୁଅଛି ପାଣି ପବନରେ
ନାବ ଆଣ ବେଗେ ଭାଇ ।
ତୁହାଇ ତୁହାଇ ମେଘ ବରଷଇ
ନଈରେ ତ ଖର ସୁଅ,
କେଉଁ ଛାତିରେ ମୁଁ ନାବ ବାହିନେବି
ମୁହଁକୁ ନ ଦିଶେ ମୁହଁ ।
ଦେଖିବୁ ଘରେ ତୁ ନୟନପିତୁଳି
ତେଣୁ ଉଚ୍ଚନ ତୋ ମନ,
କାହା ଓଳି ତଳେ ଠିଆ ହେବେ ପିଲା
ଯେବେ ଯିବ ଏ ଜୀବନ ।
କୁଳର ଅଙ୍କୁର ନୟନପିତୁଳା
ଅନ୍ଧ ନଉଡ଼ି ମୋହର,
ଏକୋଇର ବଳା ବିଶ୍ୱିକେଶନ ମୋ
କରିଅଛି ତାକୁ ଜର ।
ମାଆ ତାର ହୋଇ ବାଇଆଣୀ ପରି
ଲେଖି ବିନୟ ପତର,
ବସିଲାରୁ ଠାବୁ ଉଠି ଆସିବାକୁ
ପଠାଇଥିଲା ଖବର ।
ମଉଷଧି ନେଇ ତରତର ହୋଇ
ନମାନି ପାଣି ପବନ,
ଦୂର ବିଦେଶରୁ ଯାଉଅଛି ଘରେ
ରଖିବି ତାର ଜୀବନ ।
ବରଷୁ ପଛକେ ଘୋର ବରଷାରେ
ବହୁ ପଛେ ଖର ବାଆ,
ସୁଅ ପାଣି ପଛେ ତଡ଼ି ନେଇଯାଉ
ତଳକୁ ତଳକୁ ନାଆ ।

ପଡୁ ପଛେ ମୋତେ ଘୋର ବିପଦ ରେ
ପାରି କରି ଦେବି ତୋତେ,
ଦୟାମୟ ହରି ଜୀବେ ଦୟା କରି
ଉଦ୍ଧାରିବେ ଭାଇ ମୋତେ ।
ବିପଦ ପଡ଼ିଲେ ବାଟୋଇ ଭାଇରେ
ସାହା ଯେ ନୋହେ ଆନକୁ,
ତାହାର ଜୀବନ ମରଣ ସମାନ
ଧିକ ତାହା ଜୀବନକୁ ।

●●

୩୨. ସଫଳ ସ୍ୱପ୍ନ

ଶୈଶବ-ସୀମାନ୍ତେ ଯେବେ କରି ଧୂଳିଘର
କ୍ରୀଡ଼ାରେ ଆସନ୍ତ ଥିଲି ସାଥି-ସଙ୍ଗତର,
କେବଣ ଅଜ୍ଞାତ ଲୋକେ ଗୋ ସୁର ସୁନ୍ଦରୀ
ଦେଖିଥିଲି ସେ ଲାବଣ୍ୟ ବେନି ନେତ୍ର ଭରି !
ନୀଳନଭେ କୃଷ୍ଣଘନେ ଲୋଳ ସୌଦାମିନୀ--
ରୂପେ ଦେଖିଥିଲି ତୋତେ ଲୋ ରୂପଗର୍ବିଣୀ !
ଶାରଦଚନ୍ଦ୍ରିକା ଧୌତ ଅନ୍ତରୀକ୍ଷ ଦେଶେ
ବୁଲୁଥିଲୁ ବରାଙ୍ଗିରେ, ଜ୍ୟୋସ୍ନା ଶୁଭ୍ରବେଶେ
ଦେଖିଥିଲି ବରାନନେ, ସେ ବିଧୁକିରଣେ
ତୋ ଅନିନ୍ଦ୍ୟ ମଧୁରିମା ଅତୃପ୍ତ ନୟନେ ।
କାଳକ୍ରମେ ଆଗମିଲା ମଧୁର ଯୌବନ
ବହିଲା ହୃଦୟ ବନେ ଦକ୍ଷିଣା ପବନ
କାହୁଁ ଉଡ଼ିଆସି ତୁ ରେ ବସନ୍ତ କୋକିଳ
ସେ ବନେ କରୁ ତୋ ସ୍ୱନେ ଆନନ୍ଦ-ଆକୁଳ ?

●●

୩୩. ମଧୁଶଯ୍ୟା

ଆବେଗେ ହୃଦୟ ପୂରିଛି, ଜଳଇ ଦୀପ
ରଖା ଅଛି ହୋମ ନଡ଼ିଆ ଶଯ୍ୟା ସମୀପ ।
ଏମନ୍ତ ସମୟେ କିଏ ସେ ଚାଇଲ ବାଟ,
ରଣଝଣ ପଦକ୍ଷେପଣ, ଖୋଲେ କବାଟ !
ପେଲିଦେଇ କିଏ କାହାକୁ, ପଦାରେ ଥାଉଁ
କହେ ଆଉଜାଇ କବାଟ, "ଫେରନ୍ତି ନାହିଁ ।"
ବାସ-ଚନ୍ଦନରେ ମହକି ପଡୁଛି ହିଆ,
ଚରଣେ ଅଳତା, ସୁନ୍ଦରୀ କୋଣରେ ଠିଆ ।
କରେ କର ଧରି ନିଅନ୍ତେ, ଲାଜେ ଯୁବତୀ
ଘର୍ମାର୍ଦ୍ର ସକଳ ଶରୀର, କମ୍ପିତା ଅତି ।
ବିଶ୍ରୟ ଆଳାପେ ଗମନ୍ତେ କିଞ୍ଚିତ ଜାଳ
ବିଶ୍ରାନ୍ତା ନବୀନା, ବହର ଶରମ-ଝାଳ ।
ମନେ କଲି ଅଙ୍ଗ ବିଞ୍ଚିବି, ଏବେ କି ହେଲା !
ଟିପିଟିପି-ଟିପା-ଶବଦ ଦ୍ୱାରେ କେ ଦେଲା ।

●●

୩୪. ଅନାବିଳ ସ୍ନେହ

ପ୍ରଥମ ପ୍ରଣୟେ କହିଥିଲ ବିଷାଦିନୀ,
"ମୁହିଁ ତବ ସ୍ୱାର୍ଥହୀନ ସ୍ନେହ ଭିଖାରିଣୀ,
ପିତା ମାତା ଭ୍ରାତାଙ୍କର ଅତୁଳ ଶରଧା-
ଧାରାରେ ଧଉତ ମମ ପ୍ରାଣ ମନ ସଦା
ତଥାପି ମୁଁ ସୁପବିତ୍ର ସ୍ନେହର ରଙ୍କୁଣୀ ।"
ଲଭେ ଯେହୁ ଲୋଡ଼େ ସେହୁ ସଂସାରେ ଯା ଶୁଣି ।
ଥିଲାଘର ପିଲା ଲୋଡ଼େ ସନ୍ଦେଶ ମିଠାଇ,
ନ ଲୋଡ଼େ ଯେ ଥରେ ତାର ସ୍ୱାଦ ପାଇ ନାହିଁ ।
ସ୍ନେହ ସେହିପରି ପାଇଥାଏ ଯେଉଁ ଜନ
ସେ ସ୍ନେହ ପାଇବା ପାଇଁ ସେ ହୁଏ ଉନ୍ମନ ।

ରଖିଛି ସେ କଥା ମନେ ଗୋ ପ୍ରିୟ ସଙ୍ଗିନୀ,
ମୋ ଗଭୀର ସ୍ନେହ ଅଛି ସଂସାରକୁ ଛିଣି ।
ସେ ପବିତ୍ର ସ୍ନେହ ସଖି, ବଡ଼ ଗୋ ମୋହର,
ପ୍ରୀତିପୂତ ମନେ ଏହି ଆଶୀର୍ବାଦ କର ।

●●

୩୫. ସଂଶୟେ

ମଣିଲ କି ସତୀ ! ମମ ପ୍ରଥମ ପ୍ରଣୟ
ପାପରେ ପଙ୍କିଳ ସ୍ୱାର୍ଥ ହଳାହଳମୟ ?
ନାହିଁ ନାହିଁ, ନୁହଇଁ ମୁଁ ଏତେ ନୀଚମନା,
ତୁମ୍ଭଠାରେ ଆରୋପିବି ଏମନ୍ତ କଳ୍ପନା ।
ତୁମ୍ଭେ ଦେବୀ ସ୍ନେହ ପ୍ରେମ-ପବିତ୍ରତାବତୀ
ସଂସାର-ଉର୍ଦ୍ଧ୍ୱରେ ସଦା ତୁମ୍ଭ ମତିଗତି ।
ଜିଭିଗଲା ତେବେ କିପାଁ ସେହି ସ୍ନେହ-ଶିଖା ?
ତେଇଁ ନ ପାରିଲା ସ୍ନେହ ଦାରିଦ୍ର୍ୟ-ପରୀକ୍ଷା ?
କିପାଁ ମଣି ମୁଁ ଅଯୋଗ୍ୟ କଲ ଅବହେଳା,
ମାତ୍ର ଦେବୀ ! ନୁହେ ପ୍ରୀତି ବାଳ-ଧୂଳି-ଖେଳା ।
ପିଆଇଲ କିଂପା ବାରେ ତବ ସ୍ନେହ-ବାରି
ସେ ସ୍ନେହ-ବିଚ୍ଛେଦ ମୋତେ ବାଧୁଅଛି ଭାରି ।
କଲେ କଲ ପର କିନ୍ତୁ ଏ ସାରା ଜୀବନ
ଦିଅ ଅଧିକାର ଦେବୀ ଜରିବି ସ୍ମରଣ ।

●●

୩୬. ଉଜ୍ଜଳ ପ୍ରଭାତ

ଉଠ ଗୋ ଦୁଖିନୀ ଉଜ୍ଜଳ ଜନନି !
ପାହିଛି ବଷାଦ ଯାମିନୀ ତବ,
ଉଠି ଦେଖ ନଭେ ନବ ଦିନମଣି
ଶୁଣ ସୁପ୍ରଭାତେ ବିହଙ୍ଗ ରବ ।

ନବକିଶୋର ବଳ

ନବୀନ ତେଜନେ ନବୀନ ଉଦ୍ୟମେ
ଜାଗି ଉଠିଛନ୍ତି ଜଗତ ଜନ,
କିପାଇଁ ଜହ ମୋ ପ୍ରିୟ ମାତୃଭୂମି
ଅଛୁ ଅବସାଦ-ନିଦ୍ରା ମଗନ ?
ଜାଗିଛି ୟୁରୋପ ଜାଗିଛି ମାର୍କିନ
ଉଡ଼ାଉ ଉନ୍ନତି-ବିଜୟ ଧ୍ୱଜା,
ଆଦି-ମଧ୍ୟ-ଯୁଗ- ଅଜ୍ଞାନ-ଆଚ୍ଛନ୍ନ
ତେଜି ଜରିଛନ୍ତି ସଭ୍ୟତା ସଜ୍ଜା ।
ଜାଗିଛି ଜାପାନ ଏହି ନିକଟରେ
କଠିନ ସାହସେ କର ମର୍ଦ୍ଦନ,
ଆଦର ସମ୍ମାନେ ପାଇଅଛି ସର୍ବ
ସଭ୍ୟଜାତି ସହ ସମ-ଆସନ ।
ଅବସାଦ ତେଜି ଅଳସ ଅଚ୍ଛପ
ଜାଗୁଛନ୍ତି ନିଜେ ପ୍ରିୟ ଭାରତ,
ବଙ୍ଗ ମହାରାଷ୍ଟ୍ର ଦ୍ରାବିଡ଼ ପଞ୍ଜାବ
ନବଜ୍ଞାନ-ଜ୍ଞାନୁ-ଜର ପ୍ରାପତ ।
କିପାଁ ତେବେ ପ୍ରିୟ ଉଚ୍ଚ ଜନନୀ
ଅବସାଦ-ନିଦ୍ରା ନ ଭାଙ୍ଗେ ତବ,
ଫୁଟିଛି ପବିତ୍ର ଧର୍ମ୍ମ-ସୁରୁସୁମ
ଶୁଭୁଅଛି ପୁଣ୍ୟ ପ୍ରଭାତ-ରବ ।
ବିଜ୍ଞାନ ଭାସ୍କର- ସମୁଜ୍ଜଳ କରେ
ଧରା ମୁଖ ଛବି ଦିଶେ ଉଜ୍ଜ୍ୱଳ,
ବିଜୟୀ ହୁଅନ୍ତି ସେହିମାନେ ଯେହୁ
ଜୀବନ ସଂଗ୍ରାମେ ଖଟାନ୍ତି ବଳ ।
ଜ୍ଞାନ ଅସି କରେ ଧରି ହୁଙ୍କାରିଣ
ଉନ୍ନତି ପଥରେ ଯାଆନ୍ତି ଜନେ,
ବିବସେ ପୁଷ୍ପୁତ୍ତା ବୋଲି କେତେ ଲୋକ
ହସନ୍ତି ଚାହିଁଣ ତୋହ ଆନନେ ।

ଉନ୍ନତ ସବଳ କମ୍ପିଷ୍ଣୁ ଜଗତେ
ଏ ଭାରତ ସର୍ବ ପୃଷ୍ଠେ ପତିତ,
ତୁ ପୁଣି ଅଧମ ଦେଶରେ ଅଧମ
ତେଣୁ ସବୁଠାରେ ତୁହିଁ ଲାଞ୍ଛିତ ।
ତଥାପି ନୈରାଶ୍ୟ- କଥା ନ କହିବି
ଚିର ଅବସନ୍ନ ସୁପ୍ତ ସ୍ୱଦେଶ,
କାହା ଚିର ଦିନ ନ ଯାଏ ସମାନ
ହେବ ଦିନେ ତବ ଦୀନତା ଶେଷ ।
ଲାଗିଅଛି ଦୁଃଖ ସୁଖର ସଂସାରେ
ଚକ୍ରନେମି କ୍ରମେ ପରିବର୍ତ୍ତନ,
ତୋ ପରି ବସୁଧା ସକଳ ଦେଶର
ହୋର ଯାଇଅଛି ପତନୋଥାନ୍ ।
କର୍ମ ହିଁ ଜୀବନ କର୍ମହିଁ ଉଦ୍ଦେଶ୍ୟ
ଜଡ଼ତା ଜୀବନ୍ତ ମରଣ ସିନା,
ଦୁର୍ଲ୍ଲଭ ମାନବ ଜନମ ବିଅର୍ଥ
ଜୀବନ-କର୍ତ୍ତବ୍ୟ ସାଧନ ବିନା !
ଉଠ ପ୍ରିୟ ଭ୍ରାତା ଉଠ ଗୋ ଭଗିନୀ,
ମାତୃଭୂମି ଦୁଃଖ ଦୀନତା ନାଶ,
ବିନୀତ ଚିତ୍ତରେ ତବ ପୂତ ପଦେ
ନିବେଦଇ କବି ପ୍ରାଣ ଉଚ୍ଛ୍ୱାସ ।

●●

୩୭. ନବବର୍ଷେ

ହେ ନୂତନ ହେ ଅପୂର୍ବ ହେ ଦୁର୍ବୋଧ ହେ ଚିରବାଞ୍ଛିତ !
ତୋହ ପଛେ ପଛେ କିପାଁ ମୁଗ୍ଧବତ ଧାଏଁ ମମ ଚିତ୍ତ ?
ପାଖେ ଯାହା ଅଛି ମୋର ପାଇଅଛି ଯାହା ମୁଁ ଅନ୍ତରେ,
ନାହିଁ ମାୟା ତାହା ପ୍ରତି ମୋହ ମମ ଅଜ୍ଞାତ ରାଜ୍ୟରେ ।
ସେ ସୁଷୁପ୍ତ ସେ ନିଭୃତ ପୁରେ ମମ ପ୍ରବେଶ-ବାସନା,

ନନ୍ଦକିଶୋର ବଳ

ଛାୟାବାଜୀ ସମ ଯେଉଁ ମାୟା-ରାଜ୍ୟ ସୃଜର କଳ୍ପନା
ବଦ୍ଧ ତୃପ୍ତ ବର୍ତ୍ତମାନ ଜ୍ଞାତ ରାଜ୍ୟେ ନ ମାନଇ ମନ,
ହେ ନୂତନ ଅନନ୍ତର ଛାୟା ତୁହି ହେ ମନୋମୋହନ।
ନବବର୍ଷ ପ୍ରଭାତରେ ଅର୍ଘ୍ୟଥାଳୀ ଧରି ବଦ୍ଧ ହସ୍ତେ
ତବ ପ୍ରତୀକ୍ଷାରେ ଆଜି ଉଭା ହୋଇ ରହିଛି ସନ୍ତସ୍ତେ।
ହେ ନୂତନ ହେ ଅପୂର୍ବ ହେ ଅନନ୍ତ ହେ ଚିରବାଞ୍ଛିତ,
ତବ ଅନୁରକ୍ତ ମୁହିଁ କର କର୍ମ୍ମ-ଚଞ୍ଚଳ ମୋ ଚିତ୍ତ।
ଏ ପୂର୍ବ-ଉଦଧି ତଟେ ନବ-ଉଷା କି ନବ ଉଦନ୍ତ—
ଧରି ଗର୍ଭେ ବିରାଜିବ ଉଜଳିଣ ପରାଚୀ ଦିଗନ୍ତ।
ନୀରବରେ ନବ ବର୍ଷ ଦୂତ କେଉଁ ନବ ସମାଚାର
ଉଦାର ଆକାଶେ ଉଚ୍ଚେ ନୀରବରେ କରିବ ପ୍ରଚାର।
ବାରିଧିର ବାରିରାଶି ଉଚ୍ଛ୍ୱସିତ ଯେହ୍ନେ ନିରନ୍ତର
କଠିନ ସୀମାକୁ ଅତିକ୍ରମି ଯିବା ପାଇଁ କି ତତ୍‌ପର।
ଚଉପାଶେ ସୀମାବଦ୍ଧ ହେଲେ ହେଁ ମୋ ସଂକୀର୍ଣ୍ଣ ଶକତି,
ହେ ଅନନ୍ତ! ତୋତେ ଚାହିଁ ରହିଥିବି ସ୍ୱକର୍ତ୍ତବ୍ୟ-ବ୍ରତୀ।

●●

୩୮: ## ନାନାବାୟା ଗୀତ

ବରଷା ରାତିରେ ଯେ ଯାହାର ଘରେ
ଶୁଅନ୍ତି ସମସ୍ତେ ଯାଇଁ,
କେଉଁଠାରେ କିଏ ଗୀତ ଗାଉଥାଏ
ପିଲା ଶୁଆଇବା ପାଇଁ।
ପହିଲି ଆଷାଢ଼େ ବରଷଇ ମେଘ
ଆଣ୍ଠୁଆଣି ହୁଏ ପାଣି।
ପାଣିରେ ଭିଅଁନ୍ତି ପକର ପକର
ବେଙ୍ଗ ଆଉ ବେଙ୍ଗ ରାଣୀ।

ଗହନେ ବାଜଇ ଯୋଡ଼ି ମହୁରୀ ଗୋ
ଘନ ଘନ ରାବେ କାଜ,
ବୋହୂ ବାପଘରୁ ଭାର ଆସୁଛି ହୋ
ଶୁଉଇ ଉଠିଆ ଡାକ ।
ଆକାଶରେ ଚାଲେ କଳା ବଉଦ ଗୋ
ସୁଇ ସୁଇ ବହେ ବାଆ,
ବସା ଗଛ ଆଡ଼େ ଉଡ଼ିଯାଏ କାଉ
ରାବ ଦେଇ କାଆ କାଆ ।
ଝୁଲୁ ଝୁଲୁ ଜଳେ ଜୁଇ ଜୁଇଆ ଗୋ
ଶାଶୂଘରେ ଗଲେ ତରା,
ମାଆ ଯାଉଛନ୍ତି ମାମୁଁ ଘରକୁ ଗୋ
ତୁରିତେ ଆସିବେ ପରା ।
ହୁଙ୍କା ଚାରିପିଠି ପୁଟିଛି ଛତୁ ଗୋ
କିଏ ସେ ଛତୁ ତୋଳିଲା,
ଦୁଇକୂଳ ଖାର ପର୍ବତ ପ୍ରମାଣେ
ନଈ ତ ମାଡ଼ି ଆସିଲା ।
ଅଜାତ ପାଣିରେ ଶାଶୂ ନଣନ୍ଦଙ୍କ
ଗଞ୍ଜଣା ସହି ନ ପାରି,
ବିସର୍ଜ୍ଜନ ଦେଲା ସୁବର୍ଣ୍ଣ ପ୍ରତିମା
କାହାର ଏ ନବନାରୀ ?
ଶ୍ରାବଣର ଧାରା ଶୋକପସରା ଗୋ
ବାଟ ଚାଲେ ବଳଦିଆ,
କେଣେ ଯାଉଛ ରେ ବଳଦିଆ ଭାଇ
ମୋଘ ତ ଜଳାହାଣ୍ଡିଆ ।
ଗାଆଁ ତଳ ବିଲେ ମଇଁଷି ପଲ ଗୋ
କୁହାଟେ ମଇଁଷିଆଳ,
ମଇଁଷି ଦୁଧକୁ ବାସ ଚାଉଳ ଗୋ
ଜାଳିବାକୁ ଘଷି ପାଳ ।

ନନ୍ଦକିଶୋର ବଳ

ପୋଖରୀ ହୁଡ଼ାରେ ଘୁଷୁରୀ ପଇ ଗୋ
କିଏ ସେ କଣ୍ଢା ମାଡ଼ିଲା,
ଗହୀର ବିଲରେ ଗୀତ ଗାଏ ଚଷା
ପବନ ଖରେ ବହିଲା ।
ନଈ ସେପାରିରେ ଘୋର ଅନ୍ଧାର ଗୋ
କିଏ ସେ ଗୀତ ଗାଉଛି,
ରହ ରହ ଆହେ ବିଦେଶୀ ବାଟୋଇ
ମେଘ ତ ମାଡ଼ି ଆସୁଛି ।
ଶ୍ରାବଣ ମାସରେ ଘୋର ବରଷା ହୋ
ଶୁଭେ ଘନ ଗରଜନ,
ପର୍ବତ ନାସୀର ମହାବଳ ବାଘ
ଛେପି ବୁଲେ ଗ୍ରାମ ବନ ।
ଗିରି ଗହନରେ ଝରଇ ଝରଣା
ମୟୂର ରାବ ଦିଅର,
ପର୍ବତ କୋଳକୁ ଡେଇଁ ଯାଏ ନଈ
ଦୂର ସିନ୍ଧୁ ପାଶେ ବହି ।
ପଶୁ ପକ୍ଷୀ ନର ଘର ଘରଦ୍ୱାର
ଭାସିଯାଏ ଜଳ ସଙ୍ଗେ,
ଜଳମୟ ଦିଶେ ଚଉଦିଗଯାକ
ପିଲା ଗୀତ ଗାନ୍ତି ରଙ୍ଗେ ।
ମେଘ ବରଷିଲା ଟପର ଟପର
କେଶୁର ମାଇଲା ଗଜା,
କେଉଁ ରାଇଜରେ ରହିଲେ ମୋ ରଜା
ଡେଇଁଛି ବାଇଦ ବଜା ।

●●

ଗୋପବନ୍ଧୁ ଦାସ

୩୯. **ଭାଗିରଥୀ ପ୍ରତି**

ତେଜି ଅଶାନ୍ତି ନଗର ପାଶ
ଚାରୁ ପଲ୍ଲି-ପଥେ କଲୁ ବାସ
ବାର ବାଙ୍କ ଭ୍ରମି ହେଲୁ ପଥଶ୍ରମୀ
ଶେଷେ ସିନ୍ଧୁ ସଙ୍ଗେ ଗଲା ପ୍ରାସ, ଲୋ ତଟିନି !
କାହିଁ କୋମଳ ଶ୍ୟାମଳ ଘାସ
କାହିଁ କୃଷକେ କରନ୍ତି ଚାଷ
ତୋର ବେନି ତଟେ କାହିଁ ଅବା ଚାଟେ
ସୁଖେ ବୋଇନ୍ତି ସରଳ ରାସ, ଲୋ ତଟିନି !
ପଲ୍ଲୀ ପ୍ରକୃତି ସରଳ ଜାତି
ଉଦବେଗହୀନ ଦିବ୍ୟ ଶାନ୍ତି
ତୋର ଜଳଧାର- ଯୋଗେ ସୁଖତର
ହରେ ସହଜେ ସକଳ ଶ୍ରାନ୍ତି, ଲୋ ତଟିନି !
ନାନାବିଧ ତରୁ ଗୁଳ୍ମ-ଲତା
ପତ୍ର-ଫୁଲ ପଲ୍ଲବେ ଆନତା
ଆବୋରି ତୋ ନୀରେ ରାଜେ ବେନି ତୀରେ
ପଲ୍ଲୀ ସତେ କି ଟେକିଛି ଛତା, ଲୋ ତଟିନି !
ଦେର ଆପଣା ଶୁଦ୍ଧ ଜୀବନ
ତୋଷ କେତେ କେତେ ଜୀବଗଣ
ପରି ହିତେ ଏକା ନିରନ୍ତର ବିକା
ଧନ୍ୟ ଧନ୍ୟ ତୋ ମହତପଣ, ଲୋ ତଟିନି !
ବର୍ଣ୍ଣିବାକୁ ତୋର ଗୁଣ ଗତି
ଛାର ମୋର କି ଅଛି ଶକତି
କିନ୍ତୁ ସ୍ତୋତସ୍ୱତି ! ସଦା ତୋହ ପ୍ରତି
ଥାଏ ମୋ ମନେ ସ୍ନେହ-ଭକତି, ଲୋ ତଟିନି !

ଦେଖି ନାହିଁ ମୁଁ ମାତୃବଦନ
ପାନ କରିନାହିଁ ମାତୃ ସ୍ତନ
ହୋଇଣ ସଦୟ ଦେର ନିଜ ପୟ
ବଞ୍ଚାଇଲୁ ମୋ ଶିଶୁ ଜୀବନ, ଲୋ ଚଟିନି !
ଚିନ୍ତାବିହୀନ ବାଲ୍ୟ ସମୟେ
ମୋର କେତେ ଅଳି ଅନୁ ତୁ ସମ୍ଭାଳି
ମନେ ଥିବ ଜୀବ ଯିବାଯାଏ, ଲୋ ଚଟିନି !
ମୋର ପିତୃ-ପିତାମହଗଣ
କରି ତୋ ନୀରେ ସ୍ନାନ-ତର୍ପଣ
ଲକ୍ଷ୍ମଣ-ବନ୍ଦିତା ଯାଗେଶ୍ୱରୀ ମାତା
ପଦେ ପୂଜିଥିଲେ ଅନୁକ୍ଷଣ, ଲୋ ଚଟିନି !
ସୁକୋମଳ ବାଲି-ଶେଯେ ଶେଷେ
ବିଶ୍ରାମିଲେ ତୋ ପୁଳିନ ଦେଶେ
ପାପତାପ-ନାଶୀ ତୋର ବାରିରାଶି
ପୂତ କରେ ପ୍ରତି ଗ୍ରୀଷ୍ମେ ଶେଷେ, ଲୋ ଚଟିନି !
ଆଜି ତୋ ପୂଜ୍ୟ ପ୍ରିୟ ଆକୃତି
ଦେଖି ଚିତ୍ତେ କେତେ ପୂର୍ବସ୍ମୃତି
ନବଭାବ ଧରି ଉଠି ଏହିପରି
ଅତି ଉଚ୍ଛନ୍ନ କରେ ମୋ ଧୃତି, ଲୋ ଚଟିନି !
ରଙ୍ଗକରେ ଅସ୍ତଶିଖୁଁ ହରି
ପରଶନ୍ତେ ତୋ ବକ୍ଷେ ଲହରୀ
ତୋ ଶୈବାଳଦଳ ଏବେ କି ମଞ୍ଜୁଳ
ହେମ ପ୍ରବାଳ ବଲ୍ଲରୀ ସରି, ଲୋ ଚଟିନି !
ଦେଖି ଏହା ମୋର ହୃଦ ସରିତ
ଆଶା-ସମୀରେ ତରଙ୍ଗାୟିତ
ବିବିଧ ବରଣ କଳ୍ପନା କିରଣ
ସାଜେ ତହିଁ ଦିବ୍ୟ ଚାରୁ ଚିତ୍ର, ଲୋ ଚଟିନି !
କେତେ ରୁଚିର ସୁଖ ସ୍ୱପନ
ବିଲୋକଇ ମୋ ମନ ନୟନ

ସାମାନ୍ୟ ଏ ଭବ ଦୂଷିତ ବିଭବ
କରେ ନାହିଁ ମୁଁ ତିଳେ ଗଣନ, ଲୋ ତଟିନି !
ତେଣୁ ତୋ ପାଦେ କରେ ବିନତି
ଜୀବ ଥିବାଯାଏ ସ୍ରୋତସ୍ୱତି
ଭବ-ଦୁଃଖ ନାଶି ଭାବ ରାଶି ରାଶି
ଚିତେ ଜନ୍ମାଉବୁ ଏହି ମତି, ଲୋ ତଟିନି !
ପିଣ୍ଡ ପଡୁ ତୋ ସିକତା-ବାସେ
ଯାଗେଶ୍ୱରୀ ଜନନୀ ସକାଶେ
ପୁନାଗ ବକୁଳ ନାନା ଜାତି ଫୁଲ
ଝଡ଼ି ପଡ଼ିଥାଉ ତଉପାଶେ, ଲୋ ତଟିନି !
ଅବଶେଷେ ମୋ ଜୀବନ-ନଦୀ
ମିଶି ତୋ ସଙ୍ଗତେ ନିରବଧି
ଲଭି ଚିର ଶାନ୍ତି ହରୁ ସର୍ବକ୍ଲାନ୍ତି
ଭେଟୁ ଅତଳ କାଳ-ଜଳଧି ଲୋ ତଟିନି !

●●

୪୦. ରେଳ ଉପରେ ଚିଲିକା ଦର୍ଶନ

ରହ ରହ କ୍ଷଣେ ବାଷ୍ପୀୟ ଶକଟ
ଦେଖିବି ଚିଲିକା ଚାରୁ ଚିତ୍ରପଟ,
ଚିତ୍ର ମଣେ ଯେଣୁ ନାହିଁ ଅନୁଭବ
ବାସ୍ତବ ବିଶ୍ୱେ କି ଏ ଛବି ସମ୍ଭବ ?
ନୀଳ ବୀଚିମାଳା ଧୀରେ ଧୀରେ ଯାଏ
ଲାଗଇ ସ୍ୱପନେ ଦେଖିଲା ପରାଏ ।
ସନ୍ତରନ୍ତି ବକ୍ଷେ ପକ୍ଷୀ ଦଳ ଦଳ
ଓଇଟିଣ ତଳେ ଦିଶନ୍ତି ଯୁଗଳ ।
ଘୋର ନାଦେ ଯହୁଁ ଉଠିଲେ ସେ ନଭେ
ଉଠେ ଶତ ଖଗ ଚିଲିକା-ଗରଭେ ।
ସତ୍ୟ ବୋଲି ମନେ ନ ହେଉ ପ୍ରତୀତ,
ପଲକେ ସେ ଦୃଶ୍ୟ ହୁଏ ତିରୋହିତ ।

ଦୂରେ ଘେନିଯାଏ ନିଦାରୁଣ ଯାନ
ଆସେ ପୁଣି ତରୁ ଶିଳା ବ୍ୟବଧାନ ।
ନିମିଷେ ଲୁଚାଏ ନିମିଷେ ଦେଖାଏ
ସ୍ୱପ୍ନଲଭ୍ୟ ପ୍ରିୟ ପ୍ରତିମା ପରାଏ ।
କାହିଁ ଦିଶେ ନୀଳ କାହିଁ ସୁଶ୍ୟାମଳ
କାହିଁ ବା ଧୂସର କାହିଁବା ଧବଳ ।
ନାନା ସ୍ଥାନେ ନାନା ରଙ୍ଗେ ଦୀର୍ଘ କାୟା
ପ୍ରକାଶି ଚିତ୍ରିକା ! କରୁ କେତେ ମାୟା ।
ଦେବୀ ବୀଣାପାଣି ଶାଶ୍ୱତ ସେବକ
କବି ରାଧାନାଥ ସୁଷମା-ଗ୍ରାହକ,
ଭ୍ରମି ବହୁ ସ୍ଥାନ ବିଶାଳ ଭାରତେ
ନଦ-ନଦୀ-ମରୁ କାନନ-ପର୍ବତେ,
ଦେଖିଲେ ପ୍ରକୃତି ବିବିଧ ପ୍ରକାଶ
କିନ୍ତୁ ଶୋଭାଭୂବ୍ଧ ଶୁଦ୍ଧ ଅଭିଳାଷ
ସୁଖ ଶାନ୍ତି ପ୍ରୀତି କାହିଁ ଏକାଧାରେ
ନ ପାରଲେ ଯଥା ମିଳେ ତୋହଠାରେ ।
ଉତ୍କଳର ତୁହି ସୌନ୍ଦର୍ଯ୍ୟର ଖଣି,
ସାରସ୍ୱତ ନେତ୍ରେ ବାନ୍ଧି ତହୁଁ ମଣି ।
ସୁଦକ୍ଷ ବିଜ୍ଞାଣି ରାଜି ଯେଉଁ ହାର
ଅର୍ପିଲେ ଉତ୍କଳ ଭାରତୀ ଗଳାର,
ଚିରଦିନ ତାହା ରାଜିବ ରୁଚିର
ତା ଦେଖି ଭାବୁକେ ଲୋଡ଼ିବେ ତୋ ତୀର ।
ମୁଁ ଅଧମ ମୋର ଭାବୁକତା ନାହିଁ
ତଥାପି ଏ ପ୍ରାଣ କେ ଜାଣେ କିପାଇଁ
ନିରନ୍ତର ଲୋଡ଼େ ସୌନ୍ଦର୍ଯ୍ୟ ବ୍ୟାକୁଳେ,
ତେଣୁ ଭାବିଥିଲି ଆସି ତୋର କୂଳେ
ଦେଖିବି ତୋ ଶୋଭା ଦିନେ ନିଜାଞ୍ଚନେ
କର୍ମ-ବନ୍ଧେ ଥିଲା ମନ କଥା ମନେ ।
ଏତେକାଳ ଅନ୍ତେ ପଡ଼ିଥିଲା ଯୋଗ,
ଆହା ସେ ସୁଯୋଗ ହେଲା ନାହିଁ ଭୋଗ !

ରହିଣ ଜଞ୍ଜାଳ ବିଷମ ଜଗତେ,
ସଂସାରୀ ସୋଦର ବାନ୍ଧବ ସଙ୍ଗତେ,
ଇଚ୍ଛାମତେ କାହୁଁ ଚଳିବ ବା ଜନ,
ସମାଜେ ନିଜର ନୁହେଁ ନିଜ ମନ।
ବସି କେତେଥର ନୀରବ ବିଜନେ
ଦେଖିଛି ତୋ ରୂପ କଳ୍ପନା ନୟନେ।
ତୋ ନୀଳ ତରଙ୍ଗେ ଖେଳେ ନିରନ୍ତର,
ଅନୁପମ ଦିବ୍ୟ ହିରଣ୍ମୟ ଜର।
ଚାରୁ ଶକ୍ରଚାପ ତୋର ବକ୍ଷସ୍ଥଳେ,
ନାଚେ ଶତ ଶତ ମୋ କଳ୍ପନା ବଳେ।
କଳ୍ପନା ଚିତ୍ରିତ ତୋ ସୁନ୍ଦର ତନୁ,
କାଳେ କାଳେ ଆଉ ନ ଯିବ ମୋ ମନୁ।
ଆଜି ଲୋ ଚିତ୍ରିକା ! କଳ୍ପନା ପ୍ରଭାବେ
ପୂରର ମୋ ମନ ଆହା କେତେ ଭାବେ।
ଅତୀତର ସୁଖ ସ୍ମୃତି ସମୁଚ୍ଚୟ,
ହର୍ଷ-ଖେଦେ କରେ ଆକୁଳ ହୃଦୟ।
ତୋ ମଧୁର ନାମେ ରହିଛି ଜଡ଼ିତ,
ଗଉରବଯୁତ ଉତ୍କଳ ଅତୀତ।
କାହିଁ ଉତ୍କଳର ସେ ସୁକୃତରାଶି
ଯାହାର ପ୍ରଭାବେ ପ୍ରଭୁ ବ୍ରହ୍ମରାଶି
ନିଜେ ନିରଞ୍ଜନ ଜଗତ-ଈଶ୍ୱର
ଧରିଣ ସୈନିକ ନର-କଳେବର
ଉତ୍କଳର ଯଶ ପ୍ରତିଷ୍ଠା ରକ୍ଷଣେ
ବିଜେ କଲେ ଘୋର ସମର-ପ୍ରାଙ୍ଗଣେ।
କାହିଁ ସେ ସୌଭାଗ୍ୟ କାହିଁ ସେ ସୁକୃତ
ପବିତ୍ର ଉତ୍କଳ ଆହା କି ବିକୃତ !
ଆର୍ଯ୍ୟ ଧର୍ମକ୍ଷେତ୍ର ପୂତ ନୀଳାଚଳ
ହରାଉଛି ସବୁ କର୍ମ ଧର୍ମ ବଳ।
ନାହିଁ ମୁଖେ ତେଣୁ ପୂର୍ବ ପୁଣ୍ୟକାନ୍ତି
ହୃଦୟେ ସ୍ୱର୍ଗୀୟ ଧର୍ମଜାତ ଶାନ୍ତି

ଜୀବନେ ପବିତ୍ର ଉତ୍ସାହ ଶକତି
ଉତ୍କଳର ଆହା କି ଘୋର ଦୁର୍ଗତି !
କାହିଁ ଗଲା ପୂର୍ବ ଓଡ଼ିଆ ବୋଇତ
କାହିଁ ସେ ନାବିକ ଉଦ୍ଦାମ ସଙ୍ଗୀତ ।
ଜଳପଥେ କାହିଁ ବିଦେଶ ଗମନ
କାହିଁ ପୂର୍ବଖ୍ୟାତି କାହିଁ ପୂର୍ବ ଧନ ।
କଥାରେ ରହିଛି ସବୁ ଆଜିଯାଏ
ସାଧବାଣୀ ବୋହୂ ବୋଇତ ବଦାଏ ।
ଜଙ୍କରିତ ତୋର ଦୃଢ଼ ରମ୍ୟ ତଟ
ଦୁର୍ଗମ ଶୈଳଜ ଅଭେଦ୍ୟ ସଙ୍କଟ ।
ଖେଳାଉ ଥିଲେ ଯେ ଧରି ନିଜ ଦେହେ
ଉତ୍କଳର କେତେ ବୀର ଶିଶୁ ସ୍ନେହେ ।
ଅଛି ସେହି ଗିରି ଅଛି ସେ ବିପିନ
ଅଛି ତୋର ଶିଳା ସୁଦୃଢ଼ ପୁଲିନ,
କିନ୍ତୁ କାହିଁ ଆହା ଏବେ ସେ ବୀରତା ?
ଓଡ଼ିଆ ଜାତିର ପୂର୍ବ ଜାତୀୟତା ।

●●

୪୧. ରେଭେନ୍‌ସା କଲେଜରୁ ବିଦାୟ

ସତେ ଆଜି ଜନନୀ ! ଏ ଅଧମ ତନୟ
ସଂସାର-ଘଟଣା ବଳେ
ଭାସି ଶୋକ-ଦୁଃଖ-ଜଳେ
ଛାଡ଼ିଲା ତୁମ୍ଭର ଚାରୁ ଅଙ୍କ ମଧୁମୟ,
ନିଃସହାୟେ ଲୋଡ଼େ ଏବେ ସଂସାରେ ଆଶ୍ରୟ ।
ସଂସାର ବିଷମ ସ୍ଥାନ
ନାହିଁ ଜ୍ଞାନ, ନାହିଁ ଧ୍ୟାନ
ଅଜ୍ଞାନେ ସକଳେ ଏଥି ସତତ ଚଞ୍ଚଳ,
ତୋ କୋଳ ସମାନ ନାହିଁ ଶାନ୍ତିମୟ ସ୍ଥଳ ।
କେତେ ଦିବ୍ୟ ଭାବ ରାଶି
ମୋ ହୃଦ-ଦରଜେ ଭାସି

ଯାଉଥିଲା ଥିଲି ଯେବେ ତୋର କୋଳେ ଗୋଳେ,
ସେସବୁ ରହିବ ଟିକି ଏବେ ଉବରୋଳେ ?
ତୋ ମନୋହର ଉଦ୍ୟାନେ
ନିକାଞ୍ଚନେ ଏକଧ୍ୟାନେ
ଚନ୍ଦ୍ରାଲୋକେ ବିହରିଣ ପୁଷ୍ପ ବନ୍ଧୁମେଳେ,
ଦେଖିଛି ଅପୂର୍ବ ଯେତେ ଚିତ୍ର ବେଳେ ବେଳେ ।
ଦେଲେ ଏ ଯେ ନରଦେହ
ଥିଲେ କରିଥାନ୍ତେ ସ୍ନେହ
ସ୍ୱପ୍ନେ ଦିନେ ଦେଖି ନାହିଁ ତାଙ୍କ ସୁଧା ମୁଖ,
ଆଜନମ କାଳୁ ମୋର ଚିର ସଖା ଦୁଃଖ ।
କିନ୍ତୁ ମୋ ମନ-ନୟନ
କରି ମାତ ! ଉନ୍ମୀଳନ
ଚଖାଉଚ ମୋତେ ଯେଉଁ ସାମାନ୍ୟ ଅମୃତ,
ଆମରଣ ତହିଁ ଯୋଗେ ହେବି କୃତକୃତ୍ୟ ।
ଥିଲେ ଯହିଁ ତହିଁ ମାତ !
ଅଜ୍ଞାତ କି ଅବା ଖ୍ୟାତ
ଜାଗ୍ରତ ଥିବ ମୋ ମନେ ତୁମ୍ଭ କଥା ନିତି,
ହୁଏ ଯେଡ଼େ ବର୍ଷୀୟାନ୍
ଥିବ ତୁମ୍ଭ ପଦେ ଧ୍ୟାନ
ତୁମ୍ଭ ହିତେ ଜନନୀ ଗୋ ! ଲଭିବର ପ୍ରୀତି ।
ପୂର୍ବେ ଉଇଁ ଦିବାକାର
କ୍ରମେ ଉଠେ ଯେତେ ଦୂର
ବଢ଼ଇ ମମତା ତେତେ ଶୈଶବ ସଦନେ ।
ଅସ୍ତାଚଳ ଶିର ଦେଶେ
ପରବେଶି ଦିବା ଶେଷେ
ପରଶେ ସ୍ଥବିର କରେ ପୂର୍ବାଶା ଚରଣେ ।
ଶିଖାଇଛ ଯେଉଁ ଶିକ୍ଷା
ଦେଇଅଛ ଯେଉଁ ଦୀକ୍ଷା
ନିରନ୍ତର ପ୍ରତିଫଳୁ ତାହା ମୋ ଜୀବନେ
ଏହି ଭିକ୍ଷା ଅକିଞ୍ଚନ କରେ ଶ୍ରୀ ଚରଣେ ।

●●

୪୨. ଛବିଶ ବର୍ଷ ପ୍ରବେଶ

ଅଲକ୍ଷିତେ ନିଶ୍ଚବଦେ ଆହା କି ବେଗରେ
ବହି ଯାଉଅଛି କାଳ-ନିରପେକ୍ଷ ନଦୀ !
ଅସଂଖ୍ୟ କଳ୍ପନା-କଳି ରହିଛି ଅନ୍ତରେ
ବିକଶିତ ହୋଇ ନାହିଁ ଗୋଟିଏ ଅବଧି ।

ପଚିଶ ଛବିଶ ବର୍ଷ ହେଲା ଏବେ ଗତ
ପଛକୁ ଚାହିଁଲେ ହୃଦ ଆହା କି ବିକଳ !
ଅତୀତ କେବଳ ମୋର ରୁକ୍ଷ ସଇକତ,
ଦିଶେ ନାହିଁ କାହିଁ ଏକ ଶ୍ୟାମ ତୃର୍ବାଦଳ !

ଏ ଦଦରା ନାବ ଆଉ ଜୀବନ-ସରିତେ
ବାହିବି ବା କେତେ ଦିନ ବହନୀ ବିହୀନ,
ମଧ୍ୟାହ୍ନେ ପ୍ରଦୋଷ ଚିନ୍ତା ପଡ଼ର ମୋ ଚିତ୍ତେ,
ମୋ ଆଶା ମୁକୁଳ ରାଜି ବସନ୍ତେ ମଳିନ ।

ଧର୍ମ ଅନୁକୂଳ ଯେବେ ମୋ କାମନାଚୟ,
ସାଧନେ ଶକତି ଦିଅ ପ୍ରଭୁ ଦୟାମୟ !

●●

୪୩. କାହିଁ ଅଛ ?

କାହିଁଅଛ ନାଥ ପରାଣ ଦେବତା
ଦେଖାଦିଅ ମତେ ଅରେ ହେ,
ଭବ-ପାରାବାରେ ବିଷମ ପ୍ରହାରେ
ଏ ହୃଦୟ ମୋର ଅରେ ହେ ।
ତୁମେ ପରା ପ୍ରଭୁ ମୋ ଅନ୍ତରଯାମୀ
ଦିଶୁନାହିଁ ତ ଅନ୍ତରେ ହେ,
ରହିଥିଲେ ଲୁଚି ଦିଅ ବେଗେ ସୂଚି
ଦେଖାହେବ କି ମନ୍ତରେ ହେ ।

ସାରା ବିଶ୍ୱ ଭରି ପ୍ରକାଶିଛ ହରି
ବେଦ ବାଦେ ସଙ୍ଗୀତରେ ହେ,
ରୂପ ରେଖ କାହିଁ ଏବେ ଦିଶୁ ନାହିଁ
ବାହାରେ କିବା ଭିତରେ ହେ ।
ସେ ଦିବ୍ୟ-ଅଞ୍ଜନ ପ୍ରଭୁ ନିରଞ୍ଜନ !
ଦିଅ ଏ ନେତ୍ରରେ ବାରେ ହେ,
ତବ ଜ୍ୟୋତିରେଖା ହେଉ ପଥେ ଦେଖା
ଆଜି ଅମା-ଅନ୍ଧକାରେ ହେ ।

●●

୪୪. ଆହା ଚାଲିଗଲେ !

କି ମୋହନିଦ୍ରା ମୋତେ ଘୋଟିଥିଲା
କିପାଁ ଏ ପାପ ଆଖି ନ ଫିଟିଲା ।
ପାଖରେ ମୋର ବସି
ଚାରୁ ମୋହନ ବଂଶୀ
ବଜାଇ କି ବେଗେ ସେ ଚାଲିଗଲା ।
ଡାକିଲା କେତେ ଥର
ହେବାକୁ ଉଜାଗର
ପଦେ ହେଲେ ଉତ୍ତର ନ ଆସିଲା ।
ମୋ କକ୍ଷ ଅନ୍ଧକୂପ
ସେ ପ୍ରଭାମୟ ରୂପ
ଆଲୋକ କାହିଁ କ୍ଷଣେ ଲିଭିଗଲା ।
ନ ମେଲିଲି ନୟନ
ପଥେ ପଡ଼ିବା ଧନ
ଏ ଭାଗ୍ୟହୀନ ନେତ୍ର ନ ଦେଖିଲା ।

●●

୪୫. ପିତୃପକ୍ଷ ତର୍ପଣ

ଆସିଅଛି ପିତୃପକ୍ଷ କରୁଛି ତର୍ପଣ
ମନ୍ତ୍ରପାଠ ତିଳୋଦକେ କରେଁ ସମର୍ପଣ ।
ପିତୃ ପିତାମହଗଣ ବୈଦିକ ବିଧାନେ,
ଦେବଗଣେ ଋଷିଗଣେ ପୂଜେ ଜଳଦାନେ ।
ଅଧିକ ବରିବି କିବା ଏଥି କାରାବାସେ,
ଏ ଆଶ୍ୱାସ ସଙ୍ଗେ ମନେ ସଂଶୟ ମୋ ଆସେ ।
ମୁଁ ଯେ କାରାଗାରେ ବନ୍ଦୀ, ବନ୍ଦୀର ତର୍ପଣ
କରନ୍ତି କି ପିତୃଲୋକେ ସାଦରେ ଗ୍ରହଣ ?
ବନ୍ଦୀ ଉଚ୍ଚାରିତ ସ୍ୱାହା ସ୍ୱଧା ବଷଟ୍‌କାର
ଦିଅର କି ପିତୃଲୋକେ ଶୁଦ୍ଧ ସୁଧା ଧାର ?
ବନ୍ଦୀ ପରା ଅପରାଧୀ କଳୁଷିତ ପ୍ରାଣ,
ପିତୃ ଦେବଗଣେ ଗ୍ରାହ୍ୟ କିପରି ତା ଦାନ ?
ଅକାରଣ ତେବେ କି ମୋ ଉଦକ-ଅଞ୍ଜଳି,
ଏ ତିଳ ତଣ୍ଡୁଳ ମାତ୍ର କାକ-ଶ୍ୱାନ-ବଳି ?
କରୁଛି କି ପଣ୍ଡଶ୍ରମ ଉଷର କର୍ଷଣ,
କାରାଗାର କଷ୍ଟସାଧ ବୃଥା ଆୟୋଜନ ?
ନିରାଶା ସଂଶୟେ ପ୍ରାଣ ବ୍ୟାକୁଳ ବିଶେଷ,
କେ ଏଥି ତୋଷିବ ମନ ଦେଇ ଉପଦେଶ ?
ମୁଁ କି ଦୋଷୀ ? ପଚାରିଲେ ଅନ୍ତରେ ଅନାଇଁ
ଅନ୍ତରୁ ଉତ୍ତର ଆସେ ନାହିଁ ନାହିଁ ନାହିଁ ।
ନୁହେ ନରହନ୍ତା କିବା ପରଧନହାରୀ,
ପରଶି ନାହିଁ ଏ ତନୁ କେବେ ପର ନାରୀ ।
ଜ୍ଞାତସାରେ ଦେଇନାହିଁ ପର ପ୍ରାଣେ ପୀଡ଼ା
ଅପରାଧେ ଅନ୍ୟ ପାଶେ ହୋଇନାହିଁ ଛିଡ଼ା ।
ହରି ନାହିଁ କେବେ ଶସ୍ୟ ବଢେ ପର କ୍ଷେତୁଁ,
କାଟି ନାହିଁ ସାଧାରଣ ଜଳାଶୟ ସେତୁ ।
କରି ନାହିଁ ଶାନ୍ତିଭଙ୍ଗେ କାହିଁ ଆୟୋଜନ,
ଦେଇ ନାହିଁ ଜାତି-ଧର୍ମ-ବିଦ୍ୱେଷ-ଭାଷଣ ।
କରି ନାହିଁ ପରନିନ୍ଦା ଈର୍ଷା ସହକାରେ,
ଅପରାଧେ କଳୁଷିତ ତେବେ କି ପ୍ରକାରେ ?

କହନ୍ତି ମତେ ସେ ରାଜନୀତି-ଅପରାଧୀ,
ରାଜାପ୍ରତି ମନେହେଲେ କେବେ ନାହିଁ ବାଧି।
ରାଜା ପ୍ରଜାଙ୍କର ଶାନ୍ତି ଶୁଭ ଅଭିଳାଷେ
ପ୍ରତ୍ୟହ ପ୍ରାର୍ଥନା ମୋର ବିଭୁପଦ ପାଶେ।
କାହିଁ ରାଜଧର୍ମ ଆଜି ପବିତ୍ର ପ୍ରଭାତେ,
ମରନ୍ତି ଯେ ଦେଶେ ପ୍ରଜା ଦୁର୍ଭିକ୍ଷ ଆରତେ ?
ସୀତା ଦମୟନ୍ତୀ ବଂଶେ ଜାତ କୁଳାଙ୍ଗନା,
ଲଭନ୍ତି ଯେ ଦେଶେ ଆଜି ଘୋର ନିର୍ଯାତନା।
ପ୍ରଜା ଲାଗି ସର୍ବ ତ୍ୟାଗ ଯହିଁ ରାଜନୀତି,
ମହାରାଜା ରାମଚନ୍ଦ୍ର ଲୋଡ଼ି ପ୍ରଜା ପ୍ରୀତି।
ତେଜିଥିଲେ ପ୍ରାଣପ୍ରିୟା ସୀତା ବନବାସେ,
ଏହିକି ସେ ଦେଶ ଯହିଁ ପ୍ରଜାହିତ ଆଶେ।
ଜ୍ୟେଷ୍ଠ ପୁତ ଅସମଞ୍ଜେ ସଗର ରାଜନ
ଅକାତରେ କରିଥିଲେ ଦେଶୁଁ ବିସର୍ଜନ ?
ରାଜପଦ ଅର୍ଥ ଯହିଁ ପରଜା-ରଞ୍ଜନ,
ସହେ ପ୍ରଜା ତହିଁ ଏବେ କି ଗୁରୁ ଗଞ୍ଜନ।
ରାଜଧର୍ମ କ୍ଷାତ୍ରଧର୍ମ କ୍ଷତୁଁ କରେ ତ୍ରାଣ,
ରାଜନୀତି ଚୋଟେ ଯେବେ କ୍ଷତ ପ୍ରଜାଗଣ।
ଘୋର ଅପଚାର ଯେବେ ରାଜନୀତି ନାମେ,
ସତ୍ୟ ରାଜନୀତି କାହିଁ ଏ ଭାରତ ଧାମେ ?
ପ୍ରଜା ଲାଗି ରାଜା, ପ୍ରଜା ହିତେ ରାଜନୀତି,
ପ୍ରଜା ଇଚ୍ଛା ଅଭିମତ ରାଜ୍ୟ ମୂଳଭିତ୍ତି।
ସାର୍ବଭୌମ ସନାତନ ଏ ଶାସନ ବିଧି,
ଲଭିଛି ସର୍ବତ୍ର ଆଜି ବିଶେଷ ପ୍ରସିଦ୍ଧି।
ଭାରତ ଶାସନେ କିନ୍ତୁ ବ୍ୟବସ୍ଥା ସ୍ୱତନ୍ତ୍ର
ଏ ରାଜେ ଅମାତ୍ୟ ସଂସ୍ଥା ରାଜନୀତି ଯନ୍ତ୍ର।
କାହିଁ ଏଥି ରାଜା ? ଏ ଯେ ନୌକର ସାହି,
ପ୍ରଜା ସୁଖ ଶାନ୍ତି ନାମେ ବୃଥା ଧର୍ମ ଦ୍ୱାହି।
ପ୍ରଜାହିତ ପ୍ରଜାମତ ଛଳନା କେବଳ,
ପ୍ରେକ୍ଷ୍ୟ ଗୋଷ୍ଠୀ ଇଚ୍ଛାଧୀନ ଏ ଶାସନବଳ।

ଗୋପବନ୍ଧୁ ଦାସ

ସ୍ୱାଧୀନତା ମାନବର ଜନ୍ମ ଅଧିକାର
ସ୍ୱାଧୀନ ଭାଷଣ ଆଉ ସ୍ୱାଧୀନ ବିହାର,
ସ୍ୱାଧୀନ ଜୀବନ ପୁଣି ସ୍ୱାଧୀନ ସମିତି,
ଚାରି ସ୍ତମ୍ଭେ ମାନବର ସମାଜ ସଂସ୍ଥିତି ।
ଭାରତେ ଅମାତ୍ୟ ସଂସ୍ଥା ରାଜନୀତି ଆଜ
ଓପାଡ଼ି ଏ ଚାରି ସ୍ତମ୍ଭ ଭାଙ୍ଗିଛି ସମାଜ ।
ଦେବଭୂମି କର୍ମଭୂମି ଧର୍ମଭୂମି ସାର
ଭାରତରେ ନାହିଁ ନର ଜନ୍ମ ଅଧିକାର ।
ଆର୍ଯ୍ୟଋଷି ପ୍ରତିଷ୍ଠିତ ପବିତ୍ର ଭାରତ
ନିସ୍ତେଜ ନିସ୍ତ୍ରଭ ଦୀନ ପର ପଦାନତ ।
ଦେଖି ଏ ଦୁର୍ଗତି ମୋର ପିତୃ ପିତାମହ
ଅନ୍ତରୀକ୍ଷେ ଦେବଗଣ ଋଷିଗଣ ସହ
ବିଚ୍ଛେଦ କାନ୍ଦନ୍ତି, ମୋର ହୃଦେ ଏ ପ୍ରତୀତି,
ମାନିବି କିପରି ତେବେ ଏ ଶାସନ ନୀତି ?
ରାଜନୀତି ଉଲ୍ଲଘଂନେ ନାହିଁ ମୋର ଦୋଷ
ଏଥି ମୋର ପିତୃଗଣ ଲଭନ୍ତି ସନ୍ତୋଷ ।
ନୁହେ ଯେଉଁ ନୀତି ପ୍ରଜାମତ ଅନୁକୂଳ
ଯାର ନିଷ୍ପେଷଣେ ପ୍ରଜା ବିବ୍ରତ ବ୍ୟାକୁଳ,
ଯାର ବ୍ୟୁହେ ଏକ ଦେଶେ ଅନ୍ୟ ଅଧିଗତ,
ଏକ ଜାତି ଅନ୍ୟ ଜାତି ଚିର ପଦାନତ,
ଯାର ଚକ୍ରେ ତ୍ରିଂଶ କୋଟି ଭାରତ ସନ୍ତାନ
ନିଜ ବାସେ ପରବାସୀ ନିଜ ଦେଶେ ଶ୍ୱାନ,
ଯାର ଫଳେ ଉପବାସୀ ମୋର ଦେଶବାସୀ
ଭାରତ ଜନନୀ ମୋର ପର ଦ୍ୱାରେ ଦାସୀ ।
ନୁହେ ସେ ନୀତି ମୋ ପିତୃ ଦେବର୍ଷିସମ୍ମତ,
ନୁହେଁ ତାହା ଆର୍ଯ୍ୟଧର୍ମ ନ୍ୟାୟ ସୁସଙ୍ଗତ ।
ଅପରାଧ ନୁହେ ନିଶ୍ଚେ ସେ ନୀତି ଲଘନ,
ଭାରତର ଧର୍ମ ଯାର ଉଚ୍ଛେଦ ସାଧନ ।

(ଆଂଶିକ)

●●

୪୬. ବନ୍ଦୀର ସ୍ୱଦେଶ ଚିନ୍ତା

ବାହାରେ ବହଇ ଜେଡ଼େ ସୁଶୀତଳ
ମଧୁର ମଳୟ ମୃଦୁ ମରୁତ,
ନବ ମଲ୍ଲୀକଢ଼ି ମୁଡୁକି ହସଇ
ଭ୍ରମର ଦୋଳାଏ ପ୍ରେମେ ତା ବୃନ୍ତ ।
କବାଟ ଫାଙ୍କରେ ଚାହିଁଲେ ବାଙ୍କରେ
ଥରେ ଥରେ ଆସେ ଚୋରା ପବନ
ସେ କି ଗୁପ୍ତଚର ବାହାର ଖବର
ଦେଇ ଲୁଚି ଚାଲିଯାଏ ବହନ ।
ସେ ବିଗ୍ଧ ପରଶେ ନିମିଷ ସଂଭାଷେ
ତାପିତ ପ୍ରାଣ ମୋ ପୂରେ ପୁଲକେ,
କେତେ ସୁଖସ୍ମୃତି ଜାଗେ ଏ ଅନ୍ତରେ
କେତେ ଚାରୁଚିତ୍ର ନାଚେ ପଲକେ ।
ମନେ ଏବେ ଆସେ ତରୁଣ ବୟସେ
ବୁଲୁଥିଲି ଯେବେ ଭାର୍ଗବୀ ତୀରେ,
ପୁନାଙ୍ଗ ବକୁଳ- ସୌରଭ ସଂକୁଳ
ସୁବାସ ଶୀତଳ ସଞ୍ଚ ସମୀରେ ।
କ୍ଷୀରତୋୟା ନୀରେ ଖେଳେ ଧୀରେ ଧୀରେ
ସୁମନ୍ଥରା ଲଘୁ ଲହରୀ ମାଳା,
ଦକ୍ଷିଣ ଦିଗକୁ କୁଞ୍ଜତ କୁନ୍ତଳ
ମେଲାରେ ଦେଇଛି କି ପଲ୍ଲୀବାଳା ।
ଗ୍ରାମ ସୀମନ୍ତିନୀ ଚହଲାଇ ପାଣି
କଳସିରେ ଯେବେ ନିଅନ୍ତି ଭରି,
ନୀଳମଣି ଦାମ ପ୍ରାଏ ସେ ଲହରୀ
ଖଣ୍ଡଦୂର କ୍ଷଣେ ଯାଏ ପ୍ରସରି ।
ଗାଈଆଳ ପିଲା ଗୋଠୁଁ ବାହୁଡ଼ାଇ
ଆଣୁଥାଏ ଗାଇ ବେଣୁ ବଜାଇ,
ହାଟକାମ ସାରି ଫେରନ୍ତି ବେପାରୀ
ଉଂଚ ଚଉପଦୀ ପଦ ପକାଇ ।

ଗୋପବନ୍ଧୁ ଦାସ

ଯାଗେଶ୍ୱରୀ ପାଖେ ଦୀପ ଦେଇ ବାସେ
ଆସନ୍ତି ଗୌଡୁକେ କୁମାରୀ କୁଳ,
ଜିଏ ଜରେ କଳି ଆନସଙ୍ଗେ ଖେଳି
ଜିଏ ବା ଗୋଟାଏ ବଉଳ ଫୁଲ ।
ଯାଉଛି କାନ୍ଦରେ କେବେ ବା ବନ୍ଧରେ
ଭଉଣୀ ଆଗରେ ଚାଲର ଭାଇ,
ଶାଶୁଘରେ ନିଏ ସନ୍ଧ୍ୟା ଦେଖି କହେ
ଚାଷେ ଗୋଡ଼ କାଢ଼ି ଚାଲିବା ପାଇଁ ।
ନବ ଯଉବନୀ କାଖେ ପିଲା ଘେନି
ଚାଲି ନ ଘାରର ଜଘନ ଭାରେ,
ତା ଚାହିଁ ଚପଳ ଯୁବା ସଙ୍ଗୀଦଳ
ପରିହାସେ ଏଜ ଆନକୁ ଠାରେ ।
କେତେ ଆଡୁ ଉଡ଼ି ଆସୁଛି ବାଦୁଡ଼ି
ଝୁଲନ୍ତି ପ୍ରନାଙ୍ଗ ଫଳିତ-ଶାଖେ,
ନଦୀ ଚପେ ଚପେ ପାଦପ ପ୍ରକମ୍ପେ
ତପଳାଙ୍ଗୀ ନାହେଁ ଚମକି ପାଖେ ।
ବାହି ନଦୀଜଳେ ମିଳି ଟୋକା ଦଳେ
ଗୋଳନ୍ତି ଗୋବର ଦେଖାନ୍ତି ହୁଳା,
ମାଛ ଧରିବାର କରନ୍ତି ବିଚାର
ଦେଇ କାନିଖିଅ ବାଲି ଘୁମୁରା ।
ତୀର ସରଜରେ ଆଉ ପିଲା କେତେ
ଖେଳୁଥାନ୍ତି ଉଚ୍ଚେ ଟେକିଣ ରାହା,
ଗୁଡ଼ିଆ ଦାଣ୍ଡରେ କେ କାହାକୁ ମାରେ
ଜିଏ ହସି ପୁଣି ଦେଖାଏ ବାହା ।
ହଳ ଲେଉଟାଇ ଆସୁଥାଏ ଭୋଇ
ମୁଣ୍ଡେ ଘାସଗୋଛା ହାତେ ପାଞ୍ଚଣ,
ବଳଦ ଅଡ଼ାଇ ଦିଏ କେବେ ଗାଇ
"ଜିପାଁ ଛାଡ଼ିଗଲୁ ତୁ ଲରକ୍ଷଣ !"

ବାଟୋଇ ଭିଖାରୀ ବନ୍ଧୁର ଉତୁରି
ଆଶ୍ରୟ ଆଶାରେ ଗ୍ରାମରେ ପଶେ,
ହୁଏ ଯହିଁ ଗୀତ ଉଚ୍ଚେ ଭାଗବତ
ଶୁଣିବାକୁ ତହିଁ ପିଣ୍ଡାରେ ବସେ ।
ପଡ଼ିଯାଏ କ୍ରମେ ଘରକଥା ମନେ
ଅତିଥି ଆଦର ଦେବ ଅର୍ଚ୍ଚନା,
କାରାଗାର ବକ୍ଷେ କିମ୍ପାଇଁ ଏ ବକ୍ଷେ
ଆଣିବି ଆଉ ସେ ବୃଥା ଭାବନା ?
ହେ ବସନ୍ତବାତ ମୋ ଦ୍ୱାରେ ଆଘାତ
କର ଭଲା ଆଉ ଥରେ ସଦୟେ,
ଦକ୍ଷିଣ ଦିଗର କହ ସମାଚାର
ସିଞ୍ଚ ଶାନ୍ତି-ସୁଧା କ୍ଷଣେ ହୃଦରେ !
ମୋର ପ୍ରିୟସଖୀ କେତେ ନିଉଛାଳି
କରିଥିବେ ତବ ଆସିବା ବାଟେ,
ଦେଇଥିବେ ପରା କେତେ କି ବାରତା
ଶୁଣାଅ ମନ ମୋ ଅଛି ଉଚ୍ଚାଟେ ।
କରିଥିବ ଭେଟ ମଞ୍ଜୁଷା-ମୁକୁଟ
ମହେନ୍ଦ୍ର ଶଇଳ ସୁବାସ ଫୁଲ,
ତବ ସମାଗମେ ନାଚିଥିବ ପ୍ରେମେ
ଦୋଇଲାଇ ତରୁ ଭୁଜସଂକୁଳ ।
ରସନା ନୟନ ନାସା ରସାୟନ
ସ୍ୱାଦ ଶୋଭା ଗନ୍ଧଭରା ଆଧାର,
ଗଜାମ-ମଣ୍ଡନ ସୁରମ୍ୟ 'ଉଦ୍ୟାନ'
ଦେଇଥିବ କେତେ କି ଉପହାର ।
ଆମ୍ର ରମ୍ଭା ବେଲ ଲେମ୍ବୁ ନାରିକେଳ
ପଣସ ସପୁରୀ ଖଜୁରୀ ତାଳ,
ବିଧିରକ୍ଷା ପାଇଁ ଆସିଥିବ ଛୁଇଁ
'ଉଦ୍ୟାନ'ର ନାନା ଫଳ ରସାଳ ।

କୃଶୋଦରୀ ଋଷି- କୁଲ୍ୟାକୁ ପରଶି
ଆସିଥିବ ଯେବେ ହେ ପବମାନ
ତୀରବାସୀଙ୍କର ରାଗିଣୀ ମଧୁର
ଶୁଣିଥିବ ଚମ୍ପୁ ଲଳିତ ଗାନ ।
ଆଲିଙ୍ଗନ ଆଶେ ତବ ପଥପାଶେ
ଚିଲିକା ଆବେଗେ ଥିବ ଅନାଇ,
ମୁକ୍ତାନୀଳକେଶୀ ଶ୍ୟାମଶୋଭାରାଶି
ଗିରି ଛିରା-ଛାତ ବକ୍ଷ ମେଲାଇ ।
ଚଞ୍ଚଳ ହିଲ୍ଲୋଳେ ଚାରୁ ଗଣ୍ଡସ୍ଥଳେ
ଚୁମିଥିବ ଯେବେ ଗାଢ଼େ ସମୀର,
ସୁନ୍ଦରୀ ସର୍ବାଙ୍ଗେ ଉଠିଥିବ ରଙ୍ଗେ
ଅପୂର୍ବ ଉଲ୍ଲାସ କମ୍ପାଇ ନୀର ।
ପୁଲିନ ଜାନନ୍ତେ ସ୍ନିଗ୍ଧ ସନତ୍ୱନେ
ଖେଳି ଯାଇଥିବ ପ୍ରେମ-ଲହରୀ,
ହଲି ଯାଇଥିବ ଜେତେ ଜେତେ ନାବ
ଦେଖିଥିବ ଖଣ୍ଡଦୂରେ ସୋଇରି ।
ମାଛରଙ୍କା ହଂସ ଗଣ୍ଡାଳି ସାରସ
ନାନା ଜାତି ଖଗ ଖଚିତ ମାଳି,
ଚିଲିକା ବକ୍ଷରେ ଦୋଳିଥିବ ଯଥା
ନୀଳମେଘେ ଧାଡ଼ି ଧାଡ଼ି ବଳାକି ।
ଫେଡ଼ି ମୀନ ନେତ୍ର ଓଲଟାର ଗାତ୍ର
ଚାହିଁଲା ବେଳକୁ ଚିଲିକା ପୂଣ,
ଶୈଳ ପ୍ରତିଘାତେ ଶରମେ ତୁରିତେ
ଚାଲିଛ ବଢ଼ାଇ ଗତି ଦିଗୁଣ ।
ଆସିଥିବ ଉଡ଼ି ଭ୍ରମେ ପଥ ହୁଡ଼ି
ସିନ୍ଧୁ ସଉଜତେ ଶ୍ରୀକ୍ଷେତ୍ରଧାମ,
ପୁଣ୍ୟ ନୀଳାଚଳେ ମହୋଦଧି ଜଳେ
ସ୍ନାନେ ହୋଇଥିବ ଶୁଚି ଆରାମ ।

ସଂଚରି ସ୍ୱଚ୍ଛନ୍ଦେ ଭୃଙ୍ଗ ବାଲିକୁନ୍ଦେ
ତାଳ ଲଙ୍କାଆମ୍ବ ଛାୟା ପତ୍ରାରେ
ନୀଳାଚଳ ପତି ପଥରେ ପ୍ରଣତି
କରିଥିବ ପଶି ଦକ୍ଷିଣ ଦ୍ୱାରେ ।
ଶ୍ରୀପଦ ତୁଳସୀ ଶିରରେ ପରଶି
ଲଭିଥିବ ମହାମୋଦ ଅନ୍ତରେ,
ନୀଳଚକ୍ର ତୂଳେ ପ୍ରେମ ଭକ୍ତିଲୋଳେ
ଦେଇଥିବ ନେତ ଉଡ଼ାଉ ଥରେ ।
ପୁଣ୍ୟ ଗନ୍ଧବହ, କର ଅନୁଗ୍ରହ
କହ ପ୍ରିୟ ପୁରୀ ସୁସମାଚାର,
ବନ୍ଦର ନିବାସୀ ପ୍ରଭୁ ତ୍ରିରାଶି
କରୁଛନ୍ତି ଏବେ କେଉଁ ବିଚାର ?
ଗମ୍ଭୀରାରୁ କିବା ଶ୍ରୀମୁଖ ଆଦେଶ
ପଠାଇଅଛନ୍ତି ଦେବ ମୋ ପାଇଁ,
କହ ବେଗେ ବାୟୁ, କ୍ଷୀଣ ହୁଏ ଆୟୁ
ରହିଥିବି ଜେତେ କାଳ ଅନାଇ ?
ନୀଳାଚଳ ବାସୀ ମୋତେ ବି ଆଶ୍ୱାସି
କହିଛନ୍ତି କିଛି ଶୁଭ ବାରତା,
ସାଧାରଣ ସଙ୍ଘ ସେବକ ମହନ୍ତ
ପକାନ୍ତି କି କେବେ ସ୍ୱରାଜ୍ୟ ବଥା ?
ସାରି ଦରଶନ କ୍ଷେତ୍ର ପ୍ରଦକ୍ଷିଣ
କରିଥିବ ପୁଣି ଉତ୍ତରଗତି,
ଅଟକାଇଥିବେ ପଥରେ ଟିକିଏ
ସତ୍ୟବାଦୀ କୁଞ୍ଜେ ତରୁ ବ୍ରତତୀ ।
ସୁମଧୁର ତାନେ ତବ ଆବାହନେ
ଗାଇଥିବ ପିକ ସ୍ୱାଗତ ଗୀତି,
ବକୁଳ ତମାଳ ଦେଇଥିବେ ତାଳ
ପୂରି ଉଠିଥିବ ପରମ ପ୍ରୀତି ।

ଦେଉଳେ ପ୍ରବେଶି ଗୋପୀନାଥ ବଂଶୀ-
ରନ୍ଧ୍ରେ ରଚିଥିବ ଅସ୍ଫୁଟ ସ୍ୱନ,
ରାଧିକା ଅଞ୍ଚଳ ଉଡ଼ାଇ ଚଞ୍ଚଳ
କରିଥିବ ଜାଣି ବେନିଙ୍କ ମନ ।
ହସି ଉଠିଥିବେ ଯୁଗଳ ମୂରତି
ଖସି ପଡ଼ିଥିବ ଶ୍ରୀଅଙ୍ଗୁ ପୂଲ,
ନବଘନ ଶିରେ ଆହା କି ରୁଚିରେ
ହଲିଥିବ ବାଙ୍କ ମୟୂରଚୂଳ ।
ଚଉଳ ସେବତୀ ମରୂଆ ମାଳତୀ
ଚମ୍ପା ନାଗେଶ୍ୱର ଯାର ଦଅଣା,
ଚହଟାର ବାସ ତବ ଚଉପାଶ
କରିଥିବେ ଗନ୍ଧବ୍ୟୁହ ରଚନା ।
ଚରଚ ବିହାରୀ ଗୋପୀ ମନୋହାରୀ
ଗୁପତେ କରନ୍ତି ଯହିଁ ବିହାର,
ବି ଉପମା ତାରେ ସେହି ସୁଷମାରେ
ସେହି ସ୍ନାନ ପଟାନ୍ତର ତାହାର ।
ବସନ୍ତ ମାଧୁରୀ କୁଞ୍ଜେ କୁଞ୍ଜେ ପୂରି
ପତୁଥିବ ଯହିଁ ଉଛୁଳି ସତେ,
ଦେବଦରୁ ଧାମ ମୋ ପ୍ରିୟ ଆଶ୍ରମ
ପଡ଼ିଛି କି ତବ ନୟନ ପଥେ ?

x x x

ତହୁଁ ମୁହୂର୍ତ୍ତକେ ଅନ୍ଧାରୀ ମୂଲକେ
ପଶିଥିବ ଚଉଦିଗେ ସଞ୍ଚରି,
ଡାକାନଳ ସହ ପରୁଷ ପ୍ରବାହ
ଡାପୁଥିବ ବନ ଶଇଳ ଦରୀ ।
ଯେ ରାଇଜ ପ୍ରଜା ନିତି ବଳି ଭୋଜା
ଦେଇ ଅତି ଭୟେ କାଟନ୍ତି ଦିନ,
ଜଥା କହିବାର ନାହିଁ ଅଧିକାର
ନୁହେଁ ଧନପ୍ରାଣ ନିଜ ଅଧୀନ ।
ଯହିଁ ରାଜବଂଶେ କ୍ଷୀଣ ପୁଣ୍ୟବଶେ
ଦିନେ ନାହିଁ କାହିଁ ଭାଗ୍ୟ ଲକ୍ଷଣ,
ତଥାପି ପ୍ରପଞ୍ଚ ମତେ ମଉ ସର୍ବେ
ନ ଦେଖନ୍ତି ଥରେ ଫେଡ଼ି ଲକ୍ଷଣ ।

ନିଦାଘେ ଖରତେ ଜାବାନଳ ଜଳେ
ପ୍ରଜାପୁରେ ଜଳେ ବରଷ ସାରା,
ଛାଡ଼ି ପଶୁ ବନ ଯାଏ ଆନ ସ୍ଥାନ
ପ୍ରଜା ବାପୁଡ଼ାର ଜାହିଁ ସେ ଚାରା ।
ପ୍ରସରେ ସ୍ୱଚ୍ଛନ୍ଦେ ଯହିଁ ଗିରିପଦେ
ନିରନ୍ତର ସ୍ୱଚ୍ଛ ନିର୍ଝର ଧାଉ,
ଶୁଭ୍ର ତୋୟା ନଦୀ ବହେ ନିରବଧି
ବନକଣ୍ଠେ ଯଥା ହୀରକ ହାର ।
ପିକ ଚକ୍ରବାକ ହଂସ କାରଣ୍ଡବ
ଶୁକ ସାରୀ ଯହିଁ ଗାଆନ୍ତି ନିତି,
ନାନା ଫଳ ଫୁଲ ଜାନନ ମଞ୍ଜୁଳ
ଜନମାଏ ପ୍ରାଣେ ପବିତ୍ର ପ୍ରୀତି ।
ଶୁଭ୍ର ଶତଦଳ ସରେ ଢ଼ଳ ଢ଼ଳ
ମଞ୍ଜୁ ଗୁଞ୍ଜେ ଅଳି ଅସ୍ଫୁଟ ସ୍ୱନେ,
ଯହିଁ କୃଷ୍ଣସାର କରନ୍ତି ବିହାର
ସ୍ୱଚ୍ଛନ୍ଦେ ତଟିନୀ ତୀର ଜାନନେ ।
ମାଳତୀ ମାଧବୀ ସର୍ବଦା ସାଧବୀ
ଦେବଦାରୁ ଶାଳ ଭୁଜ ଆଶ୍ରୟେ,
ସୁଗୃହିଣୀ ସମ ଦିଅନ୍ତି ଆରାମ
ସ୍ନିଗ୍ଧ ଛାୟାଦାନେ ପାଇ ହୃଦୟେ ।
ଶସ୍ୟ ଆଭରଣେ ଯହିଁ ଅନୁକ୍ଷଣେ
ହସେ ସଦା ମହୀ ସ୍ନଗ୍ଧ ଶ୍ୟାମଳା,
ମାନବ ମାଧୁରୀ ସରଳ ଚାତୁରୀ
ପ୍ରକୃତି ସହଜ ଛାଞ୍ଚରେ ଢ଼ଳା ।
ଶୁଭ ଶୋଭାମୟ କମଳା ଆଳୟ
ପ୍ରକୃତି ପ୍ରକାଶ ଅତି ବିଚିତ୍ର,
ଶାସକ ସ୍ୱଭାବ ବିନା ଯହିଁ ସର୍ବ
ସ୍ୱରଗ ସୁନ୍ଦର ଭାବେ ପବିତ୍ର ।

(ଆଂଶିକ)

ନୀଳକଣ୍ଠ ଦାସ

୪୭. ରାମଚଣ୍ଡୀଠାରେ ରାତି ଓ ସକାଳ

କି କରାଳ ଆଜି ରଜନୀ ବହେ ଝଞ୍ଜା ପବନ
ତରା ନ ଦିଶଇ ଗଗନେ, ଶୁଭେ ଘନ ଗର୍ଜ୍ଜନ।
ମୂଷଳ ଧାରାରେ ଝଟିକା ଦିଏ କଚାଡ଼ି କେବେ
ଶୋଇ ପଡ଼ିଛତ ବାପା ହେ ଜାଣୁ ନଥିବ ଇବେ।
ଆଜି ଯେ କୁଆଁର ପୁନିଅଁ କେତେ ସୁଖ-ସରଧା
ମାଆ ଭଉଣୀଙ୍କ ଆଦର, ନବ-ବସନ-ପିନ୍ଧା
ମନେ ପଡୁନାହିଁ ବାବୁ ହେ ଲାଗି ଯାଇଛି ନିଦ,
ମାଆ ଭଉଣୀଏ ଭବନେ ଭଜିଥିବେ ବିଷାଦ।
ଲୁଗାରେ ହଳଦି ଲଗାଇ ଚାହିଁ ଥିବେ ଜନନୀ
ପିଠାପଣା ଖାଉ ନ ଥିବ ସୁଖେ ଆଜି ଭଗିନୀ
ପବନ-ଝଙ୍କାରେ ଶୁଣୁ ସେ ଥିବେ ଡାକ ତୁମ୍ଭର
ପଲକେ ପଲକେ ଚମକି ହେଉଥିବେ କାତର।
ଫାଟି ଯାଉଥିବ ଜାହାଜ ତାଙ୍କ ହୃଦ-ସାଗରେ
ନିରାଶାରେ ଆଶା-ଚମକେ ଥିବେ ସେହୁ ଜାଗରେ
ଜନନୀର ଗୁରୁ ବେଦନା, ଭଗିନୀର ବିଷାଦ,
ସୁମରି ସପନେ ଚମକି ଉଠି ଯିବଟି ନିଦ।
ଶୁଅ ଶୁଅ ଧନ, ଆରାମେ ଶୋର ଥାଆରେ ଶିଶୁ,
ପଥଶ୍ରମ କରି ଆସିଛ, ଶ୍ରମେ ବିରାମ ମିଶୁ।

☆ ☆ ☆

ରହ ରହ ବାଆ ବତାସି, ରହ ବରଷା ଧାରା
କୁଆଁର ପୁନିଅଁ ହେଉରେ ଆଜି ରଜନୀ ସାରା,
ଉଠି ଆସୁ ନୀଳ ଲହରୀ ଭେଦି ତାରକା ରାଜି
ନିଶାମଣି ଶୋହୁ ଗଗନେ ମହୀ-ମୁକୁର ମାଜି,
ସରଗୁ ରଜତ କିରଣ ଖେଳିଯାଉ ଭୂତଳେ
ସରସ-ବାଲୁକା-ବିତାନ ହସୁ ଜୋଛନା-ଖେଳେ।

ପାଦପ-ପତର ରହଇ ତିଳ-ତଣ୍ଡୁଳ-ଛାଇ,
ଦୂର ଚକ୍ରବାଳ-ସୀମାନ୍ତ, ଭସ୍ମ ମନ୍ଦିର ତହିଁ,
ପୁନିଅଁ-ଜୁଆର-ପୂଇକେ ଭରା ତଟିନୀ-ମୁଖ,
ମୃଦୁଳ-ଲହରୀ ହିଲ୍ଲୋଳେ ଚାରୁ ଚାନ୍ଦ ମୟୂଖ,
ବିହ୍ୱଳିତ-ନଦୀ-ଉରସେ ନଭ ବିମଳ ରୁଚି
ବନ୍ତଚୂଳେ ଶିଶୁ ଦେଖିବେ, ହୃଦ ଉଠିବ ନାଚି ।
ମୁହିଁ ଦିନେ ଶିଶୁ ଥିଇଁ, ମନେ ପଡୁଛି ମୋର
ବସି ଶିଶୁମେଳେ ଦେଖନ୍ତି ଏ ବିଭବ ରୁଚିର !

☆ ☆ ☆

ରାତି ତ ହେଲାଣି ବହୁତ, କିପାଁ ବଡାସି ଆଉ
ତୁହାର ଆଣୁଛୁ ବରଷା, କିବା ସାଧୁନୁ ଦାଉ ?
ଚନ୍ଦ୍ରିକା-ଧବଳ-କୋଣାର୍କ-ପ୍ରତ୍ନ-କୀରତି-ମାଳା
ଦେଖିବାର ପଛେ ନ ହେଲା, ହୁଅ ତୁ ଏବେ ଥିରା ।
ବହୁ ପୁଖେ ଶିଶୁ ଆସିଲେ ଦେଖି ଶରଦ କାଳ
ରାତିଶେଷେ ଥରେ ଦେଖନ୍ତୁ ନଭେ ଚାନ୍ଦ ବିମଳ ।
ବିମଳ ବିସାରେ ତଟିନୀ ବହିଯାଉ ସାଗରେ
ତାରକା କଂପନେ ଲହରୀ ଉଠୁ ସାଗର ତୀରେ
ପ୍ରାନ୍ତର-ପ୍ରହରୀ-ପାଦପ ଏଥି ଚନ୍ଦ୍ରିକା ପରେ
ଧୀରେ ମରମରି ପତର, ଦିଶୁ ବନ୍ତ ଶିଖରେ,
ଅଇତିହାସିକ ଭୂମି ଏ, ଏଥି ବାଇଜ କୂଳ
ଇତିହାସ-ସ୍ମୃତି-ପୂଇକେ ଲବେ ହେବେ ବିହ୍ୱଳ ।
ଚାହିଁବେ କୋଣାର୍କ ଦେଉଳେ ଦିଗ ପ୍ରାଚୀର-ତଳେ
ବୁଲି ଆସୁଥିବେ ପଇକେ ରାମଚଣ୍ଡୀ-ଶିଖରେ
ବେଲେଶ୍ୱର-ବନ୍ତ ଅଦୂରେ ନାଚୁଥିବ ନୟନେ
ଦେଖୁଥିବେ ବଡ଼ଦେଉଳ ଜେବେ ନେତ୍ର କୁଂଚନେ ।
ଅତୀତ-ବିଭବ-କାହାଣୀ କହି ବିବିଧ ରଙ୍ଗେ
ଆମ୍ଭାକୁ ବିଘୋରି ମିଶିବେ ପୂର୍ବ ପୁରୁଷ-ସଙ୍ଗେ ।

ଅତୀତୁ ଅତୀତ ପ୍ରସାରେ ବହି ଜୀବନ ଧାରା
ବ୍ୟାପିଯିବ ମହାବିସ୍ତାରେ ଭେଦି ଶରୀର କାରା ।

☆ ☆ ☆

ରହୁ ନାହିଁ କିପାଁ ବତାସି, ତୁ କି ନ ହେବୁ ଥୟ ?
ତୁହାଇ ହେଉଛୁ ବରଷା, ତୋର ନାହିଁକି ଲୟ ?
ତିନ୍ତାଉଛୁ ଯେଉଁ ବାଲୁକା, ଦିନେ କି ଥିଲା ତହିଁ ?
କି ତୁଙ୍କ ଉତ୍କଳ-ବିଭବ ଦେଖିଅଛି ଏ ମହୀ ?
ଏହି ତ ସାଗରେ ଉଠୁଛି ପ୍ରଳୟର ତାଣ୍ଡବ
ଉରସ-ବିସାରେ ତଟିନୀ ରଚେ ଭୀମ ଆରବ ।
କେଉଁ ରାଇଜରୁ ଆସିଛୁ, କହ ବତାସି ମୋରେ ।
ଓଡ଼ିଆ ବୋଇତ-ଖବର କିଛି ଆଣିଛୁ କି ରେ ?
ନୀଳ ବୀଚି ଭାଙ୍ଗି ଆଣୁଛୁ ତଡ଼ି ବରଷା ଧାରା,
କାଳ-ବୀଚି ଭାଙ୍ଗି ସ୍ମରଣ ଦୂରେ ଯାଉଛି ପରା ।
ଯିବୁ ବହି ତୁହି ତାମସେ କହ କାହିଁ ସୁଦୂରେ ?
କି ବାରତା ଆଉ କହିବୁ ତହିଁ ସମୀର-ସ୍ୱରେ ?
ପ୍ରଦେଶୁ ପ୍ରଦେଶେ ଭାରତେ କେତେ ଦେଖିଛୁ ଲୀଳା
ଭାରତ ସାଗରୁ ହିମାଦ୍ରି-ଶିରେ କରିଛୁ ଖେଳା,
କୋଣାର୍କ ଶିଖର-ମଣ୍ଡନ-ଚୀନ-ଚିରାଇ-ବୀଚି
ତୋ' ଦେହେ ଦେଶିଛି ମଗଧ-ଜନ ପ୍ରାଣ ମୁରୁଛି ।
ନୀଳାଚଳ-ବେଳା ଖବର କେବେ ବଂଗ-ମାନବେ
ଦେଇ, ପୂରାଇଛୁ ପରାଣ ତାର ଭକ୍ତି-ବିଭବେ,
ବଣିକ-ବନିତା ଏହିଠି ତୋର ଝଙ୍କାର ନାଦେ
ଆତଙ୍କେ ପରାଣ ପୋଡ଼ିଛି, ଗଣି କେତେ ପ୍ରମାଦେ ।
ଏହି କୂଳେ ବହି ଆଣିଛୁ କେତେ ବୋଇତ-ପଟା
ଦେଖାଇ ଲଗାଇ ଦେଇଛୁ କେତେ ଶୋକର ହଟା,
ଶଙ୍କାରେ ସାଧବ-ଇଳନା ତୋତେ ବାରିଛି କେତେ
ସୁତ ଦଇତଂକୁ ସୁମରି ଦୂର-ବୋଇତ-ପଥେ ।
ଏହି ସିକତାରେ ପୋତିଛୁ ରଣ-ତୁରଙ୍ଗ-ପାଦ
ଏହି ଝଡ଼େ ବହି ନେଇଛୁ କେତେ ଭେରୀ-ନିନାଦ,

ସେନାବାସେ ଏଥି ଦେଉନ୍ତୁ କେତେ ଲିଭାଇ ଦୀପ
ତାମସେ କେତେ ରେ ବହିନ୍ତୁ ହୁଂହୁଂକାର-ପ୍ରତାପ ।
ଆଉ କିପା ତେବେ ଘରନ୍ତୁ ? କିସ ଦେଖୁନ୍ତୁ ଏଥି ?
ବାଇଜେ ତ ଶୋରଅଛନ୍ତି, କିପାଁ ହେଉ ତୁ ମଛି ।

☆ ☆ ☆

ଶୋଇଛ ତ ଏବେ ଶୁଣିବ, କେତେ ସ୍ୱପନ-ବାଣୀ
କାଳ-ରୀତି ସବୁ ଦେଖିବ, ପ୍ରତିଲୋମେ ଉଜାଣି ।
ଦେଖିବ ହେ କେତେ ବିଭବ ପ୍ରାଣ ପୁଲକ-ଭରେ
ସମର-ଦୁଂଦୁଭି ଶୁଣିବ ରୁଦ୍ଧ ଚଉଦୁଆରେ,
ଯାଜପୁର-କୁଣ୍ଡେ ପଡ଼ିବ ଅଶ୍ୱମେଧ-ଆହୁତି
ତୋସାଳି-କଟକେ ରମଣୀ-ତୁଙ୍ଗ-ରାଜନ୍ୟ-ନୀତି ।
ଶିଳ୍ପୀ ପଣ୍ୟଜୀବୀ ପଣ୍ଡିତ, ପୁଣି ଦେଖିବ ବୀରେ
ଭୀମ ରଣଭେରୀ ଶୁଣିବ ବାରବାଟୀ-ଦୁଆରେ,
ଶତ ଗିରିଦୁର୍ଗ ଉଜୁଡେ ନାଚିଯିବ ନୟନେ
କୃଷକ-ବାହିନୀ ଉଠିବେ ଗ୍ରାମ ନଗର ବନେ ।
ଗିରି-ଦରୀ-ଭେରୀ ନିନାଦେ ଉଠି ପ୍ରତିନିନାଦ,
ତାରୁ-ଗିରିନଦୀ-ପ୍ରପାତେ ମିଶିଯିବ ଶବଦ,
ମେଘାସନ-ଧ୍ରୁମ୍ର-ଶିଖରୁ ଯିବ ମହେନ୍ଦ୍ର ଯାଏ
ସମୀର-ଲହରେ ଶକତି ଖେଳି ଉର୍ମି ପରାଏ ।
ଭାଗୀରଥୀ ପୁଣି କାବେରୀ ହୋଇ କେବେ ଅଧୀର
ତେବେ ଥରେ ଥରେ କଂପାଇ ତାଙ୍କ ଦୂର ପଲିଚ,
ତୁଙ୍ଗ ହିମାଗିରି ହସିବ ଶୁଭ୍ର-ତୁହିନ-ହାସେ
ଅବାଚୀ-ଦିଗନ୍ତେ କୁମାରୀ ଉର୍ମିଭଙ୍ଗ-ବିଳାସେ ।
ଚିଲିକା-ଘରଭେ ଉଠିବ ଶତ ବୋଇତ ଭାସି
ଅରୁଣିତ ଦେଖି ବାରୁଣୀ-ପଟେ ଜଟିଆନାସି,
ଗଉରବ ଗାଥା ଶୁଣିବ, ବନ୍ଦୀ ଗାଇବେ କେତେ
ଭୀମ ତରବାରୀ-ଫଳକ ଯୋଧେ ଟେକିବେ ହାତେ ।
କବରୀ ପିଟାଇ ତରୁଣୀ ମଧୁଶଯ୍ୟା ବାସରେ
'ରଣ ଜିଣି ଆସି ବାନ୍ଧିବ' ବୋଲି ଛାଡ଼ିବେ ବାରେ ।

☆ ☆ ☆

କେହୁ ସାଦୀମଣୀ ଆଜଟ ପୁଣି ଜପିଶାତୀରୁ
ବାରଦିନେ କାଂଚି-କଟକେ ଦେଲେ ସନ୍ଦେଶ ଗୁରୁ ।
ପଠାଣି-ସଇନି ଅପେକ୍ଷି ସେହୁ ଥିଲେ ଉଉରେ,
ମିତ୍ର ନିମନ୍ତ୍ରଣେ ଥାଆନ୍ତି ନୃପ କୃଷ୍ଣା ସେ ପାରେ ।
ଶୁଣିଲେ ପାଟଣା-କଟକେ ହେଲା ସଇନି ସାଜ
ମାସକେ ଆସି ସେ ଘେରିବେ ଚାରୁ ଉତ୍କଳ ରାଜ୍ୟ ।
ଲାଗିଲା ଶିବିରେ ଚହଳ, କେହୁ ରାଜ-ସନ୍ନିଧି
ଯାଇଁ ଏ ସମ୍ବାଦ କହିବେ, ବାର ଦିନ ଅବଧି ।
ସାଦୀ ସାଦୀ ମୁହଁ ଦେଖିଲେ, ନ ହେଲାଟି ସାହସ
ମଉନେ ଖଡ଼ଗେ ଚାହିଁଲେ ନେତ୍ରେ ବହି ତରାସ ।
କାଳ ଆଉ ନାହିଁ, ଆପଣେ ଏବେ ସାମନ୍ତ ମଣି
ପର୍ଯ୍ୟାଣେ ଉଠିଲେ, ପଲକେ ଭେଦିଗଲେ ଛାଉଣି ।
ତୁଙ୍ଗ ଗିରିମାଳ ଉଠି ସେ ଡେରଁପଡ଼ି ଗରବେ
ଘନ ଗଡ଼ଜାତ-ବିପିନେ ଗଲେ ବିଜୁଳି ବେଗେ,
ଅଶ୍ୱ-ଖୂର-ନାଇ ପଥରେ ଝକେ ଝକେ ଅନଳ
ଲିଭାଇ ସ୍ଥଲିଙ୍କେ, ଶ୍ରବଣ-ଧାରେ ବହଇ ଝାଳ,
କେତନ-ଲହରେ ଫିଟିଛି ପେଣ୍ଡାବାଳ ପଛରେ
ବିସ୍ମୟେ କୃଷକେ ଚାଂହାନ୍ତି ଭୟେ ବନେ ଶବରେ,
ଫେନ-ମୁଖେ ତୁଙ୍ଗ କୁରଙ୍ଗ ରଜୁ ଦିଶେ ଧାବନେ
ସିକତାରୁ ନଦୀ-ଗରଭେ ପଡ଼େ ମହା-ପତନେ
ସାଦି ସଙ୍ଗେ ଯାଏ ତୁରଙ୍ଗ ବୁଡ଼ି ବାହାରେ ପୁଣି
ଚେକି ମୁଖ ଉଚ୍ଚେ, ନିଶ୍ୱାସି ଦ୍ୱିଧା କରଇ ପାଣି,
ନାହିଁ ଖିଆପିଆ ଠିକଣା, ନାହିଁ ଖରା କାକର,
ବନ ଗିରି ନଦୀ କାହିଁରେ ନାହିଁ ତିଳେ ଖାତର ।
ଚାରୁ ସିଂହଭୂମି ଭେଦିଲେ ବାହୁଁ ଘଡ଼ିକେ ବୀର
ଖେପାକେ ଡେଇଁଲେ ସତେକି ଠାକୁରାଣୀ ଶଇଳ,
ବଇତରଣୀ ସେ ଡେଇଁଲେ ଗିରିନଦୀ ପ୍ରକାରେ,
ମାଇଗିରି-ତୁଙ୍ଗ-ଶିଖରେ ମାତ୍ର ଚାହିଁଲେ ଥରେ,
ଗୋନାସିକା-ମାଳ ଭେଦିଲେ ମେଘେ ବିଜୁଳିପରି

ରଜନୀ-ତାମସେ ହୋଇଲେ ବ୍ରାହ୍ମୀ-ତଟିନୀ ପାରି ।
ଗିରିଦୁର୍ଗେ ଡ଼ାକ ପ୍ରହରୀ, "କିଏ ସାଦୀ ଅନ୍ଧାରେ ?"
ଚଡ଼ନ୍ତି ସାମନ୍ତ, "ଆମ୍ଭେ ହେ ରଜପତି ଛାମୁରେ ।"
କପିଳାସ ତୁଙ୍ଗ ଶିଖରେ ରାତି ହେଲା ପ୍ରଭାତ,
ମହାନଦୀ ଢେଉଁ ଛାଡ଼ିଲେ ଖରେ ସେ ଗଡ଼ଜାତ ।
କୁଆର ନଗରେ ପ୍ରହରୀ ଦେଖି ଦୁର୍ଗ-ପ୍ରାଚୀରେ,
ସ୍ୱାଗତ-ସଂଭାଷ ଦେଖାଇ, ହେଲେ ଚିହ୍ନିକା-କୁଢ଼େ,
ସରକତେ ଚାଳି ତୁରଗ, ଢେଉଁ ତଟିନୀ କେତେ,
ମହେନ୍ଦ୍ର ଦେଖିଲେ ଚେକିଟି ଶିର ଡ଼ାହାଣ-ହାତେ ।
କେତେ ଦୁର୍ଗେ ପଥେ ପ୍ରହରୀ ତିନ୍ଦେ ଶିଙ୍ଗା ନିନାଦି,
ମିତ୍ର-ପ୍ରତିଶିଙ୍ଗା ସାମନ୍ତେ ଶୁଣି, ଛାଡ଼ିଲେ ସାଦୀ ।
ଗୋଦାବରୀ-ଧାର ଢେଉଁଲେ ବୀର ଅରୁଣ କରେ,
କୃଷ୍ଣା-ପାର ପୁଣି ଦେଖିଲେ ରବି ବାରୁଣୀ-ଶିରେ,
ଭେଟିଲେ ରାଜନ, କହିଲେ ମାତ୍ର ସଂଦେଶ ତହିଁ
ବାଜିସଙ୍ଗେ ପଡ଼ିଗଲେ ସେ ବୀର ଆଦରି ମହୀ ।
ଉଡ଼ିଗଲା ସେହି ନିମିଷେ ପିଣ୍ଡ ଛାଡ଼ି ପରାଣ
ଉତ୍କଳେ ରୁବନେ ପାରିଲା ନାହିଁ ପଶି ଯବନ ।

☆ ☆ ☆

ଉଠିଛି କି ବାପା, ଏବେ ତ ରାତି ହେଲା ପ୍ରଭାତ !
ଶୀଜରେ ବିଂଛାଇ ସମୀରେ ବହେ ସିଂଧୁ-ମାରୁତ ।
ଫିଟି ଯାଇଅଛି ଗଗନେ ଘନ ମୁଦିର-ଘଟା
ଲୁଚକାଳି-ଖେଳେ ଦେଖାନ୍ତି ତାରା ମେଦୂର ହଟା ।
କୃଷ୍ଣ-ଘନ-ତୁଳେ ଶୋଭଇ ଚାନ୍ଦ ବାରୁଣୀ-ଶିରେ
ଚଳ କୃଷ୍ଣ-ଘନେ ଲୁଚାଇ କେବେ କଂପିତ-କରେ ।
ତାମସ-କଳୁଷ-ପାଡ଼ନେ ଯଥା ସ୍ୱଚ୍ଛ ବିବେକ
ଲୁଟି ଲୁଟି ଫୁଟି ହସଇ, ଭାଜି ପୁଣ୍ୟ ମୟୂଖ ।
ଦୂର-ଗିରି-ଧୂମ୍ର ପ୍ରାଚୀର ଖୋଲେ ତରଳ ବିମ୍ବ
ଶୁଭ୍ର ହାସେ ଫୁଟେ କି ଅବା, ଭେଦି ସରଡ-ନଭ !

ନୀଳକଣ୍ଠ ଦାସ

ଲୁଚିଯାଏ ଜେବେ ପ୍ରାଚୀର-ଚୂଳ-ଚାଳ-ଜୀମୂତେ,
ଦେଖିନାହଁ ଯେବେ ସେ ଛବି, ଦେଖ ଆଜି ପ୍ରଭାତେ ।
ସିଂଧୂ ଭେଦି ପୁଟେ ପରଚା, କୁଆଡାରା ମଳିନ,
ଉଲାଳ ତରଙ୍ଗେ ଶୋଭଇ ନଦୀ-ମୁଖ ପୁଲିନ,
ଗଗନ ମୁକୁର-ଡଟିନୀ-ଜମ୍ର-ଉର୍ମି-ବିଳାସେ
କ୍ଷଣ-ଚାରଜିତ-କଂପନେ ଚଳ ନଉସ ଭାସେ ।
ଏକାଳୀ ପାଦପେ ପତ୍ରି-ବଧୂ ଉଷା-ଆଲୋକେ
ଆସାର-ଧଉତ-ଚିକ୍‌କଣ ଚଞ୍ଚୁ ପିଟାଇ ଡାକେ ।
ପାଟିଯାଏ ଦେଖ କାଳିମା ଉଷା-ଉଜଡ-ପରେ,
ପାରଦ-ଉପାନ୍ତ ପ୍ରସରେ ମେଘ ଚଳେ ଅମ୍ବରେ । (ଆଂଶିକ)

●●

୪୮. ମାୟାଦେବୀ

ଜମ୍ବୁଦ୍ୱୀପ ବୋଲି ବୋଲନ୍ତି ଏ ଦେଶେ
ଜମ୍ବୁ ଦେଶ ତହିଁ ମଉଡ଼-ମଣି;
ଜମ୍ବୁ ନଦ-ଖାଡ଼ୀ ଜୋମଳ ପତନେ
ପିନ୍ଧଇ ସେ ଦେଶ ବିପିନ-ରାଣୀ ।
ଚକ୍ରବାଳ ଭେଦି ତୁଙ୍ଗ ହିମଗିରି
ସ୍ତରେ ସ୍ତରେ ଉଠେ ରଜତ-ଭାଲେ;
ତୁହିନ-ମୁକୁଟ ଅରୁଣେ ଝଇସି
କନକ-ତରଙ୍ଗେ ଦିଗନ୍ତ ଝଡେ ।
ସାନୁ-ସ୍ତରେ-ସ୍ତରେ ଶ୍ୟାମଳ ପ୍ରାନ୍ତର
ପ୍ରସାରେ ରେଟଇ ଶଇଳ-ପଦ;
ତରେ ତରେ ଭେଦି ଉପକଣ୍ଠ-ଶିଳା
ଶୋଭଇ ତରଳ ରଜତ ହ୍ରଦ ।
ହ୍ରଦ-ପରିସରେ ଗିରି-ତରଙ୍ଗିଣୀ
ବିମୋହନ-ଭଙ୍ଗେ ମିଶଇ ଜାହିଁ;
ଗିରି-ତଳେ-ତଳେ ଶତ ବାଜେ ବୁଲି
ଖେଳଇ ତରଳ ତୁହିନ ବହି ।

ତରଙ୍ଗେ ନଚାଇ ଶ୍ୟାମ-ତରୁ-ଶାଖା
ତଟିନୀ-ବିମଳ-ସଲିଳ ଶୋହେ;
ଶତ ନଦୀ ମିଳି ଏକ ଧାରେ ଜାହିଁ
ପଞ୍ଚନଦ-ମହା-ପ୍ରପାରେ ବହେ ।
ଗିରି ନଦୀ ଧାରେ ତରଳ ତୁଷାରେ
ଲବଙ୍ଗ-ସୁମନ ଆସଇ ଭାସି;
ଜଳେ ଜଳେ ଚହିଁ ସୁରବାଳା-ହାରୁ
ସ୍ୱର୍ଣ୍ଣ-ଶତଦଳ ବିଶଇ ମିଶି ।
ପ୍ରଚଣ୍ଡ ତପନ ବିନ୍ଧ୍ୟ-ଚୂଳେ ରହି
କୋମଳ ପରଶେ ଛୁଆଁଇ ମହୀ;
ତୁହିନ-ଜିରଣ ତୁହିନ-କ୍ଷରଣେ
ଆସେ ବେଳେ ବେଳେ ନିକଟେ ଚହିଁ ।
ପଲ୍ଲିରେ ପଲ୍ଲିରେ ଚୁମ୍ବଇ ନିର୍ଝର
ଶ୍ୟାମଳ ପ୍ରସାର ଉଉପ-ବାଙ୍କେ,
ଉପକଣ୍ଠ-ତନୁ- ରଜତ-ସାଗର
ଗିରି-ଶିଶୁ-ତନୁ ନଚାଏ ବୁଜେ ।
ଶିଖରେ ଶିଖରେ ବଲ୍ଲରୀ-ଜଟିଳ
ମୋହନ ବିଟପୀ ସୁମନ-ଭରା;
ଲତା-ଫଳ ବହିଁ ମଧୁପୁର ଧରେ
ସୁରଭି ସୁମନେ ହସଇ ଧରା ।
କାଶ୍ମୀର-କୁସୁମ- ମାଧବ-ସୋହାଗେ
ପୁଟର ବିପିନେ ଜନଜ-ହାସ;
ଲାବଣ୍ୟ ଲହରୀ ଖେଳାଇ ସମୀରେ
ଶଇଳ ଶିଖରେ ଉଠଇ ବାସ ।
ବର୍ତ୍ତୁଳ-ଜନଜ- ପଳେ ମହୀରୁହ
ନନ୍ଦନ-ବିଭବେ ତପନେ ହସେ;
ଅପସରୀ-ସରି ରମଣୀ-ନିକର
ବୁଲନ୍ତି ବିପିନେ ତରଳ-ହାସେ ।

ଜୋଜିଳ ରାବଣ ବାରମାସ ବନେ
ବିଲେ ବାରମାସ ଜନକ-ଖେତ;
କେଦାରେ-କେଦାରେ ହିମାଚଳ ମୂଳେ
ଶିଖରୁ ଶିଖରେ ଦିଶେ ମହତ।
ସାରସ୍ୱତ ନେତ୍ରେ ସପ୍ତଋଷି ନିରତ
ଭ୍ରମି ଭ୍ରମି ମେରୁ, ଥାଆନ୍ତି ଚାହିଁ;
ଅମାନିଶା ଲେଦି ଗନ୍ଧର୍ବ-ନଗର
ଅରୁଣ-ବିଭାସେ ଭାସଇ ତହିଁ।
ଦେବ-ଦେବୀ-କୂଳ ଓହ୍ଲାଇ ସେ ଦେଶେ,
ବେଢେ ବେଢେ ଆସି ମର୍ତ୍ୟ-ବିଳାସେ;
ଅମୃତ-ଭୋଜନ ପାରିଜାତ-ବାସ
ଭୁଲନ୍ତି ସେ-ବନ-ବିହାର-ରସେ।
କରତାସ-ଚୁହୁ ଶଂକର ଗଉରୀ
ନିରାଞ୍ଜନ-ଜଳ ଧୂଅର ଦେଶ;
ମାନସ-ବିହାରୀ ରାଜହଂସମାଳା
ଭୁଲନ୍ତି ସେ ଦେଶ ନିଶି ଦିବସ।
ତରୁଣୀ-ଇଲାମ ସେ-ଦେଶ-ରାଜନ-
ପାଟ-ଜେମା ରାଣୀ-କୋଳ-ସଂଖାଜି;
ବିବାହ ବୟସେ ଜେଉଁ ଯୁବାମଣି
କରିବେ, ରାଜନ ହୁଅନ୍ତି ରାଜି।
ସୁନ୍ଦରୀ-ମଉଡ଼ ଜମ୍ବୁଦେଶ-ବାଳା
ରାଜ-ଜେମା ତହିଁ କିରୀଟ-ଭୂଷା;
ଅଙ୍ଗେ ଅଙ୍ଗେ ଧରି ଲାବଣ୍ୟ ଝରଇ
ରୂପେ ବଢି ଗୁଣେ ବିକାଶେ ଯୋଷା।
ବର୍ତ୍ତୁଳ ବରାଙ୍ଗେ ଜଡ଼ଜ ଚିକୁର
ଭରି ପୃଷ୍ଠ, ଭୂମି ଛୁଅଁଇ ତଳ;
ବିମଳ ଲଲାଟେ ବିଶାଳ ଲୋଚନ
ତାରୁ ଚଳାପାଙ୍ଗେ ଦେଖାଏ ଖେଳ।

ଗଉରବେ ଯଥା ବିଭାସେ କୀରତି
ଯଉବନେ ତଥା ମୂରତି ହସେ;
ମାଧବ ସୁମନେ ମଧୁ-ହାସ ଢିଣି
ବାଢାମଣି ଶୋହେ ବିଭ୍ରମ-ରସେ ।
ଗଜଦନ୍ତ-ଶାଣେ ସରମ-ରସାଣେ
ଗଢ଼ିଛି କି ବିଧି ? ହୁଏ ପରତେ;
ସୂରବାଳା କିବା ଦେବ ସୁର ଛାଡ଼ି
କଉତୁକ-ଖେଳେ ସେହୁ ମରତେ ?
ବିପିନ ବିହାରେ ଚଂଦ୍ରକ ଫୋପାଡି
ଶଇଚ ସାଗରେ ଖେଳଇ ବାଳା;
ରାଜହଂସମାଳା ନଚାଇ ତରଙ୍ଗ
ଲେଉଟର, ଭେଟି ପୁଳିନ ଶିଳା ।

x x x

ବିଶାଳ ସେ-ମହୀ- ଉରସ-ବିସ୍ତାରେ
ପୁଣ୍ୟ-ତୀର୍ଥ-ମାଳା ବହଇ ଝରି;
ବିହାର-ସଂପଦେ କେଶବ ଆପଣେ
ବୁଲନ୍ତି ସେ ବନେ ମୃଗୟୁପରି ।
ତପନେ ହସଇ ବିଶାଳ ଧରଣୀ
ମେଘମାଳେ ଛତା ଧରଇ ନଭ;
ରବି ଘୁଷୁଗଲେ ବିମଳ ଗଗନ
ଶିଶିର-ମୟୂଖେ ସିଞ୍ଚଇ ଭବ ।
ନିର୍ଝର-ଜଂପନେ ଖେଳନ୍ତି ଦେବତା
ଇନ୍ଦ୍ରଧନୁମାଳା ପ୍ରପାତ-ଉଙ୍ଗେ;
ଉଠେ ବେଦଧ୍ୱନି ଜଂଦରେ ଜଂଦରେ
ପିହୁ-ସମୀରଣ-ତରଙ୍ଗ-ରଙ୍ଗେ ।
ଛଡ଼ରନ୍ତୁ -ଖେଳେ ଗଡୁରାଣ ମଧୁ
ବିଳସେ ସରସ ବିଳାସେ ବନେ;
ଜଦମ୍ନ-କେଶରେ ବସେ ପ୍ରଜାପତି
ଶିଶିର-ବିପିନ ହସେ ସୁମନେ ।

ନୀଳାଚଳ ଜାଅ ପୁଣ୍ଡ୍ର-ବଳମାଳେ
ଷଡ଼ଋତୁ-ପୁଲ-ବାସ ଚହଟେ;
ପାତ ଭମି ଡେଇଁ ସାଗର ଆବରି
ବାଣିଜ୍ୟ-ବାହିନୀ ଭାସଇ ତଟେ ।
ଅନୁମାନେ ଅଛି ଜଂବୁଦେଶ ଧରା
ଅନୁଭବ ମୋର ଉତ୍କଳ-ଭୂମି;
କେସନେ ବଖାଣି କହିବି କୁମାର
ପାଇବି କାହୁଁ ସେ ବିଭବ-ବାଣୀ ?
କେସନ କହିବି ? ବିମଳ କେସନ
ଶ୍ୟାମ-ବନ-ମାଳେ ତପନ ହସେ;
ପୂଳିନ ସୀମନ୍ତେ ବିସାରୀ ସାଗର
ଦୂର ଚକ୍ରବାଳେ ଗଗନେ ମିଶେ ।
ତାରକା କଂପନେ ବୀଚିମାଳ ତୋଳି
ଦୂରଦ୍ୱୀପୁ-ଆସେ ସମୀର ବହି
ଶ୍ୟାମଳ କେଦାରେ କାଟି ନାଚି ଯାଏ
ଶିଖରୁ ଶିଖରେ ଲହରେ ବହି ।
ଧୂସର-ନୀଳିମେ କାଂଥି ଘନ-ପରି
ସ୍ଥିର ଚକ୍ରବାଳେ ଶିଖରମାଳା;
ଅରୁଣ-ବିଭାସେ କନକ-ତରଙ୍ଗେ
ହସଇ କେସନ ସାଗରବେଳା ?
କନକ-ଭୂଷଣେ ଦିଗଂଗନାକୂଳ
ହସନ୍ତି କେସନ ଅନାର ଭବେ;
ନିର୍ଝର-ପ୍ରପାତ ବନ କୁଂଜ ଗିରି
ଭାସଇ କେସନ ଅରୁଣ-ନଭେ ?

☆ ☆ ☆

ମଥା ପୋଡି ଟଙ୍କ ଶୁଣୁଥିଲେ ଏତେ
ଗରବେ ଚାହିଁଲେ ବଦନ ତୋଳି;
ଦପ ଦପି ଉଠେ ତାମ୍ର ଭାଲପଟ
ସତେ କି ଅବଜ୍ଞା-ରଭସେ ଜଳି !

ବିସ୍ଫାରିତ ନେତ୍ର କୁଂଚିତ ଅଳପେ
ଗଭୀର ବିଭାଶେ ନୟନ ତାରା;
ଅଜେୟ ହୃଦୟ ଫୁଟଇ ଲଘନେ
ଦୁର୍ଦିନେ ଯେସନ ପ୍ରାନ୍ତର-ଧରା ।
ଅନାଦର-ବ୍ୟଞ୍ଜା ଧୀର ତୀବ୍ର ଭାଷେ
ଅଳପେ ଅଳପେ କହିଲେ ବୀର—
"ମୁଣ୍ଡ କାଟ ସିନା ହେବ ବାଜିଅଛି
ନାହିଁ ତହିଁ ମୋର ତିଳେ ହେ ଡର ।
ଯାଇଛି ବିଭବ ଟୁଟିଛି ଗରବ
ଯିବ ତ ବିଶାଳ ଶ୍ୟାମଳ ଧରା;
ଯାଇଛନ୍ତି ଏହି ପ୍ରିୟ-ଜନେ ଯହିଁ
ପ୍ରାସାଦ ମୋହର ସେ-ଦେଶ-କାରା ।
କିଏ ସେ ତସ୍କର କୁମାର ଏ ଦେଶେ
ପର-ଧନେ ବଳେ କାହାର ମତି ?
କାହା ଧନ ଛୁଂଚି ରହିଛ ଏ ଭୂମେ
ତୁମେ ପରା ବୋର-ଗଙ୍ଗ-ସଂଚତି ?
ବ୍ୟାଘ୍ର-ରାଜ-ଜନେ ଯାଇଥିଲୋ କି ସେ
ଗୋଦାବରୀ ତେଇଁ କେରଳ-ଦେଶେ ?
ଉତ୍କଳ ସଇନ ପଶିଥିଲେ କି ହେ
ତବ-ପିତୃ-ପଦ-ସଂପଦ-ନାଶେ ?
କାହା ନିମଂତ୍ରଣେ ଆସିଥିଲ ଏଥି
ନିରୀହ-ପରଜା-ଶୋଣିତ-ପାନେ ?
କି ସ୍ୱରେ କହୁଛ ତବ ରାଜ୍ୟ ଏହି
ଧଂକସନବର, ଏକାମ୍ରବନେ ?
ବିଜନ କାନନ କେଦାରେ ପଟାଇ
ଆମ୍ଭ ପିତାମହେ ରହିଲେ ଏଥି;
ମୁଣ୍ଡ-ଝାଳ ତୁଣ୍ଡେ ମାରି ଅରଜିଲେ
ଥିଲ କିହେ ତୁମେ ତାହାଙ୍କ ସାଥୀ ?

ଜାହା ଧନେ ଏବେ ନବତନ ହର୍ମ୍ୟେ
ମହାନଦୀ-ତୀରେ ତେଜିଇ ପୁର;
ତହେଁ ଅଠହରି ଜାହା ଶ୍ରମ ମାଳ
ବିଳାସ ବିରତି ବୋଲାଅ ବୀର ?
ତେର-ନଦୀ-ପାରେ ଜାହିଁଥିଲ ଆସି
ବୋଇ ଦେଶ-ଜନେ ତସ୍କର ହାଜ;
ବିଳାସେ ନଅଣ୍ଟ ହେଲେ କର-ଧନ
ଦୁର୍ବଳ ପାଡ଼ନେ କରୁଛ ରଣ।
ଦେଶ-ଲୋକ-ଦୁଃଖେ ଧର ପରା ଧନୁ
କେଉଁ ଦେଶ ଲୋକ ଧଂଜପ-ବୀରେ ?
ନ ଥିଲବି ଯେବେ ଆସି ଏ ବିପିନେ
ଯାଇଥିଲେ ବି ସେ ଏଜାମ୍ର-ପୁରେ ?
ପରଜାଙ୍କ ସୁଖ ଜାଣ ତୁମେ ସବୁ
ମଣୁଛ ପରଜା ନ ଜାଣେ କିଛି;
ପ୍ରଜା-ମତି-ଗତି ବୁଝିବାକୁ ତାଜ
ବତୁର ଲୋକଙ୍କ ଦଂଚନେ ବାଟି।
ଏହି ତ ଜଗତେ ଧର୍ମ ବୁଝାମଣା
ବଳ ଅଛି ଯାର ନୁହେ ସେ ଚୋର;
ଏହି ତ ତୁମ୍ଭର କ୍ଷତ୍ରିୟ-କରମ
ଏଥିରେ ତ ତୁମେ ବୋଲାଅ ବୀର।
ବିଚିତ ତ ମୁହିଁ କି କହିବି ଆଉ
ତସ୍କର ତ ଏଥି ଘରର ପୁଅ;
ବିଦେଶୀ ତସ୍କରେ ଶୋଷି ପ୍ରଜାଧନ
ବୋଲାନ୍ତି ଜଗତେ ତୁଚ୍ଛ କ୍ଷତ୍ରିୟ।
ଆହାରେ ଦରବ କି କଲୁ ତୁ ସତେ
ଘର ବୋଲିବାକୁ ନ ପିଟେ ସ୍ୱର;
ଏ ନୀଳ ବିପିନ ଶ୍ୟାମଳ କେଦାରେ
କେତେ ପୁଣ ପଶି ହେଉଛି କୂର !

ଅନାହାରେ ମରେ କୃଷକ ମଉନେ,
କିଏ ଜାଣୁଛି ତା' ବେଦନା ତିଳେ;
ରାଜ-ଜନ ବୋଲି ବଂଚକ ତସ୍କର
ବୁଲୁଛନ୍ତି ଗ୍ରାମ ବିପିନ ବିଲେ ।
ଯାଅ। ମହାନଦୀ ବହି ପାରାବାରେ
ଭୟେ ଚୁମି ପଦେ ସେ ରାଜପୁର;
ବିଦେଶୀ-ତସ୍କର- ଦସ୍ୟୁ-ପଦାଘାତେ
ପ୍ରସାର ଉଜୁଡ -ଜନନୀ ଉର ।
ଜନନୀ ଜନନୀ ବୋଲୁଥିଲି ତୋରେ
ରଖି ନ ପାରିଲି ଗରିମା ତବ;
ଶତ ନଦୀ-ଧାରେ ଲୋତକର ଧାରା
ଦେଖି ଯାଉଅଛି ଛାଡ଼ି ଏ ଭବ ।
ଶ୍ୟାମଳ ଜାନନେ ଖେଳାଇଲୁ ମାତ
ବଢ଼ାଇଲୁ ଦେଇ ଜୀବନ-ପଯ
ହେଲା ତୋ ସମ୍ପଦ ତୋହରି ଉଗାରି
ସଂତାନେ ଘୋଟିଲା ତସ୍କର-ଭୟ ।
ଜନମ ଭୂଇଁ ତୁ ଜନନୀ ମୋହର
ଜୀବନେ କେସନେ ଭୁଲନ୍ତି ତୋତେ;
ଯାଉଛି ବରଜି ଦିଅ ମା ବିଦାୟ
ଅଳି ଝଟି ମୋର ସହିନ୍ତୁ କେତେ ।
ତୋହରି ହୃଦୟ ଚିରି ମୁଁ ଖାଇଛି
ପିଇଛି ତୋହରି ଜୀବନ-ଧାରା;
ତେବେହେଁ ହୃଦୟେ ରଖିବୁ ଆଦରି
ମରଣେ ଏ ମୋର ଶରୀର-ଭାରା ।
ବିଦେଶ ତ ମୁହିଁ ଯାଇନାହିଁ କେବେ
କେମନ୍ତେ ଜାଣିବି ବିରହ-ଖେଦ
ଖଣ୍ଡେ ଦୂର କେବେ ପାରିଧିରେ ଗଲେ
ଭୁଲି ନ ପାରଇ ତୋର ସଂପଦ ।

ଚିରଲାଗି ଏବେ ଯାଉଅଛି ମୁହିଁ
ସେ ଦେଶେ, ଯେ ଦେଶୁ ଫେରନ୍ତି ନାହିଁ;
ନିରୟେ କି ନଭେ ସ୍ୱରଗେ କି ତଭେ
କେମନ୍ତେ ସେ କଥା ଜାଣିବି ମୁହିଁ ?
ତୋତେ ଛାଡ଼ି କେଉଁ ସ୍ୱରଗେ ରହିବି
ଅନନ୍ତ-ବିରହ-ଅନଳେ ଜ୍ୱାଳି
ନାହିଁ କି ନରଜ ଏ ବନେ କୁମାର
ଦିଅ ମୋତେ ସେହି ଜଉକେ ପେଲି ।'' (ଆଂଶିକ)

●●

୪୯. ପାରିଧି-ଗୀତ

(ସଂସ୍କୃତ ଗୁରୁ ଲଘୁ ନିୟମରେ ଗାଇବାକୁ ହେବ)

ତୁଙ୍ଗ ଶିରେ,
ଦେଖ ଶିଖର ନବ ଶୁଭ୍ର ଜରେ ।
ଉଠ ବୀର ଯୁବଜ ତେଜି ସପନ-ସୁଖ
ଶ୍ୟାମ ବିପିନ ଭରି ପୂର୍ଣ୍ଣ ଝରେ ।
ସୁନ୍ଦର ଗିରି-ଶିର ସୁନ୍ଦର କନ୍ଦର
ସୁନ୍ଦର ବନ, ମୃଦୁ ବିଜଶିତ ଭାସ୍କର
କ୍ଷତ୍ର-ଧରମ-ରତ ବୀର-ନୃପତି-ସୁତ
ଉଠ ହେ ରଣ-ମଦ-ଭୈରୁ-ବରେ ।
ଶ୍ୱାନ ଉଠଇ ହସି ପାରିଧି ସୁଖ ମଣି
ରଙ୍ଗ କରି ତୁରଗ ଚାଲିଛି ପଦ ଗଣି
ଭେରି ବହି ପବନ ସ୍ପନ୍ଦନ ରଚି ଘନ
ବୀର-ହୃଦ ପୂରଇ ଆସ ଖରେ ।
ସୈନ୍ୟ-ଗୁରୁ-ଗମନ ଆୟୁଧ-ଝନ୍‌ଝନ
ଦୁନ୍ଦୁଭି-ଟମଟମ ଉଠୁଅଛି କମ୍ପନ
ଚାହିଁଛି ଜାନନ ଶୋହିବ ଗିରିବନ
ଗଜପତି-ସୁତ-ପଦ-ସଂପଦରେ ।

ନାଚିବ ଗିରି-ଝର ବୀର ତୁରଗ ଧରି
ଦେଖିବ ଗିରି, ହସି ଶାଶ୍ୱତ ତଟ ଭରି
ଶାଳ ଗହନ ବନ ଲତିକା ମୋହନ
ସେବିବ ସୁବିମଳ ପ୍ରୀତି-ଭରେ ।
ସ୍ତବକେ ହସି ହସି ପୁଷ୍ପ ପଡ଼ିବ ଖସି
ଶ୍ୱାପଦ ଲୁଟୁଅଛି ଘୋର ଗହନ ରସି
ଉଠ ଉଠ ବୀର- କଦଂବକ-ପାଳଙ୍କ
ଶ୍ୟାମଳ ଅରୁଣିତ ସୌର-କରେ ।

●●

୫୦. ସଂଗୀତ

(ରାଗ-ମାୟାମାଳବ ଗୌଡ଼ା)

ସମୀରଣ ବହଇ ମରମରି
ମରମରେ ପୂରଇ ଗିରିଦରୀ;
ମରମରେ ପୂରଇ ପରାଣ ରହି ରହି,
କାହିଁ ଯାଉଛି ବହି ଥରିଥରି ?
ଅରୁଣେ ହସି ହସି ଉଠର ନଭେ ଶଶୀ
ସରଗ-ଚୂନ୍ଦେ କର ଦିଶଇ ପରକାଶି
ମଲ୍ଲିକା ଉପବନେ ଚାହିଁ ଅଛି ଗଗନେ
ଛଳ ଛଳ ତା' ଦଳ ହିମେ ଭରି ।
ପୁଟି ତାରା ଗଗନେ ସୁମନପରି ବନେ
ପୁଟନ୍ତି ଲୁଚି ଲୁଚି ତରି ଖର ତପନେ
ଭାସି ଭାସି ଗଗନେ ଭେଦି ସେ ସମୀରଣେ
ମଉନେ ଯାଏ ପଡ଼ି, କେତେ ଚଳି ।
ସରଗୁ ସୁଧା ଝରି ପୁଟେ ଜ୍ୟୋଛନା ଶିରି
ଅନନ୍ତ ନଭେ ରସି ଯାଉଛି ତାରା ଚଳି

ସମୀର ମରମରେ ଥରିଥରି ପ୍ରସରେ
ପୂଲ ହିମେ ତରଢି ପଡ଼େ ଝରି ।
ତହେ କି ସମୀରଣ ଥରି ଯାଏ ମରମ
କେଉଁ ନଭସ ଆଶେ ଜଢି ଉଠଇ ପ୍ରାଣ
ମିଶିଯିବ କି କେହି ନଭସେ ତାରା ହୋଇ
କି ବୁଝି ଯାଏ ଜନ ଶୂନ୍ୟେ ଧରି ?

●●

ପଦ୍ମଚରଣ ପଟ୍ଟନାୟକ

୫୧. ଚିର ସୁନ୍ଦରୀ

(୧)

ନୁହ ତୁମ୍ଭେ ପଇଜର ପରାଣର ଦ୍ରୋହ ଗୋ,
ନୁହ ତୁମ୍ଭେ କ୍ଷଣିକର ଉନ୍ମାଦନା ମୋହ ଗୋ ।
ନୁହ ତୁମ୍ଭେ ବସନ୍ତର ମୋହନ ବିଳାସ,
ନୁହ ତୁମ୍ଭେ ନନ୍ଦନର ମଳୟ ନିଶ୍ୱାସ ।
ନୁହ ତ ଶ୍ରାବଣ ଘନେ ଚପଳାର ସରି,
ଶାରଦ ଚନ୍ଦ୍ରିକା ଧୌତ ଗଗନର ପରି ।
ପୂଇର ସୌରଭ ନୁହ ସଙ୍ଗୀତର ତାନ,
ନିଶାର ସ୍ୱପନ ନୁହ ଯୌବନର ପ୍ରାଣ ।
କୁସୁମ ବନ୍ଧନ ନୁହ ଉଷାର ଆଲୋକ,
ଦିନକର ମାୟା ନୁହ ନୟନ ପୁଲକ ।
ନୁହ ତ ସୌନ୍ଦର୍ଯ୍ୟମୟୀ ମୃଣ୍ମୟୀ ପ୍ରତିମା,
କାଳେ କାଳେ ନ ରାଜିବ ତୁମର ମହିମା ।
ଇନ୍ଦ୍ରିୟର ରୂପ ତୃଷ୍ଣା ପରାଜୟ କରି,
ଅମର ସୌନ୍ଦର୍ଯ୍ୟେ ରାଜ ହେ ଚିର ସୁନ୍ଦରୀ !

ସମୀର ମରମରେ ଥରିଥରି ପ୍ରସରେ
ପୂଲ ହିମେ ତରଢି ପଡ଼େ ଝରି ।
ତହେ କି ସମୀରଣ ଥରି ଯାଏ ମରମ
କେଉଁ ନଭସ ଆଶେ ଜଢି ଉଠଇ ପ୍ରାଣ
ମିଶିଯିବ କି କେହି ନଭସେ ତାରା ହୋଇ
କି ବୁଝି ଯାଏ ଜନ ଶୂନ୍ୟେ ଧରି ?

●●

ପଦ୍ମଚରଣ ପଟ୍ଟନାୟକ

୫୧. ଚିର ସୁନ୍ଦରୀ

(୧)

ନୁହ ତୁମ୍ଭେ ପଇଜର ପରାଣର ଦ୍ରୋହ ଗୋ,
ନୁହ ତୁମ୍ଭେ କ୍ଷଣିକର ଉନ୍ମାଦନା ମୋହ ଗୋ ।
ନୁହ ତୁମ୍ଭେ ବସନ୍ତର ମୋହନ ବିଳାସ,
ନୁହ ତୁମ୍ଭେ ନନ୍ଦନର ମଳୟ ନିଶ୍ୱାସ ।
ନୁହ ତ ଶ୍ରାବଣ ଘନେ ଚପଳାର ସରି,
ଶାରଦ ଚନ୍ଦ୍ରିକା ଧୌତ ଗଗନର ପରି ।
ପୂଇର ସୌରଭ ନୁହ ସଙ୍ଗୀତର ତାନ,
ନିଶାର ସ୍ୱପନ ନୁହ ଯୌବନର ପ୍ରାଣ ।
କୁସୁମ ବନ୍ଧନ ନୁହ ଉଷାର ଆଲୋକ,
ଦିନକର ମାୟା ନୁହ ନୟନ ପୁଲକ ।
ନୁହ ତ ସୌନ୍ଦର୍ଯ୍ୟମୟୀ ମୃଣ୍ମୟୀ ପ୍ରତିମା,
କାଳେ କାଳେ ନ ରାଜିବ ତୁମର ମହିମା ।
ଇନ୍ଦ୍ରିୟର ରୂପ ତୃଷ୍ଣା ପରାଜୟ କରି,
ଅମର ସୌନ୍ଦର୍ଯ୍ୟେ ରାଜ ହେ ଚିର ସୁନ୍ଦରୀ !

(୨)

ନୟନର କ୍ଷୁଦ୍ର ରାଜ୍ୟ ଛଂଘି କୁତୂହଳେ,
ଆନନ୍ଦେ ବିହର ଆପେ ମାନବ ଅନ୍ତରେ ।
ବିଧି ସୃଷ୍ଟି ଶିଳ୍ପକଳା ପୁରୁଷର ପୂଜା,
ପାଇ ବଢ଼ ଦିନେ ଦିନେ ସୌନ୍ଦର୍ଯ୍ୟ ତନୁଜା ।
ମାନବ ଅନ୍ତରେ ରାଜି ହୁଅ ବିଶ୍ୱମୟ,
ଢାଳ ହେ ଅମିୟ କେବେ ଘଟାଅ ପ୍ରଳୟ ।
ପ୍ରଳୟ ପୟୋଧି ଜଳେ ପଦ୍ମରୂପ ଧରି,
ଅଭୟ ଆଶ୍ୱାସ ସୁଧା ଦିଅ ବିଶ୍ୱ ଭରି ।
ବାହୁର ବନ୍ଧନ ପାଶ ନୟନ ମିଳନେ,
କି ଅପୂର୍ବ ଲୀଳା ଆଣ ଜଗତ ଜୀବନେ ।
ଶୋଭାର ଶାନ୍ତିର ଦ୍ୱାର ଦିଅ ହେ ଫିଟାଇ,
ଜଗତେ ଜଗତ ଲକ୍ଷ୍ମୀ ଆଣ ହେ ବଦାଇ ।
କେତେ କବି, କେତେ ଶିଳ୍ପୀ, କେତେ ଚିତ୍ରକର,
ପଦ ତଳେ ଉଲା ଘେନି ପୂଜାର ସମ୍ଭାର ।

●●

୫୨. ଧଉଳି ପାହାଡ଼

(୧)

ଧଉଳି ପାହାଡ଼, ଧଉଳି ପାହାଡ଼
କାହିଁକି ମଉନେ ରହିଛ ଆଜି,
ଦଇଆ ବାଲିରେ କେତେ ଖୋଜୁଥିବ
ଅତୀତ ଗୌରବ-ଗରବ ରାଜି ।
ଧଉଳି ପାହାଡ଼, ଧଉଳି ପାହାଡ଼
ରୁକ୍ଷ ମୁଖ ଦୁଃଖେ ଗୁଳ୍ଫେ ଆବରି,
ତପସ୍ୱୀ ପରାଏ ବସି ରହିଅଛ
କି ଭାବନା ଭାବି ଦିବା ଶର୍ବରୀ ।

ଧଉଳି ପାହାଡ଼, ଧଉଳି ପାହାଡ଼
ଲଜ୍ଜା ଦୁଃଖ ତେଜି ଟେକ ହେ ମଥା,
ଶୁଣାଅ ସେ କାହ ଗୌରବ କାହାଣୀ
ଜହ ହେ ସେକାଳ ଗଉବ କଥା ।
ଧଉଳି ପାହାଡ଼, ଧଉଳି ପାହାଡ଼
ଅଶୋକ ରାଜନ ରହିଲେ କାହିଁ ?
କାହିଁ ସେହି ଧର୍ମ କାହିଁ ବା ସେ କର୍ମ
ତିଳେ ବି ଏ କାଳେ ମିଳିବ ନାହିଁ !

(୨)

ଧଉଳି ପାହାଡ଼, ଧଉଳି ପାହାଡ଼
ଶୋଭେ ତବ ଶିରେ ଗୌରବ ଟୀକା,
ଗୁରୁପରି ନିଜେ ନୃପତି ଜନଯେ
ଶିଖାଇଛ ଧର୍ମ ଦେଇଛ ଦୀକ୍ଷା ।
କଳ୍ପନାରେ ପ୍ରଭେ ହୁଏ କାଲିପରି
ଆସିଛେ ଉଭରୁ ସହସ୍ର ବୀର,
ରଣମଦେ ପର୍ବେ ଶ୍ୱାପଦ ସମାନ
ଭାଣ୍ଡିଛି କିପରି କାଟିବେ ଶିର ।
ଯହିଁ ବାଟ କାଟି ଆସିଛେ ବହିଲା
ରକ୍ତ ସ୍ରୋତ ଆଗେ ସଙ୍କେତ ପରି,
ଯହିଁ ରଇେ ଚହିଁ ଖୋଜିଛେ କିପରି
ଅସି ମୁନେ ଦେଗେ ନାଶିବେ ଅରି ।
ପିଇ ପିଇ ରକ୍ତ ତୃଷା ନ ମେଣ୍ଟିଲା
ମହାନଦୀ ନୀରେ ପଶିଛେ ଆସି,
ପରଶିଲା କ୍ଷଣି ମହାନଦୀ ଜଳ
କର୍ଦ୍ଦୁ ଜରଜାଳ ପଡ଼ିଲା ଖସି ।
ଥର ଥର କରି ତିନିଥର ଅସି
ଧରିଛେ ଖସିଲା ଭୂତଳେ ଖରେ,
ଏ କି ଅଦଭୁତ କଥା ଭାବି ଭାବି
ଚଳିତେ ସମ୍ମୁଖେ ଚାହିଁଛେ ବାଗେ ।

ପର୍ବତ ପ୍ରମାଣେ ଦାଉ ଦାଉ ହୋଇ
ଦୂରରେ ଦିଶିଲା ରକ୍ତ ଅନଳ,
ମନେ ମନେ ବୀରେ ପ୍ରମାଦ ଗଣିଲେ
ଜାଣିଲେ ଏଥର ପରିଲା ବଳ ।
କରଯୋଡ଼ି ବୀରେ ନୃପତି ସମ୍ମୁଖେ
ଜଣାଉଛେ 'ନାଥ ନ ଯିବା ଆଉ,
ଦେବ ଲୀଳାଭୂମି ଏ କଳିଙ୍ଗ ଭୂମି
ବୋଲୁଛନ୍ତି ଲୋକେ ଏ ଦେଶ ଥାଉ' ।
ଦର୍ପେ ପଶୁପରି ଭାଷିଲେ ନୃପତି
'କାହିଁ କେଉଁଠାରେ ନାହିଁ ଦେବତା,
ଦେବତାର ଭୟ ଭୀରୁର ସମ୍ବଳ
ଦୀନ ଦୁର୍ବଳର ପ୍ରାଣର କଥା ।
ଅସି ମୋ ଦେବତା ସବୁ ସାଧିବାକୁ
ଏଥିରୁ ବା ବଡ଼ କେ ଅଛି ଆଉ ?
ଶୁଣିଛି କଳିଙ୍ଗ ବୀରଭୂମି ବୋଲି
ଜିଣିବି ଗଲେ ମୋ ଜୀବନ ଯାଉ ।
ଉଠ ଉଠ ବୀରେ ତେଜ ହେ ବିଷାଦ
ହେଜ ହେ ଅତୀତ ଗୌରବ କଥା,
କେତେ କଉଶଳେ ଜିଣିଛି ଯେ ଦେଶ
କରିବା କଳିଙ୍ଗ ସେ ଦେଶ ମଥା ।'
ଚିର ସାହସିକ କଳିଙ୍ଗ ତନୟେ
ହସି ଶତ୍ରୁ ସଙ୍ଗେ କଷିଲେ ବଳ,
କେତେ କାହିଁ ଶବ ପଡ଼ି ଗଡ଼ିଗଲେ
ଅରୁଣ ଦିଶିଲା ଦଇଆ ଜଳ,
ବିଜୟ ଉଲ୍ଲାସେ ଅଶୋକ ରାଜନ
ଗଣୁଥିଲେ ବସି ଶତ୍ରୁଙ୍କ ମଥା,
ଧଉଳି ପାହାଡ଼, ତୁନି ତୁନି କରି
କିବା ତାଙ୍କ କାନେ କହିଲ କଥା ।

(୩)

ଧଉଳି ପାହାଡ଼ ଧଉଳି ପାହାଡ଼
କି କଥା କହିଛ ରାଜାଙ୍କ କାନେ,
କି ଗାଥା ଗାଇଛ ଘଡ଼ିକେ ରାଜନ
ବୁଡ଼ିଲେ ଅପୂର୍ବ ସମାଧି ଧ୍ୟାନେ ।
ଉଣୋନ୍ମାଦେ ମାତି ବଜୟ ଉଲ୍ଲାସେ
ଘଡ଼ୁଥିଲେ ତବ ଚରଣ ତଳେ,
ଘଡ଼ୁଥିଲେ କେତେ ଆଶାର ସଉଧ
କାହିଁକି ଭାସିଲେ ନୟନ ଜଳେ ?
ଧ୍ୟାନ ଭଙ୍ଗେ କ୍ଷଣେ ବାହିଁଲେ ଚକିତେ
ତବ ଶିରେ, ପୃଣି ପୋତିଲେ ମଥା,
'କି କଲି ! କି କଲି', କହିଲେ ବିକଳେ
ଭାଭିଲେ ବା ପ୍ରାଣେ ଦାରୁଣ ବ୍ୟଥା ।
'କି କଲି, କି କଲି', କାହୁଁ ଆସି କାହିଁ
ପଡ଼ିଲି କି ଘୋର ଛିପ୍ରୀଷା-ଜାଲେ,
'କିବା କଥା ଲାଗି' ଏସତ୍ତୁ ବିହିଲି
ଭେଶିଲା କି ବିହି ଏ ଡଣା ଭାଲେ ।
ଶୋଣିତର ସ୍ରୋତ ନିଜେ ବୁହାଇଲି
କେସନ ଏ ଶୋଭ ନିଭିବ ମୋର,
ଆଗେ ଆଗେ ମୋର ଜନ୍ମିଲା ବସିଲି
ଜୀବନାଶୀ ଚିତା ଭୀଷଣ ଘୋର ।
କେତେ ପ୍ରାଣୀ ନିଜେ ନାଶିଲି ଏ ଜିରେ
କେଥେ-ଦେଶ ଜଳି ଶ୍ମଶାନମୟ,
କେତେ ସୁଖ ସୌଧେ ଜାଳିଛି ଅନଳ
କେତେ ପ୍ରାଣେ ମୁହିଁ ଆଣିଛି ଭୟ ।
କି ପିପାସା ଘେନି ଭଭିଲି ଜନମ
କାଳେ କାଳେ ତାର ନ ହେଲା ଶାନ୍ତି,
ସାରା ଜୀବନଟା ଆବୋରି ବସିଲା
କି ଅସାର ଆଶା ମଧୁର ଭ୍ରାନ୍ତି ।

ଲୁବ୍ଧ ମୃଗ ପରି ମୁଗ୍ଧ ହୋଇ ମୁହିଁ
ଇନ୍ଦ୍ରିୟର ସୁଖେ କାଟିଲି କାଳ,
ଜ୍ୱଳନ୍ତ ଅନଳେ ଇନ୍ଧନ ଯୋଗାଇ
ପାପେ ପୂର୍ଣ୍ଣ କଲି ଏହି ସଂସାର।
'ଧୂମକେତୁ' ପରି ଭୀମ ପୁଚ୍ଛ ଧରି
ବୁଣିଲି ମଡ଼କ ଯାତନାରାଜି,
ଲୋକ-ଅଶ୍ରୁ-ରକ୍ତ ସ୍ରୋତେ ଭାସି ଭାସି
ଏ ଗିରି ଚରଣେ ଆସିଛି ଆଜି।
ଏ ଗିରି ଚରଣେ ଏହି ନଦୀ କୂଳେ
ଲଭିଲିଣି ଆଜି ପରମ ଶିକ୍ଷା,
ଏ କଳିଙ୍ଗ ଦେଶ ହେଲେ ମୋର ଗୁରୁ
ଘେନିବି ଏଥି ମୋ ଜୀବନ ଦୀକ୍ଷା।
ଏହି ଦେଶେ ବସି ଏହି ନଦୀକୂଳେ
ଫେରାଇବି ମୋର ଜୀବନ ଗତି,
ସାକ୍ଷୀ ରହୁ ମୋର ସର୍ବ ଦିଗପାଳ
ସାକ୍ଷୀ ରହ ମୋର ଜୀବନପତି।
ଶୁଭଯୋଗେ ସତ କଳିଙ୍ଗ ବିଜୟେ
ବଳିଲା ମୋ ମନ ଟଳିଲା ବଳ,
ଦେବ ଦେଶେ ଆସି ଦେବ ଅନୁଗ୍ରହେ
ଭୋଗିଲି ଏ କେଉଁ ତପସ୍ୟା ଫଳ!
ଏହି ତପଫଳ ଏହି ଧର୍ମବଳ
ଜୀବନର ମୋର ହେଉ ଭୂଷଣ,
ସେହି ବଳେ ପ୍ରଭୁ ଘୁଞ୍ଚାଇ ଦିଅ ହେ
ଲକ୍ଷ ଲକ୍ଷ ପ୍ରାଣୀ ପ୍ରାଣ କଷଣ।

(୪)

ପ୍ରିୟ ପ୍ରତିବେଶୀ ଧଉଳି ପାହାଡ଼
ତୁମ୍ଭ ମୁଖ ମୁହିଁ ଦେଖୁଛି ନିତି,
ଗୌରବ ଶିଖରେ ଅନାଇଁ ଅନାଇଁ
କେତେ ଦିନ ମୋର ଯାଇଛି ବିତି।

ପଦ୍ମଚରଣ ପଟ୍ଟନାୟକ

ସୁନ୍ଦର ମଧୁର ଗୋଧୂଳି ଗଗନେ
ଦିନ କାମ ସାରି ଦିବସପତି,
ସିନ୍ଦୂର ଲହରୀ ଖେଳାଇ ପଶ୍ଚିମେ
ଅସ୍ତାଚଳେ ବେଗେ କରନ୍ତି ଗତି ।
ଗୋପାଳ କୃଷକ ସଙ୍ଗେ ଧେନୁ ପଲ
ଆବେଗ ହୃଦୟେ ଫେରନ୍ତି ଘରେ,
ତିମିର-ବସନେ ଆବରି ଶ୍ରୀଅଙ୍ଗ
ସନ୍ଧ୍ୟାଦେବୀ ବିଶ୍ୱେ ଆସନ୍ତି ଖରେ ।
ଚାହିଁ ବସିଥାଏ ଧଉଳି ପାହାଡ଼
ଚବ ଶିରେ ଶୁଣେ ବିହଙ୍ଗ ଗୀତି,
କାନେ ବାଜିଯାଏ କେତେ ଯୁଗ ବାଣୀ
ବହିଯାଏ ପ୍ରାଣେ ଅନନ୍ତ ପ୍ରୀତି ।
ଚାଲିଯାଏ ଆଗେ ଚକ୍ଷୁ ଝଲସାର
ପୂଣ୍ୟ ମହିମାର ଅକ୍ଷୟ ଛବି,
ବ୍ୟାକୁଳ ପରାଣେ ଅନାଇଁ ଦେଖର
ବୁଡ଼ିଯଇେ ଧୀରେ ପ୍ରଦୀପ୍ତ ରବି ।
ଏହିପରି ସିନା କଲିଙ୍ଗ ତପନ
ବୁଡ଼ିଗଲେ ଦିନେ ଦଇଆ ତୀରେ,
ଏହିପରି ସିନା କଲିଙ୍ଗ ଗୌରବ
ଭାସିଗଲା ଜାଇ-ସାଗର-ନୀରେ ।
କେତେ କି ମହିମା କେତେ ଦୟା କ୍ଷମା
ଦଇଆ ଗର୍ଭରେ ଯାଇଛି ପଶି,
ସାକ୍ଷୀ ତାର ପାଶେ ଦେବାଳୟ ଦରା
ଦୂରେ ତାର ସାକ୍ଷୀ ତପନ ଶଶୀ !
ଆସିଥିଲେ କି ହେ ସ୍ୱପନରେ ଭାସି
ସ୍ୱପନରେ ଖେଳି ଫେରିଲେ ଘରେ,
ଏତେ ଉଚ୍ଚ ଆଶା ଚାହନା କି ସତେ
ଦି'ଦିନେ ବିଜଶି ଦି'ଦିନେ ସରେ !

ଯଶ-ମନ୍ଦିରରେ ସାମନ୍ତ ବୋଲିଣ
ଭାଲେ ଲଭିଥିଲେ ଗୌରବ ଟୀକା,
ମହିମା ଉଜ୍ଜ୍ୱଳ ସେ ବରଦପୁ କି
ପଡ଼ିଗଲା ଶେଷ ହେଲା ସେ ଶିକ୍ଷା ।
କେତେ ଜାତି ହାତ ଧରି ଆଗେ ଚଳି
ଆଗୁଆ ହୋଇଣ ରଖିଲେ ନାମ,
ସତ୍ୟ ସାହସର ଜନମଭୂମିକୁ
ସତେ ମୋର ବିଧି ହୋଇଲା ବାମ !
ରାଜା ରାଜଧାନୀ ପ୍ରାସାଦ ସରିଛି
ଭାସିଗଲେ ସର୍ବେ ଦଇଆ ଜଳେ,
ଛାୟା ତାର କିହେ ଭାସି ନ ବୁଲଇ
ଏବେ ହେଲେ ଶୂନ୍ୟେ ଧଉଳି ଚୂଳେ ।
ଲିଙ୍ଗରାଜ ତୁଙ୍ଗ ମନ୍ଦିର ରହିଛି
ରହିଛି ତ ସେହି ଧଉଳିଗିରି,
ରହିନି ଅନାଇଁ ଖଣ୍ଡଗିରୀ ଦରୀ
ନ ଗାଏ କି ମୁଖେ ସେ ଦିନ ଶିରୀ ।
ନ କହେ କି ସେହୁ ହୃଦ ବିଦାରିଣ
କଳିଙ୍ଗ ପୁରାଣ ମହିମା କଥା,
ଅତୀତ କାଳର ଗୌରବ ବଖାଣି
ନ ଆଣେ କି ପ୍ରାଣେ ଦାରୁଣ ବ୍ୟଥା !
ପ୍ରତି ଶିଳା ଖଣ୍ଡେ ପ୍ରତି ଟାଙ୍ଗି ମୁଣ୍ଡେ
ନ ଅଛି କି ଗୁଛା କାରତିରାଜି ?
ଏତେ ଥାଇ ଥାଇ ଏତେ ଦେଖି ଦେଖି
ଏ ଦେଶ ସପନ ନ ଯାଏ ଭାଜି !
କହ ତେବେ ମୋତେ ଧଉଳି ପାହାଡ଼
କହ ଉଲା ବାରେ ମୋ ମୁଖ ଚାହିଁ,
ଧଉଳି ଦେଶରେ ସେ ଦିନ ଜୀବନ
ଆସିବ କି ଆଉ ଆସିବ ନାହିଁ ।

●●

୫୩. ଗୋପବାଳାର ବ୍ୟଥା

କି ଅବା ହେଲା ମିତ ଲୋ, ମୋର ମନଟା କରେ ହୁ ହୁ ଖାଲି,
ଘର କାମରେ ମନ ଲାଗେନା ଘର ଲୋକଙ୍କ ଖାଉଛି ଗାଳି !
କି ଅବା ମୋର ପରାଣ ବ୍ୟଥା,
କି ଅବା ମୋର ମରମ କଥା,
କେହି ବୁଝେନା, କିଏ ଏ ବିଷ ପରାଣେ ମୋର ଦେଉଛି ଢାଳି,
କିଏ କେଉଁଠି ନୀରବେ ବସି ମୋହନବଂଶୀ ବଜାଏ ଖାଲି !
ରାତି ଦିନ କି ବାଜେ ତା ବଂଶୀ ନାହିଁ କି ତାର ସଜ୍ଜ ସକାଳ,
ଆଖିର ମୋର ନିଦ ନିଏ ସେ ଆହାରେ ମୋର ହୀନକପାଳ !
ଘଡ଼ିକେ ଯାଏଁ ଘରୁ ବାହାରେ,
ବାହାରୁ ପୁଣି ଆସଇଁ ଘରେ,
ମନଟା ମୋର ଉଚ୍ଚାଟ କରେ କି ଅବା ତାର ବଂଶୀର ସ୍ୱର,
ନଚାଏ ସେ ମୋ ପରାଣ ମନ ନଚାଏ ସେ ମୋ ଗୋଧନ ପଲ ।
ସକାଳେ ସେ ତା ଗାଈ ପେଣ୍ଡାକ ଅଡ଼ାଇ ବେଗେ ଚାଲଇ ବିଲେ,
ଝୁମୁକାଲଗା କଠାଉ ପାଦେ କଷଗାମୁନ୍ଧା କଟିରେ ଝୁଲେ ।
ପଡ଼ିରହେ ମୋ ବାସୀ ପାଇଟି,
ଚାହିଁଥାଏ ତା କଳା ରୂପଟି,
ଗୋବର ବୋଝ ରହେ ମୋ କାଖେ ଦେହଟା ସତ ରହେ ଗୁହାଳେ,
ମନଟା ମୋର ଅଣ ଆୟରେ ତାହାରି ସଙ୍ଗେ ଚାଲଇ ବିଲେ ।
ଗାଈ ଛାତୁ ଛାତୁ ବାଛୁରୀ ଛାଡ଼େଁ ପିଏ ସେ ଦୁଧ ନ ପାରେ ଛାଣି,
କେତେ ଗଞ୍ଜଣା ସହେଁ ମୁଁ ଘରେ ପିଠିରେ କେତେ ବସେ ଛାଞ୍ଚୁଣି ।
ଛଳକା ପରି ଥାଏଁ ମୁଁ ଚାହିଁ,
ମନଟା ଧାଇଁ ଚାଲଇ କାହିଁ,
ଘଡ଼ି ଘଡ଼ିକେ ଭୁଲି ନ ପାରେ ତାର ସେ ମନଭୁଲାଣ ଠାଣି,
କେଡ଼େ ଚିକ୍‌କଣ ଦେହଟି ତାର ତେଜରେ କଳାଭ୍ରମର ଜିଣି !
ଝାଞ୍ଜି ବେଳରେ କଂସାରେ ଭାତ ନିଏ ମୁଁ ବିଲେ ମୋ ଭାଇ ପାଇଁ
ଦୂର କ୍ଷେତରେ ଗଛ ତଳରେ ଦେଖେଁ ସେ ବସେ ଗାଈ ଚରାଇ;

ବଂଶୀଟି ଧରି କି ଗୀତ ଭରି,
ପରାଣ ମନ ନିଅଇ ହରି,
ହାତ ପାଦ ସେ ଥରାଏ ମୋର ହାତରୁ ଭାତ ଦିଏ ଖସାଇ,
କଣ୍ଢାରେ ଲୁଗା ଲାଗଇ ଖରେ ହସେ ସେ ଆପେ ଲୋକେ ହସାଇ ।
ଶ୍ରାବଣ ମେଘ ଅଜାଡ଼େ ପାଣି ପୂରଇ ବେଗେ ବିଲ ପୋଖରୀ,
ଡି'କୂଳ ଖାଇ ବହଇ ନଈ ପୁଅ ମୁହଁରେ ହୁଏ ସେ ପାରି,
ମଗର ପରି ବୁଡ଼ଇ ରଙ୍ଗେ,
ଯୁଝଇ ପୁଅ ଡ଼ଅଁର ସଙ୍ଗେ,
ନଈ ମଝିରେ ପୁଅରେ ଭାସି ହସଇ କୂଳେ ସାଥିଙ୍କୁ ଠାରି,
କୂଳରେ ଥକା ହୋଇ ମୁଁ ଦେଖେ ପ୍ରାଣରେ ଭୟ ଆନନ୍ଦ ଭରି ।
ଦୋଳପୂନିଅଁ ଜହ୍ନ ରାତିରେ କେତେ ସେ ଗୀତ ଗାଏ ଗହଳେ
କଟିରେ ତାର ଝୁଲେ ଘାଗୁଡ଼ି ହାତେ ସେ ରଙ୍ଗେ ନଉଡ଼ି ଧରେ
କେତେ ଭଙ୍ଗୀରେ ଖେଳେ ସେ ଖେଳ,
କରେ ତା ସାଙ୍ଗ ସାଥୀଙ୍କୁ ମେଳ,
ତା ନାଚ ଗୀତ ଦେଖି କ୍ଷଣକେ ଗାଆଁ ଲୋକଙ୍କ ପରାଣ ଭୁଲେ,
ମୋର ସେ କେହି ନୁହେଁ ଗରବେ ତେବେହେଁ ମୋର ଛାତିଟା ଫୁଲେ ।
ସଞ୍ଜବେଳରେ ନଈକୂଳକୁ ମାଠିଆ କାଖେ ଯାଏଁ ମୁଁ ଧାଇଁ
ଗୋଠରୁ ତାକୁ ଫେରିବା ଦେଖି ମାଠିଆ ମୋର ଜଳେ ଭାସଇ,
କାନ୍ଧରେ ଛତା ହାତରେ ବଂଶୀ
ଧରି ସେ ଗୋଠୁଁ ଫେରଇ ହସି,
ଗୋଧନ ମେଳେ କୁହାଟ ତାର କରଇ ମୋର ମନକୁ ବାଇ,
ଦେହରେ ମୋର ବିଜୁଳି ଚାଲେ ଯେବେ ସେ ମତେ ଦିଏ ଅନାଇଁ ।
ଭାଇଁ ମନେ ବସି ନିର୍ଜ୍ଜନେ ପଡ଼ିବି ତାର ଚରଣ ଧରି,
କହିବି ମୁହିଁ ଗୋପୀ ଅଭାଗୀ, ତୁମେ ମୋ କୃଷ୍ଣ, ତୁମେ ମୋ ହରି,
ଦିଅ ହେ ଆଶ୍ରା ଚରଣ ତଳେ
ଭାସୁଛି ଦୁଃଖ ଅତଳ ଜଳେ
ବିପୁଳ ତାର ବାହୁ ତଳପେ ମନ ସୁଖରେ ପଡ଼ିବି ଢଳି,
ଘଡ଼ିକେ ପୁଣି ସରମ ଭୟ ପରାଣ ମନ ନିଅଇ ହରି ।

କି ଅବା ହେଲା ମିତ ଲୋ ମୋର ମନଟା କରେ ହୁ ହୁ ଖାଲି
ଘର କାମରେ ମନ ଲାଗେ ନା ଘର ଲୋକଙ୍କର ଖାଉଛି ଗାଳି ।
ପରିବା କାଟି ଆଙ୍ଗୁଠି କାଟେଁ,
ବାଟ ଚାଲି ପଦ ପଦକେ ଝୁଣ୍ଟେଁ,
ଦୁଧ ହାଣ୍ଡିରେ ଲୁଣ କାଠୁଆ ଦିଅଇଁ ମନ ଭୁଇରେ ଢାଳି,
ଆଖିରୁ ମୋର ଝରଇ ଲୁହ ଆଜିର ମୋର ଏ ଦଶା ଭାଳି ।

●●

ଗୋଦାବରୀଶ ମିଶ୍ର

୫୪. ମାଗୁଣି

ଶାଢିଆ ନିକୁଞ୍ଜ ବନ ଚିର ନିବାସିନି,
ମାଆ ଭଗବତି, ଆଜି କି ମାଗିବି ପୁଣି;
ଯେତେ ବାସନା ପରାଣେ
କିଅଁତେ ଗୋ ପୂରିବା ମୋ ହେଲା ନାହିଁ ଦିନେ ।

ବାଲୁତ ବୟସେ ଆସି ଭକତି ଉସତେ,
ଶ୍ରୀପୟରେ ମଥା ନୋଇଁ ବସିଛରଁ କେତେ;
କେତେ ଭବିଷ୍ୟ ଭାବନା
ସରଚ ସୋହାଗେ ମାଗୋ, କରିଅଛି ଜଣା ।

ସେତେ କଥାମାନ ଆହା ହେଲା ଯେ ସ୍ୱପନ,
ଏ ଦୂର ବିଦେଶେ ଆଜି ବିତାଇ ଜୀବନ;
ତୁମ ଦରଶନ ବାରେ
ନ ମିଳେ ନୟନେ ଏବେ ବରଷକେ ହେଲେ ।

ଶାଢିଆ ସିକତା କୋଳେ ସୁଖେ ବୁଲିବାର,
ତା ଜନକ ନୀରେ ମୋର ପଖାଳି ଶରୀର;
ସେ ଯେ ଜଳକେଳିଭରେ
ସାଙ୍ଗ ସାଥି ସଙ୍ଗତେ ମୋ ଖେଳିବା ବିଧିରେ ।

କି ଅବା ହେଲା ମିତ ଲୋ ମୋର ମନଟା କରେ ହୁ ହୁ ଖାଲି
ଘର କାମରେ ମନ ଲାଗେ ନା ଘର ଲୋକଙ୍କର ଖାଉଛି ଗାଳି ।
ପରିବା କାଟି ଆଙ୍ଗୁଠି କାଟେଁ,
ବାଟ ଚାଲି ପଦ ପଦକେ ଝୁଣ୍ଟେଁ,
ଦୁଧ ହାଣ୍ଡିରେ ଲୁଣ କାଠୁଆ ଦିଅଇଁ ମନ ଭୁଇରେ ଢାଳି,
ଆଖିରୁ ମୋର ଝରଇ ଲୁହ ଆଜିର ମୋର ଏ ଦଶା ଭାଳି ।

●●

ଗୋଦାବରୀଶ ମିଶ୍ର

୫୪. ମାଗୁଣି

ଶାଢିଆ ନିକୁଞ୍ଜ ବନ ଚିର ନିବାସିନି,
ମାଆ ଭଗବତି, ଆଜି କି ମାଗିବି ପୁଣି;
ଯେତେ ବାସନା ପରାଣେ
କିଅଁତେ ଗୋ ପୂରିବା ମୋ ହେଲା ନାହିଁ ଦିନେ ।

ବାଲୁତ ବୟସେ ଆସି ଭକତି ଉସତେ,
ଶ୍ରୀପୟରେ ମଥା ନୋଇଁ ବସିଛରଁ କେତେ;
କେତେ ଭବିଷ୍ୟ ଭାବନା
ସରଚ ସୋହାଗେ ମାଗୋ, କରିଅଛି ଜଣା ।

ସେତେ କଥାମାନ ଆହା ହେଲା ଯେ ସ୍ୱପନ,
ଏ ଦୂର ବିଦେଶେ ଆଜି ବିତାଇ ଜୀବନ;
ତୁମ ଦରଶନ ବାରେ
ନ ମିଳେ ନୟନେ ଏବେ ବରଷକେ ହେଲେ ।

ଶାଢିଆ ସିକତା କୋଳେ ସୁଖେ ବୁଲିବାର,
ତା ଜନକ ନୀରେ ମୋର ପଖାଳି ଶରୀର;
ସେ ଯେ ଜଳକେଳିଭରେ
ସାଙ୍ଗ ସାଥି ସଙ୍ଗତେ ମୋ ଖେଳିବା ବିଧିରେ ।

ଶ୍ରୀପଞ୍ଚମୀ ପୂଜା ସାରି ପିଲା ମେଳେ ଯାଇ,
ଜଳ ଧାରେ ବୁଡ଼ି ସୁଖେ ଖୋଜିବାର ତହିଁ
ମଧୁ ପଞ୍ଚମୀ ଶ୍ରୀପଳ
ଆଉ ଯା ଜୀବନେ ନାହିଁ ଘଟିବ ଦୋସର ।

ଶୀତେ ଥୁରୁ ଥୁରୁ ହୋଇ ସମ୍ପାଦି ସ୍ନାହାନ,
ସାଇ ପଡ଼ିଶାଙ୍କ ତୁଳେ ପୁଲଜିତ ମନ;
ନାଆ ଯତନେ ଜଳାଇ,
ପାହାନ୍ତି ସଲିଳେ ସୁଖେ ଦେବାର ଭସାର ।

କାହିଁ ଗଲା ଏତେ ସୁଖ ସନମାନ ଆଜି ?
କେତେ ଦୂରେ ଆସିଲଇଁ ସକଳ ବରଷି;
ଆଉ କି ଆଶା ଜୀବନେ
ସେ ସମ୍ଭାରେ ଯାଇ ପୁଣି ଢ଼ାଳି ହେବି ଦିନେ ?

ତୁମେ ମାଗୋ ବସିଅଛ ସେହିଭଳି ନିତି,
ସେ ପୁଣ୍ୟ ନିଳୟ ସୁଧା ସୋହାଗେ ବିଭାତି;
ଶୁଣି ବନ ଗୀତି ସ୍ୱନ
ନିଖିଳ ଜଗତ ହିତେ ଦେଖୁଛ ସପନ ।

ଘଣ୍ଟଶିଳା ଶ୍ୟାମଚୂଡ଼ ମୋହନ ମୂରତି,
ଶାଳିଆ ସଲିଳ ଧାରା ମୃଦୁ କଳଗୀତି;
ଏତେ ବିଶ୍ୱରାଣୀ ଶିରୀ,
ତୁମ ଶ୍ରୀପୟରେ ନିତି ଯାଉଛନ୍ତି ଢ଼ଳି ।

ତେଜି ସେ ସକଳ ଆଜି କରମ ନିଦେଶେ,
ଆସିଛି ନିଠୁରେ ମାଗୋ, ଏ ଦୂର ବିଦେଶେ;
ଭାଳି ହେଉଥିବି ନିତି
ଯେତେ ଯେତେ କଥାମାନ ଯାଇଅଛି ବିତି ।

ଅନାଥ ଗୋ ଦେବି ବାରେ କରୁଣାନୟନେ,
କୁଶଳେ ସମ୍ପାଦି ମୋର କରମ ଜୀବନେ;
ହୃଦ ଚିରନ୍ତନ ସୁଖେ,
ବିକଶିବି ବିଶ୍ୱଦେଶେ ସରଗ ପୁଲକେ ।

ସେତେବେଳେ ମାଗୋ ପୁଣି ଯେବି ଶ୍ରୀଚରଣେ,
ବାଳୁତ ସୋହାଗ ଲୀଳା ବାଢ଼ିବି ଯତନେ;
ସାରି ଜୀବନ ବାସନା,
ଅକାମେ ଢ଼ାଳିବି ପ୍ରାଣ ପୀୟୂଷ ବନ୍ଦନା ।

ସଂପାଦି ସକଳ ଆଅ ଋଷି ଗୋ ଯତନେ,
ଯେତେ ଯେତେ ସମ୍ପଦ ସେ ସରଗ ଭୁବନେ;
ଢ଼ାଳି ନେତ୍ର ସୁଧା ବାରି,
ପ୍ରତି ଧୂଳି ବିନ୍ଦୁଟିକୁ ରଖ ଗୋ ପଖାଳି ।

ସେ ଶାଳିଆ ବହୁଆଉ ନିତି ସେହିପରି,
ଶ୍ୟାମଚୂଡ଼େ ଖୋହୁଆଉ ଘଣ୍ଟଶିଳା ଗିରି;
ଏହି ସ୍ନେହ ସନମାନେ
ସକଳ ହରାଇ ମାଗୋ, ଘେନିବି ପରାଣେ ।

●●

୫୫. କିଏ ମୁଁ ?

ସାଗର ହିଲ୍ଲୋଳେ ଦୂର ବେଳାରୁ ଅନାଇଁ
ଜା ମୂରତି ଅବହେଳେ ନିରେଖେ ମୁଁ ତହିଁ ?
ନିମିଷେ ନିମିଷେ ନୀଳ ଜଳ-ଦରପଣେ
ମୋ ନିଜ ସ୍ୱରୂପ ଅବା ଖେଳଇ ମୋହନେ ।
ଉଷା ପ୍ରଦୋଷର ସେ ଯେ ପାଟଳ ବରଣ
ରବି କର ତୂଳିକାର ଛବି ଅତୁଳନ,
ଉଷା ପ୍ରଦୋଷେ ମୁଁ ତହିଁ ମିଶି ମିଶି ଯାଏ
ଦିନମଣି ଚିତ୍ରଣର ଆଲେଖ୍ୟ ପରାଏ ।
ଗିରି ଶ୍ୟାମ ଶିଖେ ଯହିଁ ଜଳଦ ସଙ୍ଗମ
ସରଗ ମରତ ମିଶା ଶିରୀ ଅକଳନ;
ଶରଦ ସମ୍ପଦେ ପୁଣି ଆବରି ଏ ମହୀ,
ବନମାଳେ ତରୁ ଲତା ରହିଛନ୍ତି ଯହିଁ;

ଡାଳେ ଡାଳେ ଶୁଆ ଶାରି ମୟୂର କୋଇଲି
ଢାଳୁଥାନ୍ତି ଅବିରଳ ପୀଯୂଷ-ଲହରୀ ।
ଗ୍ରାମ ବିଲ ଉପବନ ସରସୀ ପ୍ରାନ୍ତରେ
ବହିଯାଏ କଲ୍ଲୋଳିନୀ ଧୀର କଳକଳେ ।
ବେନି ପାଶେ ଘେନି କେତେ ଶ୍ୟାମଳ ବିତାନେ
ଢେଉ ଖେଳି ଉଠିବାର ମୃଦୁଳ ପବନେ ।
ଏଉଳି କି ଅବା ଏଥି ଅବନୀ ଆକାଶେ
ଯହିଁ ମୋ ସ୍ୱରୂପ ମୁହିଁ ନ ଦେଖେ ନିମିଷେ ?
ପୁଣି ଯେତେବେଳେ ଆସେ ଉଆଁସ ନିଶାଥେ
ଘନ ଘନ ତମ ରାଶି ଘୋଟି ଏ ମରତେ;
ଏକଇ କାଳିମ ବେଶେ ଆବରି ସକଳ
ଗିରି ବନ ବସୁନ୍ଧରା ବ୍ୟୋମ ଚରାଚର;
ଅନନ୍ତ ସେ ବିକଟେ ମୁଁ ଭୀଷଣୁ ଭୀଷଣ
ସେ ଚିହ୍ନା ମୂରତି ପୁଣି ଦେଖେ ଅନୁଦିନ ।
ରୋଗ ଶୋଯ ପାଶେ ଯହିଁ ସଖା ସହୋଦରେ
ବିଷାଦେ ଧୂଅନ୍ତି ବୁକୁ ନୟନ ସଲିଳେ;
ଘନ ଘନ ଭିକାରିର ମିନତି ବଚନେ
ହୃଦ ବାରି ଉଠି ହେଳେ ଆସଇ ନୟନେ;
ତହିଁ ପୁଣି ଏ ମୂରତି ଦେଖେ ଅବିରତ
ଦିନେ ହେଲେ କାହିଁ ନାହିଁ ନ ପାଇଲି ଭେଟ ।
ଏ ଜଳୁଜ ବନେ ଏବେ ବୁଲିବାର ବେଳେ,
ତରୁ ଲତା କୁଞ୍ଜେ ସଖା ସହୋଦର ମେଳେ;
ପ୍ରତି ଫୁଲେ, ପ୍ରତି ଫଳେ, ପ୍ରତି ଜିଷ୍ଣୁଯେ
ମୋ ସହିତ ବୁଲିବାର ପୁଣି ସେ ହୃଦୟେ,
ଏହି ଯେ ସ୍ୱରୂପ ମୋର ନିରେଖେ ନିରତେ
ଗଛ ପତ୍ରେ ଖେଳି ଅବା ଯାଉଛି କି ସତେ !
ମୋ କ୍ଷୀଣ ପରାଣଟିକ ପ୍ରସରି ନିକର,
ପୂରି ଯା ରହିଛି ଆହା ଏ ସାରା ସଂସାର
ନିତି ପ୍ରତି ପଲକେ ଯେ ଏତେ ଦେଖୁଥାର
କିଏ ମୁଁ କିଅଁତେ ଦିନେ ଚିହ୍ନିଲି ତ ନାହିଁ ।

●●

୫୬. ଗମିବି ସରଗ ଭୂଇଁ

ମୁଁ ତ ବୁଲୁଥିଲି ବିଜନ ବିପିନେ
ବାଟବଣା ହୋଇ ତ୍ରାସେ;
ତୁମେ କିଏ ଆସି କେଉଁ ନିକୁଞ୍ଜୁ ହେ
ଠିଆ ହୋଇଗଲ ପାଶେ ?
ଚିହ୍ନି ନ ପାରିଲି ବଦନ ତୁମର
ନୂଆ ଉପାଦାନେ ଭରା;
ସନ୍ଦେହେ ଭାବିଲି ମୋ ପାଇଁ ଜଗତେ
ତୁମେ କି ହୋଇଛ ଗଢ଼ା ?
କିବା ଯେ କହିଲ, ନ ବୁଝିଲି ଭାଷା
ନୀରବେ ରହିଲି ଚାହିଁ;
ପ୍ରତି ପକ୍ଷ ଦୋଳେ ଗଲା ହୃଦେ ନିଜି
ତଡ଼ିତ ପ୍ରବାହ ବହି ।
ହସହସେ ସଖା, ଯାହା ଆଣି ଦେଲ
ଘେନିଲି ଅନ୍ତର ଭରି;
ଉଚ୍ଛିଲି ଜୀବନଯାକ ବାଟବଣା
ହୁଅନ୍ତି ମୁଁ ଏହିପରି ।
ଏତେ ଦୟା ଯେବେ ଅପରିଚିତରେ
ପାରତି ରଚିବା ଭ୍ରମ;
ନୀରସ କାନ୍ତାରେ ଫୁଟିଲେ ଏ ଫୁଲ,
ସରଗୁଁ ମଞ୍ଚ କି ହୀନ ?
ଏ ରାଇଜ ଯୋଗ୍ୟ ନୁହଇ ମୁଁ ବନ୍ଧୁ,
ବାହୁଡ଼ି ଯାଉଛି ଏବେ;
ଯା ଦେଲ ବହୁତ, ଦେବ ନାହିଁ କିଛି
ଆଉ ମୋ ସ୍ମୃତିକି ଭବେ ।
ମଣୁଥିଲି ହୃଦେ, ଜଳ ସ୍ଥଳ ନଭେ
ତିଳେ ଖୋହା ସୁଖ ନାହିଁ;
ତୁମେ ଯେଉଁ ବିଶ୍ୱେ ଲଭିଛ ଜନମ
କି ଅବା ଅପୂର୍ବ ତହିଁ ?

ରହ ବଂଧୁ, ରହ, ଏ ମଧୁ ନିକୁଂଜେ
ଦିବସ ଯାମିନୀ ନାଡି;
ନୟନ ତରଙ୍ଗେ ସିଂଚୁଥାଇ ବିଶ୍ୱେ
ସେନେହ ସୁଧା ପୀରତି ।
ବିଜନ ଜନେ ମୁଁ, ବାରିଧି ବିତାନେ
ବଣା ହୋଇଥିବି ଯହିଁ;
ତୁମ ଦୂର ସ୍ମୃତି ସୁମରି ବଂଧୁ ହେ
ଗମିବି ସରଗ ଭୁଇଁ ।

●●

୫୭. କାଳିଯାଇ

॥ ୧ ॥

''ଭଲ କରି ନାଆ ବୁହାରେ ନାଉରି
ଝିଅକୁ ମାଡୁଛି ଡର,
ଗଡ଼େ ଗଡ଼ଲୋକେ ଚାହିଁ ବସିଥିବେ,
ଝିଅ ଯିବ ଶାଶୁଘର ।''
ଭଲା କରି ନାଆ ବାହୁନି ନାଉରି
ତଲେର କରିନି ଠିଆ,
ମାମୁଁ ଭଣଜାର କୁଣରୁ ଆସେ ଲୋ,
ବୋହି ପୁଲୁ ପୁଲୁ ବାଆ ।
ଦିନ ଦଶ ଘଡ଼ି ହେଲାଣି ଟି ଆସି
ଖରା ମାରେ ଚାଇଁ ଚାଇଁ,
ପାଞ୍ଚ କୋଶ ବାଟ ଯିବାକୁ ଅଛି ଲୋ,
ବେଳ ତ ପାଉବ ନାହିଁ ।

॥ ୨ ॥

ନାଉରି ବାପୁଡ଼ା ଜାତ ମାରୁଅଛି
ଉଦାସେ ଗାଉଛି ଗୀତ,
ନାଆ ଉଡ଼ିଯାଏ ପବନ ପ୍ରାୟେ ଲୋ,
ଜଣା ନ ପଡ଼ଇ ବାଟ ।

ମାଆ ଭଉଣୀଙ୍କି ସାଥୀ ସଙ୍ଗାତଙ୍କୁ
ଝିଅ ଯେ ଆସିଛି ଛାଡ଼ି,
ନାଆରେ ବସି ସେ ତାଙ୍କରି କଥା ଲେ'.
ହୁଏ ନିରନ୍ତର ଭାଜି ।
ମାଆ ଭଉଣୀଏ ସାଥୀ ସଂଗାତେ ସେ
ରହିଲେ ଦୂରସ୍ଥେ କାହିଁ,
ପରତେ ନୋହୁଛି ଆଉ କି ଦିନେ ଲୋ
ଫେରି ସେ ଦେଖିବ ଯାଇ !
ନାଆ ଚାଲିଅଛି ପବନ ସମାନେ
ମୁହୂର୍ତ୍ତେ ନ ହୁଏ ଥୟ,
ଚିହ୍ନା ଯେତେ ତାର ବଣ ପାହାଡ଼ ଲୋ,
ଅନାର ଦେଖନ୍ତା ଝିଅ ।
ଘଣ୍ଟଖିଜା ଖିଖେ ଚାହିଁ ସେ କହନ୍ତା
"ତିଅରେ ମେଲାଣି ମୋତେ,
ଭେଟ ଆଉ ଦିନେ ନୋହିବ ଜୀବନେ,
ଯାଉଛି ଘୋର ବନଟେ ।"
ଶାଢିଆ ନଉ ତା ନିତିଦିନ ସାଥୀ
ସୁଖେ ସେ ବୁଲଇ କୂଟେ,
କେଟେ ସୁଏ ତାର ସ୍ନାହାନ ସାରିଲୋ,
ହସି ଲେଉଟଇ ଘରେ ।
ଜାଲି ଅଛାଉଁ ସେ ଚାଲି ଯେ ଅଇଲା
ଦେଖି ତ ନାହିଁଛି ତାକୁ,
ଭାରି ଖ୍ୟାତ ନଉ ନାଆଁଟି ତାର ଲୋ,
ତିନି କୋଡ଼ି କୋଶେ ତାକୁ ।
ମାଆ ଭଗବତୀ ପୀଠ କୂଟେ ତାର
'ଜଗତ୍ତାରିଣୀ' ନାଆଁ,
ତାଙ୍କି କହିଥାନ୍ତା ନୋହିଲା ଆଉ ଲୋ,
"ସାହା-ମୋ ଥିବୁଟି, ମାଆ !"

॥ ୩ ॥

ନାଆ ଆସି ହେଲା ଦଣ୍ଡକେ ପ୍ରବେଶ
ଚଢ଼େଇହଗା ପାହାଡ଼େ,
ଘଣ୍ଟଖିଳା ଆଉ ନ ଦିଶେ, ଲୁଚି ଲୋ,
ରହିଲା ଶାଢିଆ କୂଡ଼େ ।
ଚାହୁଁ ଚାହୁଁ ଆସି ଛୁଇଁଲା ତ ନାଆ
ଗଣ୍ଡ ତଳ କଳା ପାଣି,
ଝରେ ଝିଅ ଦୁଇ ଆଖିରୁ ଲୁହ ଲୋ,
ତିନ୍ତି ପିନ୍ଧା ଛିଟ ଜାନି ।
"ପାରିଜୁଡ ବୋଲି ରାଇଜ ପ୍ରଣି ସେ
ଚିଲିକା ମଝିରେ ଜାହିଁ,
କେମନ୍ତେ ମୁଁଚ୍ଛିଲ ଝିଅକୁ, ବାପା ହେ,
ଏତେ ଦୂରେ ଦେବା ପାଇଁ ?
ବର ବୋଲି ସାର ଧରାଇଲ ହାତ
କି ତାର ଦେଖିଲ ଶିରୀ ?
ରୂପ ବିଦ୍ୟା ଆଉ ବିଭବ, ବାପାହେ,
ତିନ୍ନିଏ ଚିଡ଼ିଜି ବଡି ।
ମହାମଣ୍ଡଳେ ତ ନ ଥିବ ଜେ ଜାହିଁ
ମୋ ଭଳି ନିରେଖ ଛନ,
ଏ ମହାସମୁଦ୍ର ମଝିରେ, ବାପାହେ,
କେମନ୍ତେ ବଞ୍ଚିବି ଦିନ ?
ଏତେ ହୀନିମାନ କରିବାକୁ ଯେବେ
ମନରେ ଥିଲା ବିଚାର,
ଏତୁଡ଼ିଣାଳେଟି କିପାଇଁ, ବାପା ହେ,
ଚଣ୍ଡି ଚିପି ନ ମାରିଲ ?
ଝିଅକୁ ନିଶିତେ ଦେଇନୁ ପଠାଇ
ବନସ୍ଥକୁ ଜାଣୁ ଜାଣୁ,
ଦପାଳ ଆଦରି ଯାଉଛି, ବୋଉ ଲୋ,
ପାସୋରି ନ ଦେବୁ ମନୁ ।"

॥ ୪ ॥

ନାଆ ଉଡ଼ିଯାଏ ପବନ ସମାନେ
ନାହିଁ କ୍ଷଣେ ହୁଏ ଥୟ,
ଝିଅ ବସିଅଛି ତୁନିଟି ହୋଇ ଲୋ,
ନେତ୍ର ବୋହିଯାଏ ଲୁହ ।
"ନାଆ ଚାଲିଅଛି ପବନ ସମାନେ,
ନ ମାନେ ପାଣି ପଥର,
ତୁନି ହୁଅ, ଜାଇ, ନ କାନ୍ଦ ଆଉ ଲୋ,
ଏଇ ଦିଶିଲାଣି ଗଡ଼ ।"
ଏତେ ବୋଲି ବାପା ଝିଅର ଆଖିରୁ
ଦେଲେ ଲୁହ ଧାର ପୋଛି,
ଯେତେ ପାରି ଡାକୁ ବୁଝାନ୍ତି ବସିଲୋ,
ଜାଇ ବୁଝୁ ନାହିଁ କିଛି ।
"ଭଲ କରି ନାଆ ତୁହା, ରେ ନାଉରି,
ଝିଅକୁ ମାଡ଼ୁଛି ଡର,
ଏତେ କାନ୍ଦେ ଜାଇ ନାଆରେ ବସିଛି
ଯିବ ବୋଲି ଶାଶୁ ଘର ।"

॥ ୫ ॥

ଭଲ କରି ନାଆ ବୋହୁଛି ନାଉରି,
ଛିଡ଼ି ମାରୁଅଛି କାତ,
ସୁଲୁ ସୁଲୁ ବାଆ ବୋହି ଆସୁଛି ଲୋ,
ଜଣା ନ ପଡ଼ଇ ବାଟ ।
ନାଆ ଭାସି ଆସି ଦଣ୍ଡକ ଭିତରେ
ମଝି ଗଣ୍ଡେ ହେଲା ଯାଇ,
ଥିର ହୋଇ ହେଲା ନାଉରି ଠିଆ ଲୋ,
କାତ ଆଉ ପାଉ ନାହିଁ ।
ଭାଗେରି-ଖିଖରୁ ଚଲାମେଘ ଖଣ୍ଡେ
ଉଠେଇ ଆସିଲା କାହୁଁ,

ଲୁଚିଗଲେ ତହିଁ ସୂର୍ଯ୍ୟ ଦେବତା ଲୋ,
ଖରା ନ ପଡ଼ଇ ଆଉ ।
ମାଡ଼ି ଆସୁଅଛି ଅତି ବେଗେ ମେଘ,
ଛତିଆ ନାସିଛି ଧରି,
ବରଷା ବତାସି ଘରଚୁ ଅଛି ଲୋ,
ଦିନ ଦିଶେ ରାତିପରି ।
ନାଆ ପଡ଼ି ଅଛି ମଝି ଗଣ୍ଡେ ଆସି,
ବୁଡ଼ିଯିବ ହାତୀ ଛତି,
ଟଳମଳ ହୋଇ ଟଳୁଛି ନାଆ ଲୋ,
ନାଉରିର ବଡ଼ ଭାତି ।
"ଉଇ କରି ବେଗେ ବୁହ ରେ ନାଉରି,
ନାଆ ହେଲା ଟଳମଳ,
ବରଷା ବତାସି ଘରଜି ଆସୁଛି
ଝିଅକୁ ମାଡୁନ୍ଥି ଡର ।"
ବରଷା ବତାସି ଘରଜି ଆସିଲା,
ନାଆ ନୁହେ ଅୟ କରି,
ଏଜା ପବନକେ ପାହାଡ଼େ ଯାଇ ଲୋ,
ପିଟି ହୋଇଗଲା ଚୂରି ।

॥ ୬ ॥

ମେଘ ଚାଲିଗଲା ମେଘର ବାଟେ ସେ,
ବତାସି ହୋଇଲା ଥିର,
ପଡ଼ିଗଲା ଖରା ନିର୍ମଳ ହୋଇ ଲୋ,
ପାଣି ହୁଏ ଜଳ ଜଳ ।
ବାପା ପଚାରନ୍ତି ଖୋଜି ନାଉରି ରେ
"ଝିଅ ମୋର ରଲା କାହିଁ ?"
ବୁଢ଼ି ଆଖି ଠିଆ ନାଉରି ନିଜେ ଲୋ,
ତୁଣ୍ଡ ତା ପିଟଇ ନାହିଁ ।

ଚିଲିକା ପାଣିରେ ଦୋଳୁଛି ଲହରୀ,
ବୋହୁଛି ଶୀତଳ ବାଆ,
ଘୋରି ଘୋରି ଖରା ଢଳି ଯାଉଛି ଲୋ,
ଖେଳୁଛି ସହସ୍ର ନାଆ ।
ପାହାଡ଼ ବଢ଼େଇ ଛଡ଼ୁଅଛି ରାବି,
ମନେ କି ଅଛି ତା ଧୋକା ?
ପାଣି ତଳେ ଛାଇ ବୁଲିଯାଉଛି ଲୋ,
ଜାଇଟି ନାହିଁଛି ଏକା ।

॥ ୭ ॥

ବାପା ଫେରି ଆସି ବୋଉଙ୍କ ଆଗରେ
କଥା ନ ପାରନ୍ତି କହି,
ଆର ଦିନ ପୂଣି ନାଉରି ଗଲା ଲୋ,
ନାଆ ସେହି ବାଟେ ବାହି ।
କେତେ ଶ ବରଷ ହେଲାଣି ସେଦିନୁ,
ଗଣି କି ପାରିବ କିଏ ?
ନାହିଁ କିଛି ଆଉ ସେକାଳ କଥା ଲୋ,
ଜାଇ ରହିଅଛି ଜିଏ ।
ବାଲୁଗାଆଁ କୂଳୁ ନାଆ ଗଲାବେଳେ
ପାରିକୁଦ ଗଡ଼ଠାକୁ,
ପାହାଡ଼ ସମୀପେ ମଣିଷ ତୁଣ୍ଡ ଲୋ,
ନ ଶୁଣାଯାଏ ଜାହାକୁ ?
ବରଷା ବଡାସି ଚିଲିକାରେ ଆଉ
ହୁଏ ନାହିଁ ତେଢ଼େ ଭଜି,
ଆପଦେ ବିପଦେ ଜଣା ପଡ଼ଇ ଲୋ
ସାହା କିଏ ଥିଲା ପରି ।
ନାଉରି କେଉଟ ପାହାଡ଼ ବାଟେ ତା
ନାଆ ନେଇ ଗଲା ବେଳେ,
ଜାମେ ଆପଣାର ଶୁଭ ମନାସି ଲୋ,
ତୁହାର କରଇ ଥରେ ।

॥ ୮ ॥

ତୋଳିଲେ ପାହାଡ଼- ଶିଖେ ଜାଳେ ଉତ୍ତେ
ସୁନ୍ଦର ଦେଉଳଟିଏ
ସେ ଦେଉଳେ ପୁଣି ସମୁଦ୍ରେ ପଡେ ଲୋ,
ରହିବ ଦେବତା କିଏ ?
ସୂର୍ଯ୍ୟ ବୁଡ଼ିଗଲେ ନିଶବଦ ଯେବେ
ହୁଏ ସବୁ ସଞ୍ଚରେଳେ
ଏକା ହୋଇ ଜାଣ ଲୋଳେ ଜହନ୍ତି ଲୋ,
ତୁଲୁ ଯେ ଥାଏ ପାହାଡ଼େ ।
ନେତୁ ବୋହୁଥାଏ ଲୁହ ଦୁଇ ଧାର,
ଶୁଖି ଯାଇଥାଏ ମୁହଁ
ହେଲେ ଠାରି ହାତ କାହି କାହାକୁ ଲୋ
ନିବର୍ତ୍ତାଇ କରେ ଥଯ ।
ସେ ଯୋଗୁ ନୋହୁଛି ଜାହିଜାଣ ଗଣ୍ଡେ
ଭିଡ଼େ ଆଉ ଝଡ଼ ବାଆ,
ତହିଁ ବୁଡ଼ିବାର ଶୁଣା ନ ଯାଏ ଲୋ,
ଯହିଁ ଯେତେ ବୁତୁ ନାଆ ।
ଜାହିଜାଣ ବଡ଼ ପ୍ରତ୍ୟକ୍ଷ ଦେବତା,
କୋଟି କୋଟି ଦଣ୍ଡବତ,
ପାହାଡ଼ର ନାଆଁ ରାଇଜେ ଖ୍ୟାତ ଲୋ,
'ଜାହିଜାଣ ପରବତ' ।

●●

୫୮. ମାତୃ ଶ୍ରାଦ୍ଧେ

କେଡ଼େ ଦୂରା ବିତିଗଲା ସତର ବରଷ,
ଆଜି, ବୋଉ, ପାଉଛି ମୁଁ ତୋ ଶ୍ରାଦ୍ଧ-ଦିବସ ।
ଚାଲି ଯେବେ ଗଲୁ ମୁଦି ନୟନଯୁଗଳ,
ନ ଦେଖିଲି, ଗଡ଼ାଇଲୁ କେତେ ଅଶ୍ରୁଜଳ ।
ବୟସେ ବାଳୁତ ଥିଲି, ସଂସାର ଗଣ୍ଡଣା
କୋମଳ ପରାଣେ ମୋର ନ ଥିଲାଟି ଜଣା ।

ଗୋଦାବରୀଶ ମିଶ୍ର

ବିପଦେ ବଢ଼ାଇଥିଲୁ, କୋଳୁ ନ ଓହ୍ଲାଇ,
ଚାଲିଗଲା ବେଳେ ମନେ ପଡ଼ିଲା କି ନାହିଁ ?
କହି ନାହୁଁ ଡାକି ପଦେ ବିଦାୟ ବଚନ,
ସେ ଶୂନ୍ୟତା ଦହେ ସିନା ମୋତେ ଆଜୀବନ ।
ଦୁଃଖୀ ଘର ସଂପଦ ତ ସ୍ନେହମିଶା କଥା,
ସେ ସମ୍ପଦୁଁ ବଞ୍ଚିତ କେ ସହିପାରେ ବ୍ୟଥା ?
ଆଜି ତ ଅଟଇ ଗହ୍ମାପୂର୍ଣ୍ଣମୀ ଉତ୍ସବ,
ଶୁଭୁଛି ଚୌଦିଗେ ପୂଜା ଘଣ୍ଟବାଦ୍ୟ ରବ ।
ହାସ୍ୟରୋଳ କୋଳାହଳେ ଉଲ୍ଲସିତ ମତି
ପିଠାପଣା ଖାଇ ଲୋକେ ଲଭନ୍ତି ତୃପତି ।
ତା ମଧ୍ୟେ ବସିଛି, ବୋଉ, ମୁଁ ତୋ ଶ୍ରାଦ୍ଧ ପାଇଁ,
ପିଣ୍ଡ ଲାଗି ଜବେ ମୋର ଉପାଦାନ ନାହିଁ ।
ଦୁଇଦିନ ଜଟାଇଛି ଖାଇ ପୋଡ଼ା ଡାଳ,
ଆଜି କି ପାଇଟି ଯିବ କାଲିର କପାଳ ?
ମୋ ଲାଗି ମୋର ତ ନାହିଁ ତିଳେ ଚିନ୍ତା ମନେ,
ନିଜ ବରଣ ଏ ମୋ ଏ ମର-ଜୀବନେ ।
ପୋଡ଼ା ଡାଳେ ଶ୍ରାଦ୍ଧ ତୋର ବିହିବି କେସନ ?
ତା ପୁଣି ଅଛବ ପିଲା ହାତ ଛୁଆଁ ଧନ ।
ପିଣ୍ଡଦାନେ ଜବେ, ବୋଉ, ପ୍ରତ୍ୟୟ ମୋ ନାହିଁ,
ବାଢ଼ଇ ପିଣ୍ଡ ମୁଁ ସିନା ଲୋକାଚାର ପାଇଁ ।
ଭବୁ ଯେବେ ଗଲୁ ଚାଲି, ନ ଥିଲି ମୁଁ ପାଶେ,
ପାର୍ଥିବ ଉତ୍କର୍ଷ ଆଶେ ରହି ପରବାସେ ।
ସେଲାଗି ବିଦାୟ-ଅଶ୍ରୁ ଢ଼ାଳି ନାହିଁ ଜବେ,
ପରେ ଯେ ଜଣିଲି ବାର୍ତ୍ତା ନିର୍ବେଦ ନୀରବେ ।
ତୋ ଶ୍ରାଦ୍ଧ ଏବେ ମୁଁ କରେ ନିତି ଅଶ୍ରୁଜଳେ,
ସ୍ମୃତି ତୋର ଚିତ୍ତେ ମୋର ଉଇଁବା ମାତରେ ।
ସେତେବେଳେ ତୋ ମୂରତି ଦେଖେ ମୁଁ ନୟନେ,
ତୋ ସ୍ନେହ ଆଶିଷ, ବୋଉ, ଜଭଇ ଜୀବନେ ।

ଏ ଜୀବନ ନିଧି ମୋର ହୋଇଛି ସେ ପରା,
ରକ୍ତ ମାଂସ ଘଟ ଏ ମୋ ତହିଁ ଏକା ଘଡ଼ା ।

ଯୋଗ୍ୟ ଉପାଦାନ ବିନା ଶ୍ରାଦ୍ଧ ପିଣ୍ଡ ପାଇଁ,
ଲୋକାଚାର ଆଜି, ବୋଉ, ମାନିବି ମୁଁ ନାହିଁ ।
ସ୍ୱରଗେ ନ ପାଅନ୍ତି ଯେବେ ପିଣ୍ଡ ପିତୃଜନେ,
ହେତୁ ନାହିଁ ଦୁଃଖ ପାଇଁ ଲବେ ମୋର ମନେ ।
ମାତ୍ର ପାଉଥିଲେ ତହୁଁ ସେ କଣିକା ଲେଶ,
ତୋ ଆତ୍ମା ଲଭିବ ସ୍ୱର୍ଗେ କି ଦାରୁଣ କ୍ଲେଶ !
ପୂଅ ଦୈନ୍ୟେ ପାଟିଯିବ ଅଦେହ ତୋ ଛାତି,
ଦେବ ଲୋକ ଧୂତି ସିନା ହୋଇଯିବ କାଟି !
ଏ ତ ମୋର ଜୀବନର ନିତି ଦିନ କଥା,
ଏଥି ଜନସେବା ବ୍ରତେ ନିହିତ ମୋ ସତ୍ତା ।
ଏହାରେ କରିଛି ମୁହିଁ ମୋ ଶ୍ରେଷ୍ଠ ସତ୍କାର,
ତୋ ହୃଦେ ଜାଟିବି କିପାଁ ମିଛେ ବ୍ୟଥା ଗାର ?

ରହିଥା ସନ୍ତୋଷେ, ବୋଉ, ତୋ ସୁର ନିବାସେ,
ପୁତ୍ର ନେତ୍ର ନୀରେ ଶ୍ରାଦ୍ଧ ଆହରି ଆୟାସେ ।
ମର୍ତ୍ତ୍ୟେ ମୁଁ ରହିଛି ଧରି ତୋ ସ୍ନେହେ ଜୀବନ,
ସେହି ତ ମୋ ମହାମୋହ, ମୋ ଦିବ୍ୟ ରତନ ।
ତା ବିନା ପାର୍ଥିବ ଦେହେ କି ମୂଲ୍ୟ ଜୀବନେ ?
ତାକୁ ଛାଡ଼ି ସୃଷ୍ଟି ରହି ନ ପାରିବ କ୍ଷଣେ ।
ଜନ୍ମ ମୃତ୍ୟୁ ଲାଗିଛି ତ ଏ ବିଶ୍ୱ-ସଂସାରେ,
ଜନମୁ ଜନମ ବିତେ କାହ ପାରାବାରେ ।
ଦେହୁ ଦେହ ଯାଏ, ଛିଣ୍ଡି ମାୟାର ବନ୍ଧନ,
ପତି ପତ୍ନୀ ଭାଇ ଭଉଣୀ ସବୁ ସଂମୋହନ ।
ମାତୃ ସ୍ନେହେ ବନ୍ଧା ଏକା ସୃଷ୍ଟି ପରମ୍ପରା,
ସେନେହୁ ସ୍ୱରଗ ଜନେ ମଣୁଛନ୍ତି ଧରା ।

●●

ଲକ୍ଷ୍ମୀକାନ୍ତ ମହାପାତ୍ର

୫୯. ଏ ଗାଆଁ-ସେ ଗାଆଁ

ନଈ କୂଳରେ ଦିଶି ଯାଉଛି
ହେଇଟି ଯେଉଁ ଖଣ୍ଡିଏ ଗାଆଁ,
ସେହିଠି ମୋର ସଉତୀ ନାନୀ
ଆର ବରଷ ହୋଇଛି ବାହା ।
ସେହି ଗାଆଁର ପାଚ୍ଚରେ ଯେବେ
ସୋରିଷ ଗଛ କୁସୁମ ଧରେ,
ଆମ ଗାଆଁର ଖସା କିଆରି
ସେତେବେଳକୁ ଫୁଲରେ ଭରେ ।
ସେ ଗାଆଁ ଚାଷୀ ଏ ଗାଆଁ ଦିଇେ
ସେ ଗାଆଁ ଘାଟେ ବାନ୍ଧନ୍ତି ନାଆ,
କେଉଟ ଧରି ଆସନ୍ତି ମାଛ
ସେହି ଗାଆଁରୁ ଆମରି ଗାଆଁ ।
ସେ ଗାଆଁ ଲୋକେ ଘର ଛିଅନ୍ତି
ଆମ ଗାଁରେ ଫଗୁଣ ମାସେ,
ଆମ ଗାଁର କେତକୀ ଫୁଲ
ସେହି ଗାଁର ମୁଣ୍ଡକୁ ବାସେ ।
ବରଷି ମେଘ ବଢ଼ଇ ନଈ
ବୁଡ଼ଇ ଯେବେ ଆମରି ଗାଆଁ,
ସେହି ଗାଆଁରୁ ଆସଇ ବହି
ସୁଇସୁଇଆ ପୂବେଇ ବାଆ ।
ନଈକୂଳରେ ଯାଉଛି ଦେଖା
ହେଇ ଯେଉଁ ଖଣ୍ଡିଏ ଗାଆଁ,
ସେଉଠି ମୋର ସଉତୀ ନାନୀ
ଆର ବରଷ ହୋଇଛି ବାହା ।

ସେହି ଗାଆଁର ଜୋଇଲି ଡାକେ
ଏ ଗାଆଁ କାଉ ଧରର ପାଇ,
ସେ ଗାଆଁ ଝିଏ ବୋଇଲେ ଗୀତ
ଏ ଗାଆଁ ଝିଏ ମାରନ୍ତି ଚାଇ।
ଆମ ମାଇପେ ଦେଖି ଯାଆନ୍ତି
ତାଙ୍କ ଗାଆଁକୁ ଜାଗର ଯାତ,
ଆମ ଗାଆଁକୁ ତାଙ୍କ ମିଣିପେ
ଖାଇ ଆସନ୍ତି ନିମିତ ଭାତ।
ସେଇ ଗାଆଁରେ ଉଇଁଲେ ସୂର୍ଯ୍ୟ
ଏହି ଗାଆଁକୁ ପଡ଼ଇ ଖରା,
ସେହି ଗାଆଁକୁ ଆଲୁଅ କରେ
ଏ ଗାଆଁ ଜହ୍ନ, ଏ ଗାଆଁ ତରା।
ସେହି ଗାଆଁଟି ମହକି ଉଠେ
ଆମ ଗାଆଁରେ ଫୁଟିଲେ କିଆ,
ଆମ ଗାଁ ଲୋକେ ଯାଆନ୍ତି ଧାଇଁ
ସେହି ଗାଆଁରେ ଲାଗିଲେ ନିଆଁ।
ବାଲୁକା ପୂଜା କରନ୍ତି ଯେବେ
ସେ ଗାଆଁ ବୋହୂ ଭୁଆସୁଣୀଏ,
ସେ ପୂଜା ଫୁଲ ଭସାଇ ସୁଅ
ଏ ଗାଆଁ ତୁଠେ ଲଗାଇ ଦିଏ।
ସେଇ ଗାଆଁରେ ସଞ୍ଜବେଳିଆ
ବାଜଇ ଯେବେ ଘଣ୍ଟା ତୁରୀ,
ଆମ ଗାଆଁଟି ଉଠର ତେବେ
ଶଙ୍ଖ ହୁଳହୁଳିରେ ପୂରି।
ସେଇ ଗାଆଁରେ ସାତରାଇଆ
ଆମ ଡୋଟାରେ ଛାଡ଼ିଲେ ଉଡ଼ି,
ଆମ ଗାଆଁର ଅନନ୍ତ ହନୁ
ଜବାବ ଦିଏ ଘଡ଼ିକି ଘଡ଼ି।

ସେଇ ଗାଆଁର ପହରକିଆ
କରଇ ଯେବେ ହୁକ୍‌କା ହୁଆ,
ଏଇ ଗାଆଁର କୁକୁର ପଲ
ଉଠଇ ଭୁକି ତୁହାକୁ ତୁହା ।
ସେଇ ଗାଆଁରେ ଫୁଟିଲେ କିଆ
ଏଇ ଗାଆଁକୁ ଚହଟି ଆସେ,
ଆମ ଗାଆଁର ମାଳତୀ ଫୁଲ
ସେଇ ଗାଆଁର ମୁଣ୍ଡକୁ ବାସେ ।
କଉଞ୍ଚ ଫୁଲେ ଭଉର ଯେବେ
ଆମ ଗାଆଁର ପୋଖରୀକୂଳ,
ସେହି ଗାଆଁର ମହୁମାଛିଏ
ସେଇଠି ଆସି ହୁଅନ୍ତି ଠିଳ ।
ଆମ ଗାଁର ପରଜାପତି
ସେଇ ଗାଁ କଇଁ ଫୁଲରେ ବସି,
ରଙ୍ଗାଇ ନିଏ ଡେଣା ଯୋଡ଼ିକ
କଇଁର ରେଣୁ ଦେହରେ ଘଷି ।

●●

୬୦. ମା ମା ସେ ଦେଶକୁ ଯିବି ନାହିଁ ମୁହିଁ ଲୋ

ମା ମା ସେ ଦେଶକୁ ଯିବି ନାହିଁ ମୁହିଁଲୋ,
କିଭଳି ସେ ଦେଶ ମୁଁ ତ କିଛି ଜାଣେ ନାହିଁ ଲୋ,
ସେ ଦେଶେ କି ନଦୀଜଳ
ଅଟେ ଏଡ଼େ ସୁବିମଳ
କୁଳୁକୁଳୁ ଧ୍ୱନିକରି ଯାଉଥାଇ ବହି ଲୋ,
ନାନାରଙ୍ଗ ପକ୍ଷୀଗଣ ଉଡୁଥାନ୍ତି ଉହିଁ ଲୋ ।

ସେ ଦେଶେ କି ବହେ ଏଡ଼େ ସୁଶୀତଳ ପବନ,
ଯାହାର ପରଶେ ତୃପ୍ତ ହୋଇବ ମୋ ଜୀବନ,
ଦେଖିଣ ଉଷା ଆଗତା
ଡାହୁକ ଡାହୁକୀ ତଥା
ଡାଳନ୍ତି କି କହ ମାତଃ ସୁଧାମୟ ନିଃସ୍ୱନ ?
ରକ୍ତିମ ଦିଶେ କି ସେହିକାଳେ ପ୍ରାଚୀ ଗଗନ ।

ସୁନୀଳ ଆକାଶ ଅଛି ସେ ଦେଶେ କି ଏଭଳି
ଅଛି କିଲୋ ବିହଙ୍ଗର ପ୍ରାଣାରାମ ଜାକଟି,
ହେଲାକ୍ଷଣି ସନ୍ଧ୍ୟାକାଳ
ତାରା ହୋଇ ମାଳ ମାଳ
ସୁବର୍ଣ୍ଣ ପ୍ରଦୀପ ଭଳି ଉଠୁଥାନ୍ତି ଉଜଳି ?
ଚମକଇ କି ନୂଆ ମେଘ କୋଳେ ଧରି ବିଜୁଳି ?

କହ ମା କିଭଳି ସେହି ଦେଶ ତୁରା କରି ଲୋ,
ହୋଇବ କି ସେହି ଦେଶ ଆମ ଦେଶ ପରି ଲୋ,
ବୃକ୍ଷଲତା ସେ ଦେଶର
ଏହିଭଳି ମନୋହର
ସେଠାରେ କି କହ ଫୁଲ ଫୁଟେ ଏଠା ସରି ଲୋ ।
ଡାଳେ କି ସେଠାରେ ପିକ ଅମୃତ ଲହରୀ ଲୋ ।

ସେ ଦେଶେ କି ଜହ୍ନମାମୁଁ ଉଦେ ହୋଇ ଆକାଶେ
ସୁଧା ଢିଣି ମନୋହର କରରାଜି ପ୍ରକାଶେ
ମାତୃସ୍ନେହ ଭ୍ରାତୃପ୍ରେମ
ବନ୍ଧୁପ୍ରୀତି ଅପ୍ରତିମ
ଦୟାମାୟା ମମତା କି ଅଛି କି ଗୋ ସେ ଦେଶେ
ମାଆ ମାଆ ମୁଁ ତ କେବେ ନ ଯିବଇଁ ବିଦେଶେ ।

●●

୬୧. ଜୀବନ ସଙ୍ଗୀତ

ମୁକୁଳାର ମୋର ହୃଦୟ ଦୁଆର
ଚାହିଁ ରହିଛି ମୁଁ ତାହାରି ଲାଗି ।
'ଏହି ପରା ସେହି ଆସୁଅଛି' ବୋଲି
ବସିଛି ଦିବସ ରଜନୀ ଜାଗି ।
ମୃଦୁ ପଦଧ୍ୱନି ଶୁଣି ଥରେ ଥରେ
ଚମକି ଚମକି ଉଠେ ଚକିତରେ,
ବସି ବସି ବୃଥା ଆକୁଳ ଅନ୍ତରେ
ହେଉଥାଏ ଚିର ବେଦନାଭାଗୀ ।
(କିନ୍ତୁ) ସେ ବେଦନା ଦେହେ ରହିଅଛି ପୂରି
କେତେ ଆନନ୍ଦ, ଆଶ୍ୱାସନା,
ସେହି ଆକୁଳତା ଆଣିଦିଏ ପ୍ରାଣେ
କେତେ ବିରହର ବାସନା ।
ସେହି ମୋହ ମୋର ଚିର ଆକାଙ୍କ୍ଷିତ
ସେହି ଆଶା ମୋର ଚରମ ବାଞ୍ଛିତ,
ସେହି ଧ୍ୟାନେ ସଦା ରହିଥିବି ବ୍ରତୀ
ସଂସାର କରମ ଧରମ ତ୍ୟାଗି ।

☆ ☆ ☆

ସବୁଥିରୁ ବଞ୍ଚିତ କରି କେଉଁ ଯଶବାନା ଉଡ଼ାଇବ ହେ ?
ଯାହା ଦେଇଥିଲ ସବୁ ତ ନେଇଣି
ଆଉ ଏବେ କିସ ଛଡ଼ାଇବ ହେ ।
ସଂସାରେ ଯେ କରଇ ଆଶ, ଧାଏଁ ପିନା ସେ ତୁମ୍ଭ ପାଶ
ସକଳ ଭରସା ଯାର ତୁଟିଲାଣି.
କିସ ବୋଲି ତାକୁ ଡରାଇବ ହେ ।
ଠକି ଠକି ଥରକୁ ଥର, ବୁଝିଲିଣି ତୁମ୍ଭ ଚାତର,
ମନେ ପାଞ୍ଚୁଛ କି ହାଟ ମଝିଟାରେ
ଛିଡ଼ା କରି ବାଟ ଦୁଡ଼ାଇବ ହେ ।

ତୁଲ୍ଲ ପନ୍ଦା ଏଡ଼ିକି ବୋଲି, ସବୁ ଧନ୍ଦା ଦେଲିଣି ଠେଲି,
ଚାରି ଦଉଡ଼ି ଯେ କାଟି ସାରିଲାଣି
କେଉଁ ପାହେ ତାକୁ ଜଡ଼ାଇବ ହେ।
ହାତ ଠାରି ଲୋଭ ଦେଖାଇ ତାକ ନାଟ ଦେଖିବା ପାଇଁ,
ସିହାଣ ଜରୁଛ ଆହୁରି ଥରେ କି
ନାକ ଘଷି କାନ ମୋଡ଼ାଇବ ହେ।

●●

୬୨. ନିଭୃତ ନିଶୀଥେ

ନିଶାକାଳେ ଏକାକୀ ମୁଁ ବସି ଦିନେ ଏକାସନେ
ବିଜନ ତଟିନୀ ତୀରେ ଚାହିଁଥିଲି ଶୂନ୍ୟମନେ;

ମଳିନ ଦ୍ୱାଦଶୀ ଚନ୍ଦ୍ର ଦୂର ପଥ ବାହି ବାହି
ଅଳସେ ପରାଚୀ-ପ୍ରାନ୍ତେ ଢଳି ଢଳି ପଡ଼େ ଯାଇ।

ପ୍ରକଟେ ତା ପ୍ରତିଛବି ସରିତର ସ୍ୱଚ୍ଛ ନୀରେ,
କୋମଳ ସଲିଳ-ଶେଯେ ପଡୁଛି କି ଗଡ଼ି ଧୀରେ!

ଉଜାଗରେ ଭ୍ରମି ଭ୍ରମି ଆସିଛି ସେ ଥକା ହୋର,
ହେଲା ଆସି ନିଶି ଶେଷ, ଏବେ ଯାଇ ପଡୁ ଶୋଇ।

ବୁଡ଼ି ବୁଡ଼ି ଯାଏ ଚାନ୍ଦ ଅସ୍ତାଚଳ ଶିରୋଦେଶେ,
ଶେଷ ଜ୍ୟୋତିରେଖା ତା'ର ହେଲା ଲୀନ ଅବଶେଷେ।

ମାଡ଼ିଆସେ ସୀମାହୀନ ଅଂଧକାର ରାଶି ରାଶି
ଘନ ଘୋର ତମିସ୍ରାରେ ବସୁନ୍ଧରା ଦେଇ ଗ୍ରାସି।

କି ଗଭୀର ନୀରବତା ଅଣୁ ପରମାଣୁ ଭରି
ଦିଗନ୍ତ ଗଲା ରେ ବ୍ୟାପି ଜୀବନ୍ତ ମୂରତି ଧରି।

ସେ ବିରାଟ ଶୂନ୍ୟତାରେ ସତ୍ତା ମୋର ଅବା ଲୁପ୍ତ,
ନ ପାରିଲି ଜାଣି ମୁହିଁ ଜାଗ୍ରତ ଅଥବା ସୁପ୍ତ।

ଲକ୍ଷ୍ମୀକାନ୍ତ ମହାପାତ୍ର

ସହସା ଉଠିଲା ଝୁରି କି ସଙ୍ଗୀତ ମହିୟାନ ।
ବ୍ୟୋମେ ବ୍ୟୋମେ ପ୍ରସରେ ତା ଅଖଣ୍ଡିତ ସମତାନ ।

ଉନମନ ନୃତ୍ୟରତ ନଭେ ଗ୍ରହ-ତାରାରାଜି,
ଭୂଧର-ଶିଖରେ ତା'ର ପ୍ରତିଧ୍ୱନି ଉଠେ ବାଜି ।

ସେହି ବିଶ୍ୱ-ସଙ୍ଗୀତର ତାନ ଲୟେ ଅବିରତ
ଉଠର ଝଙ୍କାରି ମୋ'ର ପ୍ରାଣତନ୍ତ୍ରୀ ଅନାହତ ।

●●

୬୩. ସରିଯିବଣିଟି

ସରି ଯିବଣିଟି ଜୀବନୁ କିଶୋରୀ ହେ ବଂଶୀଧାରୀ ।
ବିରହରେ ସଖି ହୋଇଛି କାତର
କଳେ ଯାଜିଅଛି ସେ ଧୂଆଁପତର
ଦେଖିଲି ସଖିର ଅଦ୍ଧିରେ ମାାତର ଜୀବନକୁ ଅଛି ଧରି ହେ ।
ନାସାଗ୍ରତେ ତୂଳା ଦେଲେ ତତପର
ସିଘାଂଣି ବହିଲା ନାକୁ ସରସର
ହତାଶେ ଫେରିଲା ଯହୁଁ ତାକତର ସବୁ ଆଶା ଗଲା ସରି ହେ ।
ଲାଗୁ ନ ଥିଲା ମୋ କରକୁ ନାଟିକା
ମୁହଁ କରିଥିଲା କି ମାଇ ଆଟିକା
ମାନ ମାରି ଖାଲି ଆଖିରେ ମିଟିକା ଲାଜ ପଡୁଥିଲା ଝରି ହେ ।
ତୁମ୍ଭ ଭଜି ଯେବେ ନୋହିଲା ପାତର
କାହିଁକି ଛୁଇଁଲ ସଖିର ଗାତର
ଏବେ ପରା ଭାରି ମାରୁଛ ଚାତର କାମଟା ଯିବାରୁ ସରି ହେ ।
ତୁମେ ଥାଉଁ ସଖି ଯେବେଟି ମରିବ
ପୁଲିସ ନିଶ୍ଚୟେ ଗିରଫ କରିବ
ଗରିବ କଥାକୁ ସେକାଳେ ସ୍ମରିବ ତାଲିଭାତ ଖାଇ କରି ହେ ।

●●

୬୪. ମନ୍ତ୍ରୀ ବରଣୀ

ସ୍ୱରାଜ ଆଜି ଯାଇଛି ମିଳି
ପହିଲେ ହେବ ମନ୍ତ୍ରୀ ବଛା,
ଡାକରା ହେଲା ଆସ ରେ ଆସ
ହୋଇଥିବ ଯେ ନିପଟ ସଜା ।
ସ୍ୱାଧୀନ ଦେଶେ ମୁକ୍ତ ସବୁ
ସବୁଠି ଫାଙ୍କା ସାହାଣ ମେଲା,
ନିଶୁଆ ଡେଲୀ, ଯାଆରେ ପେଲି
ନିଶଟା ମାତ୍ର ଥିଲେଇ ହେଲା ।
ଯେତେକ ଥିଲେ ନିରାମିଷୀ,
ନିରାହାରୀ, ନିରୋଳ ତ୍ୟାଗୀ,
ତାଙ୍କୁ ଘେନି ବସିଲା ସଭା
ମନ୍ତ୍ରୀ ବଛା କରିବା ଲାଗି ।
ଚାରିଆଡ଼ରୁ ହାଜର ହେଲେ
ଗୋନ୍ଧାକୁ ଗୋନ୍ଧା କାଣ୍ଡିଡେଟ୍,
ଶାଢ଼ୀ ଶିରପା ଯିବଟି ମିଳି
ଯାହାର ଥିବ ତାଜା ଫେଟ୍ ।
ପହିଲେ ଜଣେ ପାକୁଆ ପାଟି
ଦାଖଲ କଲେ ଆପଣା କେସ୍,
ଜବର ମନ୍ତ୍ରୀ ଥିବାର ଏକା
ଥାଉଛି ଆମର ଦେଶରେ ଫେମ୍ ।
ଜମିଦାରର ଦାନ୍ତ ଝାଡ଼ି
କରିଛୁ ଆମେ କିସ୍ତିମାତ୍,
ମହନ୍ତଙ୍କ ଥନ୍ତଲା ପେଟ
ଫଟାଇ ଦେଲୁ ଅକସ୍ମାତ୍ ।
ବାରଣ କରି ଅଫିମ ମଦ
ଦେଶର କଲୁ ଉପକାର,
ବିହନ ବାଣ୍ଟି, ଚାଷୀର ପେଟ
ଭରଣି କଲୁଁ ଖାଦ୍ୟସାର ।

ତଥାପି ଆମେ ଦେଶର ଲାଗି
ମୁରୁଜି ଦେଉଁ ଏ ପଦ ଖଣ୍ଡି,
ଦେଖିବ ଏଜା ଯେପରି କେହି
ନ ପଛେ ପଛେ ନେବାକୁ ଉଣ୍ଡି ॥
ତହିଁ ଉତ୍ତାରୁ ଅଉଲେ ଜଣେ
ଶୁଭ୍ର କେଶ, ଶୁଭ୍ର ନିଶ,
ବୋଇଲେ ଧୀରେ– "ବିଚାର ଜର
ଅପରାଧଟା ଆମର କିସ ।
ଦେଶର ସେବା କରିବା ଲାଗି
ଆପଣା ଢଙ୍ଗ ଦେଇଛୁଁ ଛାଡ଼ି,
ସର୍ବତ୍ୟାଗୀ ହୋଇଛୁ ତେଜି
ପୁତ୍ର ଦାରା ବିଷୟବାଡ଼ି ।
ପର ପାଇଁକି ଆମ୍ବଭି
ଏଇ ମହତ ଧର୍ମ ପାଳି,
ଆପଣା ଦେଶ ଅନ୍ନ-ଥାଳୀ
ପର ମୁଖରେ ଦେଇଛୁ ଢ଼ାଳି ।
ଦୁସ୍‌ମନର ଚକ୍ରେ ପଡ଼ି
ମନ୍ତ୍ରୀ ତହୁଁ ଖାଇଲୁ ଉଡ଼ା,
ଏଇ ପଦକୁ ଯୋଗ୍ୟ ଏଜା
ନୁହଇ କେହି ଆମ୍ଭ ଛଡ଼ା ।"
ବୋଇଲେ ଜଣେ ହଲାଇ ଦାଢ଼ି,
"ବୋଲାଉ ବଡ଼ ପଣ୍ଡିତ ଆମେ,
ଭେଣ୍ଡିଆ ଦିନୁଁ ଅଣ୍ଡିଆ ଉଡି
ରହିଛୁଁ ଲାଗି ଦେଶର କାମେ ।
ବୃହତ୍ କର୍ମ ଚୋଦନାରେ
ଆମକୁ ନାହିଁ ଅବସର,
ବଢ଼ିଯାଇଛି ଦାଢ଼ିଟା ଦେଣ୍ଟୁ
ଭଣ୍ଡାରିଠାରୁ ନ ହୋଇ କ୍ଷର ।

ଚେହେରା ସିନା ଦେଖୁଛ ବୁଦ୍ଧ
ଆସର ଶୁଦ୍ଧ ନବ୍ୟ ଭାବ,
ନବରାରତ ଗଢ଼ିବା ପାଇଁ
ଛାଡ଼ିଛୁ ଆମେ ତୁମୁଳ ରାବ।
ଆମକୁ ଯଦି ଜରିବ ମନ୍ତ୍ରୀ
ଦେଖିବ ତୁମେ ଉଡିକା ରାତି,
ଏମୁଣ୍ଡରୁ ସେ ମୁଣ୍ଡ ଯାକେ
ଜଳାଇ ଦେବୁଁ ରଙ୍ଗୀନ ବତୀ !"
ଏର ପରିକା ଜଣକୁ ଜଣ
ଆପଣା ସାର୍ଟିଫିକେଟ ଧରି,
ବାଡ଼ି ଯେ ଗଲେ ନିଜର ଦାବୀ
କିଏ ପାରିବ ତଜଖି କରି !
ଆଖୁ ବାଡ଼ିରେ ପଶିଲା ସରି
ହୋଇଲେ ଯେତେ ବିଚାରପତି,
ଜାହାକୁ ଛାଡ଼ି ଜାହାକୁ ନେବା
ସମସ୍ୟାଟା ବିଷମ ଅତି।
ଗଣ୍ଡି ମଝି ହାଣିଆ ହେଲେ
ମୁଣ୍ଡ-ହାଣ୍ଡିରେ ମଗଜ-ଦହି,
ମୁହିଁଲା ନାହିଁ ଇହୁଣୀ ତିଳେ
ପାଣିପାଟି ସେ ଗଲା ତ ବହି।
ଯାଁ ମୁହଁକୁ ଚାହିଁଛି ସିଏ
ତା ମୁହଁକୁ ଇଏ,
କାହାରି ଅଳଇ ଖଟୁ ତ ନାହିଁ
କଥାଏ ଅବା କହୁଛି କିଏ !
ସର୍ବେ ତଣ୍ଡେ ମୁହଁକୁ ପୋତି
ରହିଲେ ଦେଇ ମୁଣ୍ଡେ ହାତ,
ପଧାନେ ତହୁଁ ଚିହ୍ନିଜି ପଡ଼ି
ଉଠିଲେ ରାବି ଅଜସ୍ରାର୍ !

ମିଳିଛି ଏବେ ! ମିଳିଛି ଏବେ !
ବାଟଟା ସିଧା ପଡ଼ିଲା ଜଣା,
ମିଛରେ ସିନା ଦରାଣ୍ଡି ହୋଇ
ପହରେ ହେଲା ହେଲୁଣି ବଣା !
ସଭିଏଁ ତହୁଁ ତରାଟି ଆଖି
ଚାହିଁଲେ ସଭାପତିଙ୍କ ଆଡ଼େ,
ଗମ୍ଭୀର ସେ ମୁହଁକୁ କରି
ମୁରୁକି ହସି ଭାଷିଲେ ଗାଡ଼େ ।
"ଆମକୁ ଏହା ପଡୁଛି ଜଣା
ସଭିଏଁ ଥରେ ଦେଖିଲ ଭାବି,
ଏକକୁ ଏକ ସରସ ସବୁ,
ନୁହଇ ଊଣା କାହାର ଦାବୀ ।
ସଭିଏଁ ପୁଣି ବନ୍ଧୁ ଆମର
କାହାକୁ ଅବା କରିବା ପର,
ଜଣକୁ ଛାଡ଼ି, ଜଣକୁ ରଖି
ଆମେ ବା କିଆଁ ଭାଙ୍ଗିବା ଘର ?
ମୋହର ଏହି ସିଦ୍ଧ ମତ-
ସବୁରି ନାମ ବିବାକ୍ କାଟି
ଆମେ ଯେତେଜ ବିଚାରପତି
ମନ୍ତ୍ରିତ୍ୱକୁ ନେବା ହେ ବାଛି ।
ଏତିକି ତ୍ୟାଗ କରିବା ଆମେ
ଦେଶର ଏହି ସନ୍ଧିକାଳେ,
ମହତ ଏକା ଦେଶର କାମ,
ଆମର ସ୍ୱାର୍ଥ ନାହିଁଟି ତିଳେ ।"
"ସାଧୁ, ସାଧୁ" ବୋଇଲେ ସର୍ବେ
ବାଜିଲା ତୁରୀ ମହୁରୀ ଢ଼ୋଲ,
ମନ୍ତ୍ରୀ ବଛା ହୋଇଲା ଶେଷ
ସର୍ବେ ଏକବାର ହରିବୋଲ ।

●●

୬୫. ବନ୍ଦେ ଉତ୍କଳ ଜନନୀ

ବନ୍ଦେ ଉତ୍କଳ ଜନନୀ
ଚାରୁ ହାସ୍ୟମୟୀ ଚାରୁ ଭାଷ୍ୟମୟୀ
ଜନନୀ, ଜନନୀ, ଜନନୀ ।

ପୂତ ପୟୋଧି ବିଧୌତ ଶରୀରା
ତାଳ ତମାଳ ଶୋଭିତ ତୀରା
ଶୁଭ୍ର ତଟିନୀକୂଳ ଶୀକର ସମୀରା
ଜନନୀ, ଜନନୀ, ଜନନୀ ।

ଘନ ଘନ ବନଭୂମି ରାଜିତ ଅଙ୍ଗେ,
ନୀଳ ଭୂଦରମାଳା ସାଜେ ତରଙ୍ଗେ,
କଳ କଳ ମୁଖରିତ ଚାରୁ ବିହଙ୍ଗେ
ଜନନୀ, ଜନନୀ, ଜନନୀ ।

ସୁନ୍ଦର ଶାଳୀ ସୁଶୋଭିତ କ୍ଷେତ୍ରା
ଜ୍ଞାନ ବିଜ୍ଞାନ ପ୍ରଦର୍ଶିତ ନେତ୍ରା,
ଯୋଗୀ ଋଷିଗଣ ଉଚ୍ଚ ପବିତ୍ରା
ଜନନୀ, ଜନନୀ, ଜନନୀ ।

ସୁନ୍ଦର ମନ୍ଦିର ମଣ୍ଡିତ ଦେଶା,
ଚାରୁ କଳାବଳୀ ଶୋଭିତ ବେଶା,
ପୂର୍ଣ୍ଣ ତୀର୍ଥଚୟ ପୂଣ୍ଣ ପ୍ରଦେଶା
ଜନନୀ, ଜନନୀ, ଜନନୀ ।

ଉତ୍କଳ ସୁରବର ଦର୍ପିତ ଗେହା,
ଅରିକୂଳ ଶୋଣିତ ଚର୍ଚ୍ଚିତ ଦେହା,
ବିଶ୍ୱ ଭୂମଣ୍ଡଳ କୁତବର ସ୍ନେହା
ଜନନୀ, ଜନନୀ, ଜନନୀ ।

କବିକୁଳ ମୌଳି ମୁନିଜନ ବନ୍ଦ୍ୟା,
ଭୁବନ ବିଘୋଷିତ କୀର୍ତ୍ତି ଅନିନ୍ଦ୍ୟା,
ଧନ୍ୟେ, ପୁଣ୍ୟେ ଚିର ଶରଣ୍ୟେ
ଜନନୀ, ଜନନୀ, ଜନନୀ ।

●●

ଗୋଦାବରୀଶ ମହାପାତ୍ର

୬୬. **ରୋଷେଇ ସଙ୍କଟ**

କେ ରାନ୍ଧିବ ଘରେ ବସି— କହେ ପଦ୍ମାବତୀ
ପାଠ ପଢ଼ି କଲେଜରେ ହେଲି ଗୁଣବତୀ
କପାଳେ ମୋ ଥିଲା ଲେଖା— ଧରି ସ୍ୱାମୀ ହାତ
ଛାଡ଼ି ନାଚ ଖେଳ ରାନ୍ଧିବାକୁ ଡାଲି ଭାତ !

ହାଣ୍ଡିଖାଇ ! ଲାଗେ ଘୃଣା !! ପୋଡ଼ପାଡ଼ ଚୂଲି;
ବଂଶୀ, କ୍ଲାରୋନେଟ' ଛାଡ଼ି ଫୁଙ୍କି ଫୁଙ୍କି ମରି ।
ସୃଷ୍ଟିଛଡ଼ା କେ ଦେବତା ରଚିଲା ଅଙ୍ଗାର
ହାତ ଜଳା, ଭୁରା ଜଳା, ଜଳା ହାଣ୍ଡି ଖାଇ ।

ମୁଁ କି ପାରେ ଏ ବେପାରେ ! ଭୁଣ ଦେଲେ ଦିନେ
ଆର ଦିନ ଅଇଣାରେ କି ବୋଇଣା ଶୁଣେ !
ଆଜି ଦରସିଝା ହେଲା କାଲି ଗଲା ପୋଡ଼ି —
ପରାଣର ପ୍ରିୟତମ ଦେଲେ ମୁହଁ ମୋଡ଼ି ।

ପାରିହେବା ପାଇଁ ଏଇ ବିପଦ ସାଗରେ
ସଂପାଦିଲି ସୁହାସିନୀ ଦାସୀଟିଏ ଘରେ ।
ପଳିଲା ଓଇଟ ପଇ— ରାନ୍ଧିଲା ସେ ଭାତ,
ଘରର ମୁରବୀ କିନ୍ତୁ ହେଲେ ଅଣାୟତ ।

ସେ ବିପଦ୍ ହେଲା ଏବେ ଏ ବିପରି ବଢ଼,
ବହିଲା ନୟନୁ ମୋର ଲୁହ ଝର ଝର।
ବରଜି ତାହାରେ ଘରେ ଆଣିଲି ଆଦରି
ଗଢିତ ଦଖନା ଏକ ବୃଦ୍ଧା ସହଚରୀ।

ନ ପୂରୁଣୁ ସାତ ଦିନ ଘରେ ହେଲା ଗୋଳ—
ହଜିଲା ସେମିତ୍, କିଏ ନେଲା ଗହାହାର।
ନିତି ଚୋରୀ, ବୋଲାବୋଲି, ବିଗିଡ଼ିଲା ତୁଣ୍ଡ
ଶାଇ ପଡ଼ିଶାର ଲୋକ ଘରେ ହେଲେ ରୁଣ୍ଡ।

ଦାସୀ ଗଲା, ଆସିଲା ସେ ପୂଜାରୀଟି ଜାହୁଁ
ବିଡ଼ି, ସିଗାରେଟେ ଘର ପୂର୍ଣ୍ଣ ଚାହୁଁ ଚାହୁଁ।
ସହି ନ ପାରି ତା ଜାଜା ଦେଲି ଛାଡ଼ି ତାରେ;
ଅଙ୍କା ଭିଡ଼ି ପଶିଲି ମୁଁ ପୁଣି ହାଣ୍ଡିଶାଳେ !!

●●

୬୭. ଠିକ୍

ତୁମେ ଯେ ଆସିବ ପୁଣି ଏଡ଼େ
ବେଗେ ଠିକ୍ ବେଳେ
ଭାବି ପାରି ନ ଥିଲି ମୁଁ ମନରେ
ତ କେବେ ହେଲେ !
ଠିକ୍ ସତ୍ୟ ବେଠିକ୍‌ରେ
ଚାରିଆଡ଼େ ଅଛି ପଡ଼ି,
ଠିକ୍ ବେଳେ ଆସୁନାଇଁ ଆଉ
ଏବେ ନଈ ବଢ଼ି।
ମେଘ ଆସୁ ନାଇଁ ଆଉ
ଆକାଶରେ ଠିକ୍ ଦିନେ
ବିଲରେ ନ ହୁଏ ଧାନ ଏ
ବରଷ ପାଣି ବିନେ।

ଠିକ ଦୁଧ ମିଳେ ନାଇଁ,
ଠିକ୍ ଆସୁ ନାଇ ରେଳ
କି ଲାଗି ଆସିଲ ତୁମେ ଚରି
ଆଜି ଠିକ୍ ବେଳ ।
ଦରମାଟା ମିଳେ ନାଇଁ ଠିକ୍
ତାରିଖରେ କାହିଁ
ଠିକ୍ ସାଢ଼େ ଦଶଟାରେ
ଅଫିସ କେ ଯାଏ ନାଇଁ ।
ଲେଖିବାକୁ ଠିକ୍ କଥା ଭୟ
କରେ ଥାନା ବାବୁ
ବଜାରରେ ଠିକ୍ ନାଇଁ
ସରକାରୀ ଦର ସବୁ ।
ହାକିମର ଠିକ ନାଇଁ ଠିକ
ନାଇଁ ଡାକତର
ବେଠିକ୍‌ରେ ବିଚାରଟା, ଯଥା
ମ୍ୟାଜେରିଆ ଜ୍ୱର ।
ଠିକ୍ ଠାକ୍ ସଭାରେ କେ ଆସେ
ନାଇଁ ଠିକ୍ ବେଳେ
ଠିକ୍ କଥା କହିବାକୁ ଲୋକ
ଖୋଜି ନାହିଁ ମିଳେ ।
ଠିକ୍ ହେବା ଆଗୁ କାମ
ବିଲ୍ ଦିଏ କଣ୍ଟ୍ରାକ୍ଟର
ଠିକ୍ ପାଠ ପଢ଼ାଏନି
ଇସ୍କୁଲରେ ମାଷ୍ଟର ।
କେବଳ ଜଥାଟା ଠିକ୍—
ମୋଟରଟା ଗଲାବେଳେ
ନେବାପାଇଁ ଗଣ୍ଡ ଉଭା
ମଝିରୀ ଭିତରେ ଥିଲେ ।

●●

୬୮. ## ଘଣା

ତେଲିର ବଳଦ କହଇ ତେଲିକି ଡାକି ରେ–
କହ ଭାଇ ଆଉ କେତେ ବାଟ ଅଛି ବାକୀ ରେ ?
ଘୋଡ଼ାଇ ଦେଇଛୁ ଆଖିରେ
ଖାଲି କାନେ ଶୁଣେ– ଘଣା କେଏଁ କେଏଁ
ପାରୁନାହିଁ କିଛି ଦେଖି ରେ !

ତେଲି କହେ ଡାକି– ଶୁଣରେ କାଳିଆ, କସରା
ତୁମେ ଚାଲିବାରେ କରିଚି ଏ ମୋର ପସରା
ଖରା ତରା ମେଘ ଅସରା
ସବୁଥିକି ମୁହିଁ ସମାନ ମଣଇଁ
ଘଣା ମୋର ଦୁଃଖ ପାଶୋରା ।

ତେଲିର ବଳଦ କହଇ ତେଲିକି ହକାରି–
ତୁମେ କି ଅଟ ହେ ଯୁଗ ଯୁଗ ମୋର ଶିକାରୀ
ହେ ଧନ-ଦରବ- ଭିକାରୀ
ଏ ଘଣା ଭିତରେ ତେଲ କାଢୁଥାଅ
ପିଡ଼ିଆ ଉଖାରି ଉଖାରି ।

ତେଲି କହେ ଡାକି-ଜ୍ଞାନ ଦର୍ଶନ ଏଇ ରେ
ଯୋଗ ସାଧି ଗଲେ ଋଷି ଏଇ ଘଣା ଭୂଇଁରେ
ନର ଖାଲି ଘୁରେ ଘର ପରିବାରେ
ଏଇ ତେଲ ଟୋପା ଧାୟିରେ ।

ତେଲିର ବଳଦ ପୁଣି ସେ ତେଲିକି ପଚାରେ–
ଏଇ ଯେବେ ହେଲା ସଂସାର ତୁମ ବିଚାରେ
ଧରମ କରମ ଆଚାରେ
କି ଲାଗି ମାଡିଚ ଦୟା, ଅନୁରାଗ,
ସେବା, ଦାନ, ପରିପ୍ରଚାରେ ?

ତେଣି ବଖାଣଇ ଶୁଣ ମୋର ଘଣା-ବଳଦ,
ସେଦିନ କୃଷ୍ଣ ଅର୍ଜୁନେ ହୋଇ ବରଦ
ବରଷିଲେ ଗୀତା-ଜଳଦ
କହିଲେ—କଠୋର କର୍ମ ସାଧିଲେ
ଋଣ ହୁଏ ଚିନି ପଳଦ ।

ତେଣିର ବଳଦ ଆବର ପଚାରେ ତେଣିରେ
ଗୋଡ଼ ଅକିଗଲା, ବାଟ ସରୁ ନାହିଁ ଚାଲି ରେ !
ଏଇ କି ଶରଧା-ବାଲି ରେ
ପତିତପାବନ ରଥ ଚକ ଲାଗେ
ପାରୁ ନାଇଁ ଠେଲିପେଲି ରେ ।

ସେ 'ଦାରୁବ୍ରହ୍ମ' ଘଣା ଥାଇ ତହିଁ କହିଲେ—
ମତେ ପଚାରିଲେ କହିଥାନ୍ତି ମୁଁ ପହିଲେ
ନୂଆ କଥା କିଛି ନାହିଁରେ—
ବଳଦଟା ତେଣି ତେଣିଟା ବଳଦ
ଯୁଗ ଯୁଗ ଏଇ ମହୀରେ ।

ବଳଦ ଘୂରଉ, ପଛେ ଘୂରେ ତେଣି ତାହାର
ବିରାଟ ଏ ଘଣା-ସଂସାର ଘର ବାହାର
କେହି ନୁହେଁ ଆରେ କାହାର,
ସବୁରି ଉପରେ ରହିଚି ଏ ମୋର
ପେଷଣ ଦଣ୍ଡ ପାହାର !

●●

୬୯. ପେଚା

ଜୀବନର ଯାତ୍ରାପଥେ ଆସେ ଯେବେ ମହାଘୋର ରାତ୍ରି
କହି କି ପାରିବ ତୁମେ ହେ ପେଚକ, ହେ ତିମିରଯାତ୍ରୀ,
ଘନାନ୍ଧ ପାଦପ ତଳେ ଅବା ଜୀର୍ଣ୍ଣ ପ୍ରାଚୀନ କୋଟରେ
କି ଲାଗି କାହାରେ ଡାକ, ଚମକେ ମୁଁ ବାଟୋଇ ବାଟରେ ।

ନିସ୍ତବ୍ଧ ଧରଣୀ ତଳେ ଜନହୀନ ପଥ ଅପଚରା
ଯୁଗାନ୍ତ ଚାହାଁଣୀ ଢାଳେ ନୀଳାକାଶୁ ଶତକୋଟି ତାରା,
ଅବା ତୀବ୍ର ଝଞ୍ଜା ଝଡ଼େ ଚିର ଯେବେ ହୁଏ ସଙ୍କୁଚିତ
କାହା ଲାଗି ଗାଅ ତୁମେ ହେ ପେଚକ କି ନବ ସଙ୍ଗୀତ ?

ବିଶାଳ ସେ ଚକ୍ଷୁଯୁଗ, ତୀକ୍ଷ୍ଣ ଚଞ୍ଚୁ ପ୍ରଖର ନଖର
ଝାଡ଼ି ତୁମେ ଉଡ଼େ ଉଡ଼ି ମନେ ଜାଗେ ଚମକ ପ୍ରଖର,
ହେ ଦିବାନ୍ଧ ଚକାଡ଼ୋଳା, ଭୀରୁ ସମ ଲୁଚି ରହି କାହିଁ
କରୁଚ ଶିକାର କାରେ ଅନ୍ଧକାରେ ଜଣା ପଡୁନାହିଁ ।

ଧନ ରହେ ଅନ୍ଧକାରେ, ତୁମେ ଯାଅ ଅନ୍ଧକାରେ ବୁଲି
ତୁମକୁ ବାହନ କରି ନେଲେ ଲକ୍ଷ୍ମୀ, ଏବେ ମୁଁ ବୁଝିଲି,
ଚଞ୍ଚଳାର ପ୍ରିୟତମ ! ଚଞ୍ଚଳାରେ ଖୋଜି ଖୋଜି ନର
ଅନ୍ଧକାର କରିଲେଣି ବଜାରକୁ କରି ଚଢ଼ାଦର ।

ମାନବ ଭଜିଛି ପେଚା, ପେଚାମୟ ଆଜି ଏ ସମାଜ
ଅନ୍ଧକାରେ ଚାଲିଅଛି ଚାରିଆଡ଼େ ଖାଲି ସଜବାଜ,
ଚାଲିଛି ''ଅନ୍ଧାରି ବିଜେ'', ତୁମ ଚଞ୍ଚୁ, ତୁମରି ଚାହାଣୀ
ରତେ ଲୀଳା ପୈଶାଚିକ ଗସ୍ତଭରା ରାଜକୋଷୁ ଟାଣି ।

ଏ ଓଡ଼ିଶା-ଧରଣୀର ଚଉଦିଗେ ଘେରିଚି ଅନ୍ଧାର
ତାକେ ରାଇରଙ୍ଗପୁର କାହିଁ ଅଛୁ ନବରଙ୍ଗପୁର,
ଅବାଟୀ ତାକୁଟି ଆଜି ଉଦୀଚୀର ଲୌହ ବଳୟରେ,
ତାକୁଟି 'ଚିଲିକା' ଦୂର ଗିରିବର୍ମେ 'ହୀରାକୁଦ' ତଳେ ।

ତୁମେ ହିଁ ବୁଲୁଚ ଆଜି ହେ ପେଚକ ସୀମାନ୍ତୁ ସୀମାନ୍ତ
କେତେ ଯେ ତିମିର-ଯାତ୍ରୀ ଏ ଜାତିକି କରିଲେଣି ଭ୍ରାନ୍ତ,
ମୋ ଦେଶର ଚାରିଆଡ଼େ ତୁମ ଛବି ଯାଉଛି ପ୍ରସରି
କେବେ ହେବ ଦିବାଲୋକ ଯିବ ଦୂରେ ସବୁ ଅପସରି ?

ତୁମକୁ ମଣେ ମୁଁ ମନ୍ତ୍ରୀ, ତୁମେ ଏବେ ଏ ଦେଶ ପାଇଜ
ମୃତ୍ୟୁପଥେ ନେବାପାଇଁ ତୁମେ କି ହେ ହୋଇଚ ଚାଳକ ?
ଚାରି ଦିଗୁ ଆସେ ଝଡ଼ ମାରେ ବଜ୍ର ପ୍ରାଣ ପ୍ରକମ୍ପାଇ
ବସିଚ କୋଟରେ ଲୁଚି, ହେ ଦିବାନ୍ଧ, କି ସଙ୍ଗୀତ ଗାଇ ?

●●

୭୦. ପ୍ରାର୍ଥନା

ହେ ଓଡ଼ିଶା ! ମୋ ଜନନୀ ! ଜନ୍ମଭୂମି ଯାହାକୁ କହନ୍ତି
ହାଜ, ମିଶ୍ର, ଜେନା, ଲେଙ୍କା, ବଉଧୁରା, ପଧାନ, ମହାନ୍ତି,
ହାଡ଼ି, ପାଣ, ନନ୍ଦ, କନ୍ଧ ମିଳି
ବୋଲୁଛନ୍ତି ନିଜକୁ ଉତ୍କଳୀ
କରୁଛନ୍ତି କଳି
ଗଢ଼ିଛନ୍ତି ଲାଟ ସଭା ନାମ ତା' 'ଆସେମ୍ବି' ।

ଯେତେ ନଉ, ନାଇ, ଖାଇ, ଅପନ୍ତରା, ପଦର, ପଡ଼ିଆ
ମନ୍ଦିର, ମଣ୍ଡାଣି, ହୁଙ୍କା, ଦଳବନ୍ଧ-ଚୁଆ ବା ଗାଡ଼ିଆ,
ଛୋଟ, ବଡ଼, ଡେଙ୍ଗା, ଗେଡ଼ା, ପେଟା,
ଦାତା, ନେତା, ଧନୀ, ଗଣ୍ଡିଜଟା,
କୃପଣ ଓ ଛୋଟା
ଏସବୁ ମିଶାର ପରା ଏଇ ଓଡ଼ିଶାଟା ।

ହାକିମ, ଡେପୁଟି, ମନ୍ତ୍ରୀ, ସେକ୍ରେଟେରୀ, ରାଣୀ ଓ କିରାଣୀ
ଚାଷୀ, ଦ୍ୱେଷୀ, ଅର୍ଦ୍ଧଗ୍ରାସ, ରୋଗୀ, ଶୋଷୀ, ଦୀନା ମାହାରାଣୀ,
ଝୁଲାଧାରୀ, ଗୋଦାମ ବେପାରୀ
ଡାକୁଛନ୍ତି ସର୍ବେ ମାଆ ବୋଲି,
ହେ ଓଡ଼ିଶା ଖାଇ
ଯୁଗ ଯୁଗ ଧରି ତୁମେ ଶୁଣ ଚକ୍ଷୁ ମେଲି !

ହେ ତପନ, ଚନ୍ଦ୍ର, ତାରା ! ହେ ଅସଂଖ୍ୟ ଗ୍ରହ, ଉପଗ୍ରହ !
ତୁମେ ତ କରିଛ ପୁଣି ଏ ବିଶ୍ୱକୁ କେତେ ଅନୁଗ୍ରହ !
ମାଗେ ସେହି ଅନୁଗ୍ରହ ଲେଶ
ବିଖଣ୍ଡିତ ଏ ଓଡ଼ିଶା ଦେଶ
ସବୁ କର ଶେଷ
ଲୁଚିଯାଉ ବଞ୍ଚିବାର କ୍ରୁର ପରିହାସ !

କୀଟଦ୍ରଂଷ୍ଟ କାଷ୍ଠ ସମ ଏ ଜାତିଟା ହେଲାଣି ଦୁର୍ବଳ
ରାଜ-ଯକ୍ଷ୍ମା ଗାଳେ ରକ୍ତ ବୁକୁ ତଳୁ ନିତି ଅନର୍ଗଳ
ବାତଗ୍ରସ୍ତ କର- ପଦତଳ
ନିମୀଳିତ ନେତ୍ର ପଦ୍ମଦଳ ।
ଅନୁଗ୍ରହ କର
ତୁମ ତାଲିକାରୁ ପୋଛି ଦିଅ ଏ ଉତ୍‌କଳ ।

●●

୭୧. ଉତ୍ତର

ତୁମେ ଯେ ଲେଖିଛ ଚିଠି ନ ଜଣାଇ ନାମ ଘର ଓ ବାହାର
ପ୍ରୌଢ଼ ତୁମେ ଅବା ଯୁବା ଅଥବା ତରୁଣୀ ପ୍ରେୟସୀ କାହାର ?
କେଉଁ ଦୂର ଜନପଦେ ତଟିନୀ ପୁଲିନେ କେଉଁ ଗ୍ରାମବାସୀ
ଚାକିରୀ କରୁଛ ଅବା ଭୁବନେଶ୍ୱରରେ ବହୁଦୂରୁ ଆସି ।

ଅଥବା ସହରେ ରହି କର ବିକ୍ରୀକିଣା ତୁମେ ସୌଦାଗର
କିଛି ତ ଲେଖିଲ ନାହିଁ ଉତ୍ତର ଆଶାରେ କେଉଁଆଡ଼େ ଘର ?
ନପାଇ ଚାକିରୀ କାହିଁ ବେକାର ଜୀବନେ ରାଉରକେଲାରେ
ତୁମେ କି କଟାଅ ଦିନ ପଢ଼ି ବିଜ୍ଞାପନ କି ଅବହେଳାରେ !

ଅଥବା କଲେଜ ଛାଡ଼ି ଜ୍ଞାନ-ଗଉରବେ ଯିବାବେଳେ ଗ୍ରାମେ
ଏ ଜାତିର ଭବିଷ୍ୟତ କିଭଳି ଗଢ଼ିବ ଭାବୁଅଛ ତୁମେ ।

କିଛି ତ ଜାଣିଲି ନାହିଁ କି ଦେବି ଉତ୍ତର ହେ ଅପରିଚିତ !
ଅତି ପରିଚିତ ଯଉ ଜିଣି ଯେ ନେଉଛ ଏଇ ମୋର ଚିର !!

ଚିଠି ପଢ଼ି ପୁଣି ପଢ଼େ, ପଢ଼େ ଆଉ ଅରେ ଅର ଅର କରି
ଯେତେ ଅର ପଢ଼ି ବସେ ପ୍ରଶ୍ନ ଜାଗେ ମନେ ତୁମେ କିଏ କୋଉଠି ?
ତୁମେ କି ହେ ମୋ ଜାତିର ଆଗାମୀ ମଣିଷ ଆସନ୍ତା କାଲିର,
ତୁମେ କି ହେ ମୂର୍ତ୍ତିମାନ ଅବା ମୂର୍ତ୍ତିମତୀ ଏ ମାଟି ବାଲିର ?

ତୁମେ କି ରହିଚ ପୂରି ନଦୀ ବନଗିରି ହୋଇ ସର୍ବମୟ,
ତୁମେ କି ହେ ଏ ଜାତିର ଦୀପ୍ତ ଇତିହାସ ବିଶ୍ୱର ବିସ୍ମୟ ?
କୋଣାର୍କର ମୂର୍ତ୍ତିତଳେ ତୁମେ କି ପ୍ରତୀକ ଜୀବନ୍ତ ମାନବ,
ଅନ୍ଧାରିତ ଖଣ୍ଡଗିରି ଜୀର୍ଣ୍ଣ ଗୁମ୍ଫା ଗର୍ଭେ ତୁମେ ଉଉରବ ?

ତୁମେ ବା କଙ୍କାଳ ଏଉ ବାରବାଟୀ ତଳେ ଦେଖୁଚ ସପନ
କିଉଁକି ଜୀବନ-ଦୀପ ଆଶା ବିଶ୍ୱାସରେ ହୁଏ ସନ୍ଦୀପନ
କିଉଁକି ଉତ୍ତର ଦେବି ଜାଣିପାରେ ନାଇଁ ତୁମେ ସେ ଉତ୍ତର
ତୁମେ ଯେ ପାରୁଚ ଜାଣି ତୁମରି ଡାକରେ ଜାତି ନିରୁତ୍ତର ।

(*ଓଡ଼ିଶାର ନ୍ୟାର୍ଯ୍ୟ ପାମାଦାବୀକୁ କେନ୍ଦ୍ର ସରକାର ଉତ୍ତେର ଦେବାରୁ ମର୍ମାହତ ହୋଇ ଜଣେ କିଏ ଭାବାବେଶରେ ଏକ ଦୀର୍ଘ ପତ୍ର ନିଆଁଖୁଣ୍ଟାକୁ ଲେଖି ଉତ୍ତର ଚାହିଁଥିଲେ । ଚିଠିରେ ନାଁ ବା ଠିକଣା ଦେଉ ନ ଥିଲେ,—୧୯୫୬ ।)

●●

୭୨. ତୁମେ ଓ ଆମେ

ତମର ଆମର ବହୁତ ପ୍ରଭେଦ ଭାଇ,
ଆମ ପରି ତମ ଭିତରେ କେହି ତ ନାଇଁ ।

ତମ ଆମ ଘର ଆଗେ ଯେ ଏକାଠି ଥିଲା
ବହୁତ ବଦଳି ଯାଇଛି ବରଷେ ହେଲା ।

ତମେ ଅଛ ସେହି ପୁରୁଣାକାଳିଆ ଘରେ
ଆମ ଘର ଏବେ ରାଜଧାନୀ କଟକରେ ।

ତମ ପାଦ ତଳେ କେବେ ଚଟୀ ଛୁଇଁ ନାଇଁ,
ଆମ ପାଦ ଅଛି ଫ୍ଲେକ୍‌ସ୍ ଯୋଡାରେ ଛାଇ ।

ତମେ ଯେ କିପରି କଥାଗୁଡ଼େ ହୁଅ କହି—
ସବୁବେଳେ ଖାଲି ମିଳୁ ନାଇଁ, ମିଳୁ ନାଇଁ ।

ଆମରି ଦୁଆରେ ସବୁବେଳେ ଗୋଳମାଳ
କିଏ କହେ ଘିଅ, କିଏ କହେ ନିଅ ତେଲ ।

ତମେ ତ କହୁଚ ଧାନ ମିଳୁ ନାଇଁ କିଛି,
ବୋହିନେଲେ ସବୁ ମାରୁଆଡ଼ି, ଅବା ଜହ୍ନି ।

ଆମେ ତ ଦେଖୁଛୁ ସେରମାନେ ଏଇଠାରେ
ଦିନରେ ରାତିରେ ଦେର ଯାଉଛନ୍ତି ଘରେ ।

ତମେ ଅଳସୁଆ ଜାତିଟାକୁ କଇ କୁଢ଼ୀ
ପଛ ଭୋଗ କର ମଡ଼କ, ମରୁଡ଼ି, ବଢ଼ି ।

ତୁମରି ପାଇଁ କି ଦିନରାତି ଧାଇଁ ଧାଇଁ
ଆମ ମୋଟରକୁ କ୍ଷଣେ ଅବସର ନାଇଁ ।

ତୁମେ ଗୁଡ଼ା ସବୁ ପାଲଟି ଯାଇଚ ମୂକ
ଆମେ ଖୋଜୁ ତୁମ ଇହଲୋକ, ପରଲୋକ ।

ତୁମରି କାନରେ ବାଣୀ ଶୁଣାଇବା ପାଇଁ
ଡାକବାଜି ଜଳ ଆମରି ହାତରେ ଥାଇ ।

●●

୭୩. ନାରୀ

ତୁମେ ଯେତେବେଳେ ବଦନ ଉପରେ ଟେକ
ମୋ ମନ ଭିତରେ ବିରାଟ ଆକାଶ ଏକ ।
ଦିଗ୍‌ବଳୟର ବାରିପାରେ ନାଇଁ ସୀମା
ସେତେବେଳେ ହୁଅ ମୋ ପାଖରେ ନିରୁପମା ।

ତୁମେ ଯେତେବେଳେ ବଦନ ଜଳକୁ ପୋତ
ହୃଦ-ପାରାବାରେ ତୁମେ ସେ ବିରାଟ ପୋତ !
ଅଧେ ପାଣି ତଳେ ଅତଳ ଗର୍ଭେ ଥାଇ
ଉପମା ଦେବାକୁ ଉପମାନ ପାଏ ନାଇଁ ।

ତୁମେ ଯେତେବେଳେ ଖିଲି ଖିଲି ଖିଲି ହସ
ତୁମେ ଯେତେବେଳେ ଗମ୍ଭୀର ହୋଇ ବସ,
ତୁମେ ଯେତେବେଳେ ବାଗ୍‌ଦେବୀ ହୋଇ ରହ
କେବଳ ବୁଝେ ମୁଁ ତୁମେ ଯେ ଜୀବନମୟ ।

ବାହାରେ ଭିତରେ ଚାରିଆଡ଼େ ତୁମେ ଥାଇ
ଏତେ ରୂପ ବହ ସତେ କି ମୋହରି ପାଇଁ ?

●●

୭୪. ନଗରୀ ନାରୀ

ଦୁରଟି ଚପଳ ଆଖି ତହିଁ ଚଷମା ଏକ,
ଗୋଟିଏ ଅଧର ଜବା ତଳେ ମୁକୁଳା ବେକ ।

ଦୁରଟି ଚରଣ ଖାଲି - ବହେ ରଙ୍ଗିନୀ ଚଟୀ,
ଖଣ୍ଡିଏ ମୁକୁର ସମ ଛୋଟ ଝରଣା ଶାଟୀ ।

ଦୁଇଟି ମୃଣାଳ ବାହୁ ଅଧା ବସନହୀନ,
ଏକଇ ରେଶମୀ ବେଣୀ ହରେ ବାଟୋଇ ମନ ।

ଏସବୁ ମିଶିଲେ ହେବ ଏକ ନଗରୀ ନାରୀ,
ପୀରତି ଆକୁଳ-ସିହ୍ନ ହେବ ସହଜେ ପାରି ।

●●

୭୫. ପୁଣ୍ୟ ଗୋଦାବରୀ

ତୁମେ ତ ଜାଣିଲ ନାହିଁ କିଏ ଦେଲା ଗଳେ ଫୁଲମାଳ,
ତୁମେ ତ ଦେଖିଲ ନାହିଁ କିଏ ତୁମ ପଛେ ପଛେ ଗଲା ।
ଚରଣ ପରଶି କିଏ ମଥା ନୋଇଁ ଦେଲା ଅଶ୍ରୁ ଢାଳି,
କେ କରିଲା ସଂକୀର୍ତ୍ତନ ତୁମ ନାମେ ଦେଇ କରତାଳି ।

ତୁମେ ତ ଚାହିଁଲ ନାହିଁ ଆଖି ମେଲି କିଏ ହେଲେ ଉଭା,
ତୁମ ଶ୍ରୁତତନୁ ପାଖେ କରଯୋଡ଼ି ବାଟ ବୁଦ୍ଧ ଯୁବା ।
ତୁମେ ତ ହସିଲ ନାହିଁ, ତୁମ ଯିବା ପଥ ଧାରେ ଧାରେ,
କାତରେ ଡ଼ାକିଲା ଜାତି ନିରାଶାର ଘୋର ଅନ୍ଧକାରେ ।

ତମେ ଗଲାବେଳେ ଦେବ ! ପ୍ରଭାଞ୍ଜନ ହେଲା କି ପାଗଳ,
ଆକାଶେ ଘୋଟିଲା ମେଘ, ବରଷିଲା ଜଳ ଅନର୍ଗଳ ।
ଶୁଭିଲା ଚୌଦିଗେ ଡ଼ାକ, ଚକ୍ରପାଣି ! ରଖ ଏ ଜାତିରେ,
ଜାତିର ଏ ଇତିହାସ, ହୃତପିଣ୍ଡ ଏ ଜାତିର ଛାତିରେ ।

ତୁମେ ମାନିଥିଲ ସାକ୍ଷୀ ସେଦିନ ସେ ସାକ୍ଷୀ ଗୋପିନାଥେ,
ତୁମେ ଆଜି ସାକ୍ଷୀ ହେଇ ଏ ଜାତିର ଅଗ୍ରଗତି ପଥେ !
ତୁମକୁ ଡ଼ାକନ୍ତି ଆଜି ଏ ଧରଣୀ ବିଇ ବନ ଗିରୀ,
ଦରିଦ୍ର ଏ ଓଡ଼ିଶାର ଆହେ ତୀର୍ଥ ପୁଣ୍ୟ ଗୋଦାବରୀ !

●●

ହେ ମୋର ଦେଶର ଗଧ ! ହେ ସହିଷ୍ଣୁ, ଚିର ପ୍ରପୀଡ଼ିତ
ହେ ବନ୍ଧୁ ମୋ ଦୁଃଖୀ ଧୋବଣୀର,
କୋଳର ଦୁଲାଳ ତୁମେ, ନିର୍ବିକାର, ହେ ଅବିଚଳିତ
ସର୍ବଂସହା ଧରଣୀ-ରାଣୀର !

ହେ ବୁଭୁକ୍ଷୁ, ପଥପ୍ରାନ୍ତେ ଶ୍ରାନ୍ତକ୍ଲାନ୍ତ, ତରୁତଳବାସୀ
କେବେ ଦିନେ ଅତୀତେ ଦ୍ୱାପରେ,
ଦେବ ଜନାର୍ଦ୍ଦନ ଛଳେ ନ ଭୁଲିଲ, ଶଙ୍ଖ ଦେଲେ ମୁଖେ
ଡାକିଦେଇ ଗିରିବ୍ରଜ ପୁରେ ।

ହେ ମୋର ପରମ ଗଧ ! ଦେଶମୟ ତବ ଆବିର୍ଭାବ
ପୁରପଲ୍ଲି ନଗ୍ନ ଜନପଦେ,
ସେଦିନୁ ଗଲାଣି କେତେ ଯୁଗ, ଯୁଗ, କାଳବକ୍ଷେ ଗାର,
ବିରାଜିତ ତୁମେ, ଦୃଢ଼ପଦେ ।

ପୃଷ୍ଠ ତବ ଭାରାକ୍ରାନ୍ତ, ଉଠେ ଶ୍ୱାସ, ନେତ୍ର ନିମୀଳିତ,
ସଭ୍ୟତାର ଶତ ଆବର୍ଜ୍ଜନା,
ତୁମରି ଉପରେ ଚାଲେ-କରଭାର, ଉଦର ପେଷଣ,
ଭାଟସଭା ଦୃପ୍ତ ଆଲୋଚନା

ହେ ମୋର ଜାଗ୍ରତ ଗଧ, ହେ ସତ୍ୟର ପରମ ପୂଜାରୀ
କାଳସିନ୍ଧୁ ବେଳାଭୂମି ତଳେ,
ପ୍ରପୀଡ଼ିତ ବେଦନାର କି ନିବିଡ଼ ମହାଭାର ବହି
ପାଦ ଚାଳ ନେତ୍ର ନୀର ଧାରେ !

ତୁମରି ଚରଣେ କବି କରଯୋଡ଼ି କରଇ ବନ୍ଦନା,
ତୁମେ ଆଜି ଅଟ ଦେଶମୟ
ଶାସନର ଜରାସନ୍ଧ ଗଡ଼ ତଳେ ତୁମେ ଭୋଟଦାତା,
କହ କିଏ ଲଭିବ ବିଜୟ ।

●●

୭୭. ଗରିବର ଦୁର୍ଗୋତ୍ସବ

ଜନନୀ ଗୋ ତୁମେ ଗସ୍ତରେ ଆସି କାଲି ତ ଯାଇଚ ପେରି
କି ଅବା ତୁମର "ପ୍ରୋଗ୍ରାମ" ଥିଲା ଜାଣିବାକୁ ଚାହେଁ ଖାଲି
ନଗରେ ନଗରେ ବାଜା ବାଜୁଥିଲା,
ଜମା ହୋଇଥିଲେ କେତେ ଥିଲାବାଲା,
ବିଚାରିଲି, ତୁମେ ପାଇଟିଗଲ କି ଆମରି ମନ୍ତ୍ରୀ ପରି
ଆସିଥିଲ ମାଆ ସତେ କି ଚଢ଼ି ଗୋ ନୂତନ ହାଓ୍ୱା ଗାଡ଼ି ।

"ଜଗତ ଜନନୀ" ବୋଲି ତୁମ ନାମ କିଏ ସେ କିପରି ଦେଲା ?
ତୁମ ଦରଶନ ପାଇଁ ଲାଗିଥିଲେ ଥିଲାବାଲା ଠେଲାପେଲା ।
ଫୁଲମାଳା ଥିଲା କେତେକ ହାତରେ
କିଏ ଆସିଥିଲେ ତୁମରି ସାଥିରେ
ସେ କଥା ବିଚାରି ଭାବୁଛି ମୁଁ ତୁମେ ମନ୍ତ୍ରୀ ପାଇଟିଗଲ
ଖାଲି ଫୁଲମାଳ ଅର୍ଚ୍ଚନା ହେଲା-ତୁମେ କି ତା' ନାହିଁ କଲ ?

ତୁମେ ତ ଖାଇଲ ଭୋଗରାଗ ବୁଲି ଆନେ ଆନେ ନାନା ମତେ
କିଏସେ ପୂଜିଲା ଖଜା ପିଠା ଦେଇ, କିଏ ବା ଖେଚଡ଼ି ଭାତେ ।
ଖାଇବାକୁ ହେଲା ଦିନେ ଦଶ ଥର
ସେ କଥାକୁ ତୁମେ ମନା କି କରିଲ ?
କିଇଟି ଭାବିବି ତୁମେ ହୋଇ ନାହିଁ ମନ୍ତ୍ରୀ ସ୍ୱର୍ଗପୁରେ
ଖାଇବାକୁ ଯେଣୁ ମନା କଲ ନାହିଁ ଯିଏ ଦେଲା ଯେତେବେଳେ !

ଜନନୀ ଗୋ ତୁମେ ଯାଇନ ଆଦୌ ମଫସଲ ରାସ୍ତାରେ
ମନ୍ତ୍ରୀ ଆମର ଯାଆନ୍ତି ଏଉଳି ଗଲାବେଳେ ଗସ୍ତରେ ।
ମୋଟେ ତିନିଦିନ ଗସ୍ତରେ ଆସି
ଗାଆଁ ଛାଡ଼ି ଖାଲି ସହରରେ ପଶି
ଖସି ଚାଲିଗଲ; ଏଉଳି ଗସ୍ତ ଆଉ ଥରେ ଯେବେଜର
ଜାଣିଥ' ହୋଇବ ନିଆଁଖୁଣ୍ଟାରେ ତୁମେ ବଡ଼ ହରବର !

ଗୋଦାବରୀଶ ମହାପାତ୍ର

ଜନନୀ ଗୋ ତୁମେ ଟି.ଏ. ନେଉଥିବ ଜାଣୁଚି ଏଥିରେ ମୁହିଁ
ସହରରେ ଖାଲି ବୁଲି ଫେରିଗଲ, ମଫସଲେ ଗଲ ନାହିଁ।
ଟି.ଏ. ବିଲ୍ ଦେଲେ ଦେବ କେତେ କରି
ଜାଣିବେ ସେ କଥା ବ୍ରହ୍ମା ମୁରାରି,
ଏତିକି ମୁଁ ଜାଣେ, ମଫସଲେ ତୁମେ ଗଲ ନାଇଁ ଜାଣି କରି
କାହୁଅ ରାସ୍ତା, ଅଗାବ ଶସ୍ତା, ଲୋକଗୁଡ଼ା ମଫସଲୀ !

ଦେଖିଥିବ ମାଆ, ନଗ୍ର ବିହାରେ ମନ୍ଦିର କେତେ ବୁଲି
ଆଗପରି ଆଉ ତମ ସେବା ଲାଗି ନାହିଁ କାହିଁ ଛେଦ ଛେଦି
ଯେତେଥିଲେ ଛେଦି ପାଇଟି ଗଲେଣି
ଚୋରାବଜାରିଆ ରୂପରେ, ଜନନୀ !
ପଶୁବଢି ଯେବେ ଲୋଡୁଥିଲେ ମାଆ, ସେଗୁଡ଼ା ଶସ୍ତା ଏଠି
ସେଗୁଡ଼ାକୁ ଯାହା ଛାଡ଼ି ଦେଇଗଲ ନ ଦେଇ ଗସ୍ତ ଭେଟି !

ନଗରେ ଜନନୀ ତୁମକୁ ପୂଜିଲେ ଯେ ଦେଇ ଅର୍ଘ୍ୟ ପୁଇ
ଜାଣି ପାରିଲନି ସେଗୁଡ଼ାକ ଖାଲି ମଣିଷମରାର ଜଳ !
ସେ ଜଳ ଭିତରେ ଚାହା ଭୋଜି ଚାଲେ
କୀଳାପୋତେଇର ଅନ୍ଦର ପୁରେ,
ସିନ୍ଦୂର ବୋଲି ଯାହାକୁ ବୋଳିଲେ ତୁମ ଦେହେ ଅବିରଳ
ଏଇ ମଫସଲବାସୀର ସେ ପରା ତଟକା ରକ୍ତ ଜଳ !

ଏଥର ତ ଗଲ, ଆଉ ଥରେ ଯେବେ ପ୍ରୋଗ୍ରାମ ପଡ଼େ କେବେ
"ମେମୋରାଣ୍ଡମ" ଦେଉଚି ଆଗରୁ, ଭୁଲିବ ନାହିଁଟି ଇବେ-
ମାଟି ବାଲି ବୋଝା ମଫସଲ ଜଳ,
ରକ୍ତ ପାଇଟେ ଯହିଁ ଲୁହ ଝାଳ,
ସେଇଠି ପଖାଳ ଖାଇଯିବ ଥରେ ଶାଗ ଲୁଣ ମରିଚରେ
ଭୋଟ ଦେଇ ଯହିଁ ଥର ଥର କରି ମଣିଷ ମନ୍ତ୍ରୀ ଗଢ଼େ !!

●●

୭୮. ସେ କେତେ ଦୂର ?

ଏପାଖ ନଈର ପାଣି ଶୁଖିଗଲା,
ସେ ପାଖ ନଈରେ ବୋଇତ ଚାଲେ
ଏପାଖ ଘଟର ପୂଇ ଝଡ଼ିଯାଇ
ସେ ପାଖ ଘଟରେ ମୁକୁଳ ଧରେ ।
କହିବ କି ଭାଇ ସେ କେତେ ଦୂର ?
ବିହାରୀବାଗରୁ ତୁଳସୀପୁର !

ସେ ପାଖ ଶ୍ୟାମଳ ବନ ତରୁତଳ
ହାସ୍ୟମୁଖର ରଜନୀ ଦିବା
ଏଇ ପୁରାତନ ଖୁଣ୍ଟା ଘଟର
ଶିରୀ ତୁଣ୍ଡିଗଲା ସତେ କି ଅବା ?
ଜାଣିଚ କିଆଇ ସେ କେତେ ଦୂର ?
ବିହାରୀବାଗରୁ ତୁଳସୀପୁର !

ଶୁଭୁଚି ସେ ପାଖେ ନବ ଜାତକର
ଘନ କରରୋଳ, ଯାତ୍ରା ଚାଲେ
ରାତ୍ରି ନିବିଡ଼, ଘୋର ମହାକାଳ
ଏଇ ପାଖେ ବସି ହାକୁଟି ମାରେ ।
ଶୁଣିଚ କି ଭାଇ ସେ କେତେ ଦୂର ?
ବିହାରୀବାଗରୁ ତୁଳସୀପୁର !

ଏ ପାଖ ଦେଉଳେ ଚାଲା ପଡ଼ିଗଲା,
ସେ ପାଖ ଦେଉଳ ସାହାଣ ମେଲା
ଏ ପାଖର ଯେତେ ଉତ୍ତ ଭିକାରୀ
ସେ ପାଖେ କଲେଣି ଶିରିଣୀ ପାଲା ।
କହିବ କି ଭାଇ ସେ କେତେ ଦୂର ?
ବିହାରୀବାଗରୁ ତୁଳସୀପୁର !

ଏ ପାଖ ବେଦିରୁ ବର ଉଠିଗଲା,
ସେ ପାଖ ବେଦିକୁ ଚାଲରେ ସିଧା
ଆରେ ମୋ ବାଟୋଇ ଆଉ ନ ମଠେଇ
କରିବାକୁ ହବ ସବୁ ସୁବିଧା ।

କହିବ କି ଭାଇ ସେ କେତେ ଦୂର ?
ବିହାରୀବାଗରୁ ତୁଳସୀପୁର !

(*ଓଡ଼ିଶାର ଦ୍ୱିତୀୟ ମିଳିତ ମନ୍ତ୍ରୀମଣ୍ଡଳ ପରେ ମଧ୍ୟବର୍ତ୍ତୀ ନିର୍ବାଚନରେ କଂଗ୍ରେସ ଏକକ ସଂଖ୍ୟାଗରିଷ୍ଠ ହୋଇ ଯେଉଁ ମନ୍ତ୍ରୀମଣ୍ଡଳ ଗଢ଼ାଗଲା, ସେଥିରେ ବାବୁ ବିଜୟାନନ୍ଦ ପଟ୍ଟନାୟକ କର୍ଣ୍ଣଧାର ହେଲେ । ଓଡ଼ିଶା ରାଜନୀତିର କେନ୍ଦ୍ର ମହତାବଙ୍କ ସ୍ଥାନ ଚଟକ ବିହାରୀବାଗରୁ ପଟ୍ଟନାୟକଙ୍କ ଘର ତୁଳସୀପୁରକୁ ଉଠିଗଲା । ୧୯୬୧ ମହିହ ।)

●●

କୁନ୍ତଳାକୁମାରୀ ସାବତ

୭୯. **ପ୍ରାଣର ଉଚ୍ଛ୍ୱାସ**

ବିଚିତ୍ର ସୁନ୍ଦର ବଦନ ତୁମ୍ଭର
କହ କିମ୍ପା ଦେଖାଯାଏ ନା,
ରଖିବି ହେ ବକ୍ଷେ ପରାଣେ ପରାଣେ,
ସେହି ତ ସତତ ବାସନା ।
ସଜ ବିକଶିତ କୁସୁମ ମଞ୍ଜରୀ
ପୂରଲି ବସନ୍ତ ମଳୟ ସଞ୍ଚରି
ଆସେ ମଧୁକର ଗୁଞ୍ଜରି ଗୁଞ୍ଜରି,
କେତେ ବ୍ୟଥା କହିଯାଏ ନା !
ନିଶାର ଶିଶିରସିକ୍ତ ଦୂର୍ବାଦଳ,
ତରୁଣ-ଅରୁଣ-କିରଣ ଉଜ୍ଜ୍ୱଳ,
ଲହରୀଚଞ୍ଚଳ ନୀଳନଭ ଜଳ
କେତେ ମନକଥା କହେ ନା !
ବିରହେ କାତର, ଭ୍ରମେ ଦିଶେ ଦିଶେ,
ତବ ସ୍ୱର କାନେ ବାଜେ କି ନିମିଷେ,
ବିହଙ୍ଗ-କାକଳି ଶୁଣି ଯାଏ ଭୁଲି,
ଧାଏଁ କି ଆନନ୍ଦେ ଉନ୍ମନା !